# ଧରିତ୍ରୀ
DHARITRI

ବ୍ରହ୍ମପୁର, ଗୁରୁବାର, ମେ ୧୩/୨୦୨୧ (୧୨ ପୃଷ୍ଠା) | Berhampur, Thursday, May 13/2021 | ★★★

୧୭ଶ ଭାଗ ୧୦୪ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୫/-




**ସାଇନାଙ୍କ ଟୋକିଓ ଆଶା ଅଧୁରା**

ସିଙ୍ଗାପୁର ଓପନ୍ ଟୁର୍ନାମେଣ୍ଟ ବାତିଲ ହେବାରୁ ଭାରତୀୟ ବ୍ୟାଡ୍‌ମିଣ୍ଟନ ତାରକା ସାଇନା ନେହ୍ୱାଲଙ୍କ ଟୋକିଓ ଅଲିମ୍ପିକ୍ସ ଆଶା ଅଧୁରା ରହିଛି।

୧୨

୧୦

**୧୦ କୋଟି ବି କମାଇପାରିବନି ରାଧେ**

ଫିଲ୍ମ ଥିଏଟରଗୁଡ଼ିକ ବନ୍ଦ ରହିଥିବାରୁ 'ରାଧେ: ୟୋର ମୋଷ୍ଟ ୱାଣ୍ଟେଡ୍ ଭାଇ' ବକ୍ସ ଅଫିସ୍‌ରେ ୧୦ କୋଟି ବି କମାଇ ନ ପାରେ ବୋଲି ସଲମାନ ଖାନ କହିଛନ୍ତି।



# ଅବ୍ୟବସ୍ଥା ଭାରତର କାଳ

**ନୂଆଦିଲ୍ଲୀ,୧୨।୫**

ଭାରତ ପାଇଁ କାଳ ହୋଇଛି ଚରମ ଅବହେଳାରୁ ସୃଷ୍ଟ ଅବ୍ୟବସ୍ଥା। ଦେଶର ଅଢ଼େଇ ଲକ୍ଷ ଲୋକଙ୍କ ଜୀବନ ନେଇ କୋଟି କୋଟି ଭାରତୀୟଙ୍କୁ ଛଟପଟ କରୁଥିବା ଘାତକ କରୋନା ଭାଇରସ୍‌କୁ ରୋକିବାରେ କେନ୍ଦ୍ର ସରକାର ସମ୍ପୂର୍ଣ୍ଣ ରୂପେ ବିଫଳ ହୋଇଛନ୍ତି। କେତେବେଳେ କୁମ୍ଭମେଳା ତ ପୁଣି କେବେ ନିର୍ବାଚନ ପ୍ରଚାରରେ ମାତି କେନ୍ଦ୍ରୀୟ ନେତୃତ୍ୱ ଦେଶକୁ ବିପଦ ମୁହଁକୁ ଠେଲିଦେଇଛନ୍ତି। ରାଜ୍ୟଠାରୁ ଦେଶ ଏପରି କି ବିଦେଶରୁ ମଧ୍ୟ ଆସିଛି ଅବସ୍ଥା ସୁଧାରି ଅଣ୍ଟା ସଳଖି ଛିଡ଼ା ହେବା ପାଇଁ ପରାମର୍ଶ। କିନ୍ତୁ କେନ୍ଦ୍ର ସରକାର କାହା କଥା ଶୁଣିଲେ ନାହିଁ। ମିଛଟାରେ ପ୍ରଚାର କରିଦେଲେ ମହାମାରୀ ଉପରେ ବିଜୟ ହୋଇଛି ବୋଲି। ଦେଶବାସୀ ମଧ୍ୟ ନିଜ ଜୀବନଶୈଳୀକୁ ନେଇ ଏକପ୍ରକାର ନିଶ୍ଚିତ ହୋଇଗଲେ ଯେ ଆଉ କିଛି ହେବ ନାହିଁ। କରୋନା ଚାଲିଗଲାଣି ଏବଂ ଆମେ ସୁରକ୍ଷିତ। ସରକାରଙ୍କ ଗୋଟିଏ ପରେ ଗୋଟିଏ ଭୁଲ୍ ପଦକ୍ଷେପ ଓ ଲୋକଙ୍କ ଭ୍ରାନ୍ତ ଧାରଣା ଆଜି ଦେଶକୁ ବିପର୍ଯ୍ୟୟ ଭିତରକୁ ଟାଣିନେଇଛି। ସବୁ ସହର ରୋଗୀଙ୍କ ଗନ୍ତାଘର, ପ୍ରତ୍ୟେକ ସମାଧି ସ୍ଥଳରେ ସ୍ଥାନାଭାବ। ଶ୍ମଶାନ ଚିତା ଲିଭିପାରୁ ନାହିଁ। ଗଙ୍ଗାନଦୀରେ ଭାସୁଛି ଶତାଧିକ ମୃତଦେହ। ଭାକ୍ସିନ ନାହିଁ କି ଅକ୍ସିଜେନ ନାହିଁ। ଜୀବନ ରକ୍ଷାକାରୀ ଔଷଧ, ଇଞ୍ଜେକ୍ସନ ଓ ଅନ୍ୟ ଉପକରଣ ଅଭାବରୁ ଲୋକେ ମରୁଛନ୍ତି। ସବୁଠି ଶୁଭୁଛି ଆତ୍ମୀୟଙ୍କୁ ହରାଇଥିବା ସମ୍ପର୍କୀୟଙ୍କ କ୍ରନ୍ଦନରୋଳ। ତଥାପି ଭାଙ୍ଗୁନି ନିଦ। ଭୁଶୁଡ଼ିପଡ଼ିଥିବା ବ୍ୟବସ୍ଥାକୁ ନେଇ ପ୍ରଶ୍ନ କଲେ କେନ୍ଦ୍ର କହୁଛି ବିରୋଧୀ ରାଜନୀତି କରୁଛନ୍ତି।

■ ଭାକ୍ସିନ ଉତ୍ପାଦନ ବଢ଼ାଇବାକୁ ମାର୍ଚ୍ଚରେ କହିଥିଲା ସଂସଦୀୟ କମିଟି

■ କେନ୍ଦ୍ରର ନିଷ୍ଠୁରତାକୁ ଆଉ କେତେଦିନ ସହିବେ ଭାରତୀୟ: ରାହୁଲ



ଉତ୍ତରପ୍ରଦେଶ ଗାଜିଆବାଦସ୍ଥିତ ଏକ ଗୁରୁଦ୍ୱାରାରେ ହୋଇଥିବା ଅସ୍ଥାୟୀ ସ୍ୱାସ୍ଥ୍ୟକେନ୍ଦ୍ରରେ କୋଭିଡ୍ ରୋଗୀଙ୍କୁ ଅକ୍ସିଜେନ ଦିଆଯାଉଛି।

ଦେଶରେ କୋଭିଡ୍-୧୯ର ଦ୍ୱିତୀୟ ଲହର ଅଚଳାବସ୍ଥା ସୃଷ୍ଟି କରିଛି। ଭାଇରସ୍ ରୋକିବାରେ ସରକାରୀ ବିଫଳତାକୁ ନେଇ କଂଗ୍ରେସ ନେତା ରାହୁଲ ଗାନ୍ଧୀ ବୁଧବାର କେନ୍ଦ୍ରକୁ ଟାର୍ଗେଟ କରିଛନ୍ତି। କହିଛନ୍ତି, ବାରମ୍ବାର ଦୁଃଖଦ ଖବର ଆସୁଛି। ଏଯାଏ ମୌଳିକ ସମସ୍ୟାର ସମାଧାନ ହୋଇପାରି ନାହିଁ। ଏହି ମହାମାରୀ ପାଇଁ ଯେଉଁମାନେ ଦାୟୀ ସେମାନେ କେଉଁଠି ନା କେଉଁଠି ଲୁଚିଯାଉଛନ୍ତି। କେନ୍ଦ୍ର ସରକାରଙ୍କ ନିଷ୍ଠୁରତାକୁ ଭାରତୀୟମାନେ ଆଉ କେତେଦିନ ସହ୍ୟ କରିବେ ବୋଲି ରାହୁଲ ଟୁଇଟରରେ ପ୍ରଶ୍ନ କରିଛନ୍ତି। ସେହିପରି କଂଗ୍ରେସ ସାଧାରଣ ସମ୍ପାଦକ ପ୍ରିୟଙ୍କା ଗାନ୍ଧୀ ଭଦ୍ରା ଟିକା ☞ପୃଷ୍ଠା-୪

## ୨ରୁ ୧୮ ବର୍ଷୀୟଙ୍କଠାରେ ହେବ କୋଭାକ୍ସିନ ପରୀକ୍ଷା

**ନୂଆଦିଲ୍ଲୀ, ୧୨।୫(ପି.ଟି.)**

ଭାରତ ବାୟୋଟେକ୍ ପ୍ରସ୍ତୁତ କରୋନା ଟିକା କୋଭାକ୍ସିନକୁ ୨ରୁ ୧୮ ବର୍ଷ ବୟସ୍କଙ୍କଠାରେ ପରୀକ୍ଷା କରିବା ପାଇଁ ବିଶେଷଜ୍ଞ କମିଟି ସୁପାରିସ କରିଛି। ନାବାଳକମାନଙ୍କଠାରେ ଟିକାର ଦ୍ୱିତୀୟ ଓ ତୃତୀୟ ପର୍ଯ୍ୟାୟ କ୍ଲିନିକାଲ ପରୀକ୍ଷା କରାଯିବ। ଦିଲ୍ଲୀ ଏମ୍ସ, ପାଟନା ଏମ୍ସ, ନାଗପୁରର ମେଡିଟ୍ରିନା ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ ସାଇନ୍ସ ସମେତ ବିଭିନ୍ନ ସ୍ଥାନରେ ୫୨୫ଟି ବିଷୟ ଉପରେ ଏହାର ପରୀକ୍ଷା ହେବ। କେନ୍ଦ୍ରୀୟ ଔଷଧ ମାନ ନିୟନ୍ତ୍ରକ ସଂସ୍ଥା (ସିଡିଏସ୍‌ସିଓ)ର କୋଭିଡ୍-୧୯ ଉପରେ ଗଠିତ ସବ୍‌ଜେକ୍ଟ ଏକ୍ସପର୍ଟ କମିଟି (ଏସ୍‌ଇସି) ଭାରତ ବାୟୋଟେକ୍ ପ୍ରସ୍ତୁତ ଟିକାର ଦ୍ୱିତୀୟ ଓ ତୃତୀୟ ପର୍ଯ୍ୟାୟ ପରୀକ୍ଷା ନାବାଳକଙ୍କଠାରେ କରାଇବା ପାଇଁ ଅନୁମତି ପ୍ରଦାନ କରିବା ପରେ ମହାମାରୀରୁ ଛୋଟ ପିଲାମାନଙ୍କ ସୁରକ୍ଷା ଦିଗରେ ନୂଆ ଆଶା ସଞ୍ଚାର ହୋଇଛି। ତୃତୀୟ ପର୍ଯ୍ୟାୟ ପରୀକ୍ଷା ପାଇଁ ଯିବା ପୂର୍ବରୁ ଦ୍ୱିତୀୟ ପର୍ଯ୍ୟାୟ ☞ପୃଷ୍ଠା-୪





## ଏଣିକି ୬ ସପ୍ତାହ ପରେ କୋଭିଶିଲ୍ଡ ଦ୍ୱିତୀୟ ଡୋଜ୍

**ଭୁବନେଶ୍ୱର, ୧୨।୫(ବ୍ୟୁରୋ)**

କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ କୋଭିଶିଲ୍ଡର ଦ୍ୱିତୀୟ ଡୋଜ୍ ପାଇଁ କୋୱିନ ପୋର୍ଟାଲକୁ ବୁଧବାରଠାରୁ ସଂଶୋଧନ କରିଛି। ପୂର୍ବରୁ କୋଭିଶିଲ୍ଡର ପ୍ରଥମ ଡୋଜ୍ ନେବାର ୨୮ ଦିନ ଅର୍ଥାତ୍ ୪ ସପ୍ତାହ ପରେ ଦ୍ୱିତୀୟ ଡୋଜ୍ ଟିକା ନେବା ପାଇଁ ନିୟମ ରହିଥିଲା। ଏଥିରେ ଏବେ ପରିବର୍ତ୍ତନ କରାଯାଇଛି। ଏଣିକି ପ୍ରଥମ ଡୋଜ୍ କୋଭିଶିଲ୍ଡ ନେବାର ୪୨ଦିନ ଅର୍ଥାତ୍ ୬ସପ୍ତାହ ପରେ ଦ୍ୱିତୀୟ ଡୋଜ୍ ନିଆଯିବ। ଏ ନେଇ ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ପ୍ରଦୀପ୍ତ କୁମାର ମହାପାତ୍ର ବୁଧବାର ସମସ୍ତ ଜିଲାପାଳ, ମହାନଗର ନିଗମ କମିଶନର ଓ ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କୁ ଜଣାଇଛନ୍ତି। ତେଣୁ ଏବେଠାରୁ ଯେଉଁ ହିତାଧିକାରୀ ୪ରୁ ୬ ସପ୍ତାହ ମଧ୍ୟରେ ☞ପୃଷ୍ଠା-୪





## 'ଅନୁମାନ ଆଧାରରେ ଅଣଦେଖାର ଫଳ'

**ୱାଶିଂଟନ୍, ୧୨।୫**

କରୋନାର ପ୍ରଥମ ଲହର ନିୟନ୍ତ୍ରଣକୁ ନ ଆସୁଣୁ ମହାମାରୀ ଶେଷ ହୋଇଯାଇଥିବା ନେଇ ଭାରତ 'ଭୁଲ୍ ଧାରଣା' କରିନେଇଥିଲା। ଫଳରେ ସମୟ ପୂର୍ବରୁ ଦେଶରେ ଲକ୍‌ଡାଉନ୍ ତାଲା ଖୋଲିଦେବା ସହ ଅନ୍ୟାନ୍ୟ କଟକଣା ହଟାଇ ଦିଆଯାଇଥିଲା। ଏହି କାରଣରୁ କରୋନାର ଦ୍ୱିତୀୟ ଲହର ଭାରତରେ ଭୟଙ୍କର ସ୍ଥିତି ସୃଷ୍ଟି କରିଛି ବୋଲି କହିଛନ୍ତି ଆମେରିକାର ସଂକ୍ରାମକ ରୋଗ ବିଶେଷଜ୍ଞ ଡା. ଆଣ୍ଟୋନି ଫାଉଚି। ଏଭଳି ସ୍ଥିତିକୁ କେବଳ ଅନୁମାନ ଆଧାରରେ ଅଣଦେଖା କରିବା ଉଚିତ୍ ନୁହେଁ ବୋଲି ବର୍ତ୍ତମାନ ଭାରତର ସ୍ଥିତି ଶିକ୍ଷା ଦେଇଥିବା ସେ କହିଛନ୍ତି।



ଡା. ଆଣ୍ଟୋନି ଫାଉଚି

## ସଞ୍ଜୟ ସିଂ ବିଏମ୍‌ସି କମିଶନର



ସଞ୍ଜୟ କୁମାର ସିଂ




ବିଷ୍ଣୁପଦ ସେଠୀ

**ବିଷ୍ଣୁପଦ ସୂଚନା ଓ ଲୋକ ସମ୍ପର୍କ ବିଭାଗ ସଚିବ**

**ଭୁବନେଶ୍ୱର,୧୨।୫(ବ୍ୟୁରୋ)**

ରାଜ୍ୟ ସରକାର ବରିଷ୍ଠ ଆଇଏଏସ୍ ଅଫିସର ସ୍ତରରେ ଅଦଳବଦଳ କରିଛନ୍ତି। ବୁଧବାର ଏ ନେଇ ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ପ୍ରକାଶିତ ବିଜ୍ଞପ୍ତି ଅନୁଯାୟୀ ୧୯୯୭ ବ୍ୟାଚ୍ ଆଇଏଏସ୍ ଅଫିସର ସଞ୍ଜୟ କୁମାର ସିଂଙ୍କୁ ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିକାଶ ବିଭାଗ, ସୂଚନା ଓ ଲୋକସମ୍ପର୍କ ବିଭାଗ ସଚିବ, ଇଡ୍‌କୋ ସିଏମ୍‌ଡି ପଦବୀରୁ ହଟାଯାଇ ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) କମିଶନର ଭାବେ ନିଯୁକ୍ତି ଦିଆଯାଇଛି। ଏଥିସହିତ ସେ ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ (ବିଡିଏ) ଉପାଧ୍ୟକ୍ଷ, ଭୁବନେଶ୍ୱର ସ୍ମାର୍ଟସିଟି ଲିମିଟେଡ୍‌ର ସିଇଓ ଭାବେ ଦାୟିତ୍ୱ ତୁଲାଇବେ। ☞ପୃଷ୍ଠା-୪





## ସ୍କୁଲ୍ ନାମଲେଖା ଅବଧି ମାସେ ବୃଦ୍ଧି

**ଭୁବନେଶ୍ୱର, ୧୨।୫(ବ୍ୟୁରୋ)**

୨୦୨୧-୨୨ ଶିକ୍ଷାବର୍ଷ ପାଇଁ ରାଜ୍ୟର ପ୍ରାଥମିକ ଓ ମାଧ୍ୟମିକ ସ୍କୁଲରେ ନାମଲେଖା ଅବଧିକୁ ମାସେ ବୃଦ୍ଧି କରାଯାଇଛି। ପୂର୍ବରୁ ମେ' ୩୧ ସୁଦ୍ଧା ନାମଲେଖା ଶେଷ କରିବା ପାଇଁ ନିର୍ଦ୍ଦେଶ ରହିଥିଲା। କିନ୍ତୁ ବର୍ତ୍ତମାନର କରୋନା ସ୍ଥିତିକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ଏହି ନାମଲେଖା ଅବଧି ଜୁନ୍ ୩୦ ପର୍ଯ୍ୟନ୍ତ ବଢ଼ାଇ ଦେଇଛନ୍ତି। ଏ ନେଇ ବୁଧବାର ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଅତିରିକ୍ତ ସଚିବ ରଘୁରାମ ଆର୍ ଆୟର ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶକ ଓ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶକଙ୍କୁ ଚିଠି ଲେଖି ଜଣାଇଛନ୍ତି। ଏଥିସହିତ ପୁସ୍ତକ ବଣ୍ଟନ କାର୍ଯ୍ୟକ୍ରମ ମଧ୍ୟ ଜୁନ୍ ୩୦ ତାରିଖ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି।

ଗତ ୨୭ତାରିଖରୁ ରାଜ୍ୟରେ ସ୍କୁଲ୍ ନାମଲେଖା ପ୍ରକ୍ରିୟା ଆରମ୍ଭ ହୋଇଛି। ନାମଲେଖା ପାଇଁ ବିଭାଗ ପକ୍ଷରୁ ସ୍ୱତନ୍ତ୍ର ଏସ୍‌ଓପି ଜାରି ହୋଇଛି। ପ୍ରତ୍ୟେକ କାର୍ଯ୍ୟ ଦିବସରେ ସକାଳ ୭ଟାରୁ ୯ଟା ୩୦ ପର୍ଯ୍ୟନ୍ତ ନାମଲେଖା ଚାଲିବ। ଏହି ସମୟରେ ୫ଜଣରୁ ☞ପୃଷ୍ଠା-୪

## ଲଗାତର ତୃତୀୟ ଦିନ ବଢ଼ିଲା ତେଲ ଦର

■ ପେଟ୍ରୋଲ ୨୫, ଡିଜେଲ ୨୮ ପଇସା

■ ସର୍ବକାଳୀନ ରେକର୍ଡ ସ୍ତରରେ ଡିଜେଲ

**ଭୁବନେଶ୍ୱର/ନୂଆଦିଲ୍ଲୀ,୧୨।୫**

ଦେଶ ମଧ୍ୟରେ ପେଟ୍ରୋଲ ଏବଂ ଡିଜେଲ ଦର ଥମିବାର ନାଁ ନେଉନାହିଁ। ଲଗାତର ତୃତୀୟ ଦିନ ଲାଗି ତେଲ ଦର ବୃଦ୍ଧି ପାଇଛି। ଫଳରେ ବୁଧବାର ଭୁବନେଶ୍ୱରରେ ପେଟ୍ରୋଲ ୨୫ ପଇସା ବଢ଼ି ୯୨.୭୫ ଟଙ୍କା ଏବଂ ଡିଜେଲ ୨୮ ପଇସା ଉର୍ଦ୍ଧ୍ୱରେ ରହି ୯୦ ଟଙ୍କା ଛୁଇଁଛି। ସେହିଭଳି ରାଜ୍ୟରେ ଡିଜେଲ ସର୍ବକାଳୀନ ରେକର୍ଡ ଉଚ୍ଚ ସ୍ତରରେ ରହିଛି। ମାଲକାନଗିରିର ମୋଟୁରେ ପେଟ୍ରୋଲ ଲିଟର ପିଛା ପ୍ରାୟ ୯୮ ଟଙ୍କା ଛୁଇଁଥିବା ବେଳେ ଏଠାରେ ପ୍ରିମିୟମ ପେଟ୍ରୋଲ ଲାଗି ଲୋକଙ୍କୁ ପ୍ରାୟ ୧୦୪ ଟଙ୍କା ଦେବାକୁ ପଡୁଛି।

ନୂଆଦିଲ୍ଲୀରେ ଉଭୟ ପେଟ୍ରୋଲ ଏବଂ ଡିଜେଲ ୨୫ ପଇସା ଲେଖାଏ ବଢ଼ିବା ଯୋଗୁ ଦର ଯଥାକ୍ରମେ ୯୨.୦୫ ଟଙ୍କା ଏବଂ ୮୨.୬୧ ଟଙ୍କା ଛୁଇଁଛି। ଦେଶର ବିଭିନ୍ନ ସମୟରେ ☞ପୃଷ୍ଠା-୪

## ବିବନଙ୍କ ବିରୋଧରେ ସିବିଆଇର ଚାର୍ଜଶିଟ୍

**ଭୁବନେଶ୍ୱର,୧୨।୫(ବ୍ୟୁରୋ)**

ଦୀର୍ଘ ୨୨ବର୍ଷ ତଳର ଅଞ୍ଜନା ମିଶ୍ର ଗଣବଳାତ୍କାର ମାମଲାର ମୁଖ୍ୟ ଅଭିଯୁକ୍ତ ବିବନ ବିଶ୍ୱାଳଙ୍କ ବିରୋଧରେ ସିବିଆଇ ବୁଧବାର ଚାର୍ଜଶିଟ ଦାଖଲ କରିଛି। ସ୍ୱତନ୍ତ୍ର ମୁଖ୍ୟ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ(ସିଜେଏମ୍) କୋର୍ଟରେ ତଦନ୍ତକାରୀ ଟିମ୍ ୨୬ପୃଷ୍ଠାର ସପ୍ଲିମେଣ୍ଟାରି ଚାର୍ଜଶିଟ୍ ଦାଖଲ କରିଛି।

**ଅଞ୍ଜନାଙ୍କୁ ନ୍ୟାୟ**

■ ଷଡ଼ଯନ୍ତ୍ରକାରୀଙ୍କ ନାମ ଉଲ୍ଲେଖ ନ ଥିଲେ ନ୍ୟାୟ ପାଇବି ନାହିଁ:ଅଞ୍ଜନା

ଏଥିସହିତ ସିବିଆଇ ଗଣବଳାତ୍କାର ମାମଲାର ତଦନ୍ତ ଶେଷ କରିଛି। ଏହି ଘଟଣାରେ ସମ୍ପୃକ୍ତ ଅନ୍ୟ ୨ ଅଭିଯୁକ୍ତ ପ୍ରଦୀପ ସାହୁ ଓ ଧୀରେନ୍ଦ୍ର ମହାନ୍ତିଙ୍କ ବିରୋଧରେ କୋର୍ଟରେ ପୂର୍ବରୁ ଚାର୍ଜଶିଟ ଦାଖଲ କରାଯାଇଥିବାବେଳେ ମୁଖ୍ୟ ଅଭିଯୁକ୍ତ ବିବନ ଫେରାର ଥିବାରୁ ତାଙ୍କ ବିରୋଧରେ ଚାର୍ଜଶିଟ ଦାଖଲ ହୋଇପାରି ନ ଥିଲା। ଅନ୍ୟପକ୍ଷରେ ଯେଉଁ ଷଡ଼ଯନ୍ତ୍ରକାରୀଙ୍କ ପ୍ରରୋଚନାରେ ଅଭିଯୁକ୍ତମାନେ ☞ପୃଷ୍ଠା-୪

## ପରିଚୟପତ୍ର ନ ଥିଲେ ବି ମିଳିବ ଟିକା

**ଭୁବନେଶ୍ୱର, ୧୨।୫(ବ୍ୟୁରୋ)**

ପରିଚୟ ପତ୍ର ନ ଥିଲେ ବି ମିଳିବ ଟିକା। କେହି ଟିକାକରଣରୁ ବଞ୍ଚିତ ହେବେ ନାହିଁ। ସେଥିପାଇଁ ରାଜ୍ୟ ସରକାର ପଦକ୍ଷେପ ନେଇଛନ୍ତି। ପରିଚୟପତ୍ର ନ ଥିବା ଲୋକଙ୍କୁ କିପରି ଟିକାକରଣରେ ସାମିଲ କରାଯିବ, ସେଥିପାଇଁ ରାଜ୍ୟ ସ୍ୱାସ୍ଥ୍ୟ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ପ୍ରଦୀପ୍ତ କୁମାର ମହାପାତ୍ର ନିର୍ଦ୍ଦେଶ ଦେଇଛନ୍ତି। ଏ ନେଇ ସେ ସମସ୍ତ ଜିଲାପାଳ ଓ ମହାନଗର ନିଗମ କମିଶନରଙ୍କୁ ଚିଠି ଲେଖିଛନ୍ତି। ଉକ୍ତ ଚିଠିରେ ସେ ଲେଖିଛନ୍ତି ଯେ, ଟିକା ପଞ୍ଜୀକରଣ କରିବାକୁ ହେଲେ


**ସାଧୁସନ୍ଥ, ନିରାଶ୍ରୟ, ଭିକ୍ଷୁକ, କଏଦୀ, ଆଶ୍ରମ ଅନ୍ତେବାସୀଙ୍କୁ ଚିହ୍ନଟ ପାଇଁ ନିର୍ଦ୍ଦେଶ**

୭ଟି ପରିଚୟପତ୍ର ମଧ୍ୟରୁ ଗୋଟିଏ ଦେଖାଇବାକୁ ପଡୁଛି। କିନ୍ତୁ ରାଜ୍ୟରେ ଏଭଳି ଅନେକ ବର୍ଗର ଲୋକ ଅଛନ୍ତି, ଯେଉଁମାନଙ୍କ ପାଖରେ ଏ ସମସ୍ତ ପରିଚୟପତ୍ରଗୁଡ଼ିକ ମଧ୍ୟରୁ କୌଣସି ଗୋଟିଏ ବି ନାହିଁ। କିନ୍ତୁ ସେମାନେ ବି କରୋନା ଟିକା ନେଇପାରିବେ। ବିଭିନ୍ନ ଧର୍ମର ସାଧୁ, ସନ୍ଥ, ଯାଯାବର ଜୀବନ ବିତାଉଥିବା ନିରାଶ୍ରୟ, ☞ପୃଷ୍ଠା-୪

## ବ୍ଲାକ୍ ଫଙ୍ଗସ୍ : ସରକାରଙ୍କୁ ଔଷଧ ଚିନ୍ତା

**ନୂଆଦିଲ୍ଲୀ, ୧୨।୫**

ଦେଶରେ କରୋନା ସଂକ୍ରମଣ ବଢ଼ିଚାଲିଥିବାବେଳେ ଏବେ ବିଭିନ୍ନ ରାଜ୍ୟରେ ବିରଳ ମ୍ୟୁକୋରମାଇକୋସିସ୍ ବା ବ୍ଲାକ୍ ଫଙ୍ଗସ୍ ସଂକ୍ରମଣ ଚିନ୍ତା ବଢ଼ାଇ ଦେଇଛି। ଏହି ଫଙ୍ଗସ୍ ଆଖି, ସାଇନସସ୍, ମସ୍ତିଷ୍କ, ଫୁସ୍‌ଫୁସ୍‌କୁ ସଂକ୍ରମଣ କରି ନଷ୍ଟ କରିଦେବା ସହ ଜୀବନ ପ୍ରତି ବିପଦ ସୃଷ୍ଟି କରିଛି। ମ୍ୟୁକୋର୍‌ମାଇକୋସିସ୍ ଚିକିତ୍ସା ନିମନ୍ତେ ଆଣ୍ଟିଫଙ୍ଗାଲ୍ ଔଷଧ ଉତ୍ପାଦନ ବଢ଼ାଇବା ଲାଗି ସରକାର ବିଭିନ୍ନ ଡ୍ରଗ୍ ପ୍ରସ୍ତୁତକାରୀ କମ୍ପାନୀ ସହ ଆଲୋଚନା ଚଳାଇଥିବା ରସାୟନ ଓ ସାର ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। ବିଶେଷକରି କରୋନାରୁ ଆରୋଗ୍ୟ ହୋଇଥିବା ଲୋକଙ୍କଠାରେ ଏଭଳି ବିରଳ ସଂକ୍ରମଣ ଦେଖାଯାଉଛି। ଏହାର ଚିକିତ୍ସା ପାଇଁ ଡାକ୍ତରମାନେ ଆମ୍ଫୋଟେରିସିନ୍ ବି ନାମକ ଔଷଧ ଲେଖିଥିବାରୁ ଏହାର ଚାହିଦା ବଢ଼ିଯାଇଛି। ଚାହିଦା ପୂରଣ ପାଇଁ ଘରୋଇ ଉତ୍ପାଦନ ବଢ଼ା ନ ଗଲେ ବିଦେଶରୁ ଆମଦାନି କରିବାକୁ ପଡ଼ିବ। କମ୍ପାନୀଗୁଡ଼ିକ ପାଖରେ ଥିବା ଗଚ୍ଛିତ ଔଷଧର ସମୀକ୍ଷା କରିବା ପରେ ଫାର୍ମା ବିଭାଗ ମଙ୍ଗଳବାର ଏହାକୁ ବିଭିନ୍ନ ରାଜ୍ୟକୁ ଆବଶ୍ୟକତା ଅନୁଯାୟୀ ଆବଣ୍ଟନ କରିଥିଲା।





**ବିପଦରେ ବିସ୍ଥାପିତଙ୍କ ଜୀବନ:** କାଳବୈଶାଖୀ ତାଣ୍ଡବରେ ମଙ୍ଗଳବାର କଟକ ନୂଆପଡ଼ା ବାଲିସାହିସ୍ଥିତ ଅସ୍ଥାୟୀ ଥଇଥାନ କ୍ୟାମ୍ପ ଭାଙ୍ଗି ନଷ୍ଟ ହୋଇଯାଇଥିଲା। ଏଠାରେ ରହୁଥିବା ବିସ୍ଥାପିତମାନେ ବୁଧବାର ସାମାଜିକ ଦୂରତାକୁ ଭୁଲି ଖାଦ୍ୟ ପାଇଁ ଲମ୍ବା ଧାଡ଼ିରେ ଠିଆ ହୋଇଛନ୍ତି।

**ଧର୍ମୀୟ ସମାବେଶ କରି ୧୨୫ ଜଣଙ୍କ ନାମରେ ମାମଲା**

ଗୁଜରାଟର ଗାନ୍ଧୀନଗର ଜିଲାରେ କୋଭିଡ୍ ନିୟମ ଭାଙ୍ଗି ଧର୍ମୀୟ ସମାବେଶ ଆୟୋଜନ କରିବା ଅଭିଯୋଗରେ ୧୨୫ ଜଣଙ୍କ ନାମରେ ପୋଲିସ ବୁଧବାର ମାମଲା ରୁଜୁ କରିଛି। ସେମାନଙ୍କ ମଧ୍ୟରୁ ୧୫ ଜଣଙ୍କୁ ଗିରଫ କରାଯାଇଥିବା ସ୍ଥାନୀୟ ପୋଲିସ କହିଛି। ବାରମ୍ବାର ଲୋକଙ୍କୁ ସଚେତନ କରାଯାଉଥିବା ସତ୍ତ୍ୱେ ଶତାଧିକ ମହିଳା ପୁରୁଷ ମଙ୍ଗଳବାର ଏକତ୍ର ହୋଇ ପୂଜା କାର୍ଯ୍ୟକ୍ରମ କରିଥିଲେ। ସେମାନଙ୍କ ମଧ୍ୟରୁ ୩୫ ଜଣଙ୍କୁ ଚିହ୍ନଟ କରାଯାଇଛି।

## ସଂକ୍ଷେପରେ

### ବି.୧.୬୧୭ ଷ୍ଟ୍ରେନ୍‌କୁ ଭାରତୀୟ ଭାରିଆଣ୍ଟ କହିନାହିଁ ଡବ୍ଲ୍ୟୁଏଚ୍‌ଓ

**ନୂଆଦିଲ୍ଲୀ, ୧୨।୫(ପି.ଟି.):** କରୋନା ଭୂତାଣୁର ବି.୧.୬୧୭ ମ୍ୟୁଟାଣ୍ଟକୁ ଭାରତୀୟ ଭାରିଆଣ୍ଟ ବୋଲି ବିଭିନ୍ନ ଗଣମାଧ୍ୟମରେ ପ୍ରଚାର ହେଉଛି। ତେବେ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ (ଡବ୍ଲ୍ୟୁଏଚ୍‌ଓ) ଏହାର ରିପୋର୍ଟରେ ଉକ୍ତ ଷ୍ଟ୍ରେନ୍ ସହ 'ଭାରତୀୟ' ଶବ୍ଦ ଯୋଡ଼ି ନ ଥିବା ବୁଧବାର କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ କହିଛି। ବି.୧.୬୧୭ ମ୍ୟୁଟାଣ୍ଟ ସାରା ବିଶ୍ୱ ପାଇଁ ଚିନ୍ତାର କାରଣ ବୋଲି ନିକଟରେ ଡବ୍ଲ୍ୟୁଏଚ୍‌ଓ କହିଥିଲା। କୌଣସି ଆଧାର ନ ଥାଇ କେତେକ ଗଣମାଧ୍ୟମ ସେମାନଙ୍କ ରିପୋର୍ଟରେ ଏହା ସହିତ ଭାରତୀୟ ଭାରିଆଣ୍ଟ ଶବ୍ଦ ଯୋଡ଼ିଛନ୍ତି। ଡବ୍ଲ୍ୟୁଏଚ୍‌ଓର ୩୨ ପୃଷ୍ଠାର ଦସ୍ତାବିଜ୍‌ରେ ବି.୧.୬୧୭ ଷ୍ଟ୍ରେନ୍ ସହ 'ଇଣ୍ଡିଆନ୍ ଭାରିଆଣ୍ଟ' ଶବ୍ଦ ସଂଯୋଗ କରାଯାଇ ନ ଥିଲା ବୋଲି ମନ୍ତ୍ରଣାଳୟ ସ୍ପଷ୍ଟ କରିବା ସହ ମନଇଚ୍ଛା ଏଭଳି ଶବ୍ଦ ନ ଯୋଡ଼ିବାକୁ କହିଛି।

### ବେଙ୍ଗାଲୁରୁ କୋଭିଡ୍ କ୍ୟାପିଟାଲ

**ବେଙ୍ଗାଲୁରୁ, ୧୨।୫:** ମହାରାଷ୍ଟ୍ରର ପୁଣେକୁ ପଛରେ ପକାଇ କର୍ନାଟକର ବେଙ୍ଗାଲୁରୁ ଏବେ ଭାରତର କୋଭିଡ୍ କ୍ୟାପିଟାଲ ହୋଇଛି। ମେ' ୧୦ ସୁଦ୍ଧା ବେଙ୍ଗାଲୁରୁରେ କରୋନା ସଂକ୍ରମିତଙ୍କ ସଂଖ୍ୟା ୯.୫ ଲକ୍ଷ ଅତିକ୍ରମ କରିଛି। ଦ୍ୱିତୀୟ ଲହରରେ ଏହି ଆଇଟି ରାଜଧାନୀରେ ସଂକ୍ରମଣ ହାର ସର୍ବାଧିକ ରହିଛି। ଏପ୍ରିଲ ୩୦ରେ ବେଙ୍ଗାଲୁରୁରେ କୋଭିଡ୍ ଆକ୍ରାନ୍ତଙ୍କ ସଂଖ୍ୟା ପୁଣେଠାରୁ ୮୬,୫୦୦ କମ୍ ରହିଥିଲା। ମେ' ୧୦ରେ ବେଙ୍ଗାଲୁରୁ ଅର୍ବାନ ଜିଲାରେ ସଂକ୍ରମିତଙ୍କ ସଂଖ୍ୟା ପୁଣେଠାରୁ ୨୦,୦୦୦ ଅଧିକ ହୋଇଛି। ୧୦ ଦିନ ମଧ୍ୟରେ ବେଙ୍ଗାଲୁରୁରେ ୧.୯ ଲକ୍ଷ ନୂଆ ପଜିଟିଭ୍ ଚିହ୍ନଟ ହୋଇଛନ୍ତି।

### ମୃତଦେହ ଧରିବାକୁ ଗଙ୍ଗାରେ ଜାଲ

**ପାଟନା, ୧୨।୫:** କରୋନା ଆକ୍ରାନ୍ତଙ୍କ ମୃତଦେହ ଦାହ କରି ନ ପାରି ଏହାକୁ ଗଙ୍ଗା ନଦୀରେ ଫିଙ୍ଗି ଦିଆଯାଉଥିବା ଘଟଣା ଉତ୍ତର ଭାରତରେ ଭୟର ବାତାବରଣ ଖେଳାଇଦେଇଛି। ମୃତଦେହଗୁଡ଼ିକୁ ନଦୀରୁ କାଢ଼ିବା ପାଇଁ ବିହାର ପ୍ରଶାସନ ପକ୍ଷରୁ ଜାଲ ବିଛାଯାଇଛି। ଉତ୍ତରପ୍ରଦେଶ ସୀମା ନିକଟ ବିହାରର ବକ୍ସର ଦେଇ ବହିଯାଇଥିବା ଗଙ୍ଗା କୂଳରେ ପ୍ରାୟ ଶହେ ମୃତଦେହ ଲାଗିବାକୁ ନେଇ ସ୍ଥାନୀୟ ଲୋକଙ୍କ ଚିନ୍ତା ବଢ଼ିଛି। ବିହାରର ଜଳସମ୍ପଦ ମନ୍ତ୍ରୀ ସଞ୍ଜୟ କୁମାର ଟୁଇଟ୍ କରି କହିଛନ୍ତି, ଉତ୍ତରପ୍ରଦେଶ ସୀମା ନଦୀ ନିକଟରେ ପାଟ୍ରୋଲିଂ କଡ଼ାକଡ଼ି କରାଯିବା ସହ ସେଠାରେ ଜାଲ ବିଛାଯାଇଛି।

## ଘରେ ଘରେ ଟିକା ଦିଅ

ଦେଶରେ କରୋନା ସ୍ଥିତିକୁ ନେଇ କେନ୍ଦ୍ର ସରକାରଙ୍କୁ ସମାଲୋଚନା କରିଛନ୍ତି କଂଗ୍ରେସ ସାଧାରଣ ସମ୍ପାଦିକା ପ୍ରିୟଙ୍କା ଗାନ୍ଧୀ ଭଦ୍ରା। ଘରେ ଘରେ ଟିକା ନ ପହଞ୍ଚିଲେ କରୋନା ଲଢ଼େଇରେ ଜିତିବା ଅସମ୍ଭବ ବୋଲି ସେ କହିଛନ୍ତି। ୧୨ ଏପ୍ରିଲରେ ସରକାର ଟିକା ଉତ୍ସବ ପାଳିଲେ, ହେଲେ ପର୍ଯ୍ୟାପ୍ତ ଟିକା ପାଇଁ କୌଣସି ବ୍ୟବସ୍ଥା କଲେ ନାହିଁ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଭାକ୍ସିନ ଫ୍ୟାକ୍ଟ୍ରି ଯାଇ ଫଟୋ ଉଠାଇଲେ କିନ୍ତୁ ଜାନୁୟାରୀ ୨୦୨୧ରେ କାହିଁକି ଟିକାକରଣ ଆରମ୍ଭ ହେଲା ବୋଲି ସେ ପ୍ରଶ୍ନ କରିଛନ୍ତି। ଅନ୍ୟଦେଶଗୁଡ଼ିକ ଭାରତୀୟ କମ୍ପାନୀକୁ ବହୁ ପୂର୍ବରୁ ଟିକା ପାଇଁ ଅର୍ଡର ଦେଇଥିଲେ। ଏ ସବୁ ପାଇଁ କିଏ ଦାୟୀ ବୋଲି ପ୍ରିୟଙ୍କା ଟୁଇଟ୍ କରିଛନ୍ତି।



## ଜଷ୍ଟିସ୍ ଚନ୍ଦ୍ରଚୂଡ଼ଙ୍କୁ କରୋନା

ସୁପ୍ରିମକୋର୍ଟ ଜଜ୍ ଡି. ୱାଇ. ଚନ୍ଦ୍ରଚୂଡ଼ କରୋନାରେ ସଂକ୍ରମିତ ହୋଇଛନ୍ତି। ଏଥିସହ ଅନ୍ୟ ଜଣେ କର୍ମଚାରୀଙ୍କ ରିପୋର୍ଟ ମଧ୍ୟ ପଜିଟିଭ୍ ଆସିଛି। ଜଷ୍ଟିସ୍ ଚନ୍ଦ୍ରଚୂଡ଼ଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ରହିଛି। ତାଙ୍କ ସଂସ୍ପର୍ଶରେ ଆସିଥିବା ଲୋକମାନେ କୋଭିଡ୍ ପରୀକ୍ଷା କରାଇନେବାକୁ ସେ ପରାମର୍ଶ ଦେଇଛନ୍ତି। ସୂଚନାଯୋଗ୍ୟ, ଦେଶରେ କୋଭିଡ୍ ସ୍ଥିତିକୁ ନେଇ ଗୁରୁବାର ତାଙ୍କ ନେତୃତ୍ୱରେ ଏକ ଖଣ୍ଡପୀଠ ଶୁଣାଣି କରିଥାନ୍ତା। ଜଷ୍ଟିସ୍ ଚନ୍ଦ୍ରଚୂଡ଼ଙ୍କ ଅନୁପସ୍ଥିତିରେ କିଛି ଦିନପାଇଁ ଏହି ଶୁଣାଣିକୁ ସ୍ଥଗିତ ରଖାଯାଇଛି।



# ମୃତ୍ୟୁସଂଖ୍ୟା ୨.୫ ଲକ୍ଷ ଡେଇଁଲା

**ନୂଆଦିଲ୍ଲୀ, ୧୨।୫(ପି.ଟି.)**

ଭାରତରେ ଗୋଟିଏ ଦିନରେ କରୋନା ସର୍ବାଧିକ ୪,୨୦୫ ଜଣଙ୍କ ଜୀବନ ନେଇଛି। ଏହାକୁ ମିଶାଇ ଦେଶରେ କରୋନା ଜନିତ ମୃତ୍ୟୁସଂଖ୍ୟା ୨,୫୪,୧୯୭ରେ ପହଞ୍ଚିଛି। ଗତ ୨୪ ଘଣ୍ଟା ମଧ୍ୟରେ ୩,୪୮,୪୨୧ ପଜିଟିଭ୍ ଚିହ୍ନଟ ହୋଇଥିବା କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ତଥ୍ୟରୁ ଜଣାପଡ଼ିଛି। ମୋଟ ସଂକ୍ରମିତଙ୍କ ସଂଖ୍ୟା ୨,୩୩,୪୦,୯୩୮ରେ ପହଞ୍ଚିଥିବାବେଳେ ଦୁଇଦିନ ହେଲା ସକ୍ରିୟ ମାମଲା ସାମାନ୍ୟ ହ୍ରାସ ପାଇ ୩୭,୦୪,୦୯୯ ରହିଛି। ଏହା ମୋଟ ମାମଲାର ୧୫.୮୭ ପ୍ରତିଶତ। ଗତ ୨୪ ଘଣ୍ଟାରେ ୩,୫୫,୩୩୮ ଜଣ ସୁସ୍ଥ ହୋଇଛନ୍ତି। ଏହାକୁ ମିଶାଇ ବର୍ତ୍ତମାନ ସୁଦ୍ଧା ୧,୯୩,୮୨,୬୪୨ ଜଣ କରୋନାରୁ ସୁସ୍ଥ ହେଲେଣି। ଅର୍ଥାତ୍ ଆରୋଗ୍ୟ ହାର ୮୩.୦୪ ରହିଛି। ମୋଟ ସକ୍ରିୟ ମାମଲାର ୮୨,୫୧ ପ୍ରତିଶତ ୧୩ଟି ରାଜ୍ୟରେ ରହିଛି। ସେହି ରାଜ୍ୟଗୁଡ଼ିକ ହେଲେ କର୍ନାଟକ, ମହାରାଷ୍ଟ୍ର, କେରଳ, ତାମିଲନାଡୁ, ଉତ୍ତରପ୍ରଦେଶ, ରାଜସ୍ଥାନ, ଆନ୍ଧ୍ରପ୍ରଦେଶ, ଗୁଜରାଟ, ଛତିଶଗଡ଼, ପଶ୍ଚିମବଙ୍ଗ, ହରିୟାଣା, ବିହାର ଓ ମଧ୍ୟପ୍ରଦେଶ।



- ଦିନକରେ ସର୍ବାଧିକ ୪,୨୦୫ ମୃତ
- ୩.୪୮ ଲକ୍ଷ ନୂଆ ସଂକ୍ରମିତ
- ସକ୍ରିୟ ମାମଲା ୩୭.୦୪ ଲକ୍ଷକୁ ହ୍ରାସ

ଗୋଟିଏ ଦିନରେ ୪,୨୦୫ ଜଣଙ୍କ ମୃତ୍ୟୁ ହୋଇଥିବାବେଳେ ସେଥିମଧ୍ୟରୁ ମହାରାଷ୍ଟ୍ରରେ ସର୍ବାଧିକ ୭୯୩, କର୍ନାଟକରେ ୪୮୦, ଦିଲ୍ଲୀରେ ୩୪୭, ଉତ୍ତରପ୍ରଦେଶରେ ୩୦୧, ତାମିଲନାଡୁରେ ୨୯୮, ପଞ୍ଜାବରେ ୨୧୪ ଓ ଛତିଶଗଡ଼ରେ ୧୯୯ ଜଣ ରହିଛନ୍ତି। ସେହିପରି ରାଜସ୍ଥାନରେ ୧୬୯, ହରିୟାଣାରେ ୧୪୪, ପଶ୍ଚିମବଙ୍ଗରେ ୧୩୨, ଗୁଜରାଟ ଓ ଉତ୍ତରାଖଣ୍ଡରେ ୧୧୮ ଲେଖାଏ, ଆନ୍ଧ୍ରପ୍ରଦେଶରେ ୧୦୮ ଏବଂ ଝାଡ଼ଖଣ୍ଡରେ ୧୦୩ ଜଣଙ୍କ ଜୀବନ ନେଇଛି କରୋନା। ମୋଟ ମୃତ୍ୟୁ ସଂଖ୍ୟା ମଧ୍ୟରେ ମହାରାଷ୍ଟ୍ର ଆଗରେ ରହିଛି। ସେଠାରେ ବର୍ତ୍ତମାନ ସୁଦ୍ଧା କରୋନାରେ ୭୭,୧୯୧ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ଦିଲ୍ଲୀରେ ୨୦,୦୧୦, କର୍ନାଟକରେ ୧୯,୮୫୨, ତାମିଲ ନାଡୁରେ ୧୬,୧୭୮, ଉତ୍ତର ପ୍ରଦେଶରେ ୧୬,୦୪୩, ପଶ୍ଚିମବଙ୍ଗରେ ୧୨,୫୯୩, ଛତିଶଗଡ଼ରେ ୧୦,୯୪୧ ଏବଂ ପଞ୍ଜାବରେ ୧୦,୯୧୮ ଜଣ କରୋନାରେ ପ୍ରାଣ ହରାଇଛନ୍ତି।

## କୋଭିଡ୍ ନିୟନ୍ତ୍ରଣ ପାଇଁ ୯ ପ୍ରସ୍ତାବ

**ନୂଆଦିଲ୍ଲୀ, ୧୨।୫**

### ପ୍ରଧାନମନ୍ତ୍ରୀଙ୍କୁ ୧୨ ବିରୋଧୀ ଦଳର ପତ୍ର

ସାରା ଦେଶରେ କରୋନା ମହାମାରୀର ଦ୍ୱିତୀୟ ଲହର ପ୍ରବଳ ବେଗରେ ମାଡ଼ିଚାଲିଥିବାବେଳେ ହସ୍ପିଟାଲଗୁଡ଼ିକରେ ରୋଗୀ ଚିକିତ୍ସା ପାଇଁ ବେଡ୍ ମିଳୁନି। ପ୍ରତିଦିନ ହଜାର ହଜାର ଲୋକ ମହାମାରୀରେ ପ୍ରାଣ ହରାଉଛନ୍ତି। ଏହାକୁ ସର୍ବନାଶକାରୀ ମାନବୀୟ ଦୁଃଖ ଭାବେ ଅଭିହିତ କରି ଏହାକୁ ରୋକିବା ଦିଗରେ ତୁରନ୍ତ ପଦକ୍ଷେପ ନେବା ପାଇଁ ଦେଶର ୧୨ ପ୍ରମୁଖ ବିରୋଧୀ ଦଳ ଦାବି କରିଛନ୍ତି। ଏହି ବିରୋଧୀ ଦଳଗୁଡ଼ିକ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ପତ୍ର ଲେଖି ସମସ୍ତଙ୍କୁ ମାଗଣାରେ ଟିକା ଦେବା ସହ ସଂକ୍ରମଣକୁ ନିୟନ୍ତ୍ରଣ କରିବା ଲାଗି ୯ଟି ପ୍ରସ୍ତାବ ଦେଇଛନ୍ତି। ସେଣ୍ଟ୍ରାଲ ଭିଷ୍ଟା ପ୍ରକଳ୍ପ କାର୍ଯ୍ୟ ବନ୍ଦ କରିବା ଏବଂ କୃଷି ଆଇନ ପ୍ରତ୍ୟାହାର କରିନେବା ପାଇଁ ମଧ୍ୟ ସେମାନେ ପରାମର୍ଶ ଦେଇଛନ୍ତି। କେନ୍ଦ୍ର ସରକାରଙ୍କୁ ବ୍ୟକ୍ତିଗତ ଭାବେ ଓ ମିଳିତ ଭାବେ ଏକାଧିକ ଥର ବିଭିନ୍ନ ପ୍ରସ୍ତାବ ଓ ପରାମର୍ଶ ଦିଆଗଲାଣି। ତେବେ ଦୁର୍ଭାଗ୍ୟର କଥା ସରକାର ଏହାକୁ ଅଣଦେଖା କରୁଛନ୍ତି କିମ୍ବା ଗ୍ରହଣ କରିବାକୁ ରାଜି ହେଉନାହାନ୍ତି। ଫଳରେ ଦେଶ ଆଜି ଏଭଳି ସ୍ଥିତିରେ ପହଞ୍ଚିଛି ବୋଲି ଚିଠିରେ କୁହାଯାଇଛି। ଦେଶ ତଥା ଦେଶବାସୀଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ସରକାର ପ୍ରସ୍ତାବଗୁଡ଼ିକୁ କାର୍ଯ୍ୟକାରୀ କରିବାକୁ ପତ୍ରରେ ଅନୁରୋଧ କରାଯାଇଛି। ବିଏସ୍‌ପି ଏବଂ ଆମ୍ ଆଦ୍‌ମୀ ପାର୍ଟି ବ୍ୟତୀତ ଅନ୍ୟ ସମସ୍ତ ପ୍ରମୁଖ ବିରୋଧୀ ଦଳର ପ୍ରତିନିଧି ଉକ୍ତ ପତ୍ରରେ ସ୍ୱାକ୍ଷର କରିଛନ୍ତି।

- ଘରୋଇ ସମେତ ଅନ୍ତର୍ଜାତୀୟ ବଜାରରୁ କେନ୍ଦ୍ର ସରକାର ଟିକା କିଣନ୍ତୁ।
- ତୁରନ୍ତ ମାଗଣା ଓ ସାର୍ବଜନୀନ ଗଣ ଟିକାକରଣ ଅଭିଯାନ ଆରମ୍ଭ ହେଉ।
- ଘରୋଇ ଟିକା ଉତ୍ପାଦନ ବୃଦ୍ଧି ପାଇଁ ବାଧ୍ୟତାମୂଳକ ଲାଇସେନ୍ସ ଦିଆଯାଉ।
- ଟିକାକରଣ ପାଇଁ ବଜେଟରେ ବ୍ୟୟବରାଦ ହୋଇଥିବା ୩୫,୦୦୦ କୋଟି ଟଙ୍କା ଖର୍ଚ୍ଚ କରାଯାଉ।
- ସେଣ୍ଟ୍ରାଲ ଭିଷ୍ଟା ନିର୍ମାଣ ବନ୍ଦ କରି ସେହି ଅର୍ଥକୁ ଅକ୍ସିଜେନ ଓ ଟିକା ପାଇଁ ବ୍ୟବହାର କରାଯାଉ।
- ହିସାବ ବହିର୍ଭୁକ୍ତ ଘରୋଇ ଟ୍ରଷ୍ଟ ଫଣ୍ଡ ଏବଂ ପିଏମ୍ କେୟାର୍ସ ପାଣ୍ଠିରେ ଟିକା, ଅକ୍ସିଜେନ୍ ଏବଂ ମେଡିକାଲ ଉପକରଣ କିଣାଯାଉ।
- ବେରୋଜଗାରୀମାନଙ୍କୁ ମାସିକ ୬୦୦୦ ଟଙ୍କା ଦିଆଯାଉ।
- ଗରିବଙ୍କୁ ମାଗଣାରେ ଖାଦ୍ୟଶସ୍ୟ ଯୋଗାଇ ଦିଆଯାଉ।
- ଚାଷୀମାନଙ୍କୁ କରୋନା କବଳରୁ ବଞ୍ଚାଇବା ପାଇଁ ନୂଆ କୃଷି ଆଇନ ପ୍ରତ୍ୟାହାର କରାଯାଉ।




ଆଇଏନ୍‌ଏସ୍ ତକ୍ଷକ ଦୁଇଟି କ୍ରାୟୋଜେନିକ୍ ଟ୍ୟାଙ୍କରରେ ମେଡିକାଲ ଅକ୍ସିଜେନ୍ ଆଣି ବୁଧବାର ମୁମ୍ବାଇରେ ପହଞ୍ଚିଛି।

## '୬ରୁ ୮ ସପ୍ତାହ ଲକ୍‌ଡାଉନ କର'

**ନୂଆଦିଲ୍ଲୀ, ୧୨।୫**

କରୋନା ସଂକ୍ରମଣର ଦ୍ୱିତୀୟ ଲହରକୁ ରୋକିବାକୁ ହେଲେ ଭାରତର ଅଧିକାଂଶ ଭାଗ ୬ରୁ ୮ ସପ୍ତାହ ପାଇଁ ଲକ୍‌ଡାଉନ୍‌ରେ ରହିବା ଉଚିତ। ଇଣ୍ଡିଆନ୍ କାଉନ୍‌ସିଲ୍ ଅଫ୍ ମେଡିକାଲ ରିସର୍ଚ୍ଚ (ଆଇସିଏମ୍‌ଆର୍) ମୁଖ୍ୟ ଡକ୍ଟର ବଳରାମ ଭାର୍ଗବ ବୁଧବାର କେନ୍ଦ୍ର ସରକାରଙ୍କୁ ଏହି ପରାମର୍ଶ ଦେଇଛନ୍ତି। ଦେଶର ଜଣେ ବରିଷ୍ଠ ସ୍ୱାସ୍ଥ୍ୟ ଅଧିକାରୀ ଜାତୀୟ ଲକ୍‌ଡାଉନ୍‌କୁ ଏତେ ଗୁରୁତ୍ୱ ଦେବାରେ ଏହା ହେଉଛି ପ୍ରଥମ ଘଟଣା। ଭାର୍ଗବ ପ୍ରତ୍ୟକ୍ଷ ଭାବେ ମୋଦି ସରକାରଙ୍କୁ ବିଫଳତା ପାଇଁ ସମାଲୋଚନା କରି ନ ଥିଲେ ହେଁ ସାମ୍ପ୍ରତିକ ସଙ୍କଟର ମୁକାବିଲାରେ କେନ୍ଦ୍ରୀୟ ଅବହେଳାକୁ ସ୍ୱୀକାର କରିଛନ୍ତି।

ଏକ ସାକ୍ଷାତ୍‌କାରରେ ଡକ୍ଟର ଭାର୍ଗବ କହିଛନ୍ତି, ଯେଉଁ ଜିଲାଗୁଡ଼ିକରେ ପଜିଟିଭ୍ ହାର ଅଧିକ ରହିଛି ସେଗୁଡ଼ିକୁ ବନ୍ଦ କରାଯିବା ଆବଶ୍ୟକ। ସେହି ଜିଲାଗୁଡ଼ିକରେ ସଂକ୍ରମଣ ହାର ୧୦%ରୁ ୫%କୁ ଖସିଲେ ସେଗୁଡ଼ିକୁ ପୁଣି ଖୋଲାଯାଇପାରେ। ତେବେ ୬ରୁ ୮ ସପ୍ତାହ ମଧ୍ୟରେ ଏପରି ହେବା ଭଳି ମନେହେଉନାହିଁ। ବର୍ତ୍ତମାନ ଭାରତର ତିନି-ଚତୁର୍ଥାଂଶ ଅର୍ଥାତ୍ ୭୧୮ ଜିଲାରେ ପଜିଟିଭ୍ ରେଟ୍ ୧୦%ରୁ ଅଧିକ ରହୁଛି। ନୂଆଦିଲ୍ଲୀ, ମୁମ୍ବାଇ ଓ ବେଙ୍ଗାଲୁରୁ ଭଳି ସହରର ଜିଲାଗୁଡ଼ିକ ଏଥିରେ ସାମିଲ ଅଛି।



ଡକ୍ଟର ବଳରାମ ଭାର୍ଗବ

ଦିଲ୍ଲୀ ସମ୍ପର୍କରେ ଭାର୍ଗବ କହିଛନ୍ତି, ଜାତୀୟ ରାଜଧାନୀର କଟକଣାକୁ ତୁରନ୍ତ କୋହଳ କରିଦେଲେ ତାହା ବିପର୍ଯ୍ୟୟ ହେବ। ମହାମାରୀର ଦ୍ୱିତୀୟ ଲହର ଭାରତକୁ ବହୁଳ ଭାବେ ପ୍ରଭାବିତ କରିଥିବାବେଳେ ଦିଲ୍ଲୀ ଏଥିରେ ସବୁଠୁ ବେଶି କ୍ଷତିଗ୍ରସ୍ତ ହୋଇଛି। ଦିଲ୍ଲୀରେ ପଜିଟିଭ୍ ହାର ୩୫% ରହିଥିଲା, ଯାହାକି ଏବେ ୧୭%କୁ ଖସିଛି। କୋଭିଡ୍-୧୯କୁ ନେଇ ନ୍ୟାଶନାଲ୍ ଟାସ୍କଫୋର୍ସ କେନ୍ଦ୍ର ସରକାରଙ୍କୁ ଏପ୍ରିଲ ୧୫ରେ ୧୦% କିମ୍ବା ତଦୂର୍ଦ୍ଧ୍ୱ ସଂକ୍ରମଣ ହାର ରହୁଥିବା ଜିଲାଗୁଡ଼ିକରେ ଲକ୍‌ଡାଉନ୍ ଜାରି ପାଇଁ ପରାମର୍ଶ ଦେଇଥିଲା। ତେବେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏପ୍ରିଲ ୨୦ରେ ରାଜ୍ୟଗୁଡ଼ିକୁ ଲକ୍‌ଡାଉନ୍‌କୁ ଶେଷ ବିକଳ୍ପ ଭାବେ ବ୍ୟବହାର କରିବାକୁ ପରାମର୍ଶ ଦେଇଥିଲେ। ଏପ୍ରିଲ ୨୬ରେ ସର୍ବାଧିକ ସଂକ୍ରମିତ ଜିଲାଗୁଡ଼ିକରେ 'ଲାର୍ଜ କଣ୍ଟେଣ୍ଟମେଣ୍ଟ ଏରିଆ'ରେ ୧୪ ଦିନ ପାଇଁ କଟକଣା ଜାରି କରିବାକୁ କହିଥିଲା।

## କେନ୍ଦ୍ର ନିର୍ଦ୍ଦେଶରେ ଦିଲ୍ଲୀକୁ ଟିକା ବନ୍ଦ: ସିସୋଡିଆ

**ନୂଆଦିଲ୍ଲୀ, ୧୨।୫**

ଦିଲ୍ଲୀକୁ ଭାରତ ବାୟୋଟେକ୍ କୋଭାକ୍ସିନ ଯୋଗାଇବାକୁ ମନା କରିଥିବା ଉପମୁଖ୍ୟମନ୍ତ୍ରୀ ମନିଷ ସିସୋଡିଆ ବୁଧବାର କହିଛନ୍ତି। କେନ୍ଦ୍ର ସରକାରଙ୍କ ନିର୍ଦ୍ଦେଶ କ୍ରମେ ଭାରତ ବାୟୋଟେକ୍ ଏପରି କରୁଥିବା ସେ ଏକ ଖବରଦାତା ସମ୍ମିଳନୀରେ ଅଭିଯୋଗ କରିଛନ୍ତି। ସିସୋଡିଆ କହିଛନ୍ତି, କୋଭାକ୍ସିନ ଓ କୋଭିଶିଲ୍ଡର ୬୭ ଲକ୍ଷ ଲେଖାଏ ମୋଟ ୧.୩୪ କୋଟି ଟିକା ଦିଲ୍ଲୀ ପାଇଁ ଅର୍ଡର କରାଯାଇଥିଲା। କିନ୍ତୁ ଭାରତ ବାୟୋଟେକ୍ ଟିକା ଯୋଗାଇବାରେ ଅକ୍ଷମତା ପ୍ରକାଶ କରିଛି। ସରକାରୀ ଅଧିକାରୀଙ୍କ ନିର୍ଦ୍ଦେଶରେ ଭାକ୍ସିନ ପ୍ରଦାନ କରାଯାଉଥିବା ଉକ୍ତ କମ୍ପାନୀ କହିଥିବା ସିସୋଡିଆ ପ୍ରକାଶ କରିଛନ୍ତି। ଏହା ନିଶ୍ଚିତ ଯେ କମ୍ପାନୀ କେନ୍ଦ୍ର ଅଧିକାରୀଙ୍କ କଥା କହୁଛି ବୋଲି ସେ ସମ୍ମିଳନୀରେ କହିଛନ୍ତି।

## 'କୋଭିଡ୍‌ରେ ମୃତ ପୋଲିଂ ଅଫିସରଙ୍କ ପରିବାରକୁ କୋଟିଏ ଦିଅ'

**ଆଲ୍ଲାହାବାଦ, ୧୨।୫(ପି.ଟି.):** ଉତ୍ତରପ୍ରଦେଶ ପଞ୍ଚାୟତ ନିର୍ବାଚନ ବେଳେ ଡ୍ୟୁଟିରେ ଥାଇ କୋଭିଡ୍‌ରେ ପ୍ରାଣ ହରାଇଥିବା ପୋଲିଂ ଅଫିସରମାନଙ୍କ ପରିବାରକୁ କ୍ଷତିପୂରଣ ପରିମାଣର ପୁନର୍ବିଚାର କରିବା ଲାଗି ଆଲ୍ଲାହାବାଦ ହାଇକୋର୍ଟ ଉତ୍ତରପ୍ରଦେଶ ସରକାର ଓ ରାଜ୍ୟ ନିର୍ବାଚନ କମିଶନଙ୍କୁ ପରାମର୍ଶ ଦେଇଛନ୍ତି। କ୍ଷତିପୂରଣ ପରିମାଣ ଅନ୍ୟୂନ ୧ କୋଟି ଟଙ୍କା ହେବା ଆବଶ୍ୟକ ବୋଲି ଏକ ଜନସ୍ୱାର୍ଥ ମାମଲାର ଶୁଣାଣି କରି ବିଚାରପତି ସିଦ୍ଧାର୍ଥ ବର୍ମା ଏବଂ ଅଜିତ କୁମାରଙ୍କ ଖଣ୍ଡପୀଠ ଟିପ୍ପଣୀ ଦେଇଛନ୍ତି। ଆର୍‌ଟି-ପିସିଆର୍ ପରୀକ୍ଷା ନ କରାଇ ରାଜ୍ୟ ସରକାର ଏବଂ ରାଜ୍ୟ ନିର୍ବାଚନ କମିଶନର ଜାଣିଶୁଣି କର୍ମଚାରୀମାନଙ୍କୁ ଡ୍ୟୁଟି କରିବାକୁ ବାଧ୍ୟ କରିଥିଲେ ବୋଲି ଖଣ୍ଡପୀଠ କହିଛନ୍ତି।

## ପିଏମ୍ କେୟାର୍ସ ପାଣ୍ଠିରେ କିଣାଯାଇଥିବା ଅଧିକାଂଶ ଭେଣ୍ଟିଲେଟର ଅକାମୀ

**ଚଣ୍ଡିଗଡ଼, ୧୨।୫**

ପିଏମ୍ କେୟର୍ସ ପାଣ୍ଠିର ଦୁରୁପଯୋଗ ହେଉଥିବାର ସ୍ପଷ୍ଟ ଚିତ୍ର ସାମ୍ନାକୁ ଆସିଛି। ଗତବର୍ଷ ଏହି ପାଣ୍ଠିରେ କିଣାଯାଇଥିବା ବହୁସଂଖ୍ୟାରେ ଭେଣ୍ଟିଲେଟର ଅକାମୀ ହୋଇପଡ଼ିଛି। ପଞ୍ଜାବକୁ ଯୋଗାଇ ଦିଆଯାଇଥିବା ଏହି ଭେଣ୍ଟିଲେଟରଗୁଡ଼ିକ ଲଗାଯିବାର କିଛି ଘଣ୍ଟା ପରେ ସେଥିରେ ବୈଷୟିକ ତ୍ରୁଟି ଦେଖାଦେଇଥିଲା। ଫଳରେ ସେଗୁଡ଼ିକ ଅବ୍ୟବହୃତ ହୋଇ ପଡ଼ିରହିଛି। ଖବର ଅନୁଯାୟୀ ଫରିଦ୍‌କୋଟରେ ଥିବା ଗୁରୁ ଗୋବିନ୍ଦ ସିଂ ମେଡିକାଲ କଲେଜ ଆଣ୍ଡ ହସ୍ପିଟାଲକୁ ଯୋଗାଇ ଦିଆଯାଇଥିବା ୮୦ଟି ଭେଣ୍ଟିଲେଟର ମଧ୍ୟରୁ ୭୧ଟି ଖରାପ ହୋଇଯାଇଛି। ଡାକ୍ତରଙ୍କ କହିବା ଅନୁଯାୟୀ ଭେଣ୍ଟିଲେଟର ଲଗାଯିବାର ୧/୨ ଘଣ୍ଟା ପରେ ଅଚଳ ହୋଇପଡ଼ିଥିଲା। ସେଗୁଡ଼ିକର ମାନ ବହୁତ ଖରାପ। ଏଗୁଡ଼ିକ ବାରମ୍ବାର ଖରାପ ହେଉଥିବାରୁ ଆଉ ଲଗାଯାଉନାହିଁ ବୋଲି ବାବା ଫରିଦ



ୟୁନିଭର୍ସିଟି ଅଫ୍ ହେଲ୍‌ଥ ସାଇନ୍ସେସ୍, ଫରିଦକୋଟର କୁଳପତି ଡ. ରାଜ ବାହାଦୁର କହିଛନ୍ତି। ଉକ୍ତ ମେଡିକାଲ କଲେଜକୁ ୩୯ଟି ଭେଣ୍ଟିଲେଟର ଯୋଗାଇ ଦିଆଯାଇଥିବାବେଳେ ସେଥିରୁ ୭ଟି ଅଚଳ ହୋଇଯାଇଛି। ଅଚଳ ଭେଣ୍ଟିଲେଟର ପାଇଁ ରୋଗୀ ଚିକିତ୍ସାରେ ସମସ୍ୟା ସୃଷ୍ଟି ହୋଇଛି। ଭେଣ୍ଟିଲେଟର ସଜାଡ଼ିବା ପାଇଁ ଇଞ୍ଜିନିୟର ଓ ଟେକ୍ନିସିଆନ ନିଯୁକ୍ତ କରିବା ଲାଗି ପଞ୍ଜାବ ସରକାର ନିର୍ଦ୍ଦେଶ ଦେଇଛନ୍ତି। ସୂତ୍ର ଅନୁଯାୟୀ କେନ୍ଦ୍ର ସରକାର ଗତବର୍ଷ ୨୫ କୋଟିରୁ ଊର୍ଦ୍ଧ୍ୱ ଟଙ୍କାରେ ୨୫୦ ଭେଣ୍ଟିଲେଟର କିଣି ପଞ୍ଜାବକୁ ପଠାଇଥିଲେ। ସେଥିରୁ ଅଧିକାଂଶ ଖରାପ ହୋଇ ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ ନିକଟରେ ପଡ଼ିରହିଛି।

## ମଧ୍ୟପ୍ରାଚ୍ୟରେ ଯୁଦ୍ଧ ଆଶଙ୍କା

- ପାଲେଷ୍ଟାଇନ୍-ଇସ୍ରାଏଲ୍ ମୁହାଁମୁହିଁ
- ଲଡ୍ ସହରରେ ଏମର୍ଜେନ୍ସି ଘୋଷଣା
- ଚିନ୍ତା ବ୍ୟକ୍ତ କଲା ଅନ୍ତର୍ଜାତୀୟ ସମୁଦାୟ

**ଗାଜା ଷ୍ଟ୍ରିପ୍‌ରେ ପାଲେଷ୍ଟାଇନ୍ ଚରମପନ୍ଥୀ ଏବଂ ଇସ୍ରାଏଲ୍ ସେନା ମଧ୍ୟରେ ଗୁଳି ବିନିମୟ ଓ ରକେଟ ଆକ୍ରମଣ ବଢ଼ିବାରେ ଲାଗିଛି। ଏହା ଯୁଦ୍ଧରେ ପରିଣତ ହୋଇପାରେ ବୋଲି ଜାତିସଂଘ ଆଶଙ୍କା ବ୍ୟକ୍ତ କରିଛି।**

**ଗାଜା ସିଟି, ୧୨।୫**

ଜେରୁଜେଲମ୍‌କୁ ନେଇ ଇସ୍ରାଏଲ୍ ଓ ପାଲେଷ୍ଟାଇନ୍‌ର ହମାସ୍ ଚରମପନ୍ଥୀଙ୍କ ମଧ୍ୟରେ ସଂଘର୍ଷ ମଧ୍ୟପ୍ରାଚ୍ୟରେ ଯୁଦ୍ଧ ଆଶଙ୍କା ସୃଷ୍ଟି କରିଛି। ଇସ୍ରାଏଲ୍‌ର କହିବା ହେଲା, ଗତ ୩୮ ଘଣ୍ଟା ମଧ୍ୟରେ ପାଲେଷ୍ଟାଇନ୍ ଚରମପନ୍ଥୀମାନେ ୧ ହଜାରରୁ ଊର୍ଦ୍ଧ୍ୱ ରକେଟ ମାଡ଼ କରିଛନ୍ତି। ଆକାଶମାର୍ଗରୁ ଇସ୍ରାଏଲର ଆକ୍ରମଣରେ ଗାଜାର ଦୁଇଟି ଟାୱାର ବ୍ଲକ୍ ଧ୍ୱସ୍ତବିଧ୍ୱସ୍ତ ହୋଇଯାଇଛି। ଇତିମଧ୍ୟରେ ଇସ୍ରାଏଲ୍‌ର ଅନେକ ସହରରେ ହିଂସାତ୍ମକ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ତେଲ୍ ଆବିଭ ନିକଟ ଲଡ୍ ସହରରେ ଜରୁରିକାଳୀନ ପରିସ୍ଥିତି ଘୋଷଣା କରାଯାଇଛି। ଜାତିସଂଘ ମହାସଚିବ ଆଣ୍ଟୋନିଓ ଗୁଟେରେସ୍ ଏହି ହିଂସାକୁ ନେଇ ଚିନ୍ତାବ୍ୟକ୍ତ କରିଛନ୍ତି।



ରକେଟ ମାଡ଼ରେ ଗାଜା ସିଟିର ରାସ୍ତାଘାଟ ଧ୍ୱସ୍ତବିଧ୍ୱସ୍ତ ହୋଇଯାଇଛି।

ଇସ୍ରାଏଲ୍ ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି ଯେ, ସୋମବାର ହୋଇଥିବା ଆକ୍ରମଣରେ ୪୩ ପାଲେଷ୍ଟାଇନ୍ ନାଗରିକଙ୍କ ମୃତ୍ୟୁ ଘଟିଛି। ସେମାନଙ୍କ ମଧ୍ୟରେ ୧୩ ଶିଶୁ ଅଛନ୍ତି। ଏଥିରେ ୬ ଇସ୍ରାଏଲ୍ ନାଗରିକଙ୍କ ଜୀବନ ମଧ୍ୟ ଯାଇଛି। ଏହି ସମସ୍ତ ହିଂସା ପୂର୍ବ ଜେରୁଜେଲମ୍ ସ୍ଥିତ ଅଲ୍ ଅକ୍ସା ମସ୍‌ଜିଦ ହିଂସା ପରେ ଦେଖିବାକୁ ମିଳିଛି। ଅଲ୍ ଅକ୍ସା ମସ୍‌ଜିଦକୁ ଉଭୟ ମୁସଲମାନ ଓ ଇହୁଦୀ ପବିତ୍ର ସ୍ଥଳ ମନେକରନ୍ତି। ଇସ୍ରାଏଲ୍ ସେନା କହିଛି ଯେ, ଗାଜା ପକ୍ଷରୁ ୧୫୦୦ ରକେଟ ଓ ମୋର୍ଟାର ସେଲ୍ ଛଡ଼ାଯାଇଛି। ଏଥିରୁ ୮୫୦ ଇସ୍ରାଏଲ୍‌ରେ ପଡ଼ିଛି। ୨୦୦କୁ ଇସ୍ରାଏଲ୍‌ର ଡୋମ୍ ଏୟାର ଡିଫେନ୍ସ ସିଷ୍ଟମ୍ ନିଷ୍କ୍ରିୟ କରିଦେଇଛି। ବିଭିନ୍ନ ସହରରୁ ଆସୁଥିବା ଭିଡିଓ ଫୁଟେଜ୍‌ରେ ଆକାଶରେ ରକେଟର ଦୃଶ୍ୟ ଦେଖିବାକୁ ମିଳୁଛି। ସେଥିରୁ କେତେକକୁ ଇସ୍ରାଏଲ୍‌ର ଇଣ୍ଟରସେପ୍ଟର ମିସାଇଲ ନଷ୍ଟ କରିଦେଇଛି।

ସ୍ଥିତି ବାହାରକୁ ଚାଲିଯିବା ଆଶଙ୍କା ବ୍ୟକ୍ତ କରି ଅନ୍ତର୍ଜାତୀୟ ସମୁଦାୟ ଉଭୟ ପକ୍ଷଙ୍କୁ ଉତ୍ତେଜନା ହ୍ରାସ ପାଇଁ ପରାମର୍ଶ ଦେଇଛି। ଜାତିସଂଘର ମଧ୍ୟପୂର୍ବ ଶାନ୍ତି ରାଷ୍ଟ୍ରଦୂତ ଟୋର ବେନେସ୍‌ଲେଣ୍ଡ କହିଛନ୍ତି, ଉଭୟ ପକ୍ଷ ଏହାକୁ ବ୍ୟାପକ ଯୁଦ୍ଧ ଆଡ଼କୁ ଟାଣିନେଉଛନ୍ତି। ଆମେରିକାର ବହିର୍ବ୍ୟାପାର ମନ୍ତ୍ରଣାଳୟ ମୁଖପାତ୍ର ନେଡ୍ ପ୍ରାଇସ୍ କହିଛନ୍ତି, ଇସ୍ରାଏଲ୍‌ର ଆତ୍ମରକ୍ଷା ଅଧିକାର ରହିଛି। କିନ୍ତୁ ପାଲେଷ୍ଟାଇନ୍‌ର ଲୋକଙ୍କ ନିଜକୁ ରକ୍ଷା କରିବାର ଅଧିକାର ରହିଛି। ସେମାନେ ଏହାକୁ ରୋକିବାକୁ ଚାହିଁଲେ ସେଥିପାଇଁ ବି ଆମେ ପ୍ରସ୍ତୁତ। ଇତିମଧ୍ୟରେ ଇସ୍ରାଏଲ୍‌ର ଲଡ୍ ସହରରେ ଇସ୍ରାଏଲୀ ଆରବୀୟମାନେ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ବିକ୍ଷୋଭକାରୀମାନେ ପୋଲିସ ଉପରକୁ ଟେକାମାଡ଼ କରିଛନ୍ତି। ପୋଲିସ ସେମାନଙ୍କୁ ଘଉଡ଼ାଇବାକୁ ଯାଇ ଗ୍ରେନେଡ୍ ମାଡ଼ କରିଛି। ଇସ୍ରାଏଲ ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତନ୍ୟାହୁ ଲଡ୍‌ରେ ଏମର୍ଜେନ୍ସି ଘୋଷଣା କରିଛନ୍ତି। ଟାଇମ୍ସ ଅଫ୍ ଇସ୍ରାଏଲ୍ ଅନୁସାରେ ୧୯୬୬ ପରେ ସରକାର ଆରବ ସମୁଦାୟ ବିରୋଧରେ ଜରୁରିକାଳୀନ ଅଧିକାରୀଙ୍କୁ ପ୍ରଥମ ଥର ପାଇଁ ବ୍ୟବହାର କରିଛନ୍ତି। ଇସ୍ରାଏଲ୍ ମିଡିଆ କହିଛି, ଇହୁଦୀମାନଙ୍କ ଅନେକ ପ୍ରାର୍ଥନା ସ୍ଥଳ ଓ ଦୋକାନରେ ନିଆଁ ଲଗାଇ ଦିଆଯାଇଛି।

**ସଂକ୍ରମିତଙ୍କ ଘର ସିଲ୍**

**ପଦ୍ମପୁର,(ଡି.ଏନ.ଏ.):** ଭଦ୍ରକ ଜିଲା ବାସୁଦେବପୁର ବ୍ଲକ ଅଧୀନ ଜଗନ୍ନାଥପ୍ରସାଦ ପଞ୍ଚାୟତର ଜଣେ କୋଭିଡ୍ ସଂକ୍ରମିତଙ୍କ ଘର ସିଲ୍ କରାଯାଇଛି। ସ୍ୱାସ୍ଥ୍ୟକର୍ମୀ ନିର୍ମଳା ସିହ୍ନା, ଅଙ୍ଗନୱାଡି କର୍ମୀ ଦୁର୍ଗା ରାଉତ, ଆଶା କର୍ମୀ ଆରତି ମଳିକ ପ୍ରମୁଖଙ୍କ ଉପସ୍ଥିତିରେ ବାଡ଼ ଘେରା କରି ଆବଦ୍ଧ କରାଯାଇଥିଲା।

## ସଂକ୍ଷେପରେ

### ଆତ୍ମସମର୍ପଣ କର, ମାମଲା ରୁଜୁ ହେବନି

**କରୋନାରେ ଆକ୍ରାନ୍ତ ମାଓବାଦୀଙ୍କୁ ଏସ୍‌ପିଙ୍କ ପରାମର୍ଶ**

**ମାଲକାନଗିରି,୧୨ା୫(ଡି.ଏନ୍.ଏ.):** ଆନ୍ଧ୍ର ଓ ଛତିଶଗଡ଼ର କେତେଜଣ ମାଓବାଦୀ କରୋନା ସଂକ୍ରମଣର ଶିକାର ହୋଇଛନ୍ତି। ସେମାନଙ୍କଠାରେ ଜ୍ୱର ସହ କାଶ ଭଳି ଲକ୍ଷଣ ଦେଖିବାକୁ ମିଳୁଛି। ମାଲକାନଗିରି ଜିଲା ଏହି ଦୁଇ ରାଜ୍ୟର ସୀମାରେ ରହିଛି। କରୋନା କିମ୍ବା ଅନ୍ୟ କୌଣସି ରୋଗରେ ଆକ୍ରାନ୍ତ ହୋଇଥିଲେ ମଧ ଯଦି ମାଓବାଦୀମାନେ ଆତ୍ମ ସମର୍ପଣ କରିବେ ସେମାନଙ୍କ ସମସ୍ତ ଚିକିତ୍ସା ମାଗଣା କରାଯିବ। ସେମାନଙ୍କ ବିରୋଧରେ କୌଣସି ମାମଲା ରୁଜୁ କରାଯିବ ନାହିଁ ବୋଲି ମାଓବାଦୀଙ୍କ ଉଦ୍ଦେଶ୍ୟରେ ବୁଧବାର ମାଲକାନଗିରି ଏସ୍‌ପି ରିଷିକେଶ ଡି. ଖିଲାରି କହିଛନ୍ତି। ସୂଚନାଯୋଗ୍ୟ, ସ୍ୱାଭିମାନ ଅଞ୍ଚଳର ଲୋକେ ମାଓବାଦୀଙ୍କୁ ଗ୍ରାମରେ ପ୍ରବେଶ କରାଇ ଦେଉନାହାନ୍ତି।

### ସୀମାନ୍ତରେ ଯବାନଙ୍କୁ ହତ୍ୟାକଲେ ମାଓବାଦୀ

**ମାଲକାନଗିରି,୧୨ା୫(ଡି.ଏନ.ଏ.):** ମାଲକାନଗିରି ସୀମାନ୍ତରେ ଜଣେ ଯବାନଙ୍କୁ ମାଓବାଦୀମାନେ ହତ୍ୟା କରିଛନ୍ତି। ତାଙ୍କ ନାମ ବେଟି ଭୀମା। ମାଲକାନଗିରି ଜିଲା ସୀମାନ୍ତ ଛତିଶଗଡ଼ର ସୁକ୍‌ମା ଜିଲାରେ ଏପରି ଘଟଣା ଘଟିଛି। ଡିଷ୍ଟ୍ରିକ୍ ରିଜର୍ଭ ଗ୍ରୁପ୍ (ଡିଆରଜି)ରେ କାର୍ଯ୍ୟ କରୁଥିବା ସୁକ୍‌ମା ଜିଲା ପେଟା ଗ୍ରାମର ଯବାନ ଭୀମା ନିଜ ଗ୍ରାମକୁ ବୁଲିବାକୁ ଯାଇଥିଲା। ଏହି ଖବର ପାଇ ପ୍ରାୟ ୧୫ରୁ ଉର୍ଦ୍ଧ୍ୱ ମାଓବାଦୀ ମଙ୍ଗଳବାର ବିଳମ୍ବିତ ରାତିରେ ପେଟା ଗ୍ରାମରେ ପହଞ୍ଚି ଭୀମାଙ୍କୁ ବନ୍ଧୁକ ମୁନରେ ମାରପିଟ କରିଥିଲେ। ପରେ ତାଙ୍କୁ ଅପହରଣ କରି ନେଇ ଗ୍ରାମଠାରୁ କିଛି ଦୂରରେ ପଥରରେ ଛେଚି ଗୁରୁତର ଆହତ କରିଥିଲେ। ପରେ ଏକ ଧାରୁଆ ଅସ୍ତ୍ରରେ ଭୀମାଙ୍କ ଗଳା କାଟି ହତ୍ୟା କରାଯାଇଥିଲା। ମୃତଦେହ ନିକଟରେ ଏକ ଚିଠି ଛାଡ଼ି ମାଓବାଦୀମାନେ ଚାଲିଯାଇଥିଲେ। ମାଓବାଦୀଙ୍କୁ ଦମନ କାର୍ଯ୍ୟରେ ସହାୟତା କରୁଥିବାରୁ ତାଙ୍କୁ ମୃତ୍ୟୁଦଣ୍ଡ ପ୍ରଦାନ କରାଯାଇଥିବା ଚିଠିରେ ଉଲ୍ଲେଖ ରହିଛି। ଖବର ପାଇ ଦରନାପାଲ ପୋଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

### ଶିମିଳିପାଳରେ ହାତୀ ଶାବକ ମୃତ୍ୟୁ

**ବାରିପଦା ଅଫିସ,୧୨ା୫:** ମୟୂରଭଞ୍ଜ ଜିଲା ଶିମିଳିପାଳ ଅଭୟାରଣ୍ୟରେ ମାଈ ହାତୀ ମୃତ୍ୟୁର ଦିନକ ପରେ ବୁଧବାର ପୁଣି ଏକ ଶାବକର ମୃତ୍ୟୁ ଘଟିବା ପରିବେଶ ପ୍ରେମୀଙ୍କୁ ବ୍ୟଥିତ କରିଛି। ଶିମିଳିପାଳ



ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ ଅନ୍ତର୍ଗତ ପୋଡ଼ାଡ଼ିହା ରେଞ୍ଜ ଅଞ୍ଚଳରୁ ବନବିଭାଗ କର୍ମଚାରୀମାନେ ଏହି ହାତୀ ଶାବକର ମୃତଦେହ ଉଦ୍ଧାର କରିଛନ୍ତି। ମୃତ ଶାବକର ବୟସ ପ୍ରାୟ ୬/୭ ମାସ ହେବ ବୋଲି ବନ ବିଭାଗ କହିଛି। ବିଭାଗର କର୍ମଚାରୀ ଓ ପ୍ରାଣୀ ଚିକିତ୍ସକ ଦଳ ଘଟଣାସ୍ଥଳକୁ ଯାଇ ତଦନ୍ତ ଆରମ୍ଭ କରିଛନ୍ତି। କିଭଳି ଏହି ହାତୀ ଶାବକର ମୃତ୍ୟୁ ହେଲା ଜଣାପଡ଼ି ନ ଥିବା ବେଳେ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ କାରଣ ସ୍ପଷ୍ଟ ହେବ ବୋଲି ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ ଉପନିର୍ଦ୍ଦେଶକ ଯଜ୍ଞଦତ୍ତ ପତି କହିଛନ୍ତି। ପ୍ରକାଶ ଥାଉକି, ମଙ୍ଗଳବାର ଶିମିଳିପାଳରେ ଏକ ମାଈହାତୀର ମୃତ୍ୟୁ ହୋଇଥିଲା। ତେବେ ୨ଦିନ ମଧ୍ୟରେ ଦୁଇଟି ହାତୀର ମୃତ୍ୟୁକୁ ନେଇ ସଧାରଣରେ ସନ୍ଦେହ ପ୍ରକାଶ ପାଇଥିବା ବେଳେ ପରିବେଶବିତ୍‌ମାନେ ଉଦବେଗ ପ୍ରକାଶ କରିଛନ୍ତି। ହାତୀ ମୃତ୍ୟୁର ପ୍ରକୃତ କାରଣ ଖୋଜାଯିବା ସହ ଉଚ୍ଚସ୍ତରୀୟ ତଦନ୍ତ ଲାଗି ଦାବି ହେଉଛି।

### ବଜ୍ରକାପ୍ତାର ସ୍ୱାବ୍ ନେଗେଟିଭ୍

**ବାରିପଦା ଅଫିସ,୧୨ା୫:** ସମଗ୍ର ରାଜ୍ୟରେ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଥିବା ବଜ୍ରକାପ୍ତାର ସ୍ୱାବ୍ ଟେଷ୍ଟ ରିପୋର୍ଟ ନେଗେଟିଭ୍ ଆସିଛି। ବନାଞ୍ଚଳ ଅଧିକାରୀ ସନ୍ତୋଷ ଯୋଶୀ ଏହି ସୂଚନା ଦେଇଛନ୍ତି। ଓଡ଼ିଶାରେ ପ୍ରଥମ ଥର ପାଇଁ ଏକ ବନ୍ୟପ୍ରାଣୀର ସ୍ୱାବ୍ ନମୂନା ପରୀକ୍ଷା କରାଯାଇଥିବା ଜଣାପଡ଼ିଛି। ସୂଚନା ଅନୁଯାୟୀ, ଗତ ୭ ତାରିଖରେ ମୟୂରଭଞ୍ଜ ଜିଲା ପୋଲିସର ସ୍ପେଶାଲ ସ୍କ୍ୱାଡ୍ ବିକ୍ରି ପାଇଁ ରଖାଯାଇଥିବା ୮ କିଲୋ ଓଜନର ଏକ ବଜ୍ରକାପ୍ତା ଉଦ୍ଧାର କରିଥିଲା। ଏହି ଘଟଣାରେ ବାଙ୍ଗିରିପୋଷି ଥାନା ଅନ୍ତର୍ଗତ ଗୋହିରାପାଳ ଗ୍ରାମର ସିଙ୍ଗୁ ବାସ୍କେଙ୍କୁ ପୋଲିସ ଗିରଫ କରିଥିଲା। ତେବେ ଅଭିଯୁକ୍ତ କୋଭିଡ୍ ପଜିଟିଭ୍ ଥିବା ଜଣାପଡ଼ିଥିଲା। ସେ ବଜ୍ରକାପ୍ତାଟିକୁ କିଛିଦିନ ଘରେ ରଖିଥିବାରୁ ତାକୁ କରୋନା ହୋଇଥାଇପାରେ କିମ୍ବା ତା'ଠାରୁ କରୋନା ବ୍ୟାପିଥାଇପାରେ ବୋଲି ସନ୍ଦେହ ଉପୁଜିଥିଲା। ଏନେଇ ବାରିପଦା ବନ ବିଭାଗ ବଜ୍ରକାପ୍ତାର ସ୍ୱାବ୍ ସଂଗ୍ରହ କରି ପରୀକ୍ଷା ପାଇଁ ପଠାଇଥିଲା।

### ଅଧାରୁ ବନ୍ଦ ବିବାହ ଭୋଜି, ୨୫ ହଜାର ଜରିମାନା

**ଚାନ୍ଦବାଲି,୧୨ା୫ (ଡି.ଏନ.ଏ.):** ଭଦ୍ରକ ଜିଲା ଚାନ୍ଦବାଲି ତହସିଲ ଅଧୀନ ମତୋ ମହାନ୍ତି ସାହିରେ କୋଭିଡ୍ କଟକଣାକୁ ଉଲ୍ଲଂଘନ କରି ଶତାଧିକ ଲୋକଙ୍କୁ ନେଇ ଚାଲିଥିଲା ବିବାହ ଭୋଜି। ପ୍ରଶାସନ ପହଞ୍ଚି ଅଧାରୁ ବିବାହ ଭୋଜି ବନ୍ଦ କରିଥିବା ବେଳେ ୨୫ ହଜାର ଟଙ୍କା ଜରିମାନା ଆଦାୟ କରିଛି। ସୂଚନା ଅନୁସାରେ, ଉକ୍ତ ସାହିର ଦୁର୍ଯ୍ୟୋଧନ ପାଣିଗ୍ରାହୀଙ୍କ ଘରେ ବିବାହ ଉତ୍ସବ ଭୋଜି ଚାଲିଥିଲା। ଏଥିରେ ଅଧିକ ଲୋକଙ୍କ ଭିଡ଼ ଖବର ପାଇ ଚାନ୍ଦବାଲି ତହସିଲଦାର ସୁଶାନ୍ତ ସୁତାର, ଚାନ୍ଦବାଲି ଥାନା ଅଧିକାରୀ ପ୍ରଜ୍ଞା ମହାନ୍ତି ଓ ମତୋ ଫାଣ୍ଡି ଅଧିକାରୀ ବୁଦ୍ଧିରାମ ମହାନ୍ତି ପହଞ୍ଚି ଜରିମାନା ଲଗାଇଥିବା ସୂଚନା ମିଳିଛି।

### ବିଦ୍ୟୁତ୍ ନେଲା ଜୀବନ

**ପାଟଣା,୧୨ା୫(ସ୍ୱ.ପ୍ର.):** କେନ୍ଦୁଝର ଜିଲା ପାଟଣା ବ୍ଲକ ବଡ଼ପାଟଣା ପଞ୍ଚାୟତ ସ୍ୱାମ ଶାସନ ଗାଁ ମୁଣ୍ଡ ପୋଖରୀ ପାଖରେ ବୁଧବାର ରାତିରେ ଜଣେ ଟ୍ରକ ଚାଳକ ୧୧ କେଭି ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ମୃତ୍ୟୁ ଘଟିଛି। ମୃତକ ହେଲେ ଜଗତସିଂହପୁର ଜିଲା ବାଲିହରା ଗ୍ରାମ ତପୋବନ କଲୋନୀର ମୋହନ ମାଇଥି।

# କମୁଛି, ବଢୁଛି ସଂକ୍ରମଣ

**ରାଜ୍ୟରେ ଆଉ ୧୦,୯୮୨ ଚିହ୍ନଟ, ୧୭ ମୃତ**

**ଭୁବନେଶ୍ୱର,୧୨ା୫(ବ୍ୟୁରୋ)**

ରାଜ୍ୟରେ ଦୈନିକ ସଂକ୍ରମଣ ଗ୍ରାଫ୍ ଉପର ତଳ ହେଉଛି। କିଛିଦିନ ଧରି ଆକ୍ରାନ୍ତଙ୍କ ସଂଖ୍ୟା କମିବା ପରେ ପୁଣି ବଢ଼ିଛି। ମଙ୍ଗଳବାର ୯,୭୯୩ ଆକ୍ରାନ୍ତ ଚିହ୍ନଟ ହୋଇଥିଲେ। ହେଲେ ବୁଧବାର ୧୦ହଜାର ଡେଇଁଛି। ଗତ ୨୪ ଘଣ୍ଟାରେ ୧୦,୯୮୨ଜଣ ନୂଆ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ଏବେ ବି ଖୋର୍ଦ୍ଧା, ସୁନ୍ଦରଗଡ଼ ଓ କଟକରେ ସଂକ୍ରମଣ ନିୟନ୍ତ୍ରଣ ବାହାରେ ରହିଛି। ଖୋର୍ଦ୍ଧାରେ ସର୍ବାଧିକ ୧,୫୩୯ଜଣ ଚିହ୍ନଟ ହୋଇଥିବାବେଳେ ସୁନ୍ଦରଗଡ଼ରେ ଆଉ ୯୬୪ ଓ କଟକରେ ତୃତୀୟ ସର୍ବାଧିକ ୮୮୫ ଆକ୍ରାନ୍ତ ହୋଇଛନ୍ତି। ସେହିପରି ଅନୁଗୋଳ ୫୩୯, ସମ୍ବଲପୁର ୪୫୪, ବରଗଡ଼ ୪୩୧, ବଲାଙ୍ଗୀର ୪୨୬, ବାଲେଶ୍ୱର ୩୦୩, ନବରଙ୍ଗପୁର ୩୩୫, ନୂଆପଡ଼ା ୩୭୮, ପୁରୀ ୩୯୮, ଯାଜପୁର ୩୪୯, ଝାରସୁଗୁଡ଼ା ୩୮୦, କଳାହାଣ୍ଡି ୩୭୦, ମୟୂରଭଞ୍ଜ ୨୩୯, ରାୟଗଡ଼ା ୨୧୨, ସୋନପୁର ୨୧୫, ଜଗତ୍‌ସିଂହପୁର ୨୩୨, କେନ୍ଦୁଝର ୨୫୩ ଓ ଭଦ୍ରକରୁ ୨୩୧ଜଣ ଚିହ୍ନଟ ହୋଇଛନ୍ତି। ବାକିସବୁ ଜିଲାରେ ନୂଆ ଆକ୍ରାନ୍ତଙ୍କ ସଂଖ୍ୟା ଦୁଇଶହ ତଳେ ରହିଥିବା ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଫଳରେ ରାଜ୍ୟରେ ମୋଟ ସଂକ୍ରମିତ ସଂଖ୍ୟା ୫,୬୫,୬୪୮କୁ ବୃଦ୍ଧି ପାଇଛି। ଅନ୍ୟପକ୍ଷରେ ରାଜ୍ୟରେ ଆଉ ୧୭ଜଣଙ୍କ ଜୀବନ ନେଇଛି କରୋନା। ମୃତକଙ୍କ ମଧ୍ୟରେ ଅନୁଗୋଳ ଓ ଖୋର୍ଦ୍ଧାରୁ ୩ଜଣ ଲେଖାଏ ଥିବାବେଳେ ସୁନ୍ଦରଗଡ଼, କଳାହାଣ୍ଡି ଓ ନୂଆପଡ଼ାରୁ ୨ଜଣ ଲେଖାଏ, ଗଞ୍ଜାମ, ଢେଙ୍କାନାଳ, ବାଲେଶ୍ୱର, ବୌଦ୍ଧ ଓ ପୁରୀରୁ ଜଣେ ଲେଖାଏ ରହିଛନ୍ତି। ଏମାନଙ୍କୁ ମିଶାଇ କରୋନାଜନିତ ମୃତ୍ୟୁ ୨,୨୩୨ରେ ପହଞ୍ଚିଛି।

ରାଜ୍ୟରେ ଏ ପରିସ୍ଥିତି ସତ୍ତ୍ୱେ ଦୈନିକ ସଂକ୍ରମଣ ନିୟନ୍ତ୍ରଣାଧୀନ ଥିବା କହିଛନ୍ତି ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ନିରଞ୍ଜନ ମିଶ୍ର। ସେ କହିଛନ୍ତି ଯେ, ରାଜ୍ୟରେ ଯେତେ ପଜିଟିଭ୍ ବାହାରିବେ ବୋଲି ପୂର୍ବରୁ ଆକଳନ କରାଯାଉଥିଲା, ତା'ଠାରୁ ବହୁତ କମ୍ ସଂକ୍ରମଣ ରହିଛି। ସରକାରଙ୍କ ପଦକ୍ଷେପ ଯୋଗୁ ଜାତୀୟ ହାରଠାରୁ ଆମର ସ୍ଥିତି ଭଲ ରହିଛି। କିଛି ଜିଲାରେ ସଂକ୍ରମଣ ହାର ଅଧିକ ଥିଲେ ମଧ ଲକ୍‌ଡାଉନ୍ ପ୍ରଭାବରେ ସେଠାରେ ମଧ ସଂକ୍ରମଣ କମିବ ବୋଲି ଡା. ମିଶ୍ର ଆଶାପ୍ରକଟ କରିଛନ୍ତି। ବର୍ତ୍ତମାନ ଟେଷ୍ଟିଂ କ୍ଷମତା ବୃଦ୍ଧି କରିବା ସହିତ ଟାର୍ଗେଟେଡ୍ ସାମ୍ପଲିଂ ମଧ କରାଯାଉଛି। ଏଥିସହିତ ଆଇସିୟୁ ଓ ଅକ୍ସିଜେନ ବେଡ୍ ସଂଖ୍ୟା ବୃଦ୍ଧି କରିବା ପାଇଁ ଚେଷ୍ଟା ଚାଲିଛି। ତେବେ ତୃତୀୟ ଲହର କେବଳ ଏକ ଆକଳନ ବୋଲି ସେ କହିବା ସହିତ ସେଥିପାଇଁ ସତର୍କ ରହି ଟ୍ରାନ୍ସମିଶନ ଚେନ୍‌କୁ ବ୍ରେକ୍ କରିବାକୁ ପଡ଼ିବ ବୋଲି ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ କହିଛନ୍ତି।

# ମେଡିକାଲ ଅଫିସର ପରୀକ୍ଷାଫଳ ପ୍ରକାଶ

**ଖୁବ୍‌ଶୀଘ୍ର ନିଯୁକ୍ତି ପାଇବେ ୭୮୬ଜଣ ଡାକ୍ତର**

**ଭୁବନେଶ୍ୱର, ୧୨ା୫(ବ୍ୟୁରୋ)**

ଓଡ଼ିଶା ଲୋକସେବା ଆୟୋଗ(ଓପିଏସ୍‌ସି) ଦ୍ୱାରା ଅନୁଷ୍ଠିତ ମେଡିକାଲ ଅଫିସର ପରୀକ୍ଷା ଫଳ ବୁଧବାର ପ୍ରକାଶ ପାଇଛି। ଏଥିରେ ମୋଟ ୧,୪୯୧ଜଣ ପରୀକ୍ଷା ଦେଇଥିବାବେଳେ ୭୮୬ଜଣ କୃତକାର୍ଯ୍ୟ ହୋଇଛନ୍ତି। ଏମାନଙ୍କ ନିଯୁକ୍ତି ପାଇଁ ରାଜ୍ୟ ସରକାରଙ୍କୁ ସୁପାରିସ କରିଛି ଓପିଏସ୍‌ସି। ମେରିଟ୍ ଲିଷ୍ଟରେ ଥିବା ଏହି ଛାତ୍ରୀଛାତ୍ରଙ୍କ ବିଭିନ୍ନ ପ୍ରମାଣପତ୍ର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଯାଞ୍ଚ କରିବା ପରେ ଖୁବ୍‌ଶୀଘ୍ର ସରକାର ନିଯୁକ୍ତି ପ୍ରଦାନ କରିବେ। ନିଯୁକ୍ତି ସଂକ୍ରାନ୍ତ ଚୂଡ଼ାନ୍ତ ଫଳ ଓପିଏସ୍‌ସିର ୱେବ୍‌ସାଇଟ୍ http://opsc.gov.inରେ ଉପଲବ୍ଧ ହେବ।

ଡାକ୍ତରୀ ପଦବୀ ପାଇଁ ନିଯୁକ୍ତି ପରୀକ୍ଷା କରିବାକୁ ଫେବୃୟାରୀ ୨ରେ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଓପିଏସ୍‌ସିକୁ ପ୍ରସ୍ତାବ ଦିଆଯାଇଥିଲା। କୋଭିଡ୍ ମୁକାବିଲା ପାଇଁ ଏହି ପଦବୀଗୁଡ଼ିକ ଯଥାଶୀଘ୍ର ପୂରଣ କରିବା ଏକାନ୍ତ ଅପରିହାର୍ଯ୍ୟ ଥିବାରୁ ଯଥାସମ୍ଭବ ଖୁବ୍ କମ୍ ସମୟରେ ନିଯୁକ୍ତି ପରୀକ୍ଷା ସାରି ଫଳାଫଳ ପ୍ରକାଶ କରିବା ଓପିଏସ୍‌ସି ପାଇଁ ବଡ଼ ଆହ୍ୱାନ ଥିଲା। ତେଣୁ ଆବେଦନ ତାରିଖ ପାଇଁ ଏକ ମାସ ସମୟ ଦେବା ପରେ ଏପ୍ରିଲ ୨୮ରେ କମ୍ପ୍ୟୁଟର ମାଧ୍ୟମରେ ନିଯୁକ୍ତି ପରୀକ୍ଷା ହୋଇଥିଲା। ରାଜ୍ୟର ୧୫ କେନ୍ଦ୍ରରେ ୧,୪୯୧ଜଣ ପରୀକ୍ଷା ଦେଇଥିଲେ। ଓଡ଼ିଶା ଡାକ୍ତରୀ ସେବା ନିଯୁକ୍ତି ନିୟମ ଅନୁଯାୟୀ ଲିଖିତ ପରୀକ୍ଷାର ମୋଟ ନମ୍ବରର ୭୦ ପ୍ରତିଶତ ଓ କ୍ୟାରିୟର ପାଇଁ ୩୦ ପ୍ରତିଶତ ଆଧାରରେ ମେରିଟ୍ ଲିଷ୍ଟ ପ୍ରକାଶ ପାଇଥିଲା। ପ୍ରାର୍ଥୀମାନେ ଆବେଦନ ସମୟରେ ଦାଖଲ କରିଥିବା ଦଶମ, ଦ୍ୱାଦଶ ଓ ଏମ୍‌ଏମ୍‌ବିଏସ୍ ଡିଗ୍ରୀ ପରୀକ୍ଷାର ମାର୍କ ତାଲିକା ଭିତ୍ତିରେ ସେମାନଙ୍କ କ୍ୟାରିୟରଭିତ୍ତିକ ମାର୍କ ଦେଖାଯାଇଥିଲା। ତେବେ ପରୀକ୍ଷାର ମାତ୍ର ୧୫ଦିନ ମଧ୍ୟରେ ପରୀକ୍ଷାଫଳ ପ୍ରକାଶ କରି ଓପିଏସ୍‌ସି ଏହାର ପରୀକ୍ଷା ପଦ୍ଧତିରେ ଅଣାଯାଇଥିବା ବିଭିନ୍ନ ସଂସ୍କାରମୂଳକ ପଦକ୍ଷେପର ଏକ ନମୁନା ପ୍ରଦର୍ଶନ କରିବା ସହିତ କୋଭିଡ୍ ସମୟରେ ଆବଶ୍ୟକ ଥିବା ଡାକ୍ତର ପଦବୀ ଖୁବ୍‌ଶୀଘ୍ର ପୂରଣ କରିବାରେ ସକ୍ଷମ ହୋଇପାରିଛି।



ଉଦଳା ଡାକ୍ତରଖାନାରେ ଝଡ଼ିପୋକ ତରକାରି ଖାଇ ଅସୁସ୍ଥ ପିଲାଙ୍କୁ ଚିକିତ୍ସା କରାଯାଉଛି।

## ଝଡ଼ିପୋକ ତରକାରି ଖାଇ ୪ ଅସୁସ୍ଥ

**କପ୍ତିପଦା,୧୨ା୫(ଡି.ଏନ.ଏ.)**

ମୟୂରଭଞ୍ଜ ଜିଲା କପ୍ତିପଦା ବ୍ଲକ୍ ମହୁଲପଙ୍ଖା ଗ୍ରାମରେ ଝଡ଼ିପୋକ ତରକାରି ଖାଇ ଗୋଟିଏ ପରିବାରର ୪ ନାବାଳିକା ଅସୁସ୍ଥ ହୋଇପଡ଼ିଛନ୍ତି। ସେମାନେ ହେଲେ ମଞ୍ଜୁ ସମରାୟ, ସଞ୍ଜୁ ସମରାୟ, ଜିଡେନ ସମରାୟ ଓ ଚନ୍ଦୁ ସମରାୟ। ଉକ୍ତ ପରିବାରର ଗାର୍ଗୀ ସମରାୟଙ୍କ ସ୍ତ୍ରୀ ଗ୍ରାମ ନିକଟରୁ ଝଡ଼ି ପୋକ ସଂଗ୍ରହ କରି ତରକାରି କରିଥିଲେ। ପରିବାରର ୪ ପିଲା ଏହି ତରକାରୀ ଖାଇବାର କିଛି ସମୟ ପରେ ହଠାତ୍ ଅସୁସ୍ଥ ହୋଇ ପଡ଼ିଥିଲେ। ପରିବାର ଲୋକେ ସେମାନଙ୍କୁ ଚିକିତ୍ସା ପାଇଁ ଉଦଳା ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ଚିକିତ୍ସା ପରେ ସେମାନଙ୍କ ସ୍ୱାସ୍ଥ୍ୟବସ୍ଥା ଭଲଥିବା ଡାକ୍ତରଖାନା ସୂତ୍ରରୁ ଜଣାପଡ଼ିଛି।

## ତହସିଲଦାରଙ୍କ ଗାଡ଼ି ଉପରକୁ ଢେଲାମାଡ଼

**ବାସୁଦେବପୁର, ୧୨ା୫(ଡି.ଏନ.ଏ.):** ଭଦ୍ରକ ଜିଲା ବାସୁଦେବପୁର ତହସିଲଦାର ସୌମ୍ୟଶ୍ରୀ ପାଣିଗ୍ରାହୀ ବୁଧବାର ରାତିରେ ପୋଲିସ ଉପସ୍ଥିତିରେ ପଦୁଆଁ କୁମାରପୁର ସଂଲଗ୍ନ ନୂଆପୋଖରୀ ଆଡ଼ିରେ ଏକ ଲୁଗା ଦୋକାନ ସିଲ୍ କରୁଥିଲେ। ଏହି ସମୟରେ ତହସିଲଦାରଙ୍କ ଗାଡ଼ି ଉପରକୁ କେତେଜଣ ଅଜଣା ବ୍ୟକ୍ତି ଢେଲାମାଡ଼ କରିଛନ୍ତି। ଏ ନେଇ ତହସିଲଦାର ବାସୁଦେବପୁର ଥାନାରେ ଅଭିଯୋଗ କରିଛନ୍ତି। ଢେଲାମାଡ଼ ଦ୍ୱାରା ତାଙ୍କ ଗାଡ଼ିର କାଚ ଭାଙ୍ଗି ଯାଇଥିବା ସେ ଦର୍ଶାଇଛନ୍ତି। କଟକଣା ଉଲ୍ଲଂଘନ କରି ରାତିରେ ଲୁଗା ଦୋକାନ ଖୋଲା ଯାଇଥିବା ଖବର ପାଇ ଚଢ଼ାଉ କରାଯାଇଥିଲା ବୋଲି ସୂଚନା ମିଳିଛି।

## କେନ୍ଦୁଝର ଜେଲରେ ୯ ଅନ୍ତେବାସୀ କରୋନା ପଜିଟିଭ୍

**କେନ୍ଦୁଝର,୧୨ା୫ (ସ୍ୱ.ପ୍ର./ଡି.ଏନ.ଏ.):** କେନ୍ଦୁଝର ଜିଲା କାରାଗାରରେ ୯ ଅନ୍ତେବାସୀ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ସେମାନଙ୍କୁ ଜେଲ ପରିସରରେ ସ୍ୱତନ୍ତ୍ର ସଙ୍ଗରୋଧ କେନ୍ଦ୍ରରେ ରଖାଯାଇଛି। ୩୦ଜଣଙ୍କ ନମୁନା ପରୀକ୍ଷା ପାଇଁ ପଠାଯାଇଥିଲା। ରିପୋର୍ଟ ଆସିବା ପର୍ଯ୍ୟନ୍ତ ଅନ୍ୟ ୨୧ଜଣଙ୍କୁ ସଙ୍ଗରୋଧ କେନ୍ଦ୍ରରେ ରଖାଯାଇଛି। ଏଠାରେ ପ୍ରକାଶ ଯେ, କେନ୍ଦୁଝର ଜିଲା କାରାଗାରରେ ସମୁଦାୟ ୫୬୪ କଏଦୀ ରହୁଥିବାବେଳେ ସେମାନଙ୍କ ମଧ୍ୟରୁ ୫୫୨ ପୁରୁଷ ଓ ୧୨ ମହିଳା କଏଦୀ ଅଛନ୍ତି। ସୁପ୍ରିମକୋର୍ଟଙ୍କ ଆଦେଶ କ୍ରମେ କରୋନା ସମୟରେ ଜେଲରେ ଭିଡ଼ କମାଇବା ପାଇଁ ଦୋଷୀ ସାବ୍ୟସ୍ତ ୩୫ କଏଦୀଙ୍କୁ ୯୦ ଦିନିଆ ପାରୋଲରେ ଛାଡ଼ିବା ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଛି। ଜେଲ ଅଧୀକ୍ଷକ କୁଅଁର ମାରାଣ୍ଡି କହିଛନ୍ତି, ଜେଲ ଭିତରେ ଥିବା କ୍ୱାରାଣ୍ଟାଇନ୍ ୱାର୍ଡରେ ଆକ୍ରାନ୍ତମାନେ ଚିକିତ୍ସିତ ହେଉଛନ୍ତି। ଜେଲର ଡାକ୍ତର ଏବଂ ଜିଲା ମୁଖ୍ୟ ଡାକ୍ତରଖାନାର ଡାକ୍ତର ଆସି ଚିକିତ୍ସା କରିବା ସହ ସେମାନଙ୍କୁ ଔଷଧ ଦେଉଛନ୍ତି। ସ୍ୱତନ୍ତ୍ର ଉଚ୍ଚ କ୍ଷମତାସମ୍ପନ୍ନ କମିଟି ଦ୍ୱାରା ୩୫ କଏଦୀଙ୍କ ନାମକୁ ପାରୋଲରେ ଯିବା ଲାଗି ସରକାରଙ୍କ ଅନୁମୋଦନ ପାଇଁ ପଠାଯାଇଛି। ପରିବାର ଲୋକେ ଆସି ବଣ୍ଡ ଦାଖଲ କରି ସେମାନଙ୍କୁ ନେଇ ଯିବେ। ଅନ୍ୟ ଅନ୍ତେବାସୀ ଯେପରି ସଂକ୍ରମିତ ନ ହୁଅନ୍ତି ସେଥିପାଇଁ ନୂଆ ଗାଇଡ୍‌ଲାଇନ ଅନୁଯାୟୀ ପଦକ୍ଷେପ ନିଆଯାଉଛି।

# ଅନ୍ତିମ ସଂସ୍କାର କଲେ ଉପଜିଲାପାଳ



ଉପଜିଲାପାଳ ଓ ଅନ୍ୟମାନେ ମୃତଦେହ ସତ୍କାର କରୁଛନ୍ତି।

**ମୃତଦେହ ନେଲେନି ପରିବାର**

**ଭଞ୍ଜନଗର,୧୨ା୫(ଡି.ଏନ.ଏ)**

କରୋନା ସଂକ୍ରମଣ ଭୟରେ ଲୋକେ ମାନବିକତା ଭୁଲି ଯାଉଥିବା ଦେଖାଯାଉଛି। ଏପରିକି କେତେଜଣ ନିଜ ସମ୍ପର୍କୀୟଙ୍କ ମୃତଦେହ ନେବାକୁ ମଧ ଡରୁଛନ୍ତି। ଗଞ୍ଜାମ ଜିଲାରେ ଦୈନନ୍ଦିନ ଏଭଳି ଘଟଣା ଘଟୁଥିବା ଦେଖାଯାଉଛି। ଏଭଳି ସ୍ଥିତିରେ ଭଞ୍ଜନଗର ଉପଜିଲାପାଳ ରାଜେନ୍ଦ୍ର ମିଞ୍ଜ ମଙ୍ଗଳବାର ରାତିରେ ଜଣେ କରୋନା ମୃତକଙ୍କ ଅନ୍ତିମ ସଂସ୍କାରରେ ସାମିଲ ହୋଇଛନ୍ତି। ଉପଜିଲାପାଳଙ୍କ ଏଭଳି କାର୍ଯ୍ୟ ଅନ୍ୟମାନଙ୍କୁ ପ୍ରେରଣା ଯୋଗାଇବ ବୋଲି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପ୍ରଶଂସା କରି ଟୁଇଟ୍ କରିଛନ୍ତି।

ଭଞ୍ଜନଗରରେ ହୋଇଥିବା ଡେଡିକେଟେଡ୍ କୋଭିଡ୍ ସ୍ୱାସ୍ଥ୍ୟକେନ୍ଦ୍ର (ଡିସିଏଚ୍‌ସି)ରେ ମଙ୍ଗଳବାର ରାତିରେ ଲଣ୍ଡେଇସାହିର ଜଣେ ବୃଦ୍ଧଙ୍କ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଥିଲା। ଏ ସମ୍ପର୍କରେ ମୃତକଙ୍କ ପରିବାରକୁ ସୂଚନା ଦିଆଯାଇଥିଲା। ହେଲେ ପରିବାର ଲୋକେ କରୋନା ଭୟରେ ମୃତଦେହ ନେବାକୁ ଭୟ କରିଥିଲେ। ଏହା ଜାଣିବା ପରେ ନିଜେ ଉପଜିଲାପାଳ, ତାଙ୍କ କାର୍ଯ୍ୟାଳୟରେ କାର୍ଯ୍ୟରତ ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଫକୀର ମୋହନ ମାଝି, ବରିଷ୍ଠ ରାଜସ୍ୱ ସହାୟକ ବିଶ୍ୱଜିତ ସେଠୀ, ଫକୀର ମୋହନ ସ୍ୱାଇଁ, କନିଷ୍ଠ ରାଜସ୍ୱ ସହାୟକ ବଳରାମ ଜାନି, ସୁରେନ୍ଦ୍ର ସେଠୀ, ମେଡିକାଲ ପରିଚାଳକ ବିଚିତ୍ର ପାଣିଗ୍ରାହୀ ପ୍ରମୁଖ ପିପିଇ କିଟ୍ ପିନ୍ଧି ବୃଦ୍ଧଙ୍କ ମୃତଦେହ ସତ୍କାର କରିବାକୁ ବାହାରିଥିଲେ। ରାତି ପ୍ରାୟ ସାଢ଼େ ୧୨ଟାରେ ସେମାନେ ମୃତଦେହକୁ ବେଲେଶ୍ୱର ଶ୍ମଶାନ ଘାଟକୁ ନେଇ ସତ୍କାର କରିଥିଲେ। ଉପଜିଲାପାଳ ମିଞ୍ଜ ଶେଷ ପର୍ଯ୍ୟନ୍ତ ଉପସ୍ଥିତ ରହି ସମସ୍ତ କାର୍ଯ୍ୟ କରିଥିବାରୁ ଅଞ୍ଚଳବାସୀ ପ୍ରଶଂସା କରିଛନ୍ତି।

# ଏମିତି ବି ମୃତ୍ୟୁ ଆସେ

- ଡମ୍ଫର ଲାଗି ଭାଙ୍ଗି ପଡିଲା ଗଛଡ଼ାଳ
- ଚାଲିଗଲା ୨ବାଇକ୍ ଆରୋହୀଙ୍କ ଜୀବନ

**ବରଗଡ଼ ଅଫିସ/ବରପାଲି,୧୨ା୫**

ବରଗଡ଼ ଜିଲା ବରପାଲି ଥାନା ମହଦା କେନାଲ ଛକ ନିକଟରେ ବୁଧବାର ଏକ ଅଭାବନୀୟ ଘଟଣା ଘଟିଛି। ରାସ୍ତାରେ ଆସୁଥିବାବେଳେ ଗଛଡ଼ାଳ ହଠାତ୍ ଭାଙ୍ଗି ପଡିବା ଯୋଗୁ ୨ବାଇକ୍ ଆରୋହୀଙ୍କ ମୃତ୍ୟୁ ଘଟିଛି। ମୃତକମାନେ ହେଲେ ବରପାଲି ଥାନା ବିଶିପାଲି ଗ୍ରାମର କମୁପାଣି ବଢ଼େଇ(୪୦) ଏବଂ ସୁବର୍ଣ୍ଣପୁର ଜିଲା ରାମପୁର ଥାନା ସାହାଜବାହାଲ ଗ୍ରାମର ଶିବ ପ୍ରଧାନ(୪୫)। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ବରଗଡ଼ ପଠାଇଛି । ସୂଚନା ଅନୁଯାୟୀ ଏକ ଡମ୍ଫର(ନଂ.ଓଡି୦୩ ୧୧୨୮) ବରପାଲି କେନାଲ ଛକ ଦେଇ ଭଟିଗାଁ–ମହଦା କେନାଲ ଛକ ଆଡ଼କୁ ଯାଉଥିଲା। ସେହି ଡମ୍ଫର ପଛପଟେ କମୁପାଣି ଓ ଶିବ ବାଇକ୍(ନଂ–ଓଡ଼ି୧୭ଏ ୯୩୮୧) ଯୋଗେ ଯାଉଥିଲେ। ମହଦା କେନାଲ ଛକ ନିକଟରେ ଡମ୍ଫର ରାସ୍ତାକଡ଼ରେ ଥିବା ଏକ ଗଛରେ ପିଟି ହୋଇଥିଲା। ଫଳରେ ସେହି ଗଛର ଡ଼ାଳ ଛିଣ୍ଡି ୨ବାଇକ୍ ଆରୋହୀଙ୍କ ଉପରେ ପଡ଼ିଥିଲା। ଗୁରୁତର ଅବସ୍ଥାରେ ସେମାନଙ୍କୁ ଉଦ୍ଧାର କରି ବରପାଲି ଡାକ୍ତରଖାନା ଅଣାଯାଇଥିଲା। ମାତ୍ର ଡାକ୍ତର ସେମାନଙ୍କୁ ମୃତ ଘୋଷଣା କରିଥିଲେ।



ଘଟଣାସ୍ଥଳରେ ପଡ଼ିଥିବା ଗଛଡାଳ।

# ଆଉ ୩ ଦିନ ଝଡ଼ବର୍ଷା

**ଭୁବନେଶ୍ୱର,୧୨ା୫(ବ୍ୟୁରୋ)**

ରାଜ୍ୟରେ ଗତ କିଛି ଦିନ ଧରି ଲାଗି ରହିଥିବା ଝଡ଼ବର୍ଷା ଯୋଗୁ ଗ୍ରୀଷ୍ମ ପ୍ରକୋପ ହ୍ରାସପାଇଛି। ପାରଦ ୩୮ ଡିଗ୍ରୀ ସେଲ୍‌ସିୟସ୍ ତଳେ ରହିଛି। ଆସନ୍ତା ୩ ଦିନ ଯାଏ ରାଜ୍ୟର କେତେକ ସ୍ଥାନରେ ଝଡ଼ବର୍ଷା ହେବ ବୋଲି ପାଣିପାଗ ବିଭାଗ ପକ୍ଷରୁ ଆକଳନ କରାଯାଇଛି।

ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ ଆସନ୍ତା ୨୪ ଘଣ୍ଟା ମଧ୍ୟରେ କେନ୍ଦୁଝର ଓ ମୟୂରଭଞ୍ଜ ଜିଲାରେ ଝଡ଼ବର୍ଷା ହେବାର ସମ୍ଭାବନା ରହିଛି। ପବନର ବେଗ ଘଣ୍ଟା ପ୍ରତି ୪୦ରୁ ୫୦ କି.ମି. ହେବ ବୋଲି ଅନୁମାନ କରାଯାଇଛି। ଏ ନେଇ ପାଣିପାଗ ବିଭାଗ ପକ୍ଷରୁ ୟେଲୋୱାର୍ନିଂ ଜାରି କରାଯାଇଛି। ୧୩ ତାରିଖରେ ଭଦ୍ରକ, ବାଲେଶ୍ୱର, ଯାଜପୁର, କେନ୍ଦ୍ରାପଡ଼ା, କଟକ, ଜଗତ୍‌ସିଂହପୁର, ସୁନ୍ଦରଗଡ଼, ଦେବଗଡ଼, ଅନୁଗୋଳ, ଢେଙ୍କାନାଳ, ଗଜପତି, କନ୍ଧମାଳ ଜିଲାର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ଝଡ଼ବର୍ଷା ହେବାର ସମ୍ଭାବନା ରହିଛି। ସେହିପରି ୧୪ ତାରିଖରେ ଯାଜପୁର, ଭଦ୍ରକ, ବାଲେଶ୍ୱର, କେନ୍ଦ୍ରାପଡ଼ା, କଟକ, ଜଗତ୍‌ସିଂହପୁର, ଖୋର୍ଦ୍ଧା, ନୟାଗଡ଼, ଗଞ୍ଜାମ, ଗଜପତି, କନ୍ଧମାଳ, ବୌଦ୍ଧ, ଢେଙ୍କାନାଳ, ରାୟଗଡ଼ା ଜିଲାର ଗୋଟିଏ ଦୁଇଟି ସ୍ଥାନରେ ଘଡ଼ଘଡ଼ି ସହ ବର୍ଷା ହେବାର ସମ୍ଭାବନା ରହିଛି। ଏ ନେଇ ପାଣିପାଗ ବିଭାଗ ପକ୍ଷରୁ ୟେଲୋୱାର୍ନିଂ ଜାରି କରାଯାଇଛି।

XIME • Bangalore • Chennai • Kochi
Shaping Future Leaders
XAVIER INSTITUTE OF MANAGEMENT & ENTREPRENEURSHIP
PGDM
ADMISSIONS OPEN AT
CHENNAI & KOCHI CAMPUSES
Last date : 30th June 2021
XIME is one of the Prestigious B-Schools in the country. It offers the flagship PGDM Programme (AICTE Approved) at Bangalore, Chennai & Kochi.
• All three Campuses have excellent placement records.
• XIME Chennai is located in Oragadam - The Auto Hub of Tamilnadu.
• XIME Kochi is located in one of the most beautiful Cities of India.
• Special Scholarships available.
Visit / Contact : Website: www.xime.org
Mob: +91 9686161813 / +91 9895854777 / +91 7305056662
Last Date for XIME Bangalore is now : 15th May 2021
Xavier Institute of Management & Entrepreneurship
Electronics City, Phase II, Hosur Road, Bangalore - 560100. E-mail: admissions@xime.org Tel: 080-2852 8597 / 98
SIPCOT Industrial Area, Oragadam, Chennai, Tamil Nadu. admissionschennai@xime.org 0484 - 2752500
KINFRA Park, Kalamassery, HMT Road, Kochi-683503. admissionskochi@xime.org 044 - 67179400

**ଆଜିର ମନ୍ତବ୍ୟ**

"ଗଙ୍ଗାନଦୀକୁ କେଉଁଠୁ ମୃତଦେହ ଆସୁଛି କେନ୍ଦ୍ର ସରକାର ତାହାର ଅନୁସନ୍ଧାନ କରିବା ଜରୁରୀ। ତଦନ୍ତରେ ବିହାର ସହଯୋଗ କରିବା **-ସଞ୍ଜୟ ଝା, ବିହାର ମନ୍ତ୍ରୀ**"

## ଜନ୍ମଦିନର ଶୁଭେଚ୍ଛା

ନାମ: ..............................

ବୟସ: ..............................

ଜନ୍ମ ତାରିଖ: ..............................



ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଅଦିଆ ଗୋସେଇଁ**
**ଚାଳ ସନ୍ଧିରୁ କଥା କାଢ଼ନ୍ତି।**
କିଛି ଲୋକ ଦେବା ନାଁ କଥା ଶୁଣିଲେ ମୁହଁ ଫୁଲାଇଥାନ୍ତି। କ'ଣ କେମିତି କଲେ ଏଥିରୁ ବର୍ତ୍ତିଯାଇ ହେବ ସେନେଇ ପ୍ରସ୍ତୁତି ଚଳେଇଥାନ୍ତି। ଦେବାର ମନୋବୃତ୍ତି ରଖୁ ନ ଥିବା ଲୋକ କୌଣସି ଛଳର ଆଶ୍ରୟ ନେଉଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ଅଗନ ଗଛର ମୁଣ୍ଡି ହଳଦୀ ଲୋ**
**ଝିଙ୍ଗର ଗଛର ଛାଇ**
**ଆଡ଼ ହୋଇଯାଅ ଟୋକା ଦିଅର**
**ମୁଁ ଯିବି ଚାଉଳ ଧୋଇ।**
ନୂଆ କରି ଶାଶୁଘରେ ପାଦ ଦେଇଥିବା ବୋହୂ ମନରେ ଲାଜ ଓ ସଂକୋଚ ଭାବ ରହିଥାଏ। ଘରର ପୁରୁଷ ସଦସ୍ୟଙ୍କ ଆଗରେ ସେ ନିଜକୁ ଅସହଜ ମନେ କରିଥାଏ। ଏପରି ସ୍ଥଳେ ଚାଉଳ ଧୋଇବା ପାଇଁ ଯାଉଥିବା ବୋହୂଟି ବୟସ୍କ ଦିଅର କୁ ଆଡ ହୋଇଯିବା ନେଇ ଅନୁରୋଧ କରିବା ଅର୍ଥରେ ଏଭଳି ଉକ୍ତି ବର୍ଣ୍ଣନା କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ - ଫ୍ରେଣ୍ଡସ୍ ପବ୍ଲିଶର୍ସ

# ୧୪ରେ ଓଡ଼ିଶାରେ ପାଳନ ହେବ ଇଦ୍

**କଟକ ଅଫିସ, ୧୨।୫:** ଆସନ୍ତା ୧୪ ତାରିଖରେ ଓଡ଼ିଶାରେ ଇଦ୍ ପର୍ବ ପାଳନ ହେବ। ଏ ନେଇ ଅଞ୍ଜୁମାନ ଇସଲାମିଆ ଏହେଲେ ସୁନ୍ନତଅଲ୍ ଜମାତ ଚାନ୍ଦ କମିଟି ପକ୍ଷରୁ ଘୋଷଣା କରାଯାଇଛି। ଦେଶର କୌଣସି ସ୍ଥାନରେ ଚାନ୍ଦ ଦେଖାଯାଇ ନ ଥିବାରୁ ଶୁକ୍ରବାର ଇଦ୍ ପାଳନ କରାଯିବ ବୋଲି ଦେୱାନ ବଜାରସ୍ଥିତ କମିଟି କାର୍ଯ୍ୟାଳୟରେ ବୁଧବାର ଅନୁଷ୍ଠିତ ବୈଠକରେ କମିଟି ସଭାପତି ଅଲ୍‌ହାଜ୍ ଅବ୍ଦୁଲ ଆହାଦ ଘୋଷଣା କରିଛନ୍ତି। ରାଜ୍ୟ ସରକାରଙ୍କ ପକ୍ଷରୁ ଜାରି କରାଯାଇଥିବା କରୋନା କଟକଣାକୁ ମାନି ଏହି ପର୍ବ ପାଳନ କରାଯିବ। ରୀତିନୀତି ଅନୁଯାୟୀ ମସ୍‌ଜିଦ୍‌ରେ କେବଳ ୫ ଜଣଙ୍କୁ ନେଇ ନମାଜ ପାଠ କରିବାକୁ କମିଟି ପକ୍ଷରୁ ନିଷ୍ପତ୍ତି କରାଯାଇଛି। ଅନ୍ୟମାନେ ଘରେ ରହି ନମାଜ ପାଠ କରିବା ସହିତ ଇଦ୍ ପାଳନ କରିବାକୁ କମିଟି ପକ୍ଷରୁ ଉପଦେଶ ଦିଆଯାଇଛି। ଉକ୍ତ ବୈଠକରେ କମିଟି ସମ୍ପାଦକ ଶେଖ୍ ଲିୟାକତ୍ ଉଦ୍ଦିନ ରେହେମତ, ଯୁଗ୍ମ ସମ୍ପାଦକ ରମଜାନ୍ ଖାନ୍, ଚାନ୍ଦ କମିଟିର ସଦସ୍ୟ ଜବାବ୍ ମୌଲାନା ମିନ୍ହାଜ୍ ରଜ୍ଜା କାଦରୀ, ମୌଲାନା ଅବ୍ଦୁଲ ସତ୍ତାର, ହାଫିଜ୍ ସୟଦ୍ ସଦ୍ଦରୁଉଦ୍ଦିନଙ୍କ ସମେତ ଅନ୍ୟାନ୍ୟ କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ।

# ସେବା ଯୋଗାଇବ 'ରାଜସ୍ୱ ରଥ'

ଭୁବନେଶ୍ୱର, ୧୨।୫ (ବ୍ୟୁରୋ)

କୋଭିଡ୍-୧୯ ସଂକ୍ରମଣ ଦ୍ରୁତ ଗତିରେ ବୃଦ୍ଧିପାଇଛି। ଏହାକୁ ଦୃଷ୍ଟିରେ ରଖି ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ଜନସାଧାରଣଙ୍କୁ ରାଜସ୍ୱ ବିଭାଗ ସେବା ଯୋଗାଇ ଦେବାକୁ 'ରାଜସ୍ୱ ରଥ' ସେବା ଆରମ୍ଭ କରିବାକୁ ନିଷ୍ପତ୍ତି ନେଇଛି। ଏ ନେଇ ବୁଧବାର ବିଭାଗୀୟ ପ୍ରମୁଖ ସଚିବ ବିଷ୍ଣୁପଦ ସେଠୀ ସମସ୍ତ ଜିଲାପାଳ (ଗଞ୍ଜାମ ବ୍ୟତୀତ)ଙ୍କୁ ଚିଠି ଲେଖି ଜଣାଇଛନ୍ତି। ଗଞ୍ଜାମ ତହସିଲ ଅଫିସ ପକ୍ଷରୁ ଜନସାଧାରଣଙ୍କୁ ଦୁଆରେ ରାଜସ୍ୱ ସେବା ଯୋଗାଇବା ପାଇଁ ପରୀକ୍ଷାମୂଳକ ଭାବେ ରାଜସ୍ୱ ରଥ କାର୍ଯ୍ୟକ୍ରମ ଆରମ୍ଭ କରାଯାଇଥିଲା। ଏହା ସଫଳ ହେବା ପରେ ରାଜ୍ୟର ଅନ୍ୟାନ୍ୟ ଜିଲାକୁ ଏହା ସମ୍ପ୍ରସାରଣ କରାଯାଇଛି। ଏହା ମାଧ୍ୟମରେ ଜନସାଧାରଣଙ୍କୁ ନିର୍ଦ୍ଧାରିତ ସମୟରେ ସମସ୍ତ ରାଜସ୍ୱ ସେବା ଯୋଗାଇ ଦେବାକୁ ଜିଲାପାଳମାନଙ୍କୁ ଚିଠିରେ ନିର୍ଦ୍ଦେଶ ଦିଆଯାଇଛି। ଲୋକମାନଙ୍କୁ ନିର୍ଦ୍ଧାରିତ ସମୟରେ ମ୍ୟୁଟେଶନ ଓ ସାର୍ଟିଫିକେଟ ସେବା ତହସିଲଗୁଡ଼ିକରେ ଅନ୍‌ଲାଇନ୍ ଜରିଆରେ ଯୋଗାଇ ଦିଆଯାଉଛି। ଯେଉଁମାନଙ୍କର ଇଣ୍ଟରନେଟ ସୁବିଧା ନାହିଁ କିମ୍ବା ଡିଜିଟାଲ ଶିକ୍ଷା ନାହିଁ ସେମାନେ ରାଜସ୍ୱ କାର୍ଯ୍ୟାଳୟ କିମ୍ବା ମୋ ସେବା କେନ୍ଦ୍ରକୁ ଯାଇ ସହାୟତା ପାଇପାରିବେ। ବର୍ତ୍ତମାନ ସମୟରେ କୋଭିଡ୍ ସଂକ୍ରମଣ ଯୋଗୁ ଜନସାଧାରଣଙ୍କୁ ସରକାରୀ କାର୍ଯ୍ୟାଳୟକୁ ବାରଣ କରାଯାଇଛି। ରାଜସ୍ୱ ରଥ ଜରିଆରେ ଲୋକମାନଙ୍କଠାରୁ ଆବେଦନ ଫର୍ମ ସଂଗ୍ରହ କରାଯିବା ସହ ମ୍ୟୁଟେଶନ ସାର୍ଟିଫିକେଟ ପାଇଁ ପ୍ରମାଣପତ୍ର ଘରକୁ ଘର ଯାଇ ସଂଗ୍ରହ କରାଯିବ। ନିର୍ଦ୍ଧାରିତ ସମୟରେ ଲୋକମାନଙ୍କୁ ରାଜସ୍ୱ ସମ୍ପର୍କିତ ସେବା ଯୋଗାଇ ଦେବାକୁ ଜିଲାପାଳଙ୍କୁ କୁହାଯାଇଛି ବୋଲି ରାଜସ୍ୱ ସଚିବ ବିଷ୍ଣୁପଦ କହିଛନ୍ତି। ୫-ଟି କାର୍ଯ୍ୟକ୍ରମ ଅନ୍ତର୍ଗତ ଏଭଳି ପଦକ୍ଷେପ ନିଆଯାଇଛି।

# ପୁରୀ-ଅନୁଗୋଳ, ପୁରୀ- କଟକ ଟ୍ରେନ୍ ସେବା ବାତିଲ୍

**ପୁରୀ ଅଫିସ, ୧୧।୫:** ଆସନ୍ତା ମେ ୧୪ ତାରିଖରେ ପୁରୀ-ଅନୁଗୋଳ-ପୁରୀ ଓ ପୁରୀ-କଟକ-ପୁରୀ ସ୍ପେଶାଲ ଟ୍ରେନ୍‌ର ଚଳାଚଳ ବନ୍ଦ ରହିବ। ଉଭୟ ଦିଗରୁ ଏହି ଟ୍ରେନ୍‌କୁ ବାତିଲ କରାଯାଇଛି। ସେହିଭଳି ପୁରୀ-ଅନୁଗୋଳ-ପୁରୀ ସ୍ପେଶାଲ୍ ଟ୍ରେନ୍ ୧୩, ୧୭ ଓ ୨୨ ମେ ତାରିଖରେ ଉଭୟ ଦିଗରୁ ପୁରୀ ଓ ତାଳଚେର ମଧ୍ୟ ଚଳାଚଳ କରିବ ମାତ୍ର ତାଳଚେର ଓ ଅନୁଗୋଳ ମଧ୍ୟରେ ଟ୍ରେନ୍ ସେବା ବାତିଲ ହେବ। ପାସେଞ୍ଜରଙ୍କ ସଂଖ୍ୟା କମ୍ ରହୁଥିବା ହେତୁ ଏହି ଟ୍ରେନ୍ ଚଳାଚଳକୁ ବାତିଲ କରିବା ପାଇଁ ପୂର୍ବତଟ ରେଳପଥ ନିଷ୍ପତ୍ତି ନେଇଛି।

## ପ୍ରଥମ ପୃଷ୍ଠାରୁ...

### ଅବ୍ୟବସ୍ଥା ଭାରତର ...

ସଙ୍କଟକୁ ନେଇ କଟାକ୍ଷ କରିଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏପ୍ରିଲ ୧୧ରୁ ୧୪ ତାରିଖ ପର୍ଯ୍ୟନ୍ତ 'ଟିକା ଉତ୍ସବ' ପାଳନ କରିବା ପାଇଁ ପରାମର୍ଶ ଦେଇଥିଲେ। ହେଲେ ରାଜ୍ୟଗୁଡ଼ିକୁ ଟିକା ଯୋଗାଇ ଦେଇ ନ ଥିଲେ। ବିଶ୍ୱର ସର୍ବବୃହତ୍ ଟିକା ଉତ୍ପାଦନକାରୀ ରାଷ୍ଟ୍ର ଭାରତରେ ଏଭଳି ସ୍ଥିତି କାହିଁକି ସୃଷ୍ଟି ହୋଇଛି ବୋଲି ପ୍ରିୟଙ୍କା ପ୍ରଶ୍ନ କରିଛନ୍ତି। ଏଠାରେ ସ୍ମରଣଯୋଗ୍ୟ ଯେ, ଭାକ୍ସିନ ଉତ୍ପାଦନ ବୃଦ୍ଧି କରିବା ପାଇଁ ଗତ ମାର୍ଚ୍ଚରେ ପାର୍ଲାମେଣ୍ଟର ଏକ ଷ୍ଟାଣ୍ଡିଂ କମିଟି କେନ୍ଦ୍ର ସରକାରଙ୍କୁ ପରାମର୍ଶ ଦେଇଥିଲା। ଫେବୃୟାରୀ ୧୭ରେ ବରିଷ୍ଠ କଂଗ୍ରେସ ନେତା ଜୟରାମ ରମେଶ ବିଜ୍ଞାନ ଓ କାରିଗରି ବିଦ୍ୟା, ପରିବେଶ, ଜଙ୍ଗଲ ଓ ଜଳବାୟୁ ପରିବର୍ତ୍ତନ ସମ୍ପର୍କିତ ୩୧ ସଦସ୍ୟ ବିଶିଷ୍ଟ ସ୍ଥାୟୀ ସଂସଦୀୟ କମିଟିର ଅଧ୍ୟକ୍ଷତା କରିଥିଲେ। ବାୟୋଟେକ୍ନୋଲୋଜି ବିଭାଗ ପାଇଁ ଅନୁଦାନ ଦାବି ଉପରେ ଉକ୍ତ ରିପୋର୍ଟ ମାର୍ଚ୍ଚ ୮ରେ ପାର୍ଲାମେଣ୍ଟରେ ଉପସ୍ଥାପନ କରାଯାଇଥିଲା। ଉକ୍ତ କମିଟିରେ ଶାସକ ଭାଜପାର ୧୪ ସଦସ୍ୟ ରହିଛନ୍ତି। ଦେଶରେ ଉତ୍ପାଦିତ କୋଭିଶିଲ୍ଡ ଓ କୋଭାକ୍ସିନ ଟିକା ଆଗକୁ ନିଅଣ୍ଟ ହୋଇପାରେ। ତେଣୁ ଅଧିକରୁ ଅଧିକ ଲୋକ ଯେମିତି ଯଥାଶୀଘ୍ର ସମ୍ଭବ ଟିକା ପାଇପାରିବେ ସେଦିଗରେ ଉଦ୍ୟମ କରିବାକୁ କୁହାଯାଇଥିଲା। କିନ୍ତୁ ସରକାର ଉକ୍ତ ପ୍ରସ୍ତାବକୁ ଗ୍ରହଣ କରି ନ ଥିବା ଜଣାପଡ଼ିଛି।

### ବିବନଙ୍କ ବିରୋଧରେ ...

ତାଙ୍କୁ ବଳାତ୍କାର କରିଥିଲେ ସେମାନଙ୍କ ନାମ ସିବିଆଇ ଚାର୍ଜଶିଟରେ ଉଲ୍ଲେଖ କରିଥିବା ଆବଶ୍ୟକ ବୋଲି ଅଞ୍ଜନା କହିଛନ୍ତି। ଯଦି ଷଡ଼ଯନ୍ତ୍ରକାରୀଙ୍କ ନାମ ଚାର୍ଜଶିଟ୍‌ରେ ଉଲ୍ଲେଖ ନ ଥିବ ତେବେ ତାଙ୍କୁ ପ୍ରକୃତ ନ୍ୟାୟ ମିଳିପାରିବ ନାହିଁ ବୋଲି ସେ କହିଛନ୍ତି।

ପ୍ରକାଶ ଯେ, ଦୀର୍ଘ ୨୨ବର୍ଷ ଧରି ଫେରାର ଥିବା ବିବନଙ୍କୁ ଗତ ଫେବୃୟାରୀ ୨୨ରେ କମିଶନରେଟ ପୋଲିସ ଅପରେଶନ୍ 'ସାଇଲେଣ୍ଟ-ଭାଇପର' ମାଧ୍ୟମରେ ପୁଣେର ଆମ୍ବିଭ୍ୟାଲିରୁ ଗିରଫ କରି ସିବିଆଇକୁ ହସ୍ତାନ୍ତର କରିଥିଲା। ବିବନଙ୍କୁ ନିଜ ହେପାଜତକୁ ନେବା ପରେ ସିବିଆଇ ଘଟଣାର ତଦନ୍ତ କରିଥିଲା। ଏପରି କି ବିବନଙ୍କୁ ଗିରଫ କରାଯାଇଥିବା ଆମ୍ବିଭ୍ୟାଲି ଯାଇ ସେଠାରେ ତାଙ୍କ ବିରୋଧରେ ପ୍ରମାଣ ଯୋଗାଡ଼ କରିଥିଲା। ମାର୍ଚ୍ଚ ୩ରେ ଝାରପଡ଼ା ଜେଲରେ ବିବନଙ୍କ ଟିଆଇ ପରେଡ୍ କରାଯାଇଥିଲା। ୧୦ଜଣ ଅଭିଯୁକ୍ତଙ୍କ ମଧ୍ୟରୁ ପୀଡ଼ିତା ଅଞ୍ଜନା ଓ ଘଟଣା ଦିନ ତାଙ୍କ ସହ ଯାଉଥିବା ଡ୍ରାଇଭର ବିବନଙ୍କୁ ଚିହ୍ନଟ କରିଥିଲେ। ପରେ ବିବନଙ୍କୁ ସିବିଆଇ ୨ଦିନିଆ ରିମାଣ୍ଡରେ ନେଇ ୨୨ବର୍ଷ ତଳର ଘଟଣାର ଚିକ୍‌ନିଖ୍ ଖୋଳତାଡ଼ କରିବା ସହ କ୍ରାଇମ୍‌ସିନ ରିକ୍ରିଏଟ୍ କରିବା ପାଇଁ ଅଞ୍ଜନାଙ୍କୁ ଯେଉଁସ୍ଥାନରେ ବଳାତ୍କାର କରାଯାଇଥିଲା ସେଠାକୁ ବିବନଙ୍କୁ ନିଆଯାଇଥିଲା। ପରବର୍ତ୍ତୀ ସମୟରେ ସିବିଆଇ ଅଞ୍ଜନାଙ୍କ ପାଖରେ ଥିବା ତଥ୍ୟ ନେବା ସହ ବିବନଙ୍କ ଘର ଲୋକଙ୍କୁ ମଧ୍ୟ ପଚରାଉଚରା କରିଥିଲା। ସମସ୍ତ ତଥ୍ୟ ପ୍ରମାଣ ଯୋଗାଡ଼ ସରିବା ପରେ ବୁଧବାର ସିବିଆଇ ଚାର୍ଜଶିଟ୍ ଦାଖଲ କରିଛି। ୧୯୯୯ ଜାନୁୟାରୀ ୯ରେ ଅଞ୍ଜନାଙ୍କୁ ଗଣ ବଳାତ୍କାର କରାଯିବା ଘଟଣାରେ ସିବିଆଇ ତଦନ୍ତ ଭାର ନେଇଥିଲା। ଏହି ଘଟଣାରେ ପୋଲିସ ଅଭିଯୁକ୍ତ ପ୍ରଦୀପ ଏବଂ ଧୀରେନ୍ଦ୍ରଙ୍କୁ ଗିରଫ କରି ୧୯୯୯ ମେ ୫ରେ ଉଭୟଙ୍କ ବିରୋଧରେ ଚାର୍ଜଶିଟ ଦାଖଲ କରିଥିଲା। ପରେ ୨୦୦୨ରେ ଖୋର୍ଦ୍ଧା ଜିଲା ଜଜ୍ ପ୍ରଦୀପ ଏବଂ ଧୀରେନ୍ଦ୍ରଙ୍କୁ ଆଜୀବନ କାରାଦଣ୍ଡାଦେଶ ଦେଇଥିଲେ।

### ସଞ୍ଜୀୟ ସିଂ ବିଏମ୍‌ସି କମିଶନର...

ସେହିପରି ୧୯୯୫ ବ୍ୟାଚ୍ ବରିଷ୍ଠ ଆଇଏଏସ୍ ତଥା ଶିଳ୍ପ ବିଭାଗ ସଚିବ ଥିବା ହେମନ୍ତ ଶର୍ମାଙ୍କୁ ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ସଚିବ ଭାବେ ଅତିରିକ୍ତ ଦାୟିତ୍ୱ ଦିଆଯାଇଥିବା ବେଳେ ୧୯୯୫ ବ୍ୟାଚ୍ ଆଇଏଏସ ତଥା ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ସଚିବ ଥିବା ବିଷ୍ଣୁପଦ ସେଠୀଙ୍କୁ ସୂଚନା ଓ ଲୋକସମ୍ପର୍କ ବିଭାଗର ସଚିବ ଭାବେ ଅତିରିକ୍ତ ଦାୟିତ୍ୱ ଦିଆଯାଇଛି। ୨୦୦୨ ବ୍ୟାଚ୍ ଆଇଏଏସ୍ ତଥା ପୂର୍ତ୍ତ ବିଭାଗ ସଚିବ, ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ, ପୁରୀ-କୋଣାର୍କ ଉନ୍ନୟନ କର୍ତ୍ତୃପକ୍ଷ (ପିକେଡିଏ) ଅଧ୍ୟକ୍ଷ ଥିବା କ୍ରିଷନ କୁମାରଙ୍କୁ ଇଡ୍‌କୋ ସିଏମ୍‌ଡି ଭାବେ ଅତିରିକ୍ତ ଦାୟିତ୍ୱ ଦିଆଯାଇଛି। ୨୦୧୦ ବ୍ୟାଚ୍ ଆଇଏଏସ ତଥା ବିଏମ୍‌ସି କମିଶନର ପ୍ରେମ୍ ଚନ୍ଦ୍ର ଚୌଧାରୀଙ୍କୁ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗର ଅଫିସର ଅନ୍ ସ୍ପେଶାଲ ଡ୍ୟୁଟି (ଓଏସ୍‌ଡି) ଭାବେ ବଦଳି କରାଯାଇଛି।

### ୨ରୁ ୧୮ ବର୍ଷୀୟଙ୍କଠାରେ ...

କ୍ଲିନିକାଲ ପରୀକ୍ଷାର ଅନ୍ତରୀଣ ନିରାପତ୍ତା ତଥ୍ୟ ଏବଂ ଡିଏସ୍‌ଏମ୍‌ବି ସୁପାରିସ୍‌କୁ ସିଡିଏସ୍‌ଏମ୍‌ଓ ନିକଟରେ ଦାଖଲ କରିବା ପାଇଁ ସର୍ତ୍ତ ରଖାଯାଇଛି। ପ୍ରଥମେ ଭାରତ ବାୟୋଟେକ୍ ନାବାଳକଙ୍କ କ୍ଷେତ୍ରରେ ଟିକାର ପରୀକ୍ଷା ପାଇଁ କରିଥିବା ଆବେଦନ ଉପରେ ଏସ୍‌ଇସି ଫେବୃୟାରୀ ୨୪ ବୈଠକରେ ଆଲୋଚନା କରିଥିଲା। ଉକ୍ତ ସଂସ୍ଥାକୁ ସଂଶୋଧିତ କ୍ଲିନିକାଲ ପରୀକ୍ଷା ପ୍ରକ୍ରିୟା ଓ ନିୟମାବଳୀ ଉପସ୍ଥାପନ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ସୂଚନାଯୋଗ୍ୟ ଇଣ୍ଡିଆନ କାଉନସିଲ୍ ଅଫ୍ ମେଡିକାଲ ରିସର୍ଚ୍ଚ (ଆଇସିଏମ୍‌ଆର୍) ସହଯୋଗରେ ଭାରତ ବାୟୋଟେକ ପ୍ରସ୍ତୁତ କୋଭାକ୍ସିନ ଟିକା ଏବେ ସାବାଳକମାନଙ୍କୁ ଦିଆଯାଉଛି।

### ଏଣିକି ୬ସପ୍ତାହ ପରେ ...

ଦ୍ୱିତୀୟ ଡୋଜ୍ କୋଭିଶିଲ୍ଡ ଟିକା ପାଇଁ ଆସିବେ ସେମାନଙ୍କୁ ଟିକାକରଣ କରାଯାଇପାରିବ ନାହିଁ। କୋୱିନ ପୋର୍ଟାଲ ମଧ୍ୟ ତାଙ୍କୁ ଅନୁମତି ଦେବ ନାହିଁ। ତେଣୁ ଏ ସମ୍ପର୍କରେ ସମସ୍ତ ଅଧିକାରୀ, ସୁପରଭାଇଜର, ଭାକ୍ସିନେଟର ଓ ଯାଞ୍ଚକାରୀଙ୍କୁ ଜଣାଇବା ପାଇଁ ସେ ନିର୍ଦ୍ଦେଶ ଦେଇଛନ୍ତି। ଅନ୍ୟପକ୍ଷରେ ଗୁରୁବାର ରାଜ୍ୟର ୩୮୩ କେନ୍ଦ୍ରରେ ଟିକାକରଣ ହେବ। ତେବେ ଜଗତ୍‌ସିଂହପୁର ଓ ସୋନପୁର ଜିଲାରେ ଟିକାକରଣ ସମ୍ପୂର୍ଣ୍ଣ ବନ୍ଦ ରହିବ ବୋଲି ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

### ଲଗାତର ତୃତୀୟ ଦିନ ...

ତେଲ ଦର ବୃଦ୍ଧି ପାଉଥିବା ଜଣାପଡିଛି। ରାଜ୍ୟ ସ୍ତରରେ ଲାଗୁ ହେଉଥିବା ଭାଟ୍ ଯୋଗୁ ଦର ଭିନ୍ନ ଭିନ୍ନ ରହୁଥିବା ଦେଖିବାକୁ ମିଳିଛି। ମୁମ୍ବାଇରେ ପେଟ୍ରୋଲ ୯୮.୩୬ ଟଙ୍କାରେ ବିକ୍ରି ହେଉଥିବା ବେଳେ ଡିଜେଲ ଦର ୮୯.୭୫ ଟଙ୍କା ରହିଛି। ରାଜସ୍ଥାନ, ମହାରାଷ୍ଟ୍ର ଏବଂ ମଧ୍ୟପ୍ରଦେଶରେ ପେଟ୍ରୋଲ ୧୦୦ ଟଙ୍କା ଛୁଇଁଛି। ଚଳିତ ସପ୍ତାହରେ ପ୍ରତିଦିନ ତେଲ ଦର ବଢ଼ିଚାଲିଛି। ଗତ ଶନିବାର ଏବଂ ରବିବାରକୁ ଛାଡ଼ିଲେ ଏହାର ପୂର୍ବ ୪ ଦିନ ମଧ୍ୟ ଦର ଲଗାତର ବଢ଼ିଥିଲା। ଗତ ୭ ଦିନରେ ନୂଆଦିଲ୍ଲୀରେ ପେଟ୍ରୋଲ ୧.୫୦ ଟଙ୍କା ଏବଂ ଡିଜେଲ ୧.୮୮ ଟଙ୍କା ମହଙ୍ଗା ହୋଇଛି।

ବିଭିନ୍ନ ରାଜ୍ୟରେ ନିର୍ବାଚନ ରହିବା ଯୋଗୁ ତେଲ କମ୍ପାନୀଗୁଡ଼ିକ ଦର ପରିବର୍ତ୍ତନ କରୁ ନ ଥିଲେ। ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତେଲ ଦର ବଢ଼ିବା ଯୋଗୁ ତୈଳ ବିପଣନ କମ୍ପାନୀଗୁଡ଼ିକ ଲିଟର ପିଛା ୨ରୁ ୩ ଟଙ୍କା କ୍ଷତି ସହିବା କହିଥିଲେ। ନିର୍ବାଚନ ସରିବା ପରେ ଏହି କ୍ଷତିକୁ ଭରଣା କରିବା ଲାଗି କମ୍ପାନୀ ଲଗାତର ଦର ବଢାଇ ଚାଲିଛନ୍ତି। ଏହାବାଦ ଚଳିତ ମାସରୁ ବିମାନ ଇନ୍ଧନ ଦର ୬.୭% ବୃଦ୍ଧି କରାଯାଇଛି। ଉଲ୍ଲେଖଯୋଗ୍ୟ, ଅନ୍ତର୍ଜାତୀୟ ବଜାରରେ ବର୍ତ୍ତମାନ ଅଶୋଧିତ ତେଲ ଦର ବ୍ୟାରେଲ ପିଛା ୬୯ ଡଲାର ରହିଛି।

### ପରିଚୟପତ୍ର ନ ଥିଲେ ...

ଭିକ୍ଷୁକ, କଏଦୀ, ମାନସିକ ଚିକିତ୍ସା ଅନୁଷ୍ଠାନ ଓ ବୃଦ୍ଧାଶ୍ରମରେ ରହୁଥିବା ଅନ୍ତେବାସୀଙ୍କୁ ଏହି ବର୍ଗରେ ସାମିଲ କରାଯାଇଛି। ଏମାନଙ୍କ ପାଖରେ କୌଣସି ପରିଚୟପତ୍ର ନ ଥିବାରୁ ଏମାନଙ୍କ ଟିକାକରଣ ପାଇଁ ସ୍ୱତନ୍ତ୍ର ଅଭିଯାନ ଆରମ୍ଭ ହେବ। ପରିଚୟପତ୍ର ନ ଥିଲେ ମଧ୍ୟ ଏମାନେ ସ୍ୱତନ୍ତ୍ର ଟିକା ଅଭିଯାନରେ ସାମିଲ ହୋଇପାରିବେ। ଏଥିପାଇଁ କୋୱିନ ପୋର୍ଟାଲରେ ସ୍ୱତନ୍ତ୍ର ଅଧିବେଶନ ହେବ। ୧୮ ବର୍ଷରୁ ଅଧିକ ବୟସର ଏଭଳି ହିତାଧିକାରୀଙ୍କୁ ତୁରନ୍ତ ଚିହ୍ନଟ କରି ସେମାନଙ୍କୁ ଟିକାକରଣ ପ୍ରକ୍ରିୟାରେ ସାମିଲ କରିବାକୁ ତ୍ୱରିତ ପଦକ୍ଷେପ ନେବା ପାଇଁ ପ୍ରଦୀପ୍ତ ମହାପାତ୍ର ନିର୍ଦ୍ଦେଶ ଦେଇଛନ୍ତି।

### ସ୍କୁଲ୍ ନାମଲେଖା ଅବଧି...

ଅଧିକ ଅଭିଭାବକଙ୍କ ସ୍କୁଲରେ ପ୍ରବେଶ କରିବାକୁ ମନା କରାଯାଇଛି। ନାମଲେଖା ସମ୍ପର୍କରେ ଶିକ୍ଷା ସଂଯୋଗ ହ୍ୱାଟ୍‌ସ ଆପ୍ ଜରିଆରେ ଅଭିଭାବକଙ୍କୁ ଜଣାଇବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। କୋଭିଡ୍ ଗାଇଡ୍‌ଲାଇନ ପାଳନ କରି ନାମଲେଖା ପ୍ରକ୍ରିୟା ଶେଷ କରିବାକୁ କୁହାଯାଇଛି। ସୂଚନାଯୋଗ୍ୟ, କରୋନା ପାଇଁ ରାଜ୍ୟ ସରକାର ନବମ ଓ ଦଶମ ପରୀକ୍ଷା ବାତିଲ କରିଥିବାବେଳେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ଛାତ୍ରୀଛାତ୍ରଙ୍କୁ ବିନା ପରୀକ୍ଷାରେ ଉନ୍ନୀତ କରିଛନ୍ତି।

# ପଦୋନ୍ନତି ନିମନ୍ତେ ୨୩୮ ଏସ୍‌ଆଇଙ୍କ ନାମ ପ୍ରସ୍ତାବ

ଭୁବନେଶ୍ୱର, ୧୨।୫ (ବ୍ୟୁରୋ): ଓଡ଼ିଶା ପୋଲିସ ପକ୍ଷରୁ ରାଜ୍ୟର ବିଭିନ୍ନ ଜିଲାରେ କାର୍ଯ୍ୟରତ ସବ୍ ଇନ୍ସପେକ୍ଟର (ଏସ୍‌ଆଇ)ଙ୍କୁ ଇନ୍ସପେକ୍ଟର ପାହ୍ୟାକୁ ପଦୋନ୍ନତି ନିମନ୍ତେ ପ୍ରସ୍ତାବ ଦିଆଯାଇଛି। ଏନେଇ ୨୩୮ ଜଣ ଏସ୍‌ଆଇଙ୍କ ନାମ ପୋଲିସ ଏଷ୍ଟାବ୍ଲିଶ୍‌ମେଣ୍ଟ ବୋର୍ଡ଼କୁ ପଠାଯାଇଛି। ବୁଧବାର ଏସଂକ୍ରାନ୍ତରେ କଟକସ୍ଥିତ ଓଡ଼ିଶା ପୋଲିସ ମୁଖ୍ୟାଳୟରୁ ବିଧିବଦ୍ଧ ଭାବେ ବିଜ୍ଞପ୍ତି ପ୍ରକାଶ କରାଯାଇଛି। ସୂଚନା ଯୋଗ୍ୟ, ପୋଲିସ ମାନୁଆଲ ରୁଲ୍ ୬୫୦(୨) ନିୟମ ଅନୁସାରେ ପୂର୍ବରୁ ଏସ୍‌ଆଇରୁ ଇନ୍ସପେକ୍ଟର ପାହ୍ୟାକୁ ପଦୋନ୍ନତି ନିମନ୍ତେ କାର୍ଯ୍ୟରେ ଯୋଗ ଦେବାର ପ୍ରଥମ ଦିନଠାରୁ ୧୦ବର୍ଷର ଅଭିଜ୍ଞତା ଆବଶ୍ୟକ ପଡୁଥିଲା। ଏହି ନିୟମ ଅନୁସାରେ ରାଜ୍ୟରେ ଅଧିକାଂଶ ଇନ୍ସପେକ୍ଟର ପଦବୀ ଖାଲି ପଡ଼ିଛି। ତେଣୁ ଖାଲି ପଡ଼ିଥିବା ଇନ୍ସପେକ୍ଟର ପଦବୀକୁ ଦେଖି ଗତ ୩ତାରିଖରେ ଗୃହ ବିଭାଗ ପକ୍ଷରୁ ଏହି ନିୟମରେ କୋହଳ କରାଯାଇଥିଲା। ପଦୋନ୍ନତି ନିମନ୍ତେ ଆବଶ୍ୟକ ୧୦ବର୍ଷ ଅଭିଜ୍ଞତାକୁ ହ୍ରାସ କରାଯାଇ ୬ବର୍ଷ ୧୧ମାସ ରଖାଯାଇଥିଲା। ଏହି ନିୟମ ଆଧାରରେ ଉପରୋକ୍ତ ୨୩୮ଜଣ ଏସ୍‌ଆଇ ପଦୋନ୍ନତି ନିମନ୍ତେ ଯୋଗ୍ୟତା ଅର୍ଜନ କରିଛନ୍ତି। ତେଣୁ ସେମାନଙ୍କ ନାମ ପ୍ରସ୍ତାବ ଦିଆଯାଇଛି। ପରବର୍ତ୍ତୀ ସମୟରେ ସେମାନଙ୍କ ସମସ୍ତ କାଗଜପତ୍ର ଯାଞ୍ଚ କରାଯିବା ସହ ଯୋଗ୍ୟ ଏସ୍‌ଆଇଙ୍କୁ ପଦୋନ୍ନତି ପ୍ରଦାନ କରାଯିବ।

## ଗର୍ଭବତୀଙ୍କୁ ଆଷ୍ଟ୍ରାଜେନିକା ଟିକା ବନ୍ଦ କଲା ବ୍ରାଜିଲ

**ସାଓ ପାଓଲ୍, ୧୨।୫:** ବ୍ରାଜିଲର ଏକାଧିକ ରାଜ୍ୟରେ ଗର୍ଭବତୀ ମହିଳାଙ୍କୁ ଆଷ୍ଟ୍ରାଜେନିକା ଟିକା ଦେବା ବନ୍ଦ କରାଯାଇଛି। ଏହି ଟିକା ନେବା ପରେ ଜଣଙ୍କ ମୃତ୍ୟୁ ଘଟିବାରୁ ଏପରି ନିଷ୍ପତ୍ତି ନିଆଯାଇଥିବା ଜଣାପଡ଼ିଛି। ତେବେ ଟିକା ନେଇ ରକ୍ତ ଜମାଟ ବାନ୍ଧିବା ଯୋଗୁ ମୃତ୍ୟୁ ହୋଇଛି ନା ଅନ୍ୟ କିଛି କାରଣ ଅଛି ତାହା ସ୍ପଷ୍ଟ ହୋଇନାହିଁ। ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପକ୍ଷରୁ ମୃତ୍ୟୁର ପ୍ରକୃତ କାରଣ ଜଣାପଡ଼ିବା ପରେ ହିଁ ଆଷ୍ଟ୍ରାଜେନିକାକୁ ଅନୁମତି ମିଳିବ କି ନା ତାହା ଉପରେ ପରେ ନିଷ୍ପତ୍ତି ନିଆଯିବ ବୋଲି ସେଠାକାର ସରକାର କହିଛନ୍ତି। ଦ୍ୱିତୀୟ ଡୋଜ୍ ପାଇଁ ମହିଳାଙ୍କୁ ଅପେକ୍ଷା କରିବାକୁ ପଡ଼ିବ ବୋଲି କୁହାଯାଇଛି।

# ସେବାୟତଙ୍କ କୋଭିଡ୍ ଟେଷ୍ଟ ଆରମ୍ଭ

ପୁରୀ ଅଫିସ, ୧୨।୫

**ଚନ୍ଦନ ଯାତ୍ରା, ରଥ ନିର୍ମାଣ କାର୍ଯ୍ୟ**
- ନୀତିରେ ନିୟୋଜିତ ହେବେ ସୀମିତ ସେବକ
- ରଥ ଖଳାରେ ଲାଗିଲା କନା

ମହାପ୍ରଭୁଙ୍କ ବାହାର ଚନ୍ଦନଯାତ୍ରା ପାଇଁ ଛତିଶା ନିଯୋଗ ପକ୍ଷରୁ ଚୂଡ଼ାନ୍ତ ନିଷ୍ପତ୍ତି ନିଆଯିବା ପରେ ଶ୍ରୀମନ୍ଦିର ପ୍ରଶାସନଠାରୁ ଆରମ୍ଭ କରି ଜିଲା ପ୍ରଶାସନ ଏବଂ ସେବାୟତମାନେ ତତ୍ପର ହୋଇପଡ଼ିଛନ୍ତି। କଟକଣା ମଧ୍ୟରେ ବାହାର ଚନ୍ଦନଯାତ୍ରା ହେବା ନେଇ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ମୋହର ବାଜିବା ପରେ ଚନ୍ଦନଯାତ୍ରା ଏବଂ ରଥ ନିର୍ମାଣରେ ନିୟୋଜିତ ହେବାକୁ ଥିବା ସେବକମାନଙ୍କର ବୁଧବାର କୋଭିଡ୍ ଟେଷ୍ଟ ବଡ଼ଦାଣ୍ଡସ୍ଥିତ ଉତ୍କଳ ହିନ୍ଦୀ ବିଦ୍ୟାପୀଠ ପରିସରରେ ଆରମ୍ଭ ହୋଇଛି। ୩ଦିନ ଧରି ପ୍ରତ୍ୟହ ୨୦୦ଜଣ ସେବାୟତଙ୍କ ଟେଷ୍ଟ କରାଯିବା ନେଇ ଶ୍ରୀମନ୍ଦିର ପ୍ରଶାସନ ଲକ୍ଷ୍ୟ ରଖିଛି। ଯେଉଁ ସେବାୟତଙ୍କର ରିପୋର୍ଟ ନେଗେଟିଭ ଆସିବ, ସେମାନେ ମହାପ୍ରଭୁଙ୍କ ନୀତିକାନ୍ତିରେ ସାମିଲ ହେବେ। ସେହିପରି ସେବାୟତଙ୍କ ଟିକାକରଣ ମଧ୍ୟ ଜାରି ରହିଛି। ବର୍ତ୍ତମାନ ସୁଦ୍ଧା ୪ ହଜାର ସେବାୟତ ଏବଂ ତାଙ୍କ ପରିବାର କୋଭିଡ୍ ଟିକା ନେଇ ସାରିଲେଣି। ସେମାନଙ୍କ ମଧ୍ୟରୁ ଅନେକ ଦ୍ୱିତୀୟ ଡୋଜ ମଧ୍ୟ ନେଇଛନ୍ତି। ତେବେ ରଥଯାତ୍ରା ପୂର୍ବରୁ ସମସ୍ତ ସେବାୟତ ଏବଂ ସେମାନଙ୍କ ପରିବାର ଲୋକଙ୍କ ଟିକାକରଣ ଶେଷ ହେବ ବୋଲି ଶ୍ରୀମନ୍ଦିର ପ୍ରଶାସନ ସୂଚନା ଦେଇଛି। ଅପରପକ୍ଷେ ୧୮ ରୁ ୪୪ ବର୍ଷ ବୟସର ସେବାୟତ ଏବଂ ତାଙ୍କ ପରିବାର ସଦସ୍ୟଙ୍କୁ ଖୁବଶୀଘ୍ର ଟିକା ଦିଆଯିବ ବୋଲି ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ. କିଷନ କୁମାର ସୂଚନା ଦେଇଛନ୍ତି। ଟିକାକରଣ ନେଇ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ରାଜ୍ୟ ସରକାରଙ୍କୁ ପଠାଯାଇଥିବା ପ୍ରସ୍ତାବକୁ ଅନୁମୋଦନ ମିଳିଛି। ୨୧ଦିନ ବ୍ୟାପୀ ବାହାର ଚନ୍ଦନଯାତ୍ରା ଅବସରରେ ନରେନ୍ଦ୍ର ପୁଷ୍କରିଣୀ ଚାରିପାଖରେ ୧୪୪ ଧାରା ଲାଗିବ। ସୀମିତ ସଂଖ୍ୟକ ସେବାୟତ ରହି ନୀତି ସମ୍ପାଦନ କରିବେ। ବିମାନବଡୁ ୨୬ଜଣ, ମହାଜନ ନିଯୋଗରୁ ୧୫, ବଡୁ ସୁଆର ନିଯୋଗରୁ ୧୨, ପଞ୍ଚମହାଦେବଙ୍କ ପକ୍ଷରୁ ୩୫ ଏବଂ ବିଭିନ୍ନ ବ୍ୟକ୍ତିଗତ ସେବା ପାଇଁ ୨୦ ରୁ ୨୫ ଜଣ ସେବାୟତ ନିୟୋଜିତ ରହିବେ। ଯେଉଁ ସେବାୟତମାନେ ନୀତି କରିବେ, ସେମାନଙ୍କୁ ସ୍ୱତନ୍ତ୍ର ପାସ୍ ଶ୍ରୀମନ୍ଦିର ପ୍ରଶାସନ ପ୍ରଦାନ କରିବ। ଅପରପକ୍ଷେ ଚନ୍ଦନଯାତ୍ରା ପାଇଁ ନନ୍ଦା ଓ ଭଦ୍ରା ଚାପ ଡଙ୍ଗାର କାର୍ଯ୍ୟ ମହାରଣା ଏବଂ ଭୋଇ ସେବାୟତଙ୍କ ଦ୍ୱାରା ଆରମ୍ଭ ହୋଇଛି। ହଂସ, ଚାପ ଡଙ୍ଗାର ବାଡ, ହଂସ ପଟା ଏବଂ ସିଂହାସନଗୁଡ଼ିକର ରଙ୍ଗ କାର୍ଯ୍ୟ ଜାରିରହିଛି। ସେହିପରି ଅକ୍ଷୟତୃତୀୟାଠାରୁ ରଥ ନିର୍ମାଣ କାର୍ଯ୍ୟ ଆରମ୍ଭ ହେବ। ଏଥିପାଇଁ ରଥଖଳା ଚାରିପାଖରେ ଧଳା କନା ଆଚ୍ଛାଦିତ କରାଯାଇଛି। ରଥ ନିର୍ମାଣରେ ନିୟୋଜିତ ଥିବା ସେବକମାନଙ୍କ ବ୍ୟତୀତ ଅନ୍ୟ କେହି ପ୍ରବେଶ କରିବେ ନାହିଁ। ତେବେ ଚଳିତବର୍ଷ ଭକ୍ତମାନେ ଚନ୍ଦନ ଚକଡ଼ା ଯାଇ ଠାକୁରଙ୍କୁ ଦର୍ଶନ କରିବାବେଳେ ଜଳକ୍ରୀଡ଼ା ଦର୍ଶନରୁ ବଞ୍ଚିତ ହେବେ।

**classifieds** Everyday 0674-2580101, 2549302

real estate

SALE

2/3BHK flat at Bhubaneswar booking open, Discount offer, limited period upto 5,00,000/-. 9040744989. D-70836

healthcare

New opening Saikrupa Panchakarma and Spa jointpain, fullbody massage, 8984068077. D-65918

ପାଠକଙ୍କ ପାଇଁ ସୂଚନା: କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** - ବିଭିନ୍ନ ପ୍ରକାର ସମସ୍ୟା ହେତୁ ମାନସିକ ସନ୍ତୁଳନ ରକ୍ଷା କରିବାରେ ଅସମର୍ଥ ହେବେ। ପ୍ରତ୍ୟେକ କାମ ଟିକିଏ ବିଳମ୍ବ ଓ ଝମେଲା ଭିତରେ ହିଁ ସମ୍ପନ୍ନ ହେବ। ବ୍ୟବସାୟ, ବାଣିଜ୍ୟ ଓ ପରିବହନ ବାଧାପ୍ରାପ୍ତ ହୋଇପାରେ। କେତେକ କ୍ଷେତ୍ରରେ ପ୍ରତିଯୋଗିତା ମନୋଭାବ ଉପୁଜିପାରେ।

**ବୃଷ** - ସ୍ୱାସ୍ଥ୍ୟ ବିଶେଷ କିଛି ଖରାପ ନଥିଲେ ମଧ୍ୟ ବିଭିନ୍ନ ପ୍ରକାର ଘରୋଇ ଝମେଲା କାରଣରୁ ମନଟା ଭଲ ରହିବ ନାହିଁ। ଲେଖାପଢ଼ା ଓ ପ୍ରଶାସନ ତଥା ପ୍ରକାଶନ କ୍ଷେତ୍ରରେ ଶୁଭଫଳ ପାଇବେ। ବନ୍ଧୁମାନଙ୍କ ପ୍ରତି ସ୍ନେହ ଶ୍ରଦ୍ଧା ଓ ପ୍ରେମାନୁରାଗୀ ହୋଇପାରନ୍ତି। ଯାତ୍ରାରେ ଜିନିଷପତ୍ର ପ୍ରତି ସତର୍କ ରୁହନ୍ତୁ, ନତୁବା ହଜିଯିବାର ସମ୍ଭାବନା ରହିଛି।

**ମିଥୁନ** - ଦୀର୍ଘଦିନରୁ ଅଟକି ରହିଥିବା କାମଗୁଡ଼ିକ ସୁବିଧାରେ ହୋଇଯିବ। କର୍ମକ୍ଷେତ୍ରରେ ଦୈହିକ ଦୁର୍ବଳତା କର୍ମକ୍ଷେତ୍ରକୁ ମନ୍ଥର କରିପାରେ। ଦ୍ୱନ୍ଦ୍ୱରେ ପଡ଼ି ବନ୍ଧୁମାନଙ୍କ କଥାକୁ ଓଲଟା ବୁଝି ମନକୁ ଭାରାକ୍ରାନ୍ତ କରିପାରନ୍ତି। ଆର୍ଥିକ ପରିସ୍ଥିତି ବଦଳାଇବା ପାଇଁ କିମ୍ବା କିଛି କରିବା ସକାଶେ ମନ ବଳାଇ କର୍ମମୁଖର ହୋଇପାରନ୍ତି।

**କର୍କଟ** - ଯେତେଟା ପରିସ୍ଥିତିକୁ ଜଟିଳ ମନେ କରୁଛନ୍ତି ବାସ୍ତବରେ ସେମିତି କିଛି ହେବନି। ବ୍ୟବସାୟ, ବାଣିଜ୍ୟ ଓ ପରିବହନ ତଥା ନିର୍ମାଣରେ ପ୍ରତିବନ୍ଧକ ସୃଷ୍ଟି ହୋଇପାରେ। ଦାମ୍ପତ୍ୟ ଜୀବନରେ ବୁଝାମଣା ନେଇ ତିକ୍ତତା ଦେଖାଦେଇପାରେ। ଅର୍ଥହାନି ଓ ଅଭାବ ଅସୁବିଧା ଯୋଗୁ ଚିନ୍ତିତ ରହିପାରନ୍ତି।

**ସିଂହ** - ଦେହ ଭଲ ରହିବ ମାତ୍ର କର୍ମକ୍ଷେତ୍ରରେ କଠିନ ପରିଶ୍ରମଜନିତ କ୍ଳାନ୍ତିବୋଧ କରିବେ। ପ୍ରତ୍ୟେକ ପ୍ରକାର ପ୍ରତିଦ୍ୱନ୍ଦ୍ୱିତା, ପ୍ରତିଯୋଗିତାରେ ସଫଳତା ଯୋଗୁ ମନ ଖୁସି ରହିବ। ଅଫିସରେ ଅପ୍ରିୟ ସତ୍ୟ କହି ସହକର୍ମୀଙ୍କ ଚକ୍ଷୁଶୂଳ ହୋଇପାରନ୍ତି। ମାଲିମକଦ୍ଦମା, ରଚନାତ୍ମକ କାର୍ଯ୍ୟ, ଯାତ୍ରା, ଗବେଷଣା ତଥା ପରିବହନରେ ଲାଭବାନ ହେବେ।

**କନ୍ୟା** - ସକାଳୁ ସକାଳୁ ବନ୍ଧୁଙ୍କ ଅନୁରୋଧରେ କୌଣସି କାମ କରିବା ସକାଶେ ମନ ବଳାଇବେ। ଅବହେଳା ଯୋଗୁ କେତେକ କାମ ସକାଶେ ଅନ୍ୟର ସାହାଯ୍ୟ ନେବାକୁ ବାଧହେବେ। ମାଲିମକଦ୍ଦମା, ତର୍କବିତର୍କ, ସଭାସମିତି, ସଂଗଠନ, ନିର୍ମାଣ ଓ ପରିବହନ କ୍ଷେତ୍ରରୁ ଶୁଭଫଳ ପାଇବେ। ପରିସ୍ଥିତିରେ ପଡ଼ି ନିଜକୁ ସଂକୁଚିତ କରି ରଖିବାକୁ ବାଧ ହେବେ।

**ତୁଳା** - ବିରକ୍ତି ପ୍ରକାଶ କରି ବିଭିନ୍ନ କଥା କହିବା କାରଣରୁ ବିବାଦ ବଢ଼ିପାରେ। ମତାନ୍ତର ଜନିତ କର୍ମକ୍ଷେତ୍ରରେ ସହକର୍ମୀମାନଙ୍କ ସହଯୋଗ ପାଇବେ ନାହିଁ। ସାମାଜିକ ଓ ଆନୁଷ୍ଠାନିକ କାମରେ ପ୍ରେରଣା ମିଳିବ। ଶିଳ୍ପ, ବାଣିଜ୍ୟ, ରାଜନୀତି, କଳା, ସାହିତ୍ୟ, ସାମ୍ବାଦିକତା ଓ ପ୍ରଶାସନିକ ସ୍ତରରେ କିଛିଟା ବ୍ୟତିକ୍ରମ ପରିଲକ୍ଷିତ ହୋଇପାରେ।

**ବିଛା** - ଦୀର୍ଘଦିନର ଅଭିଳାଷ ପୂରଣ ହେବା କାରଣରୁ ମନ ପ୍ରଫୁଲ୍ଲ ରହିବ। ବନ୍ଧୁଙ୍କ ସହ ମନୋମାଳିନ୍ୟ ଯୋଗୁ ଉଦାସ ରହିପାରନ୍ତି। ଯାତ୍ରା ସମୟରେ ଅସାବଧାନତାବଶତଃ ଦ୍ରବ୍ୟ ନଷ୍ଟ ହୋଇପାରେ। କଳା, ସାହିତ୍ୟ, ପ୍ରକାଶନ, ସାମ୍ବାଦିକତା, ରାଜନୀତି, ସାଂଗଠନିକ କାର୍ଯ୍ୟରେ ସମସ୍ୟା ଆପଣାଛାଏ ସମାଧାନ ହୋଇଯିବ।

**ଧନୁ** - କର୍ମକ୍ଷେତ୍ରରେ ସହକର୍ମୀଙ୍କଠାରୁ ଭୁଲ୍ ଖବର ପାଇ ବିବ୍ରତ ହୋଇପାରନ୍ତି। ବନ୍ଧୁଙ୍କ ସମ୍ମୁଖରେ ପ୍ରିୟ କଥା କହି ଭୁଲ୍ ବୁଝାମଣା ହେତୁକ ସମସ୍ୟାକୁ ସୁଧାରି ନେବେ। ପାଖ ପଡ଼ୋଶୀମାନେ କିମ୍ବା ଈର୍ଷାପରାୟଣ ବ୍ୟକ୍ତିମାନେ ପରୋକ୍ଷ ଶତ୍ରୁତା କରିପାରନ୍ତି। ଆଲୋଚନା ମାଧ୍ୟମରେ ଭ୍ରାତୃ ସମ୍ପର୍କରେ ଉନ୍ନତି ପରିଲକ୍ଷିତ ହେବ।

**ମକର** - ମତାନ୍ତରଜନିତ ମାନସିକ ଅଶାନ୍ତି କ୍ରମଶଃ ବୃଦ୍ଧି ପାଇବା କାରଣରୁ ମନରେ ସରସତା ରହିବ ନାହିଁ। ପ୍ରତ୍ୟେକ କ୍ଷେତ୍ରରେ ଆକସ୍ମିକ ଭାବେ କଳହର ସମ୍ମୁଖୀନ ହୋଇପାରନ୍ତି। ଆଜିର ପ୍ରତ୍ୟୁଷ ଯାତ୍ରାରେ ବନ୍ଧୁଙ୍କ ସହାୟତାରେ ସଫଳତା ମିଳିବ। ରପ୍ତାନି କାରବାର, ଏଜେନ୍ସି, ସାମ୍ବାଦିକତାରେ ପ୍ରଂଶସିତ ହେବେ।

**କୁମ୍ଭ** - ଯେଉଁ ଜିନିଷଟି ନ ପାଇ ବ୍ୟସ୍ତ ହେଉଥିଲେ ସହକର୍ମୀଙ୍କ ମାଧ୍ୟମରେ ତାହା ଅତି ସୁବିଧାରେ ପାଇଯିବେ। କଚେରି ମାମଲା କ୍ଷେତ୍ରରେ ଆଶାଜନକ ଫଳ ପାଇବେ। ବନ୍ଧୁଙ୍କ ସହ ନୂତନ ଚୁକ୍ତିପତ୍ର ସ୍ୱାକ୍ଷରିତ ହୋଇପାରେ। ପ୍ରତ୍ୟେକ କ୍ଷେତ୍ରରେ ଭାବିଚିନ୍ତି କାମ କରିବା ଭଲ ହେବ। ଆଜିର ଯାତ୍ରା ଅବଶ୍ୟ ସଫଳ ହେବ।

**ମୀନ** - ଦୀର୍ଘଦିନରୁ ଅଟକି ରହିଥିବା କାମ ସୁବିଧାରେ ସମ୍ପନ୍ନ ହେବା କଷ୍ଟକର ହେବ। କର୍ମକ୍ଷେତ୍ରରେ ଅର୍ଥ ଓ ସମ୍ମାନ ପାଇବାରେ କୌଣସି ଅସୁବିଧା ହେବନାହିଁ। ଆଲୋଚନା ପରିସରରେ ମିଥ୍ୟା ଭାଷଣରୁ ସମାଲୋଚନାର ପାତ୍ର ହେବାକୁ ପଡ଼ିପାରେ। ସାହିତ୍ୟ, ଚଳଚ୍ଚିତ୍ର, ନିର୍ମାଣ, ପରିବହନ, ସଭାସମିତି କ୍ଷେତ୍ରରେ ଆଶାତୀତ ସଫଳତା ହାସଲ କରିବେ।

ଆଜି ବୈଶାଖ ଶୁକ୍ଳ ଦ୍ୱିତୀୟା ଗୁରୁବାର, ମେ ୧୩ ତାରିଖ, ରାଷ୍ଟ୍ରୀୟ ଏକତା ଦିବସ, ରମ୍‌ଜାନ ମାସର ରୋଜା ଶେଷ, ରାଶିନକ୍ଷତ୍ର- ରୋହିଣୀ/ବୃଷ, ଦ୍ୱିତୀୟାର ଏକୋଦ୍ଦିଷ୍ଟ ଓ ପାର୍ବଣଶ୍ରାଦ୍ଧ, ଦିବା ଘ.୦୫।୧୫ ଗତେ ଘ.୦୬।୧୮ ମଧ୍ୟେ, ଘ. ୧୦।୨୫ ଗତେ ଘ. ୦୧।୦୦ ମଧ୍ୟେ ମାହେନ୍ଦ୍ରବେଳା। ରାତ୍ରି ଘ.୧୧।୪୨ ଗତେ ଘ.୦୧।୦୫ ମଧ୍ୟେ ଅମୃତବେଳା। ଦିବା ଘ.୦୧।୨୦ ଗତେ ଘ.୦୨।୫୬ ମଧ୍ୟେ ରାହୁକାଳ।

ଯେଉଁ ମଣିଷ ବିବେକ ଦ୍ୱାରା ପରିଚାଳିତ ନ ହୋଇ ଆଉ କିଛି ଦ୍ୱାରା ପରିଚାଳିତ ହୁଏ– ସେ ଅନ୍ୟାନ୍ୟ ପ୍ରାଣୀମାନଙ୍କ ଅପେକ୍ଷା ଏକ ନିକୃଷ୍ଟ ଜନ୍ତୁରେ ପରିଣତ ହୁଏ। –ଶ୍ରୀମା



# ଟିକାରେ ଫିଙ୍କା



ବିମଳ ପାଣ୍ଡିଆ

ଏପ୍ରିଲ ୮ ତାରିଖରେ ପ୍ରଧାନମନ୍ତ୍ରୀ କୋଭିଡ ଟିକାର ଦ୍ୱିତୀୟ ଡୋଜ ନେବା ଅବସରରେ ଏକ ଟୁଇଟ୍ କରି ଦେଶବାସୀଙ୍କୁ କହିଲେ ଯେ, 'ଯଦି ତୁମେ ଟିକା ପାଇଁ ଯୋଗ୍ୟ ଅଟ ତେବେ ତୁରନ୍ତ ଟିକା ନେଇଯାଅ'। ତାଙ୍କ ବକ୍ତବ୍ୟରୁ ଲାଗିଥିଲା ଯେମିତି ସରକାର ଟିକାର ଭଣ୍ଡାର ଧରି ଟାକି ବସିଛି, ଲୋକେ ଆସିଲେ ଖାଲି ଛୁଞ୍ଚି ଫୋଡ଼ିବା ବାକି ରହିଛି ଯାହା। ସେଇ ତାରିଖରେ ଭାରତରେ ୧.୨୮ ଲକ୍ଷ ଲୋକ ସଂକ୍ରମିତ ହୋଇଥିଲେ। ତାହା ସେତେବେଳେ ଦୈନିକ ସଂକ୍ରମଣର ନୂତନ ରେକର୍ଡ ଥିଲା। ସେଇଦିନ ଦେଶର ପ୍ରାୟ ୩୭.୪୮ ଲକ୍ଷ ଲୋକ କୋଭିଡ ଟିକା ନେଇଥିଲେ। ତା'ପରଠୁ କେବଳ ୧୨ ଏପ୍ରିଲକୁ ଛାଡ଼ିଦେଲେ ଅନ୍ୟ ସମସ୍ତ ଦିନରେ କମ୍ ଲୋକ ହିଁ ଟିକା ନେଇଛନ୍ତି। ତାହାରି ତିନିଦିନ ପରେ, ଏପ୍ରିଲ ୧୧ରେ ପ୍ରଧାନମନ୍ତ୍ରୀ ଚାରିଦିନିଆ 'ଟିକା ଉତ୍ସବ' ଆରମ୍ଭ କରି ଦେଶବାସୀଙ୍କୁ 'ଚାରିଟି ଅନୁରୋଧ' ରଖିଥିଲେ। ତହିଁରୁ ଗୋଟିଏ ଥିଲା, 'each one vaccinate one', ପ୍ରତ୍ୟେକେ ଆଉ ଜଣଙ୍କୁ ଟିକା ଦେଉ ବା ଟିକା ନେବାରେ ସାହାଯ୍ୟ କରୁ। ପୁଣି ଲାଗିଲା ଯେମିତି ଦେଶରେ ଟିକା ଭରିକି ଅଛି, ଲୋକେ ଖାଲି ଯାହା ଟିକା ନେବା ପାଇଁ ମଙ୍ଗୁ ନାହାନ୍ତି। ଏପ୍ରିଲ ୧୭ରେ ପ୍ରଧାନମନ୍ତ୍ରୀ ପଶ୍ଚିମବଙ୍ଗରେ ଅନେକ ନିର୍ବାଚନୀ ରାଲିରେ ଯୋଗଦେଇ ତହିଁରେ ବିପୁଳ ସଂଖ୍ୟାରେ ଜନସମାଗମ ହୋଇଥିବାରୁ ଅଭିଭୂତ ହୋଇଯାଉଥିଲେ। ତାକୁ ଦେଖି ଅନେକଙ୍କୁ ଲାଗିଥିବ ଦେଶରେ କରୋନା ନାହିଁ ବା କରୋନାକୁ ଫୁ କରିବା ପାଇଁ ସବୁ ତୟାର ହୋଇ ରହିଛି। ସେହିଦିନ ଭାରତରେ ୨.୭୪ ଲକ୍ଷ ନୂତନ ସଂକ୍ରମିତ ବ୍ୟକ୍ତି ଚିହ୍ନଟ ହୋଇଥିଲେ, ଯାହା ସେହି ସମୟର ନୂଆ ରେକର୍ଡ ଥିଲା। କୋଭିଡ୍‌କୁ ଆମେ ନୁହେଁ,କୋଭିଡ୍ ଆମକୁ ଫୁ କରି ମାଡି ଚାଲିଥିଲା। ବାଧହୋଇ ତା' ପରଦିନ ହିଁ, ୧୮ ଏପ୍ରିଲରେ ପ୍ରଧାନମନ୍ତ୍ରୀ କରୋନାକୁ ନେଇ ଅନେକ ବୈଠକ କରି ସନ୍ଧ୍ୟାବେଳକୁ ପୁଣି ମେଞ୍ଚେ ଘୋଷଣା କଲେ। ତହିଁରୁ ଗୋଟିଏ ଘୋଷଣା ଥିଲା ଯେ ୧୮ ବର୍ଷରୁ ଅଧିକ ସମସ୍ତ ବ୍ୟକ୍ତି ମେ ପହିଲାରୁ ଟିକା ପାଇଁ ଯୋଗ୍ୟ ହେବେ। ସେ ଆହୁରି ପଦେ ଯୋଡ଼ିକହିଲେ, ସରକାର ବର୍ଷେ ହେଲାଣି ଦେଶର ଅଧିକାଂଶ ଲୋକଙ୍କୁ ସ୍ୱଳ୍ପ ସମୟ ମଧ୍ୟରେ ଟିକା ଦେବା ପାଇଁ ରାତିଦିନ ଗୋଟିଏ କରି ଦେଇଛି। ପୁଣି ଲାଗିଲା ଯେମିତି ସବୁ ପ୍ରସ୍ତୁତ ହୋଇ ରହିଛି, ଖାଲି ଯାହା ଲୋକେ ଟିକା କେନ୍ଦ୍ରରେ ପହଞ୍ଚିବା କଥା। ମେ ପହିଲାରୁ ୧୮ ବର୍ଷରୁ ଅଧିକ ସମସ୍ତେ ଯୋଗ୍ୟ ହୋଇଗଲେ, ଟିକା ଉତ୍ସବ ବି ପାଳିତ ହୋଇଗଲା। କିନ୍ତୁ ଟିକା ପ୍ରଦାନର ଗତି ତଳକୁ ଓ ଆହୁରି ତଳକୁ ହିଁ ଖସି ଚାଲିଛି। 'ଟିକା ଉତ୍ସବ'ର ଚାରିଦିନରେ ଦୈନିକ ହାରାହାରି ୩୦.୬ ଲକ୍ଷ ଲୋକ ହିଁ ଟିକା ନେଇଥିଲେ।୧୮ ବର୍ଷରୁ ଅଧିକ ସମସ୍ତଙ୍କୁ ଯୋଗ୍ୟ କରିବା ସତ୍ତ୍ୱେ ମେ' ମାସର ପ୍ରଥମ ଛଅ ଦିନରେ ଦୈନିକ ହାରାହାରି ମାତ୍ର ୧୫.୫୪ ଲକ୍ଷ ଲୋକଙ୍କୁ ହିଁ ଟିକା ଦିଆଯାଇଥିଲା। ଦେଶରେ ସେତେବେଳକୁ ପ୍ରତିଦିନ ଚାରି ଲକ୍ଷରୁ ଅଧିକ ଲୋକ ସଂକ୍ରମିତ ହୋଇ ଚାଲିଥିଲେ। ସରକାରଙ୍କ କହିବା ଓ ବାସ୍ତବତା ମଧ୍ୟରେ ଥିବା ପ୍ରଭେଦ ପ୍ରତିଦିନ ଅଧିକ ପ୍ରସାରିତ ହେବାରେ ଲାଗିଥିଲା।

ସରକାର ମାନୁନାହାନ୍ତି କିନ୍ତୁ ସରକାର ଟିକା ମାମଲାରେ ଯୋଜନା ଓ ପ୍ରସ୍ତୁତି କରିବାରେ ଗୁରୁତର ଅବହେଳା କରିଛନ୍ତି। ୨୩ ମାର୍ଚ୍ଚରେ ରାଜ୍ୟ ସଭାରେ ସରକାରଙ୍କୁ ଅତି ସିଧା ପ୍ରଶ୍ନଟିଏ ପଚରାଯାଇଥିଲା, 'କେବେ ସୁଦ୍ଧା ଦେଶର ଅଧା ଲୋକଙ୍କୁ ଟିକା ଦିଆଯାଇ ସାରିଥିବ ବୋଲି ସରକାର ଆକଳନ କରିଛନ୍ତି'? ମନ୍ତ୍ରୀ ମହୋଦୟ ଏହାର ସଳଖ ଜବାବଟିଏ ନ ଦେଇ କହିଲେ, 'କୋଭିଡ–୧୯ ମହାମାରୀର ପରିବର୍ତ୍ତନଶୀଳ ସ୍ୱରୂପ ତଥା ବେସରକାରୀ ଟିକା କେନ୍ଦ୍ରମାନଙ୍କୁ ଅନ୍ତର୍ଭୁକ୍ତ କରାଯାଇଥିବା କାରଣରୁ କେବେ ସୁଦ୍ଧା ଟିକା ଦେବା ସରିବ ତାହା ବିଷୟରେ କୌଣସି ଏକ ନିଶ୍ଚିତ ସମୟସୂଚୀ ଦିଆଯାଇପାରିବ ନାହିଁ'। ଅର୍ଥାତ ସରକାରଙ୍କ ପାଖରେ ଟିକା ଦେବା ନେଇ କୌଣସି ଠୋସ୍ ଯୋଜନା ନ ଥିଲା। ୨୮ ଏପ୍ରିଲରେ ସୁପ୍ରିମକୋର୍ଟ କେନ୍ଦ୍ର ସରକାରଙ୍କୁ ପଚାରିଲେ, ଟିକାକୁ ନେଇ ତୁମ ଯୋଜନା କ'ଣ ? କେନ୍ଦ୍ର ସରକାରଙ୍କ ଓକିଲ ସଲିସିଟର ଜେନେରାଲଙ୍କ ଗୁଡ଼ାତୁଡ଼ା ଉତ୍ତରରୁ କିଛି ବୁଝାପଡୁ କି ନ ପଡୁ ଗୋଟିଏ କଥା କିନ୍ତୁ ସ୍ପଷ୍ଟ ଥିଲା ଯେ ଟିକାକୁ ନେଇ କେନ୍ଦ୍ର ସରକାରଙ୍କ କିଛି ସ୍ପଷ୍ଟ ଯୋଜନା ଅନ୍ତତଃ ଏଯାଏ ନାହିଁ।

ଭାରତର ସଂଘୀୟ ବ୍ୟବସ୍ଥାରେ ସ୍ୱାସ୍ଥ୍ୟ ଏକ ରାଜ୍ୟ ପ୍ରସଙ୍ଗ। କିନ୍ତୁ ମହାମାରୀ ସ୍ଥିତିରେ ପ୍ରମୁଖ ଦାୟିତ୍ୱ କେନ୍ଦ୍ର ସରକାରଙ୍କର। ସଂଘୀୟ ବ୍ୟବସ୍ଥାରେ ଉଭୟ କେନ୍ଦ୍ର ଓ ରାଜ୍ୟ ମିଳିମିଶି ନିଷ୍ପତ୍ତି ନେବା ସହ ତାହାକୁ କାର୍ଯ୍ୟକାରୀ କରିବାର ଆବଶ୍ୟକତା ଅଛି। ଟିକା କ୍ଷେତ୍ରରେ ତାହା ହେଉଥିବାର ବୋଧ ହେଉନାହିଁ। କେନ୍ଦ୍ର ସରକାର ନିଷ୍ପତ୍ତି ଥୋପି ଦେଉଥିବା ଭଳି ମନେ ହେଉଛି। ଏପ୍ରିଲ ୧୮ରେ ଟିକାକରଣ ପାଇଁ ଗୋଟିଏ ତଥାକଥିତ 'ତୃତୀୟ ପର୍ଯ୍ୟାୟ' କୌଶଳ ଘୋଷଣା ହେଲା। ସେଥିରେ କୁହାହେଲା, ମେ ପହିଲାରୁ ଟିକା ପ୍ରସ୍ତୁତକାରୀମାନେ ୫୦% ଟିକା ରାଜ୍ୟ ସରକାରଙ୍କୁ ଓ ଖୋଲା ବଜାରରେ ବିକ୍ରି କରିପାରିବେ। ରାଜ୍ୟ ସରକାରଙ୍କ ସହ ଏ ବିଷୟରେ ଆଗରୁ ଆଲୋଚନା ହୋଇଥିବାର ସୂଚନା ମିଳିନାହିଁ। କେନ୍ଦ୍ର ସରକାର ଟିକାକରଣକୁ ବଢ଼ାଇବାରେ ନିଜ ଅଙ୍ଗୀକାରବଦ୍ଧତା ଦେଖାଇବା ବଦଳରେ ନିଜ ମୁଣ୍ଡରୁ ବୋଝ ଖସାଇବାରେ ବେଶି ବ୍ୟସ୍ତ ଥିବା ସ୍ପଷ୍ଟ ଜଣାପଡୁଥିଲା। କଥା ଜଟିଳ ହେଲା ଯେତେବେଳେ ଟିକା ପ୍ରସ୍ତୁତକାରୀ କମ୍ପାନୀ ରାଜ୍ୟ ସରକାରଙ୍କ ପାଇଁ ଦୁଇଗୁଣରୁ ଅଧିକ ଦର ସ୍ଥିର କଲେ। କୋଭିଶିଲ୍ଡ ପ୍ରସ୍ତୁତକାରୀ କେନ୍ଦ୍ର ସରକାରଙ୍କୁ ୧୫୦ ଟଙ୍କାରେ ଟିକା ଯୋଗାଉଥିବା ବେଳେ ରାଜ୍ୟ ସରକାରମାନଙ୍କ ପାଇଁ ୪୦୦ ଟଙ୍କା ଦର ଠୁଙ୍କିଲେ। ପରେ ଅବଶ୍ୟ 'ଆମେ ଉଦାରତା ଦେଖାଉଛୁ' କହି ରାଜ୍ୟ ସରକାରମାନଙ୍କୁ ୩୦୦ ଟଙ୍କାରେ ଦେବୁ ବୋଲି ଘୋଷଣା କଲେ। ଏହା ବି କେନ୍ଦ୍ର ସରକାରଙ୍କୁ ବିକୁଥିବା ଦରଠୁ ଦୁଇଗୁଣ ଅଧିକ। ଏହା ସହିତ କେନ୍ଦ୍ର ସରକାର ଆଉ ଗୋଟେ ଜଟିଳତା ସୃଷ୍ଟି କଲେ। କେନ୍ଦ୍ର ସରକାରଙ୍କୁ ୫୦% ଟିକା ଦେବା ପରେ ବାକି ଟିକାକୁ ପ୍ରସ୍ତୁତକାରୀ କମ୍ପାନୀ କାହାକୁ ବିକିବେ ତାହାର ନିଷ୍ପତ୍ତି ତାଙ୍କ ଉପରେ ଛାଡିଦେଲେ। ସେମିତିରେ ସବୁ ରାଜ୍ୟ ଟିକା ପ୍ରସ୍ତୁତକାରୀ କମ୍ପାନୀ ଉପରେ ଚାପ ଦେବା ସ୍ୱାଭାବିକ, ଦେଇଥିବେ ମଧ୍ୟ। ଫଳ ହେଲା ଏୟା ଯେ ମୋତେ ଧମକ ମିଳୁଛି କହି ସିରମ ଇନ୍‌ଷ୍ଟିଚ୍ୟୁଟ୍‌ର ମାଲିକ ଭାରତ ଛାଡି ବିଲାତ ପଳାଇଲେ। ଏହା ଭାରତର ଛବିକୁ କେତେ ସଫା ବା ମଳିନ କଲା ତାହା ଅଲଗା କଥା, କିନ୍ତୁ ଭାରତରେ ଟିକାକରଣର ସ୍ଥିତି ଓ ଗତି ଯେ ଅତ୍ୟନ୍ତ ଖରାପ ତାହା ବାରି ହୋଇଗଲା।

ଏବେ ଭାରତରେ ହାହାକାର ପଡ଼ିଛି କହିଲେ ଅତ୍ୟୁକ୍ତି ହେବ ନାହିଁ। ଡାକ୍ତରଖାନାରେ ଖଟିଆ ମିଳୁନି, ଅମ୍ଳଜାନ ଟିକେ ନ ପାଇ ଲୋକେ ଅକାଳରେ ମରୁଛନ୍ତି। ଶ୍ମଶାନରେ ଦାହ ପାଇଁ ଜାଗା ମିଳୁନି। ଏହି ଦୁଃସ୍ଥିତି ପାଇଁ ସାରା ପୃଥିବୀର ଦୃଷ୍ଟି ଏବେ ଭାରତ ଉପରେ। ୧୯ ଜାନୁୟାରୀରେ ପ୍ରଧାନମନ୍ତ୍ରୀ ବଡ଼ ଗର୍ବରେ 'ଭାକ୍‌ସିନ ମୈତ୍ରୀ' ଆରମ୍ଭ କରିଥିଲେ। ଭାରତ ବିଶ୍ୱକୁ ଭାକ୍‌ସିନ ଯୋଗାଉଛି କହି ବାହାଦୁରି ମାରିଥିଲେ। ଏହାକୁ ସେତେବେଳେ ତାଙ୍କର 'ଭାକସିନ କୂଟନୀତି' ବୋଲି କୁହାଗଲା। ଏବେ ଭାରତ ଭାକ୍‌ସିନ ଆମଦାନୀ କରିବା ପାଇଁ ବାଧ୍ୟ ହୋଇଛି। ଏବେବି ସରକାରଙ୍କ ପ୍ରଚାରତନ୍ତ୍ର କହୁଛି ଭାରତର ଟିକାକରଣ କାର୍ଯ୍ୟକ୍ରମ ବିଶ୍ୱର ସବୁଠାରୁ ବଡ଼। ବାସ୍ତବତା ହେଲା ଯେ, ୧୬ ଜାନୁୟାରୀରୁ ଦେଶରେ କୋଭିଡ ଟିକାକରଣ ଆରମ୍ଭ ହୋଇଥିଲେ ସୁଦ୍ଧା ମେ ୮ ବେଳକୁ ମାତ୍ର ୧୦ ପ୍ରତିଶତ ଲୋକ ହିଁ ପ୍ରଥମ ଡୋଜ୍ ଟିକା ପାଇଛନ୍ତି ଓ ସେମାନଙ୍କ ମଧ୍ୟରୁ ପ୍ରାୟ ଏକ–ତୃତୀୟାଂଶ ହିଁ ଦ୍ୱିତୀୟ ଡୋଜ୍ ପାଇଛନ୍ତି। ଅତି ଛୋଟଛୋଟ ଦେଶ ବି ଏଇ ମାମଲାରେ ଭାରତଠାରୁ ଢେର ଆଗରେ। ଏବେ ବି ସମୟ ଅଛି, ସଂଘୀୟ ବ୍ୟବସ୍ଥାକୁ ଲାତ ମାରି ନୁହେଁ, ତାହାକୁ ବଳିଷ୍ଠ କରି, ଯେତେ ଅଧିକ ସମ୍ଭବ ସେତେ ଅଧିକ ଲୋକଙ୍କ ମତ ଓ ତାଙ୍କର ଯୋଗଦାନ ପାଇଁ ସୁଯୋଗ ଓ ବ୍ୟବସ୍ଥା ସୃଷ୍ଟି କରି ଟିକାକରଣ ବ୍ୟବସ୍ଥାକୁ ସଜାଡି ହେବ ଏବଂ କୋଭିଡ ମହାମାରୀଙ୍କୁ ଅଧିକ ଫଳପ୍ରଦ ଭାବରେ ମୁକାବିଲା କରିହେବ। ଏଥିପାଇଁ ରାଜନୀତିରୁ ଊର୍ଦ୍ଧ୍ୱକୁ ଯିବାକୁ ହେବ ତଥା କଥାରେ ଓ କାମରେ ତାଳମେଳ ରଖିବାକୁ ହେବ। ପ୍ରଧାନମନ୍ତ୍ରୀ ଏହା କରିବାରେ ସବୁଠାରୁ ଅଧିକ ଝୁଣ୍ଟିଛନ୍ତି। ଦେଶ ତାଙ୍କଠାରୁ ନେତୃତ୍ୱ ଆବଶ୍ୟକ କରେ।

# ମାନସିକତାରେ ପରିବର୍ତ୍ତନ ଲୋଡ଼ା



ଡା. ସତ୍ୟକାମ ମହାପାତ୍ର

କରୋନା ମହାମାରୀର ପ୍ରଥମ ଲହର ଆରମ୍ଭ ହେବାର କିଛି ମାସ ପରେ ଯେତେବେଳେ ପରିସ୍ଥିତି ଅନେକ ମାତ୍ରାରେ ଭଲ ହୋଇ ଆସୁଥିଲା, ସେତିକି ବେଳେ ପୁଣି ଥରେ କରୋନା ସଂକ୍ରମଣର ଦ୍ୱିତୀୟ ଲହର ଆରମ୍ଭ ହୋଇଛି। ଗତ ଏକ ମାସ ହେବ ସଂକ୍ରମିତଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି। ଦ୍ୱିତୀୟ ଲହରରେ ସବୁ ସଂକ୍ରମଣ ଯେ ନୂଆ ପ୍ରକାରର ଭୂତାଣୁ ଦ୍ୱାରା ହେଉଛି ତାହା ନୁହେଁ, କିଛି ସଂକ୍ରମଣ ପୁରୁଣା ସାର୍ସ କୋଭିଡ୍–୨ ଭୂତାଣୁ ଦ୍ୱାରା ଓ କିଛି ସଂକ୍ରମଣ ନୂଆ ମ୍ୟୁଟାଣ୍ଟ ଭୂତାଣୁ ଦ୍ୱାରା ହେଉଛି। ପ୍ରଥମ ଲହରରେ ଲୋକଙ୍କଠାରେ ଯେଉଁ ପ୍ରକାରର ଲକ୍ଷଣ ସବୁ ଦେଖିବାକୁ ମିଳୁଥିଲା, ଦ୍ୱିତୀୟ ଲହରରେ ତା'ଠାରୁ କିଛି ଅଲଗା ପ୍ରକାରର ଲକ୍ଷଣ ଦେଖିବାକୁ ମିଳୁଛି। ଏଥର ଯୁବବର୍ଗ ଓ ଛୋଟ ପିଲାମାନେ ଅଧିକ ସଂକ୍ରମିତ ହେଉଛନ୍ତି। ସଂକ୍ରମଣ ବଢ଼ିବାର ସବୁଠାରୁ ବଡ଼ କାରଣ ହେଲା କୋଭିଡ୍ ନିୟମାବଳୀର ଉଲ୍ଲଂଘନ। ଯେତେବେଳେ କରୋନା ସଂକ୍ରମଣ ସଂଖ୍ୟା ଆମ ଦେଶରେ କମି ଆସିଥିଲା, ସେତେବେଳେ ଲୋକମାନେ ଭାବିଲେ ଏହି ମହାମାରୀର ଅନ୍ତ ଘଟିଲା ; ଯାହା ଫଳରେ ମାସ୍କ ପିନ୍ଧିବା, ସାମାଜିକ ଦୂରତ୍ୱ ରଖିବା କିମ୍ବା ବାରମ୍ବାର ହାତ ଧୋଇବା ସମ୍ପୂର୍ଣ୍ଣ ବନ୍ଦ କରି ଦେଲେ। ପୁଣି ସର୍ବସାଧାରଣ ଜାଗାରେ ଭିଡ଼ କରିବା ଆରମ୍ଭ କରି ଦେଲେ ; ଯାହାଦ୍ୱାରା ସଂକ୍ରମଣ ଦ୍ରୁତ ଗତିରେ ବୃଦ୍ଧି ପାଇଲା। ଯେତେବେଳେ ଦ୍ୱିତୀୟ ଲହର ଆରମ୍ଭ ହେଲା, ସେତେବେଳେ ସରକାରଙ୍କ ତରଫରୁ କୋଭିଡ୍ ଗାଇଡଲାଇନ ମାନିବା ପାଇଁ ଲୋକଙ୍କୁ ବାରମ୍ବାର କୁହାଯାଇଥିଲା। କିନ୍ତୁ ଲୋକମାନେ ଦୋକାନ ବଜାରରେ ଅଯଥା ଭିଡ଼ କରିବା ବନ୍ଦ କଲେ ନାହିଁ। ଏବେ ମଧ୍ୟ ପ୍ରତିଦିନ ସକାଳୁ ପରିବା କିଣିବା, ମାଛ ମାଂସ କିଣିବା, ସଉଦା ଆଣିବା ପାଇଁ ଦୋକାନରେ ଭିଡ଼ କରିବାର ବଦଭ୍ୟାସ ସେମାନେ ଆଦୌ ଛାଡ଼ି ପାରି ନାହାନ୍ତି। ସମସ୍ତେ ସପ୍ତାହକୁ ଥରେ ବଜାରକୁ ଯାଇ ଦରକାରୀ ଜିନିଷ ନେଇ ଆସିଲେ ଆମେ ଅନେକ ପରିମାଣରେ ଅଯଥା ଭିଡ଼କୁ କମାଇ ପାରନ୍ତେ। ପୂର୍ବ ବର୍ଷ ମଧ୍ୟ ଏହି ଭଳି ପରିସ୍ଥିତି ଉପୁଜି ଥିଲା କିନ୍ତୁ ଆମେ ନିଜର ଅଭିଜ୍ଞତାରୁ କିଛି ବିଶେଷ ଶିଖିପାରିଲେ ନାହିଁ।

ଲୋକଙ୍କ ମନରେ କରୋନା ମହାମାରୀକୁ ନେଇ ଅନେକ ଭୁଲ୍ ଧାରଣା ଅଛି। କିଛି ଲୋକ ଭାବୁଥିଲେ ସେମାନଙ୍କର ରୋଗ ପ୍ରତିରୋଧକ ଶକ୍ତି ବହୁତ ଅଧିକ। ସେମାନଙ୍କୁ କେବେ ସଂକ୍ରମଣ ହେବ ନାହିଁ ; ଯାହା ଫଳରେ ସେମାନେ ଆଦୌ ମାସ୍କ ବ୍ୟବହାର କରୁ ନ ଥିଲେ। ଆପଣଙ୍କର ରୋଗ ପ୍ରତିରୋଧକ ଶକ୍ତି ଅଧିକ ଥିଲେ ମଧ୍ୟ ମାସ୍କ ବ୍ୟବହାର ନିହାତି ଜରୁରୀ। ଲୋକମାନେ ଭାବୁଥିଲେ ଟିକା ନେଇଗଲେ ଆଉ କରୋନା ସଂକ୍ରମଣ ହେବ ନାହିଁ। କିନ୍ତୁ କିଛି ଲୋକଙ୍କୁ ଟିକା ନେଲା ପରେ ମଧ୍ୟ ସଂକ୍ରମଣ ଦେଖାଦେଉଛି। ଟିକା ନିଶ୍ଚିତ ଭାବରେ ଆପଣଙ୍କୁ ଅନେକ ପରିମାଣର ସୁରକ୍ଷା ଦେବ, କିନ୍ତୁ ଟିକା ନେଲା ପରେ ମଧ୍ୟ ଆପଣଙ୍କୁ ସମସ୍ତ କୋଭିଡ୍ ନିୟମାବଳୀ ମାନିବାକୁ ପଡ଼ିବ। ଗତ କିଛି ମାସ ହେବ ଯେତେବେଳେ ସଂକ୍ରମଣ ହାର କମି ଯାଇଥିଲା, ସେତେବେଳେ ସମସ୍ତେ ଭାବୁଥିଲେ ଯେ ସବୁକିଛି ପୂର୍ବ ଭଳି ଠିକ୍‌ଠାକ୍ ହୋଇଗଲା, ଯାହା ଫଳରେ ଲୋକେ ଅନେକ ମାତ୍ରାରେ କୋଭିଡ୍ ନିୟମାବଳୀକୁ ଉଲ୍ଲଂଘନ କଲେ। ଏହାଦ୍ୱାରା ଦ୍ୱିତୀୟ ଲହର ଖୁବ୍ ଶୀଘ୍ର ଭୟାନକ ରୂପ ଗ୍ରହଣ କଲା।

ଲୋକମାନଙ୍କ ମନରେ ଏବେ ପ୍ରଶ୍ନ ଉଠୁଛି ଯେ କରୋନା ସଂକ୍ରମଣ କ'ଣ କେବେ ବନ୍ଦ ହେବ ନାହିଁ, ଭବିଷ୍ୟତରେ କ'ଣ ଏଭଳି ଲହର ପ୍ରତିବର୍ଷ ଆସୁଥିବ, ଦୁନିଆ କ'ଣ କରୋନା ମହାମାରୀ ଦ୍ୱାରା ଶେଷ ହୋଇଯିବ ? କିନ୍ତୁ ଆମକୁ ବୁଝିବାକୁ ପଡ଼ିବ ଯେ ପର୍ଯ୍ୟନ୍ତ ଆମେ ସାବଧାନ ନ ହୋଇଛୁ ସେ ପର୍ଯ୍ୟନ୍ତ କରୋନା ମହାମାରୀଠାରୁ ଆମକୁ ମୁକ୍ତି ମିଳିବ ନାହିଁ। ଆମ ସମସ୍ତଙ୍କ ପାଇଁ ପୁଣି ଥରେ ଏକ କଠିନ ସମୟ ଆସିଛି। କରୋନା ବିରୋଧରେ ଲଢ଼େଇ କରିବାକୁ ଆମକୁ ସତର୍କତା ଅବଲମ୍ବନ କରିବାକୁ ପଡ଼ିବ। ମାନସିକ ସ୍ତରରେ ଦୃଢ଼ତା ଆଣିବାକୁ ହେବ। ଏହି ଲଢ଼େଇ ଆମେ ଗତ ଏକ ବର୍ଷ ହେଲା ଲଢ଼ି ଆସୁଥିଲୁ। ନିଜର ପୂର୍ବ ଅଭିଜ୍ଞତାକୁ ନେଇ ଆମକୁ ଆହୁରି ମଜଭୁତ ହୋଇ କରୋନା ବିରୋଧରେ ଲଢ଼େଇ ଜାରି ରଖିବାକୁ ପଡ଼ିବ। ଅତ୍ୟଧିକ ଛାନିଆ ବା ଭୟଭୀତ ହୁଅନ୍ତୁ ନାହିଁ କିମ୍ବା ଅତ୍ୟଧିକ ବେପରୁଆ ହୋଇ ଯାଅନ୍ତୁ ନାହିଁ। ସବୁଠାରୁ ପ୍ରମୁଖ ପଦକ୍ଷେପ ହେଲା ସରକାରଙ୍କ ଦ୍ୱାରା ଜାରି ହୋଇଥିବା କୋଭିଡ୍ ନିୟମାବଳୀକୁ ସବୁବେଳେ ମାନିବା ; ଯାହାଦ୍ୱାରା ଆମେ କରୋନା ଠାରୁ ଦୂରେଇ ରହିପାରିବା।

ଆମକୁ ନିଜର ସଂଯମତା ବଢ଼ାଇବାକୁ ପଡ଼ିବ। ଆହୁରି ଅଧିକ ସାବଧାନ ହେବାକୁ ପଡ଼ିବ। ଆମେ ଯଦି ନିଜର ମାନସିକତାକୁ ପରିବର୍ତ୍ତନ ନ କରିବା ତେବେ କରୋନା ମହାମାରୀ ଖୁବ୍ କମ୍ ଦିନ ମଧ୍ୟରେ ଏକ ସୁନାମିର ରୂପ ନେବ ; ଯାହାଦ୍ୱାରା ଆମକୁ ଶାରୀରିକ ଓ ମାନସିକ ରୂପରେ ଅନେକ କ୍ଷତି ସହିବାକୁ ପଡ଼ିବ।

ମାନସିକ ରୋଗ ବିଶେଷଜ୍ଞ, କଟକ
ମୋ–୮୮୯୫୨୯୩୯୯୭

## ଏଇ ଭାରତରେ

ଏଥର ଚଢ଼ିବେ ବାଉଁଶ ସାଇକେଲ। ଏହା ଶୁଣି ଆଶ୍ଚର୍ଯ୍ୟ ଲାଗୁଥିବ, କିନ୍ତୁ ସତ। ଏମିତିକା ସାଇକେଲ ନିର୍ମାଣ କରିଛନ୍ତି ମହାରାଷ୍ଟ୍ରର ଏକ ଦମ୍ପତି। ଭାରତୀୟ ବାୟୁସେନାର ପୂର୍ବତନ ପାଇଲଟ ଶଶିଶଙ୍କର ପାଠକ ଏବଂ ତାଙ୍କ ସ୍ତ୍ରୀ ଦେବିକା ବାଉଁଶ ସାଇକେଲ ନିର୍ମାଣ କରିବା ଲାଗି ୨୦୧୬ରେ 'ବାମ୍ବୋଚି' କମ୍ପାନୀ ଆରମ୍ଭ କରିଥିଲେ। ଏବେ ଏହି କମ୍ପାନୀ ଦୁଇ ସିଟ୍ ବିଶିଷ୍ଟ ବୈଦ୍ୟୁତିକ ଓ ଫୋଲ୍‌ଡିଂ ବାଉଁଶ ସାଇକେଲ ତିଆରି କରୁଛି। ପ୍ରଥମେ ପାଠକ ପୁଣେଠାରୁ ୬୦ କି.ମି. ଦୂର ତାଙ୍କ ଗାଁ ଫାର୍ମରେ ବାଉଁଶର ବିଭିନ୍ନ ସାମଗ୍ରୀ ପ୍ରସ୍ତୁତ କରୁଥିଲେ। ପରେ ଏକ ଟେଲିଭିଜନ ଶୋ'ରେ ଏଭଳି ସାଇକେଲ ବିଷୟରେ ଜାଣିବା ପରେ ଏହାର ନିର୍ମାଣ ଆରମ୍ଭ କରିଥିଲେ। ଦୁଇ ବର୍ଷ ପରେ ସେ ଏହାର ପ୍ରତିକୃତି ନିର୍ମାଣ କରିବାକୁ ସକ୍ଷମ ହେଲେ। ପାଠକ ପ୍ରଥମେ ତାଙ୍କ ପାଇଁ ଓ ପରେ ବ୍ୟବସାୟିକ ଲକ୍ଷ୍ୟ ନେଇ ଏହି ସାଇକେଲ ତିଆରି କରୁଛନ୍ତି। ସାଇକେଲର ମୂଲ୍ୟ ରଖିଛନ୍ତି ୧,୦୫,୦୦୦ ଟଙ୍କା। ଉତ୍ପାଦନ ବଢ଼ିଲେ ଏହାର ମୂଲ୍ୟ କମିବ ବୋଲି କହିଛନ୍ତି ପାଠକ। ସାଇକେଲରେ ଏକା ପ୍ରକାରର ୨୫ଟି ଫ୍ରେମ, ଟାୟାର ଓ ଟ୍ୟୁବ ଲଗାଯାଇଛି। ଏହା ରେନ୍ ରେଜିଷ୍ଟାଣ୍ଟ। ବାଉଁଶ ନିର୍ମିତ ଇ–ସାଇକେଲରେ ଲିଥିୟମ ବ୍ୟାଟେରି ଖଞ୍ଜାଯାଇଛି। ଥରେ ଚାର୍ଜ ହେଲେ ଏହା ଯାଉଛି ୭୦କିମି। ଫ୍ରାନ୍ସର ପ୍ରଫେଶନାଲ ସାଇକ୍ଲିଷ୍ଟ ପ୍ୟାଟ୍ରିକ ଲିଫେରି ପାଠକଙ୍କଠାରୁ ବାଉଁଶ ସାଇକେଲ ନିର୍ମାଣ କୌଶଳ ଶିକ୍ଷା କରିଛନ୍ତି।

## ୨୫ ବର୍ଷ ତଳର ଧରିତ୍ରୀ

୧୩ ମେ ୧୯୯୬

- ଟେଷ୍ଟ କ୍ରିକେଟ ଜୀବନରେ ମ୍ୟାଚ୍ ପିଛା ୯୯.୦୯ ହାରେରେ ରନ ସଂଗ୍ରହ କରିଥିବା ଅଷ୍ଟ୍ରେଲିଆର ପୁରୁଖା ବ୍ୟାଟ୍ସମ୍ୟାନ୍ ଡନ୍ ବ୍ରାଡ୍‌ମ୍ୟାନଙ୍କର କ୍ରିକେଟ ବ୍ୟାଟ ରେକର୍ଡ ୨୩.୦୦୦ ପାଉଣ୍ଡରେ ନିଲାମ।
- ପୂର୍ବତନ ଦସ୍ୟୁ ନାୟିକା ଫୁଲନ୍ ଦେବୀ ଉତ୍ତର ପ୍ରଦେଶର ମିର୍ଜାପୁର ସଂସଦୀୟ ଆସନରୁ ସମାଜବାଦୀ ପାର୍ଟି ଟିକେଟରେ ବିଜୟୀ ହୋଇଛନ୍ତି।
- ଜମ୍ମୁ–କଶ୍ମୀରରେ ଲୋକସଭା ନିର୍ବାଚନ ସଂପର୍କରେ କେତେକ ଆପତ୍ତିଜନକ ଖବର ପ୍ରକାଶ ପାଇଥିବା ଅଭିଯୋଗରେ ରାଜ୍ୟ ସରକାର ପ୍ରମୁଖ ଇଂରାଜୀ ଖବରକାଗଜ କାଶ୍ମୀର ଟାଇମ୍ସର କପିକୁ ଜବତ କରିଛନ୍ତି।

## su|do|ku — ସୁ–ଡୋ–କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | 3 | 4 | | 9 | | 6 |
| | | | | 5 | 8 | | | |
| | | 4 | | | | 5 | 7 | |
| | | 3 | | | | | | 2 |
| | | | 1 | 6 | | | | 5 |
| 7 | | | | | | 8 | | |
| 6 | | | | | | | | |
| 5 | | | | 1 | | | 8 | |
| 1 | | | 9 | | | | 2 | 3 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 6 | 7 | 5 | 4 | 8 | 1 | 3 | 2 | 9 |
| 8 | 3 | 4 | 7 | 9 | 2 | 6 | 5 | 1 |
| 1 | 9 | 2 | 5 | 3 | 6 | 4 | 7 | 8 |
| 2 | 1 | 8 | 3 | 6 | 9 | 5 | 4 | 7 |
| 9 | 5 | 6 | 8 | 7 | 4 | 2 | 1 | 3 |
| 3 | 4 | 7 | 2 | 1 | 5 | 9 | 8 | 6 |
| 5 | 6 | 3 | 1 | 2 | 8 | 7 | 9 | 4 |
| 4 | 8 | 9 | 6 | 5 | 7 | 1 | 3 | 2 |
| 7 | 2 | 1 | 9 | 4 | 3 | 8 | 6 | 5 |

ଗତକାଲିର ଉତ୍ତର

# କଳାହାଣ୍ଡି ବିକାଶରେ ଶିକ୍ଷା



ଡ. ଜୟଦେବ ସାହୁ

ଶିକ୍ଷା ହିଁ ପ୍ରଗତିର ଚାବିକାଠି। ଶିକ୍ଷା ମାଧ୍ୟମରେ ସମାଜରେ ନବଜାଗରଣ ଆସେ। ସମାଜର ଅନ୍ଧବିଶ୍ୱାସ, କୁସଂସ୍କାର ପ୍ରଭୃତି ଅହିତକାରୀ କୁପ୍ରଥା ଦୂର ହୁଏ। ନେଲ୍‌ସନ ମଣ୍ଡେଲାଙ୍କ ମତରେ ଶିକ୍ଷା ସବୁଠୁ ଶକ୍ତିଶାଳୀ ଅସ୍ତ୍ର, ଯାହାର ପ୍ରୟୋଗରେ ପୃଥିବୀରେ ସବୁ ପ୍ରକାର ପରିବର୍ତ୍ତନ ଅଣାଯାଇପାରେ। ଶିକ୍ଷାର ସଂଜ୍ଞା ଦେବାକୁ ଯାଇ ସଂସ୍କୃତ ସାହିତ୍ୟ କହେ –ନାସ୍ତି ବିଦ୍ୟାସମଂ ବନ୍ଧୁ ନାସ୍ତି ବିଦ୍ୟାସମଂ ସୁହୃଦ୍, ନାସ୍ତି ବିଦ୍ୟାସମଂ ବିତ୍ତମ ନାସ୍ତି ବିଦ୍ୟାସମଂ ସୁଖମ୍। ତେଣୁ ଶିକ୍ଷା ହିଁ ଜାତି ଓ ଦେଶର ଉନ୍ନତି କରିପାରେ। ୧୯୮୫ ଜୁଲାଇ ୩୧ର ଇଣ୍ଡିଆ ଟୁଡେ ପତ୍ରିକାରେ କଳାହାଣ୍ଡି ଜିଲାର ଏକ ନକାରାତ୍ମକ ଚିତ୍ର ବର୍ଣ୍ଣିତ ହୋଇଥିଲା। ଯେଉଁଥିରେ କଳାହାଣ୍ଡି ଜିଲାକୁ ଏକ ଦରିଦ୍ର ବୁଭୁକ୍ଷିତ ଜିଲା ଭାବରେ ଚିତ୍ରଣ କରାଯାଇ କିପରି କ୍ଷୁଧା ନିବାରଣ ପାଇଁ ଛୁଆ ବିକ୍ରି କରାଯାଉଥିଲା ଏବଂ କିଭଳି ଜଙ୍ଗଲରେ ମିଳୁଥିବା କନ୍ଦମୂଳ ଖାଇ ଲୋକେ ବଞ୍ଚୁ ଥିଲେ ତାହା ଲେଖା ଯାଇଥିଲା। ମାତ୍ର ଶିକ୍ଷାର ବିକାଶ ଫଳରେ କେମିତି କଳାହାଣ୍ଡି ଜିଲା ମାତ୍ର ୩୫ ବର୍ଷରେ ଆଜି ଏକ ଶସ୍ୟଶ୍ୟାମଳା ଏବଂ ଶସ୍ୟ ରପ୍ତାନିକାରୀ ଭୂଖଣ୍ଡରେ ପରିଣତ ହୋଇପାରିଛି ତାହା ବିଚାରଯୋଗ୍ୟ। ଶିକ୍ଷା ଯେ ଅସମ୍ଭବକୁ ସମ୍ଭବ, ଅନୁନ୍ନତକୁ ଉନ୍ନତ କରିପାରେ, ତାହା ବର୍ତ୍ତମାନର ଉନ୍ନତ କଳାହାଣ୍ଡି ଜିଲାରୁ ସ୍ପଷ୍ଟ ଜାଣିହୁଏ।

ବର୍ତ୍ତମାନର କଳାହାଣ୍ଡି ପୁରାତନ ଦକ୍ଷିଣ କୋଶଳ ରାଜ୍ୟର ଏକ ଅଂଶବିଶେଷ ଥିଲା। ପରବର୍ତ୍ତୀ ସମୟରେ ନାଗବଂଶୀ ରାଜାମାନଙ୍କ ଦ୍ୱାରା ଦୀର୍ଘଦିନ ଧରି ଶାସିତ ହୋଇଥିଲା। ତେବେ ପ୍ରାଚୀନ କାନ୍ତାରକ ବା କାରୁଣ୍ଡମଣ୍ଡଳ ଏକ ଉନ୍ନତ ଓ ପ୍ରାଚୁର୍ଯ୍ୟଭରା ରାଜ୍ୟ ଥିଲା ବୋଲି ଇତିହାସରୁ ଜଣାଯାଏ। ମାଣିକ୍ୟ ଭଳି ମୂଲ୍ୟବାନ୍ ପଥର ଏହି ଗଡ଼ଜାତ ରାଜ୍ୟରେ ରହିଥିବା କଥା ଐତିହାସିକମାନେ ମତପୋଷଣ କରନ୍ତି। ୧୯୪୯ ନଭେମ୍ବର ୧ରେ କଳାହାଣ୍ଡି ଗଡ଼ଜାତ ରାଜ୍ୟ ଭାରତବର୍ଷରେ ମିଶିଲା ଏବଂ ବର୍ତ୍ତମାନର କଳାହାଣ୍ଡି ଜିଲାର ଜନ୍ମ ହେଲା। ତେବେ ରାଜରାଜୁଡ଼ା ଶାସନ କାଳରେ ଶିକ୍ଷାର ବିଶେଷ ଅଗ୍ରଗତି ଘଟି ନ ଥିଲା। ଲୋକେ ଶିକ୍ଷା ଅଭାବରେ ନିଜ ହକ୍ ସମ୍ପର୍କରେ ଅବଗତ ନ ଥିଲେ। ତେଣୁ ରାଜାମାନଙ୍କ ମନୋମୁଖି ଶାସନର ଶିକାର ହେଉଥିଲେ। ଅପରପକ୍ଷରେ ଦୁର୍ଭିକ୍ଷ, ଅନଟନ ମାଣିକ୍ୟ ଭଣ୍ଡାର କଳା ଓ ସଂସ୍କୃତିରେ ଋଦ୍ଧିମନ୍ତ କଳାହାଣ୍ଡିକୁ ତଳିତଳାନ୍ତ କରିଦେଇଥିଲା। ଏହାସତ୍ତ୍ୱେ କଳାହାଣ୍ଡି ରାଜା ଫତେନାରାୟଣ ଦେଓଙ୍କ ଉଦ୍ୟମ କ୍ରମେ ୧୮୬୦ରେ ଚାରିଟି ପ୍ରାଥମିକ ବିଦ୍ୟାଳୟ ଖୋଲିଲା ଏବଂ ଏହା କଳାହାଣ୍ଡିରେ ଶିକ୍ଷାର ପ୍ରଦୀପ ପ୍ରଜ୍ୱଳନ କଲା। କଳାହାଣ୍ଡି ରାଜାଙ୍କ ଦ୍ୱାରା ୧୯୧୬ରେ ପ୍ରଥମ ଉଚ୍ଚ ବିଦ୍ୟାଳୟ ବ୍ରଜମୋହନ ଉଚ୍ଚ ବିଦ୍ୟାଳୟ ଭବାନୀପାଟନାଠାରେ ପ୍ରତିଷ୍ଠିତ ହେଲା। ଗଡ଼ଜାତ ରାଜ୍ୟ ମିଶ୍ରଣ ସମୟରେ କଳାହାଣ୍ଡିରେ ୧୧୮ଟି ପ୍ରାଥମିକ ବିଦ୍ୟାଳୟ ସ୍ଥାପିତ ହୋଇ ପାରିଥିଲା। ୧୯୬୦–୬୧ ବେଳକୁ ଏହି ସଂଖ୍ୟା ୯୧୬ରେ ପହଞ୍ଚି ପାରିଲା। କିନ୍ତୁ ସେଇ ସମୟରେ କଳାହାଣ୍ଡିରେ ସର୍ବମୋଟ ଶିକ୍ଷକ ସଂଖ୍ୟା ଥିଲା ୧୩୬୭, ଯେଉଁଥିରୁ ମାତ୍ର ୧୧ ଜଣ ଥିଲେ ମହିଳା। ଏଥିରୁ ଅନୁମାନ କରାଯାଇପାରେ, କଳାହାଣ୍ଡିରେ ଶିକ୍ଷା ବ୍ୟବସ୍ଥା କେତେ ଅବହେଳିତ ହୋଇ ରହିଥିଲା। ମାତ୍ର ଏବେ ଅଛି ୩୭୪୦ ପ୍ରାଥମିକ ବିଦ୍ୟାଳୟ, ୪୨୯୮ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ୩୮୦୪ ଉଚ୍ଚ ବିଦ୍ୟାଳୟ, ପ୍ରାୟ ୧୦୦ ମହାବିଦ୍ୟାଳୟ, ଗୋଟିଏ ଯାନ୍ତ୍ରିକ ମହାବିଦ୍ୟାଳୟ, ଗୋଟିଏ କୃଷି ବିଦ୍ୟାଳୟ, ଏକ ପ୍ରସ୍ତାବିତ ମେଡିକାଲ କଲେଜ ଏବଂ ଗୋଟିଏ ବିଶ୍ୱବିଦ୍ୟାଳୟ। ୧୯୮୦ ପରେ କଳାହାଣ୍ଡିରେ ଶିକ୍ଷାର ବିକାଶ ଅତିଦ୍ରୁତ ଗତିରେ ଆଗେଇ ଚାଲିଛି।

ଶିକ୍ଷାର ବିକାଶ ହେତୁ କଳାହାଣ୍ଡିରେ ନବଜାଗରଣ ଆସିଲା ଏବଂ ଶିକ୍ଷିତ ଲୋକେ ଶିକ୍ଷାର ଅଗ୍ରଗତି ପାଇଁ ଚେଷ୍ଟିତ ହେଲେ। କୃଷି କ୍ଷେତ୍ରରେ ବୈପ୍ଳବିକ ପରିବର୍ତ୍ତନ ଆସିଲା। ଲୋକମାନଙ୍କ ଦାବି ଫଳରେ ୧୯୯୮ରେ ଇନ୍ଦ୍ରାବତୀ ଜଳ ପ୍ରକଳ୍ପ, ୧୯୭୬ ରେ ଉତେଇ ଜଳପ୍ରକଳ୍ପ ୧୯୯୯ରେ ରେତ ଜଳପ୍ରକଳ୍ପ ଏବଂ ୧୭୮ କ୍ଷୁଦ୍ର ଜଳପ୍ରକଳ୍ପ ପ୍ରତିଷ୍ଠିତ ହେଲା ଓ କଳାହାଣ୍ଡି ଜିଲାକୁ ଶସ୍ୟଶ୍ୟାମଳା କରି ଓଡ଼ିଶାରେ ଧାନ ଉତ୍ପାଦନରେ ଦ୍ୱିତୀୟ ସ୍ଥାନରେ ଆସୀନ କଲା। ଏହାଦ୍ୱାରା ଲୋକମାନଙ୍କ ଜୀବନ ଧାରଣ ମାନଦଣ୍ଡରେ ଅଭୂତପୂର୍ବ ଉନ୍ନତି ଆସିଲା। ଦେଶର ମାନଚିତ୍ରରେ ଏକ ନୂଆ ପରିଚୟ ସୃଷ୍ଟି କଲା କଳାହାଣ୍ଡି। ଏକ ଆକଳନରୁ ଜଣାପଡ଼େ ଯେ, ବର୍ତ୍ତମାନ ଏକ ହଜାରରୁ ଊର୍ଦ୍ଧ୍ୱ କମ୍ପ୍ୟୁଟର ଇଞ୍ଜିନିୟର କେବଳ ବାଙ୍ଗାଲୋର ସହରରେ କାର୍ଯ୍ୟରତ। କିଛି ବର୍ଷ ହେଲା ପ୍ରତିବର୍ଷ ଇଣ୍ଡିଆନ୍ ସିଭିଲ ସର୍ଭିସରେ ଦୁଇ ତିନି ଜଣ କୃତକାର୍ଯ୍ୟ ହେଉଛନ୍ତି। ଦୁଇରୁ ତିନିଜଣ ପ୍ରତିବର୍ଷ ଆଇଆଇଟି, ବିଟ୍ସ ଓ ଜେଏନ୍‌ୟୁ ଭଳି ଖ୍ୟାତିସମ୍ପନ୍ନ ଜାତୀୟ ଅନୁଷ୍ଠାନକୁ ପ୍ରବେଶ କରୁଛନ୍ତି। ଏବେ ପୃଥିବୀର ବିଭିନ୍ନ ଦେଶରେ ୨୦୦ରୁ ଅଧିକ ଏନ୍‌ଆରଆଇ ଅଛନ୍ତି। ଏହା କଳାହାଣ୍ଡି ପାଇଁ କମ୍ ଗର୍ବର କଥା ନୁହେଁ।

ତେବେ ଏତିକିରେ ସନ୍ତୁଷ୍ଟି ଲାଭ କଲେ କଳାହାଣ୍ଡିର ବାସ୍ତବିକ ବିକାଶ ହୋଇ ପାରିବ ନାହିଁ। ସାକ୍ଷରତା କ୍ଷେତ୍ରରେ ଉନ୍ନତି ଘଟିଥିଲେ ସୁଦ୍ଧା ଏଯାବତ୍ ଓଡ଼ିଶାର ସାକ୍ଷରତା ହାରଠାରୁ କମ୍। ୨୦୧୧ ଜନଗଣନା ହିସାବରେ ଓଡ଼ିଶାରେ ସାକ୍ଷରତା ହାର ୭୨.୯% ଥିଲା ବେଳେ କଳାହାଣ୍ଡିରେ ଏହି ସଂଖ୍ୟା ୫୯.୭୨%। ପୁରୁଷଙ୍କ ସାକ୍ଷରତା ହାର ୭୧.୯୦% ଥିଲାବେଳେ ମହିଳାଙ୍କ ହାର ମାତ୍ର ୪୬.୬୮%। ୧୯୪୧ ଜନଗଣନା ଅନୁସାରେ କଳାହାଣ୍ଡିର ସାକ୍ଷରତା ହାର ଥିଲା ୬.୩%। ଏହାକୁ ତୁଳନା କଲେ ଜଣାଯାଏ, କଳାହାଣ୍ଡି ସାକ୍ଷରତାରେ ପ୍ରଗତି କରିଛି, କିନ୍ତୁ ଏବେବି ଲକ୍ଷ୍ୟସ୍ଥଳରେ ପହଞ୍ଚିବା ପାଇଁ ଅନେକ ରାସ୍ତା ବାକି ଅଛି।

କଳାହାଣ୍ଡିର ୪୭% ଲୋକ ଆଦିବାସୀ ଓ ଦଳିତ ସମ୍ପ୍ରଦାୟର। ତେଣୁ ସେମାନଙ୍କ ଉନ୍ନତିରେ ହିଁ କଳାହାଣ୍ଡିର ଉନ୍ନତି। ଏହି ବର୍ଗର ମହିଳାମାନଙ୍କ ସଂଖ୍ୟା ପୁରୁଷଙ୍କ ସଂଖ୍ୟାଠୁ ଅଧିକ (୫୦.୪୦%)। ଆକଳନରୁ ଜଣାପଡ଼େ ଯେ, ମୋଟ ଜନସଂଖ୍ୟାର ୩୯.୧୦% ମହିଳା (୩ ଲକ୍ଷ ୨ ହଜାର ୯୦୯) ନିରକ୍ଷର। ୧୯୩୫–୩୬ ରେ କେବଳ ଗୋଟିଏ ବିଦ୍ୟାଳୟ ଏମାନଙ୍କ ପାଇଁ ପ୍ରତିଷ୍ଠା ହୋଇଥିଲା। ୧୯୧୪ରେ ପଛୁଆ ବର୍ଗର ଛାତ୍ରୀଛାତ୍ରଙ୍କ ସଂଖ୍ୟା ଥିଲା ୧,୧୫୧ ଓ ଏଥିରୁ ଝିଅଙ୍କ ସଂଖ୍ୟା ଥିଲା ମାତ୍ର ୧୮୩। ଏବେ ଏହି ସଂଖ୍ୟାରେ ବହୁ ଉନ୍ନତି ଘଟିଛି। କଳାହାଣ୍ଡିରେ ଏବେ ୪୨ଟି ସେବାଶ୍ରମ ସ୍କୁଲ ଅଛି। କିନ୍ତୁ ଏବେବି ଅନେକ ଆଦିବାସୀ ଛାତ୍ରୀଛାତ୍ର ବିଦ୍ୟାଳୟକୁ ଯାଉନାହାନ୍ତି। ଏହାର ଅନେକ କାରଣ ମଧ୍ୟରେ ଦାରିଦ୍ର୍ୟ, ଅନ୍ୟ ଭାଷାରେ ଶିକ୍ଷାଦାନ, ଯୋଗାଯୋଗର ଅଭାବ, ଦୁର୍ଗମ ଅଞ୍ଚଳ, ନିଜ ଭାଷାଭାଷୀ ଶିକ୍ଷକ ଅଭାବ, ଶୀଘ୍ର ବିବାହ, ମା'ବାପାଙ୍କ ଉଦାସୀନତା ଆଦି ମୁଖ୍ୟ। ଏପର୍ଯ୍ୟନ୍ତ ଆଦିବାସୀ ଶିକ୍ଷୟିତ୍ରୀ ଶିକ୍ଷକଙ୍କ ସଂଖ୍ୟା ମାତ୍ର ୧୬.୫% ପ୍ରାଥମିକ ବିଦ୍ୟାଳୟରେ ଓ ଏହି ସଂଖ୍ୟା ୧୧.୪୭% ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ। ଏହି ସଂଖ୍ୟା ବଢ଼ିଲେ ହିଁ କଳାହାଣ୍ଡିରେ ଶିକ୍ଷାର ବହୁଳ ପ୍ରସାର ଘଟିବ। ଯେଉଁ ୫୬% ଆଦିବାସୀ ଝିଅ ବିଦ୍ୟାଳୟ ଛାଡୁଛନ୍ତି, ତାଙ୍କୁ ବିଦ୍ୟାଳୟରେ ରଖିପାରିଲେ ହିଁ ଆହୁରି ବିକାଶ ଘଟିବ।

କଳାହାଣ୍ଡି ଏବେ ଧାତବ ଦ୍ରବ୍ୟ ଓ କପା ମଧ୍ୟ ରପ୍ତାନି କରୁଛି। ଓଡ଼ିଶାର ୪୦% କପା କେବଳ କଳାହାଣ୍ଡିରୁ ମିଳେ। ସାହିତ୍ୟ, କଳା ଓ ସଂସ୍କୃତି କ୍ଷେତ୍ରରେ କଳାହାଣ୍ଡିର ଅବଦାନ ବହୁତ ବେଶୀ। ଓଡ଼ିଆ ସାହିତ୍ୟର କାଳଜୟୀ ସ୍ରଷ୍ଟା ପ୍ରଫେସର ଭୁବନେଶ୍ୱର ବେହେରା, ନାଟ୍ୟ ରଶ୍ମି ପ୍ରଫୁଲ୍ଲ ରଥ, ପର୍ଶୁରାମ ମୁଣ୍ଡ, ଔପନ୍ୟାସିକ ରାସବିହାରୀ ବେହେରା, କବି ଓ ଔପନ୍ୟାସିକ ଅଖିଳ ନାୟକ, ନାଟ୍ୟକାର ପରମେଶ୍ୱର ମୁଣ୍ଡଙ୍କ ବାସସ୍ଥାନ କଳାହାଣ୍ଡି। ଘୁମୁରା ପାଇଁ ପ୍ରସିଦ୍ଧି ଲାଭ କରିଥିବା କଳାର ହାଣ୍ଡି କଳାହାଣ୍ଡି ଯେ ମା' ମାଣିକେଶ୍ୱରୀଙ୍କ ଆଶୀର୍ବାଦରେ ଆହୁରି ବିକଶିତ ହେବ, ଏଥିରେ ସନ୍ଦେହ ନାହିଁ।

– କଳାହାଣ୍ଡି ବିଶ୍ୱବିଦ୍ୟାଳୟ, ଭବାନୀପାଟଣା
ମୋ: ୭୯୭୮୯୯୦୦୧୬

## ପାଠକ ଶ୍ରେଷ୍ଠ ବିଚାରକ

### ଛୋଟ ପିଲା ଓ ଭିକ୍ଷାବୃତ୍ତି

ମହାଶୟ,

କଟକ–ଭୁବନେଶ୍ୱର ଅଞ୍ଚଳରେ ବେଳେବେଳେ କିଛି ବାହାର ରାଜ୍ୟର ମହିଳାମାନେ ଛୋଟ ପିଲାଙ୍କୁ ଧରି ବିଭିନ୍ନ ଛକରେ ଭିକ୍ଷା ମାଗିବା ଦେଖାଯାଉଛି। ପ୍ରତିଦିନ ବିଭିନ୍ନ ରାଜ୍ୟର ଛୋଟ ପିଲା ନିଖୋଜ ଖବର ମଧ୍ୟ ପ୍ରକାଶ ପାଉଛି ଏବଂ ନିଖୋଜ ପିଲାଙ୍କୁ ଭିକ୍ଷାବୃତ୍ତି ଓ ଅନ୍ୟ ଅସାମାଜିକ କାର୍ଯ୍ୟରେ ନିୟୋଜିତ ହେବାର ଖବର ନଜରକୁ ଆସୁଛି। ତେଣୁ ପୋଲିସ ପ୍ରଶାସନକୁ ଅନୁରୋଧ ଯେ, ଏ ପ୍ରକାର ଭିକ୍ଷାବୃତ୍ତିରେ ପିଲାମାନଙ୍କୁ ନିୟୋଜିତ କରୁଥିବା ମହିଳାମାନଙ୍କୁ ଗିରଫ କରାଯାଉ। ଛୋଟ ପିଲାଙ୍କୁ ଉଦ୍ଧାର କରି ସେମାନଙ୍କ ଲାଳନ ପାଳନ ଦାୟିତ୍ୱ କୌଣସି ଅନାଥ ଆଶ୍ରମ ଦାୟିତ୍ୱରେ ଦିଆଯାଉ। ପିଲାର ଡିଏନ୍‌ଏ ଟେଷ୍ଟ କରି ପ୍ରକୃତ ମାବାପାଙ୍କର ଅନୁସନ୍ଧାନ କରାଯାଉ। ଫଳରେ ଶିଶୁ ଚୋରିକୁ ରୋକିବାରେ ଏହା ଏକ ସଫଳ ପ୍ରୟାସ ହୋଇପାରିବ।

–ଡି.ଉପେନ୍ଦ୍ର, ନୂଆପଲ୍ଲୀ, ଭୁବନେଶ୍ୱର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ନିଆଁଶାର ଦହନରେ
ଦଗଧ କରଇ ଯେହୁ ପ୍ରାଣ,
ନ ଜନମୁ ତାର ଲାଗି
ଅନ୍ତରେ ମୋ ତିଳେ ଅଭିମାନ। –(ଆସ୍ତିକର ଆକୁତି)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୧୬,୦୭,୫୮,୯୪୯ | ୩୩,୩୭,୮୮୬ | ୧୩,୮୫,୩୭,୧୫୫ |
| ଭାରତ | ୨,୩୬,୧୯,୮୦୫ | ୨,୫୭,୧୯୬ | ୧,୯୬,୩୬,୭୫୦ |
| ଓଡ଼ିଶା | ୫,୬୫,୬୪୮ | ୨୨୩୨(+୫୩) | ୪,୩୭,୬୮୦ |

ବୁଧବାର ରାତି ୧୦ଟା ସୁଦ୍ଧା (+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ) ତଥ୍ୟ: https://www.worldometers.info/coronavirus/ଏବଂ ଓଡ଼ିଶା ସରକାର

# ଟଙ୍କା ନେଉଛନ୍ତି କର୍ମଚାରୀ, କଏଦୀ ଟାଣୁଛନ୍ତି ଗଞ୍ଜେଇ

**ଭୁବନେଶ୍ୱର,୧୨।୫(ବ୍ୟୁରୋ)**

ଝାରପଡ଼ା ସ୍ୱତନ୍ତ୍ର ଜେଲ ପାଲଟିଛି ଅପରାଧୀଙ୍କ ସୁରକ୍ଷିତ ଆଡ୍ଡାସ୍ଥଳ। ସଜା ନୁହେଁ, ଭିତରେ ବିତୁଛି ଦୁର୍ଦ୍ଦାନ୍ତ ଅପରାଧୀଙ୍କ ଅୟସ ଜୀବନ। ନିଶା ସେବନ ସହ ନାଚଗୀତ ମଉଜ ମଜଲିସ୍ ସବୁ କିଛି ଚାଲୁଛି। ମୋବାଇଲ ଫୋନ୍‌ରେ ବି ଅପରାଧ ନିୟନ୍ତ୍ରଣ ହେଉଛି। ଜେଲ ପରିସରରୁ ଗଦାଗଦା ମୋବାଇଲ୍ ଫୋନ୍ ମିଳୁଥିବାବେଳେ ଏବେ ଭାଇରାଲ ହୋଇଥିବା ଭିଡିଓ ସାଂଘାତିକ ଗୁମର ପଦାକୁ ଆଣିଛି। ଜେଲ କର୍ମଚାରୀ ଟଙ୍କା ନେଉଥିବା ଓ କଏଦୀମାନେ ଗଞ୍ଜେଇ ଟାଣୁଥିବା ପରି ବହୁ ଦୃଶ୍ୟ ଦେଖିବାକୁ ମିଳୁଛି। ଦୁର୍ଦ୍ଦାନ୍ତ ଅପରାଧୀମାନେ ଟଙ୍କା ବଳରେ ଜେଲ କର୍ମଚାରୀ ଓ ଅଧିକାରୀଙ୍କୁ ନିଜ ହାତ ମୁଠାରେ ରଖି ବାହାରେ ଅପରାଧ ଘଟାଉଥିବା ଜଣାପଡିଛି। ଏଠାରେ ପ୍ରଶ୍ନ ଉଠୁଛି, ଜେଲ କର୍ମଚାରୀଜଣକ କଏଦୀଙ୍କଠାରୁ ଟଙ୍କା ନେଉଛନ୍ତି କାହିଁକି? ନିଶାଦ୍ରବ୍ୟ ଜେଲ ଭିତରକୁ କାହା ମାର୍ଫତରେ ଯାଉଛି? ଏହାର କଡାକଡି ତଦନ୍ତ କରାଯିବାକୁ ସାଧାରଣରେ ଦାବି ହୋଇଛି।

ସମୁଦାୟ ୩ଟି ଭିଡିଓ ଭାଇରାଲ ହେଉଛି। ଗୋଟିଏ ଭିଡିଓରେ କଏଦୀଙ୍କଠାରୁ ଜେଲ କର୍ମଚାରୀଜଣକ ପାଚେରି ନିକଟ ଏକ ଗଛ ମୂଳେ ଟଙ୍କା ନେଉଛନ୍ତି। ପରେ କିଛି ବାର୍ତ୍ତାଳାପ କରୁଛନ୍ତି। ଅନ୍ୟ ଏକ ଭିଡିଓରେ କଏଦୀମାନେ କୀର୍ତ୍ତନ କରିବା ସହ ଗଞ୍ଜେଇ ଟାଣୁଛନ୍ତି। ଗଞ୍ଜେଇ ଚିଲମକୁ ଜଣକ ପରେ ଜଣେ ନେବା ସହ ନିଶା ସେବନ କରୁଥିବା ଭିଡିଓରେ ଦେଖିବାକୁ ମିଳୁଛି। ଏହି ଭିଡିଓ ପଣା ସଂକ୍ରାନ୍ତି ଦିନ ରେକର୍ଡ କରାଯାଇଥିବା ଅନୁମାନ କରାଯାଉଛି। ସେହିପରି ତୃତୀୟ ଭିଡିଓରେ ଖୁସିରେ ଭାବବିହ୍ୱଳହୋଇ ଜଣକ ପରେ ଜଣେ କଏଦୀ ବିଭିନ୍ନ ଭଙ୍ଗୀରେ ନୃତ୍ୟ କରୁଛନ୍ତି। ଏସବୁ ଭିଡିଓକୁ ଅନ୍ୟ କଏଦୀମାନେ ମୋବାଇଲ୍ ଫୋନ୍‌ରେ ରେକର୍ଡ କରିଥିବା କିଛି ବାର୍ତ୍ତାଳାପରୁ ଜଣାପଡୁଛି। ତେବେ କଟକଣା ସତ୍ତ୍ୱେ କଏଦୀଙ୍କ ପାଖକୁ ମୋବାଇଲ୍ ଫୋନ୍ ଯାଉଥିବାରୁ କର୍ମଚାରୀ ଓ ଅଧିକାରୀଙ୍କ ଭୂମିକାକୁ ଗୁରୁତ୍ୱର ସହ ନେଇଛି ଜେଲ ବିଭାଗ। ଲଗାତର ଭାବେ ଚଢ଼ାଉ ଚାଲିଥିବାବେଳେ ପ୍ରତିଥର ଜେଲ ପରିସରରୁ ମୋବାଇଲ୍ ଫୋନ୍ ମିଳୁଛି। ବୁଧବାର ମଧ୍ୟ ଚଢ଼ାଉ କରାଯାଇ ଆଉ ୨ଟି ମୋବାଇଲ ଫୋନ ଜବତ କରାଯାଇଛି। ପୂର୍ବରୁ ୧୧ଟି ମୋବାଇଲ ଜବତ କରାଯାଇଥିବାବେଳେ ଏହାକୁ ମିଶାଇ ମୋଟ ୧୩ ଫୋନ୍ ମିଳିଲାଣି। ଏନେଇ ପୋଲିସ ତରଫରୁ ଷ୍ଟେଶନ ଡାଏରୀ କରାଯାଇ ମୋବାଇଲଗୁଡ଼ିକର କଲ୍ ଡିଟେଲ ରେକର୍ଡ(ସିଡିଆର) ମଗାଯାଇଛି। ସେହିପରି ମୋବାଇଲ ଜେଲ ପରିସରକୁ ଆସିବା ପଛରେ କାହାର ହାତ ଅଛି, ସେନେଇ ଜେଲ ବିଭାଗ ପକ୍ଷରୁ ଖୋଳତାଡ଼ ଆରମ୍ଭ ହୋଇଛି।

ଏ ସମ୍ପର୍କରେ ଜେଲ ଆଇଜି ହିମାଂଶୁ ଲାଲ କହିଛନ୍ତି ଯେ, ପୂର୍ବରୁ କେତେଜଣ ଦୁର୍ଦ୍ଦାନ୍ତ ଅପରାଧୀ ଜେଲରେ ମୋବାଇଲ ଫୋନ ଲୁଚାଇ ରଖିଥିଲେ। ସେଗୁଡିକ ଧୀରେ ଧୀରେ ବାହାରୁଛି। ସେମାନେ ପୁରୁଣା ଭିଡିଓ ଭାଇରାଲ କରି ଭୟ ସୃଷ୍ଟି କରୁଛନ୍ତି। କିନ୍ତୁ ଏବେ ପ୍ରତିଦିନ ଚଢାଉ କରାଯିବ। ମୋବାଇଲ ଫୋନ ଓ ନିଶାଦ୍ରବ୍ୟ ଜେଲ ଭିତରକୁ ଯିବା ପଛରେ କେଉଁ କର୍ମଚାରୀ ବା ଅଧିକାରୀଙ୍କ ହାତ ରହିଛି, ତଦନ୍ତ କରାଯିବା ସହ କଡା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଅନ୍ୟ ଜେଲରେ କଏଦୀ ସଂଖ୍ୟା ଅଧିକ ରହିଛି। ତେଣୁ ଝାରପଡା ଜେଲରୁ ଏବେ କୌଣସି କଏଦୀଙ୍କୁ ସ୍ଥାନାନ୍ତର କରାଯାଇପାରିବ ନାହିଁ ବୋଲି ସେ କହିଛନ୍ତି।

## ଝାରପଡ଼ା ଜେଲ ଭିତର ଭିଡିଓ ଭାଇରାଲ

- ପୁଣି ଚଢ଼ାଉ, ମିଳିଲା ୨ ମୋବାଇଲ
- ଜବତ ହେଲାଣି ୧୩ ଫୋନ୍


କଏଦୀଙ୍କଠାରୁ ଜଣେ କର୍ମଚାରୀ ଟଙ୍କା ନେଉଥିବାର ଦୃଶ୍ୟ।


ଝାରପଡ଼ା ଜେଲ ଭିତରେ ଜଣେ କଏଦୀ (ବୃତ ଚିହ୍ନିତ) ଗଞ୍ଜେଇ ଟାଣୁଥିବାର ଦୃଶ୍ୟ।

## ଜେଲରେ ବ୍ୟାପିଲାଣି ସଂକ୍ରମଣ

**ଜେଲ ଅଧୀକ୍ଷକ, ଜେଲର, କର୍ମଚାରୀ, ୩ ଅଭିଯୁକ୍ତ ପଜିଟିଭ୍**

ଝାରପଡ଼ା ଜେଲରେ ଏବେ ସଂକ୍ରମଣ ବ୍ୟାପିଗଲାଣି। ନିକଟରେ ଜେଲ ଅଧୀକ୍ଷକ ଡି.ଏନ୍. ବାରିକ କରୋନାରେ ଆକ୍ରାନ୍ତ ହୋଇ ହୋମ୍ ଆଇସୋଲେଶନରେ ଅଛନ୍ତି। ସେହିପରି ଜେଲର ସନ୍ତୋଷିନୀ ଦାଶଙ୍କଙ୍କ ସମେତ ୬ଜଣ କର୍ମଚାରୀ ମଧ୍ୟ ଆକ୍ରାନ୍ତ ହୋଇଛନ୍ତି। ଏବେ ଜେଲରୁ ବାହାରିଥିବା ୩ଜଣ ଅଭିଯୁକ୍ତଙ୍କ ନମୁନା ପଜିଟିଭ୍ ଆସିଛି। ଭଡ଼ାଘରକୁ ନେଇ ହାଇପ୍ରୋଫାଇଲ୍ ନୟାପଲ୍ଲୀ ସଂଘବଦ୍ଧ ଆକ୍ରମଣ ମାମଲାରେ ଜେଲରେ ଥିବା ଅଭିଯୁକ୍ତଙ୍କ ମଧ୍ୟରୁ ୩ଜଣ ସୋମବାର ଜାମିନରେ ମୁକୁଳିଥିଲେ। ଜେଲରୁ ବାହାରିବା ପରେ ସେମାନେ ସିଧା ହସ୍ପିଟାଲ ଯାଇ କୋଭିଡ୍ ଆଣ୍ଟିଜେନ୍ ଟେଷ୍ଟ କରାଇଥିଲେ। ସମସ୍ତଙ୍କ ରିପୋର୍ଟ ପଜିଟିଭ୍ ଆସିଛି। ତେବେ ସେମାନଙ୍କର କୌଣସି ଲକ୍ଷଣ ନ ଥିବାରୁ ଜେଲରେ ଟେଷ୍ଟ କରାଯାଇ ନ ଥିଲା। ସେମାନେ ସମସ୍ତ କଏଦୀଙ୍କ ସହ ମିଳାମିଶା କରୁଥିଲେ। ଏହି ସମୟରେ ସେମାନେ ସଂକ୍ରମିତ ହୋଇଥିବା ଅନୁମାନ କରାଯାଉଛି। ଏଥିରୁ ଜଣାପଡୁଛି ଜେଲରେ ସଂକ୍ରମଣ ବ୍ୟାପିଯାଇଛି। ଏଠାରେ କ୍ଷମତାଠାରୁ ଯଥେଷ୍ଟ ଅଧିକ କଏଦୀ ରହୁଥିବାରୁ ସଂକ୍ରମଣ ଯଥେଷ୍ଟ ବଢ଼ିବାର ସମ୍ଭାବନା ରହିଛି। ତେଣୁ ଜେଲ ପରିସର ସାନିଟାଇଜ୍ ସହ ସମସ୍ତଙ୍କୁ ଟେଷ୍ଟିଂ କରାଯିବ ବୋଲି ସୂଚନା ମିଳିଛି।

## ବଗଲା ପ୍ରସଙ୍ଗରେ ଜରୁରିକାଳୀନ ଶୁଣାଣି ପାଇଁ ହାଇକୋର୍ଟଙ୍କୁ ନିବେଦନ

**ପୁରୀ ଅଫିସ,୧୨।୫**

ବଗଲା ଧର୍ମଶାଳା ବିକ୍ରି ପ୍ରସଙ୍ଗରେ ଜରୁରିକାଳୀନ ଶୁଣାଣି ପାଇଁ ଉଚ୍ଚ ନ୍ୟାୟାଳୟକୁ ନିବେଦନ କରାଯାଇଛି। ଆବେଦନକାରୀ ଜଗନ୍ନାଥ ବସ୍ତିଆ ବୁଧବାର ଏ ନେଇ କୋର୍ଟରେ ଏକ ପିଟିସନ ଦାଖଲ କରିଛନ୍ତି। ପିଟିସନରେ ସେ ଉଲ୍ଲେଖ କରିଛନ୍ତି ଯେ, ମାମଲା ବିଚାରାଧୀନ ଥିବାବେଳେ ଧର୍ମଶାଳା ଜମିରେ କେତେଜଣ ଲଜିଂ ମାଲିକଙ୍କୁ ଥଇଥାନ କରିବା ପାଇଁ ପୁରୀ ଜିଲା ପ୍ରଶାସନ ଉଦ୍ୟମ ଚଳାଇଛି। ହାଇକୋର୍ଟ ଏପର୍ଯ୍ୟନ୍ତ କୌଣସି ମଧ୍ୟବର୍ତ୍ତୀକାଳୀନ ନିର୍ଦ୍ଦେଶ ଦେଇ ନ ଥିବା ହେତୁ ଜିଲା ପ୍ରଶାସନ ଏହାର ଫାଇଦା ଉଠାଉଛି। ଏବେ କେତେଜଣ ଲଜିଂ ମାଲିକଙ୍କୁ ବଗଲା ଧର୍ମଶାଳା ଜମିରେ ଥଇଥାନ କରିବା ପାଇଁ ଜିଲାପାଳଙ୍କ ପକ୍ଷରୁ ଏକ ବିଜ୍ଞପ୍ତି ପ୍ରକାଶ କରାଯାଇଛି। ଏହାପରେ ପ୍ରଭାବଶାଳୀ ଲଜିଂ ମାଲିକମାନେ ବ୍ୟବସାୟିକ ସ୍ୱାର୍ଥ ପାଇଁ ଧର୍ମଶାଳା ଜମିରେ ବେଆଇନ କାର୍ଯ୍ୟ ଚଳାଇଥିବା ଆବେଦନକାରୀ ବସ୍ତିଆ ଅଭିଯୋଗ କରିଛନ୍ତି। ଦରଖାସ୍ତରେ ସେ ଏହା ମଧ୍ୟ ଜଣାଇଛନ୍ତି ଯେ, ଜଗନ୍ନାଥ ଦର୍ଶନ ପାଇଁ ପୁରୀ ଆସୁଥିବା ଯାତ୍ରୀଙ୍କ ଉଦ୍ଦେଶ୍ୟରେ ୧୯୦୫ରେ କହ୍ନେୟା ଲାଲ ବଗଲା ଏହି ଧର୍ମଶାଳା ନିର୍ମାଣ କରିଥିଲେ। ପରେ ସେ ଜିଲା ପ୍ରଶାସନକୁ ଏହା ଦାତବ୍ୟ ଭାବେ ମିଳିବା ପରେ ବିକ୍ରି ହୋଇଛି। ଜମିବିକ୍ରି, ଲଜିଂ ମାଲିକଙ୍କ ଥଇଥାନ ବନ୍ଦ ସମେତ ସମସ୍ତ ଘରୋଇ ନିର୍ମାଣ ବନ୍ଦ ପାଇଁ ଏପ୍ରିଲ୍ ୩୦ ତାରିଖରେ ହାଇକୋର୍ଟରେ ଏକ ମିସ୍ କେସ୍ ଦାଖଲ କରାଯାଇଥିଲା। ତାହାର ଏପର୍ଯ୍ୟନ୍ତ ଶୁଣାଣି ହୋଇପାରି ନାହିଁ। ଏଣୁ ଏହାର ଜରୁରିକାଳୀନ ଶୁଣାଣି ନ ହେଲେ ମକଦମା ରୁଜୁ କରିବା ନିରର୍ଥକ ହୋଇଯିବ ବୋଲି ବସ୍ତିଆ କହିଛନ୍ତି।

## ତଦନ୍ତ ରିପୋର୍ଟ ଦାଖଲ କଲେ ଜେଏମ୍ଏଫ୍‌ସି

**ବାସେଲିସାହି ହାଜତ ମୃତ୍ୟୁ ମାମଲା**

- ରିପୋର୍ଟ ଦାଖଲ ପାଇଁ ସମୟ ନେଲେ ପୁରୀ ଏସ୍‌ପି
- ଜୁନ୍ ୯ରେ ପରବର୍ତ୍ତୀ ଶୁଣାଣି

**କଟକ ଅଫିସ, ୧୨।୫**

ପୁରୀ ବାସେଲି ସାହି ହାଜତ ମୃତ୍ୟୁ ମାମଲା ସମ୍ପର୍କିତ ଶୁଣାଣି ବୁଧବାର ହାଇକୋର୍ଟରେ ହୋଇଥିଲା। ଏହି ଘଟଣାର ତଦନ୍ତ ସଂକ୍ରାନ୍ତୀୟ ରିପୋର୍ଟ ଜଉମୁଦ ଲଫାପାରେ ପୁରୀ ଜେଏମ୍ଏଫ୍‌ସି ଦାଖଲ କରିଛନ୍ତି। ହେଲେ ପୁରୀ ଏସ୍‌ପି ଏହି ଘଟଣାର ତଦନ୍ତ ରିପୋର୍ଟ ଦାଖଲ ନ କରିପାରି ହାଇକୋର୍ଟଙ୍କୁ ସମୟ ମାଗିଛନ୍ତି। ହାଇକୋର୍ଟ ମୁଖ୍ୟ ବିଚାରପତି ଏସ୍. ମୁରଲୀଧର ଓ ବିଚାରପତି କେ.ଆର.ମହାପାତ୍ରଙ୍କୁ ନେଇ ଗଠିତ ଖଣ୍ଡପୀଠ ମାମଲାର ଶୁଣାଣି କରିବା ସହ ପୁରୀ ଏସ୍‌ପିଙ୍କ ଆବେଦନକୁ ବିଚାରକୁ ନେଇ ଜୁନ୍ ୯ତାରିଖ ସୁଦ୍ଧା ଘଟଣାର ତଦନ୍ତ ସଂକ୍ରାନ୍ତୀୟ ରିପୋର୍ଟ ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ବାସେଲି ସାହି ଥାନା ହାଜତରେ କେ. ରମେଶଙ୍କୁ ନିର୍ଯାତନା ଦେଇ ହତ୍ୟା କରାଯାଇଥିବା ନେଇ ତାଙ୍କ ପରିବାର ପକ୍ଷରୁ ଅଭିଯୋଗ ହୋଇଥିଲା। ପରେ ପୋଲିସର ଭୂମିକା ସନ୍ଦେହ ଘେରକୁ ଆସିଥିଲା। ଏଥିରେ ରାଜ୍ୟ ସରକାର ସେହି ସମୟରେ ଥିବା ପୁରୀ ଏସ୍‌ପି ଅଖିଳେଶ୍ୱର ସିଂଙ୍କୁ ବଦଳି କରିଥିଲେ। ଆଇନଜୀବୀ ଶରତ କୁମାର ରାୟଗୁରୁଙ୍କ ପକ୍ଷରୁ ରୁଜୁ ହୋଇଥିବା ମାମଲା ଆଇନଜୀବୀ ଦୀପକ ମହାପାତ୍ର ପରିଚାଳନା କରୁଛନ୍ତି। ଏହି ମାମଲାର ପରବର୍ତ୍ତୀ ଶୁଣାଣି ଜୁନ୍ ୯ ତାରିଖକୁ ଧାର୍ଯ୍ୟ ହୋଇଛି।

# ରକ୍ତଦାନ କରୁଥିବା ବ୍ୟକ୍ତିଙ୍କ ତାଲିକା କରିବାକୁ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ

**ଓଡ଼ିଶା-ମୋ ପରିବାର ସମୀକ୍ଷା କଲେ ମୁଖ୍ୟମନ୍ତ୍ରୀ**

**ଭୁବନେଶ୍ୱର,୧୨।୫(ବ୍ୟୁରୋ)**

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବୁଧବାର ଅପରାହ୍ନରେ 'ଓଡ଼ିଶା–ମୋ ପରିବାର' କାର୍ଯ୍ୟକଳାପର ସମୀକ୍ଷା କରିଛନ୍ତି। ଓଡ଼ିଶା ମୋ ପରିବାର ଦ୍ୱାରା କରାଯାଉଥିବା ସାମାଜିକ କାର୍ଯ୍ୟକ୍ରମ ଜୀବନ ବିନ୍ଦୁ, କୋଭିଡ୍ ସମୟରେ ଶବଦାହ ପାଇଁ ଆରମ୍ଭ କରାଯାଇଥିବା ହେଲ୍ପଡେସ୍କ, ରକ୍ତଦାନ କରୁଥିବା ବ୍ୟକ୍ତିବିଶେଷଙ୍କର ଏକ ତାଲିକା ପ୍ରସ୍ତୁତ କରିବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହିତ ଥାଲାସେମିଆ ଓ ଅନ୍ୟାନ୍ୟ ଗୁରୁତର ରୋଗରେ ପ୍ରଭାବିତ ବ୍ୟକ୍ତିଙ୍କୁ ସାହାଯ୍ୟ ଓ ପ୍ଲାଜମା ସଂଗ୍ରହ ଅଭିଯାନ ପାଇଁ ମଧ୍ୟ ନିର୍ଦ୍ଦେଶ ଦେଇଛନ୍ତି। ମୁଖ୍ୟମନ୍ତ୍ରୀ ଓଡ଼ିଶା–ମୋ ପରିବାର କାର୍ଯ୍ୟକ୍ରମରେ ସନ୍ତୋଷ ପ୍ରକାଶ କରିବା ସହ କୋଭିଡ୍ ମହାମାରୀ ପରିପ୍ରେକ୍ଷୀରେ ଏହି ସାମାଜିକ କାର୍ଯ୍ୟକୁ ଆହୁରି ବ୍ୟାପକ କରିବାକୁ ଆହ୍ୱାନ ଦେଇଛନ୍ତି। ଏହି କାର୍ଯ୍ୟକ୍ରମରେ ଯୋଗଦେଇ ସଦସ୍ୟ ଦେବୀ ପ୍ରସାଦ ମିଶ୍ର ଓଡ଼ିଶା ମୋ ପରିବାର ପକ୍ଷରୁ କରାଯାଉଥିବା ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ଓଡ଼ିଶା ମୋ ପରିବାର ଆବାହକ ଅରୂପ ପଟ୍ଟନାୟକ କରାଯାଇଥିବା ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ମୁଖ୍ୟମନ୍ତ୍ରୀଙ୍କ ସମ୍ମୁଖରେ ଉପାସ୍ଥାପିତ କରିଥିଲେ। ସହଆବାହକ ଅତନୁ ସବ୍ୟସାଚୀ ନାୟକ ସ୍ୱାସ୍ଥ୍ୟ ସମ୍ବନ୍ଧୀୟ କାର୍ଯ୍ୟକ୍ରମ ସମ୍ପର୍କରେ ବିଶେଷ ସୂଚନା ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଯାଜପୁର ବିଧାୟକ ପ୍ରଣବ ପ୍ରକାଶ ଦାଶ, ଚାନ୍ଦବାଲି ବିଧାୟକ ବ୍ୟୋମକେଶ ରାୟ ଏବଂ ବାଙ୍କୀ ବିଧାୟକ ଦେବୀ ରଞ୍ଜନ ତ୍ରିପାଠୀ ପ୍ରମୁଖ ଯୋଗ ଦେଇଥିଲେ।

# ହେଲ୍ପଲାଇନ୍ ନମ୍ବର ଅଭିଯୋଗକୁ ଗୁରୁତ୍ୱ

**ବୈଠକରେ କୋଭିଡ୍ ସ୍ଥିତି ସମୀକ୍ଷା କଲେ ଡିଜିପି**

**କଟକ ଅଫିସ,୧୨।୫**

ରାଜ୍ୟରେ କୋଭିଡ୍ ସ୍ଥିତିକୁ ନେଇ କଟକସ୍ଥିତ ପୋଲିସ ମୁଖ୍ୟାଳୟରେ ଭିଡିଓ କନ୍‌ଫରେନ୍ସ ଜରିଆରେ ବୁଧବାର ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ରାଜ୍ୟରେ ବର୍ତ୍ତମାନ କୋଭିଡ୍ ସ୍ଥିତି କିଭଳି ରହିଛି, ସୀମାନ୍ତବର୍ତ୍ତୀ ଅଞ୍ଚଳରେ ଚେକ୍ ପୋଷ୍ଟ, ଟିକାକରଣ କେନ୍ଦ୍ରରେ ଜନଗହଳିକୁ ନିୟନ୍ତ୍ରଣ, କୋଭିଡ୍ ଔଷଧ ଓ ଅକ୍ସିଜେନ୍ ସିଲିଣ୍ଡର କଳାବଜାରକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ, କରୋନା ସମୟରେ ପୋଲିସର ସ୍ୱାସ୍ଥ୍ୟ ପରୀକ୍ଷା ଓ ଟିକାକରଣ ଏବଂ ପୋଲିସ କର୍ମଚାରୀଙ୍କ ଦ୍ୱାରା ପ୍ଲାଜ୍ମା ଦାନ ଆଦିର ସମୀକ୍ଷା କରାଯାଇଥିଲା। ଏଥିରେ ଡିଜିପି ଅଭୟ ଯୋଗଦେଇ ରାଜ୍ୟର ସମସ୍ତ ଏସ୍‌ପି, ଡିଆଇଜି, ଆଇଜିଙ୍କ ସହ ଉପରୋକ୍ତ ବିଷୟ ଉପରେ ଆଲୋଚନା କରିଥିଲେ। କୋଭିଡ୍ ନିୟମ ଉଲ୍ଲଂଘନକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଥିବା କଟକ ଓ ଭୁବନେଶ୍ୱର ୟୁପିଡି, ସମ୍ବଲପୁର, ବାଲେଶ୍ୱର, ପୁରୀ ପୋଲିସକୁ ପ୍ରଶଂସା କରିଥିଲେ। ସେହିପରି ଗଞ୍ଜାମ, ବାଲେଶ୍ୱର, ମୟୂରଭଞ୍ଜ, ସମ୍ବଲପୁର ଓ ଭଦ୍ରକ ଜିଲାରୁ କୋଭିଡ୍ ନିୟମ ଉଲ୍ଲଂଘନକାରୀଙ୍କଠାରୁ ସର୍ବାଧିକ ଜରିମାନା ଆଦାୟ କରାଯାଇଥିବାରୁ ସମ୍ପୃକ୍ତ ଜିଲାର ଏସ୍‌ପିଙ୍କୁ ଡିଜିପି ପ୍ରଶଂସା କରିଥିଲେ। ଏଥିସହ କୋଭିଡ୍ ଆକ୍ରାନ୍ତଙ୍କୁ ଅଧିକ ସଂଖ୍ୟାରେ ପ୍ଲାଜ୍ମା ଦାନ କରିବାକୁ ପୋଲିସ ଅଧିକାରୀ ଓ କର୍ମଚାରୀଙ୍କୁ ଡିଜିପି ପରାମର୍ଶ ଦେଇଥିଲେ। ହେଲ୍ପ ଲାଇନ୍ ନମ୍ବର ଯୋଗେ ଲୋକଙ୍କ ଅଭିଯୋଗକୁ ଗ୍ରହଣ କରିବା ଉପରେ ଡିଜିପି ଗୁରୁତ୍ୱାରୋପ ଦେଇଛନ୍ତି। ବିଶେଷକରି ଲକ୍‌ଡାଉନ୍ ଓ ଶଟ୍‌ଡାଉନ୍ ସମୟରେ ହେଲ୍ପ ଲାଇନ୍ ନମ୍ବର ଯୋଗେ ଲୋକଙ୍କ ଅଭିଯୋଗକୁ ଗ୍ରହଣ କରି କାର୍ଯ୍ୟାନୁଷ୍ଠାନ ନେବାକୁ ସମସ୍ତ ଜିଲାର ଏସ୍‌ପି, ଭୁବନେଶ୍ୱର ଓ କଟକ ଡିସିପିଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ବୈଠକରେ ଏଡିଜିପି (ହେଡ୍‌କ୍ୱାର୍ଟର୍ସ) ଲଳିତ ଦାସ, ଏଡିଜିପି (କ୍ରାଇମବ୍ରାଞ୍ଚ) ଯଶୋୱନ୍ତ ଜେଠୱା, ଆଇଜି (ପ୍ରୋଭିଜନିଂ) ଯତୀନ୍ଦ୍ର କୋଏଲ୍, ଆଇଜି (ପର୍ସନେଲ୍) ଏସ୍.ପ୍ରବୀଣ କୁମାର, ଆଇଜି (କ୍ରାଇମବ୍ରାଞ୍ଚ) ଅମିତେନ୍ଦ୍ର ନାଥ ସିହ୍ନା, ଡିଆଇଜି (କେନ୍ଦ୍ରାଞ୍ଚଳ) ଜୟନାରାୟଣ ପଙ୍କଜ, ଏଆଇଜି (ହେଡ୍‌କ୍ୱାର୍ଟର୍ସ) ପ୍ରତ୍ୟୁଷ ଦିବାକର ପ୍ରମୁଖ ଉପସ୍ଥିତ ଥିଲେ।

ସୂଚନାଥାଉ କି, ଗତ ଏପ୍ରିଲ ପହିଲାରୁ ବର୍ତ୍ତମାନ ପର୍ଯ୍ୟନ୍ତ ମାସ୍କ ପିନ୍ଧି ନ ଥିବା ଏବଂ ସାମାଜିକ ଦୂରତା ଉଲ୍ଲଂଘନ କରିଥିବା ଲୋକଙ୍କ ବିରୋଧରେ ଓଡ଼ିଶା ପୋଲିସ ପକ୍ଷରୁ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି। ଏପର୍ଯ୍ୟନ୍ତ ୨,୫୯,୨୪୬ ଜଣଙ୍କଠାରୁ ୮,୦୭,୭୨,୬୩୦ ଟଙ୍କା ଜରିମାନା ଆଦାୟ କରାଯାଇଛି। ଏହାବ୍ୟତୀତ କୋଭିଡ୍ ନିୟମ ଉଲ୍ଲଂଘନ କରିବା ଅଭିଯୋଗରେ ପୋଲିସ ୧୩୬ ରୁଜୁ କରି ୬୬୨ ଜଣଙ୍କୁ ଗିରଫ କରିଛି। ୨୦୨୬ ଅବକାରୀ ମାମଲା ପଞ୍ଜୀକରଣ କରାଯାଇ ୩୮,୨୬୬.୬୬ ଲିଟର ମଦ ଜବତ କରାଯାଇଥିବା ପୋଲିସ ମୁଖ୍ୟାଳୟ ପକ୍ଷରୁ ଜଣାପଡିଛି।


**OFFICE OF THE BALASORE MUNICIPALITY, BALASORE**

No. 4275 Date: 10.05.2021

**E-Procurement Notice**

BID Identification No. BM_02_2021_22

No. C-243: Bid documents consisting of Work, Estimated Cost, Cost of Tender Paper, EMD, Time of completion, Class of Contractors and the set of terms and conditions of contract and other necessary documents can be seen in Govt. website i.e. https://tendersodisha.gov.in/nicgep/app.

1. Name of the work : Civil Const. works as mentioned in DTCN
2. No. of works : 42 Nos.
3. Estimated Cost : As per work list
4. Period of Completion : As per DTCN
5. Date and time of Bidding : 12.05.2021 to 27.05.2021
6. Last date and time for receipt : 27.05.2021 upto 5.00 P.M.
7. Bids received online shall be opened on : 28.05.2021 from 11.00 A.M. onwards
8. Name and address of the Officer Inviting Bid : Executive Officer, Balasore Municipality

Further details can be seen from the e-procurement portal i.e. https://tendersodisha.gov.in/nicgep/app.

Sd./- Executive Officer, Balasore Municipality
OIPR-13154/11/0006/2122

**SAMBALPUR MUNICIPAL CORPORATION**

Notice No.4413/SMC Date 11.05.2021

**TENDER CALL NOTICE FOR PROVIDING MANPOWER TO SAMBALPUR MUNICIPAL CORPORATION**

No.C-244:- Sealed tenders are invited from reputed manpower service provider agencies to provide services of manpower for a period of one year w.e.f. dt.01.06.2021 to 31.05.2022 on outsourcing basis. The last due date and time for submission of furnished tender document is 20.05.2021, 01.00 P.M. the detailed bid documents containing eligibility criteria, scope of work, term and conditions of the tender can be downloaded from the SMC website, i.e., www.smcsambalpur.nic.in.

The authority reserves the right to reject any or all the tender without assigning any reason thereof.

Sd./-Municipal Commissioner
Sambalpur Municipal Corporation
OIPR-13122/11/0005/2122

**Directorate of Sch. Castes & Sch. Tribes Research & Training Institute (SCSTRTI),**
CRPF Square, Bhubaneswar-751003
(Telephone & Fax No. 0674-2561635/
E-mail Id: scstrti@yahoo.co.in)

**TENDER CALL NOTICE**

No.V-10:- Interested Agencies are hereby invited to submit their bid for "Procurement, Installation and Commissioning of Short Throw Laser Projectors and Mini PCs for Creation of Interactive Projection Wall" in Odisha State Tribal Museum housed in the SC & ST Research and Training Institute's Campus. The bid must be addressed to Director, SCSTRTI, CRPF Square, Near P.D. Market, Bhubaneswar-3. The last date of submission of the bid is 02.06.2021 at 3.00 P.M. The interested agency / firms can log on to the Govt. website (www.odisha.gov.in) & (www.scstrti.in) for details.

Sd./- Advisor-cum-Director & Spl. Secy. to Govt.
OIPR-26026/11/0003/2122

**GOVERNMENT OF ODISHA**
**OFFICE OF THE EXECUTIVE ENGINEER, P.H. DIVISION, BALANGIR**
Ph. No – (06652 – 234647), Email. ID – eephbgr@yahoo.co.in

No.C-246:- **NOTICE INVITING TENDERS**

NATIONAL COMPETITIVE BIDDING THROUGH e-Procurement
Bid Identification No. EE PH BGR 06/2021-22 Dt. 07.05.2021

01. Name of the Work : 8 Nos.
02. Estimated Cost : Rs. 52.27 to 88.45 Lakhs
03. Period of Completion : 4 (Four) to 6 (Six) calendar months
04. Date & Time of availability of bid document in the portal : From 11.00 A.M. of dt. 15.05.2021 to 5.00 P.M. of dt. 29.05.2021
05. Last date / time of receipt of bids in the portal : 5 P.M. of dt. 29.05.2021
06. Date & Time of opening of bids : At 11.30 A.M. of dt. 31.05.2021
07. Name and Address of the Officer Inviting Bid : Executive Engineer, P.H. Division, Balangir, At- Tulsinagar, Dist.- Balangir-767001

Further details can be seen from the website http://tenders.ori.nic.in or www.tendersorissa.gov.in

Sd./- Executive Engineer, P.H. Division, Balangir
OIPR-13005/11/0006/2122

**ନିୟନ୍ତ୍ରିତ ବଜାର କମିଟି, ବାଙ୍କୀ**

ସଂଖ୍ୟା ୧୨୫ ତା୧୨।୦୫।୨୧

ଏତଦ୍ୱାରା ବାଙ୍କୀ ଉପଖଣ୍ଡର ସମସ୍ତ ପଞ୍ଜୀକୃତ ଚାଷୀଭାଇ ଓ ଭଉଣୀମାନଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି, ଚଳିତ ଖରିଫ ୨୦୨୦–୨୧ ରବି ଋତୁ ପାଇଁ ଆସନ୍ତା ତା୧୭।୦୫।୨୦୨୧ରିଖଠାରୁ ୧୬ଗୋଟି ସେବା ସମବାୟ ସମିତି ଜରିଆରେ ଧାନକ୍ରୟ କରାଯିବ। ଧାନ ଖାଦ୍ୟ ଉପଯୋଗୀ, ଶୁଖିଲା, ପରିଷ୍କାର, ସମଆକାର, ଏକ କିସମ ଯଥା (ଏଫ୍.ଏ.କ୍ୟୁ.) ମାନର ହୋଇଥିବା ଆବଶ୍ୟକ । ସମସ୍ତ ଚାଷୀଭାଇ ଓ ଭଉଣୀମାନଙ୍କୁ ଅନୁରୋଧ ସେମାନେ ଗ୍ରାମାଞ୍ଚଳର ଅସାଧୁ ବ୍ୟବସାୟୀ ଓ ମଧ୍ୟସ୍ଥିମାନଙ୍କ କଥାରେ ପରିଚାଳିତ ନ ହୋଇ ନିକଟସ୍ଥ ସେବା ସମବାୟ ସମିତିମାନଙ୍କ ଜରିଆରେ ଧାନ ବିକ୍ରୟ କରନ୍ତୁ ଓ ଧାନର ସହାୟକ ମୂଲ୍ୟ ପ୍ରାପ୍ତ ହୁଅନ୍ତୁ।

**ଏଫ୍.ଏ.କ୍ୟୁ. ଧାନର ସର୍ବନିମ୍ନ ସହାୟକ ମୂଲ୍ୟ**

| ଧାନର କିସମ | କୁଇଣ୍ଟାଲ ପ୍ରତି ଦର |
|---|---|
| ସାଧାରଣ ଧାନ | ଟ୧୮୬୮=୦୦ଙ୍କା |
| ଗ୍ରେଡ୍ 'ଏ' ଧାନ | ଟ୧୮୮୮=୦୦ଙ୍କା |

ପ୍ରତ୍ୟେକ ସୋସାଇଟିରେ ସେହି ସୋସାଇଟିର ପଞ୍ଜୀକୃତ ଓ ଯାଞ୍ଚ ହୋଇଥିବା ଚାଷୀମାନଙ୍କଠାରୁ ଅନ୍‌ଲାଇନରେ ପି–ପାସ୍ ଓ ଆଗୁଆ ଟୋକନ୍ ପ୍ରଦାନ ମାଧ୍ୟମରେ ଧାନ ସଂଗ୍ରହ କରାଯିବ। ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ପକ୍ଷରୁ ଅନ୍‌ଲାଇନ ମାଧ୍ୟମରେ ପଞ୍ଜୀକୃତ ଚାଷୀମାନଙ୍କ ନିକଟକୁ ଧାନ ସଂଗ୍ରହ ବାବଦରେ ୭ ଦିନ ପୂର୍ବରୁ ଏସ୍.ଏମ୍.ଏସ୍. ମାଧ୍ୟମରେ ସୂଚନା ପ୍ରଦାନ କରାଯିବ। ରାଜ୍ୟରେ କୋଭିଡ୍ ସଂକ୍ରମଣ ବୃଦ୍ଧି ପାଉଥିବାରୁ ଧାନକ୍ରୟ କେନ୍ଦ୍ରରେ ମାସ୍କ ପରିଧାନ, ହାତଧୁଆ, ସାମାଜିକ ଦୂରତା ବଜାୟ ରଖିବା ପରି କୋଭିଡ୍ ମାର୍ଗଦର୍ଶିକାର କଡାକଡି ପାଳନକୁ ସୁନିଶ୍ଚିତ କରାଯିବ।

ନିବେଦକ : ନିୟନ୍ତ୍ରିତ ବଜାର କମିଟି, ବାଙ୍କୀ

No. D-22

**ଦୁର୍ଗପତିଙ୍କ କାର୍ଯ୍ୟାଳୟ, ୮ମ ସ୍ୱତନ୍ତ୍ର ଭାରତୀୟ ସଂରକ୍ଷିତ ବାହିନୀ, ଟନରଡା, ଭଞ୍ଜନଗର**

ପ୍ରାପ୍ତେଷୁ,
ନାମ :– ସୁଦର୍ଶନ ଘଡେଇ (ରୋଷେୟା)
ପିତା :– ସୋମନାଥ ଘଡେଇ
ଗ୍ରାମ :– ମଲାଙ୍ଗ
ପୋ :– ଗୋପାଳପୁର
ଥାନା :– ଖଣ୍ଟପଡ଼ା
ଜିଲ୍ଲା :– ବାଲେଶ୍ୱର

ଏତଦ୍ୱାରା ଆପଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ଯେ, ଆପଣ ୮ମ ସ୍ୱତନ୍ତ୍ର ସଂରକ୍ଷିତ ବାହିନୀ କନ୍ଧମାଳ (ବର୍ତ୍ତମାନ ଟନରଡା, ଭଞ୍ଜନଗର ଅବସ୍ଥାପିତ)ରେ କାର୍ଯ୍ୟରତ ଥିଲେ । ଆପଣ ଗତ ତା26.04.2018 ଅପରାହ୍ନ ଠାରୁ ତା05.05.2018 ଅପରାହ୍ନ ପର୍ଯ୍ୟନ୍ତ ସମୁଦାୟ 09 ଦିନ (08 ଦିନ ସି.ଏଲ୍. ଏବଂ 01 ଦିନ ପି.ଏଲ୍) ଯାଇଥିଲେ । ଆପଣଙ୍କର ତା06.05.2018ରେ କାର୍ଯ୍ୟରେ ଯୋଗଦାନ କରିବାର ଥିଲା, କିନ୍ତୁ ଆପଣ ଉପରିସ୍ଥ ଅଧିକାରୀଙ୍କୁ କିଛି ନ ଜଣାଇ ନିଜର ମନ ମୁତାବକ ଅନଧିକାର ଅଧିକ କାଳ ଛୁଟିରେ ରହି ଆଜି ପର୍ଯ୍ୟନ୍ତ କାର୍ଯ୍ୟରେ ଯୋଗଦାନ କରିନାହାନ୍ତି । ଆପଣଙ୍କର ଏହି ଅଧିକା କାଳ ଛୁଟିରୁ କାର୍ଯ୍ୟରେ ଯୋଗଦାନ କରିବା ପାଇଁ ଦୁର୍ଗପତି ୮ମ ସ୍ୱତନ୍ତ୍ର ସଂରକ୍ଷିତ ବାହିନୀ, କନ୍ଧମାଳ (ଭଞ୍ଜନଗର) କାର୍ଯ୍ୟାଳୟଠାରୁ ବିବିଧ ସମୟରେ ଆପଣଙ୍କୁ କାର୍ଯ୍ୟରେ ଯୋଗଦାନ କରିବା ନିମନ୍ତେ ସ୍ୱତନ୍ତ୍ର ଡାକ ଏବଂ ସ୍ୱତନ୍ତ୍ର ବାହକ ମାଧ୍ୟମରେ ପ୍ରେରଣ ପତ୍ର ସଂଖ୍ୟା 985/R.O., Dt. 18.05.2018, ସଂଖ୍ୟା 1100/R.O., Dt.05.06.2018, ସଂଖ୍ୟା 1164/R.O., Dt.12.06.2018, ସଂଖ୍ୟା 1229/R.O., Dt. 23.06.2018, ସଂଖ୍ୟା 1672/R.O., Dt. 31.08.2018, ସଂଖ୍ୟା 1701/R.O., Dt.31.08.2019 ଏବଂ ପତ୍ର ସଂଖ୍ୟା 1821/R.O., Dt. 21.09.2019 ପ୍ରେରଣ କରାଯାଇଥିଲେ ମଧ୍ୟ ଆପଣ କାର୍ଯ୍ୟରେ ଯୋଗଦାନ କରୁନାହାନ୍ତି ଏବଂ ଆପଣଙ୍କର ଖୋଜଖବର ମିଳୁନାହିଁ । ଦୀର୍ଘ 1086 ଦିନ ବିତିଯାଇଥିଲେ ବି ଆପଣ କାର୍ଯ୍ୟରେ ଯୋଗଦାନ କରିନାହାନ୍ତି କିମ୍ବା କାର୍ଯ୍ୟରେ ଯୋଗଦାନ ନ କରିବା ବିଷୟରେ କିଛି ବି ଜଣାଇ ନାହାନ୍ତି । ଏମିତି କି ଆପଣ କେଉଁଆଡ଼େ କ'ଣ କରୁଛନ୍ତି ତାହାର ଖୋଜଖବର ଅଫିସ ପାଖରେ ରହୁନାହିଁ ।

ଏଣୁ ବିଜ୍ଞାପନ ଦ୍ୱାରା ଆପଣଙ୍କୁ ଏହି ଖବରକାଗଜ ମାଧ୍ୟମରେ ସୂଚିତ କରାଯାଉଅଛି କି ଆପଣ ଖବର ପ୍ରକାଶ ପାଇବାର ୦୭ ଦିନ ମଧ୍ୟରେ ନିମ୍ନ ସ୍ୱାକ୍ଷରକାରୀଙ୍କ କାର୍ଯ୍ୟାଳୟରେ ଯୋଗଦାନ କରନ୍ତୁ ଏବଂ ଆପଣଙ୍କ ବିରୁଦ୍ଧରେ ଥିବା ଅଭିଯୋଗ ତଦନ୍ତରେ ସହଯୋଗ କରନ୍ତୁ । ଯଦି ୦୭ ଦିନ ମଧ୍ୟରେ ଆପଣ ଯୋଗଦାନ କରି ସହଯୋଗ ନ କରନ୍ତି, ତେବେ ଏ ବିଷୟରେ ଆପଣଙ୍କର କିଛି କହିବାର ନାହିଁ ଧରାଯାଇ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ।

ସ୍ୱା./- ଦୁର୍ଗପତି, ୮ମ ସ୍ୱତନ୍ତ୍ର ଭାରତୀୟ ସଂରକ୍ଷିତ ବାହିନୀ, ଭଞ୍ଜନଗର
OIPR-12029/11/0004/2122

**PANCHAYAT SAMITI, CHITRAKONDA**
**DIST.- MALKANGIRI**

TENDER CALL NOTICE No.-01/2021-22 Dated: 12.05.2021

Sealed tenders are invited from eligible contractors for the following works by the undersigned:

| Annexure | Name of work | Approx. cost of project in Rs. |
|---|---|---|
| I | Const. of 10 KL Elevated Storage Reservoir (Overhead Tank) at new Block Office at Chitrakonda. | 13,86,178/- |
| II | Const. of Multi-purpose Storage Godown at Badapada of Badapada G.P. | 13,51,235/- |
| III | Const. of Multi-purpose Storage Godown at Sarkubandha of Ralegada G.P. | 13,51,235/- |
| IV | Const. of Multi-purpose Storage Godown at Jantapai of Papermetla G.P. | 13,51,235/- |
| V | Const. of Labour Room at PHC (N) at Jodambo | 22,29,126/- |
| VI | Const. of Labour Room at PHC(N) at Janbai | 22,29,126/- |

The detailed terms and conditions is available in the official website http://www.malkangiri.nic.in. Last date of submission of tender paper is 27th May, 2021. The Authority reserves the right to reject any or all tenders without assigning any reason thereof.

Sd./- Block Development Officer, Chitrakonda

**OFFICE OF THE DIVISIONAL FOREST OFFICER, BRAHMAPUR DIVISION**

At-Courtpeta, Brahmapur-760004, Tel. /FAX-0680-2281354, Mob-7653908594, E.mail-dfobhmpr@yahoo.co.in

No.190/01F-328/2021, Dated, Brahmapur the 11th. May'2021

**Tender Call Notice for Supply of Tree Guard (Fibre net)**

No.MM-53:- Sealed tenders are invited from reputed Registered Dealer / Manufacturer / Individuals for supply of good quality Tree Guard (Hexa Fibre net tree Gabion) of Size 6 feet X 4 feet X 400 GSM UV Protected for use in Urban / Peri-Urban / Avenue Plantations to be taken up in Brahmapur Forest Division, under various schemes during the current financial year 2021-22. The tender application form can be obtained from the Head Clerk, O/o the D.F.O., Brahmapur Division on any working day from 10.00 AM to 05.30 PM during 12.05.2021 to 26.05.2021 on payment of Rs.1,000/- (Rupees One Thousand) only or can be downloaded from the website www.odishaforest.in. Sample of the Tree Guard should be submitted along with the tender document. The last date of submission of sealed tender by Regd. Post / Speed Post / Courier Service / By Hand is 26.05.2021 upto 03.00 PM. Only the Technical bids shall be opened at 04.00 PM of 26.05.2021 in presence of the bidder (s) or their authorized representatives in the office of the undersigned. The undersigned reserves the right to reject any or all tender without assigning any reasons thereof.

Divisional Forest Officer, Brahmapur Division
OIPR-08038/11/0002/2122

# ଅଭାବିତ ପ୍ଲଟ୍ କେବେ କେବେ ଗପ ହୁଏ...

ମୁଁ ଭାବୁଥିବା ବିଷୟଗୁଡ଼ିକ ସହ ଆଦୌ ସଂପର୍କିତ ନ ଥାଇ ସଜନାଗଛ ଗଳ୍ପଟି ମୋ' ମନକୁ ଆସିଥିଲା। ମୁଁ ଗଛ ବିଷୟରେ କିଛି ଭାବିବା ପୂର୍ବରୁ କାହାଣୀଟି ମୋ' ମନରେ ଦାନା ବାନ୍ଧି ସାରିଥିଲା। ଗପଟି ଏପରି କିଛି ଚରିତ୍ରଙ୍କୁ ନେଇ, ଯାହାଙ୍କ ଆଖପାଖରେ ମୁଁ ଦୀର୍ଘ ସାତବର୍ଷ ଆତଯାତ ହୋଇଛି। ମନ ଭିତରେ ତାଙ୍କୁ ଭୋଗିଛି ବାରବାର। କେବେ ତାଙ୍କୁ ମୋ' ଜାଗାରେ ତ କେବେ ମୋତେ ତାଙ୍କ ଜାଗାରେ ରଖି ଲୁଚାଇ ଲୁଚାଇ ତୁଳନା କରିଛି। କଟକ ସିଡିଏର ଏକ 'ସି' ପ୍ଲଟ୍ ଘରେ ରହୁଥିବା ବେଳର ଘଟଣା। ଘରଟି ଦେଖିବାକୁ ଗଲାଦିନ କେମିତି ଏକ ଆପଣାପଣ ସହ ଏକ ଅଜବ ଅନୁଭୂତି ଆପେଆପେ ମନକୁ କବଳିତ କରିଥିଲା। ଘରମାଲିକ ବ୍ୟାଙ୍କ୍ ଅଫିସର ଥିଲେ। ପତ୍ନୀ ତାଙ୍କର ଆଣ୍ଠୁଗଣ୍ଠି ବାତରେ ଆକ୍ରାନ୍ତ ଥିବା ହେତୁ ଶଯ୍ୟାଶାୟୀ। ସେମାନେ ଉପରେ ରହୁଥା'ନ୍ତି, ଆମ ପାଇଁ ତଳଘର ଖାଲିଥାଏ। ଘର ଠିକ୍ ହେଲାପରେ ମୁଁ ଯେବେ ତାଙ୍କୁ ଦେଖା କରିବାକୁ ଗଲି ଭଦ୍ରମହିଳା ଖୁବ୍ ଅସହାୟତାର ହସଟିଏ ହସି ମୋର ସତ୍କାର କରିବାକୁ ଅକ୍ଷମ କହି ଉଦାସ ହୋଇଗଲେ। ସେଇ ମୁହୂର୍ତ୍ତର ତାଙ୍କର ସେଇ ଉଦାସପଣ ମୋତେ ତାଙ୍କ ସହ ଏମିତି ଏକ ବନ୍ଧନରେ ବାନ୍ଧି ଦେଇଥିଲା, ଯେଉଁଥିପାଇଁ ମୁଁ ସେହି ଘରେ ରହିବାର ନିଷ୍ପତ୍ତି ନେଇଗଲି ଏକାଥରକେ।

ଘର ପଛପଟେ ତାଙ୍କର ଗୋଟେ ସଜନା ଗଛ ଥିଲା। ତା'ର ଶାଗ ଯେପରି, ଛୁଇଁ ମଧ୍ୟ ସେପରି ମିଠା। ଘର କାମ ଏବଂ ଲେଖାଲେଖିକୁ ନେଇ ମୁଁ ପ୍ରାୟ ବ୍ୟସ୍ତ ରୁହେ। ଦୁଇ ତିନି ଦିନରେ ଥରେ ତାଙ୍କପାଖକୁ ଯାଏ। ଯେତେବେଳେ ଗଲେ ସେ ମୋର ଭଲମନ୍ଦ ପଚାରିବା ସହ ତାଙ୍କ ସଜନା ଗଛରୁ ମୁଁ ଛୁଇଁ ଓ ଶାଗ ଖାଉଛି କି ନାଇଁ ପଚାରି ବୁଝନ୍ତି। ସଜନା ଗଛ କଥା କହିଲାବେଳେ ତାଙ୍କ ଆଖିରେ ଟିକିଏ ମୋହ ଦେଖିଥିଲି। ବର୍ଷେ ପରେ ଫୁଲଫଳରେ ପେଣ୍ଠି ହୋଇଥିବା ଗଛଟି ଝଡ଼ବାତ୍ୟାରେ ମୂଳରୁ ଭାଙ୍ଗି ଯାଇଥିଲା ବୋଲି ତାଙ୍କ ଭିତରେ ଏକ ଶୂନ୍ୟତା ଦେଖିଥିଲି। ତାହା ମୋ' ଛାତିରେ କେଜାଣି କାହିଁକି ଗାର ହୋଇ ରହିଯାଇଥିଲା।

୨୦୧୭ରେ ମୁଁ କଟକରୁ ଭୁବନେଶ୍ୱର ଆସିଲାବେଳେ ସେହି ଅନୁଭୂତିଟି ଭିତରେ ଭିତରେ ଗପଟିଏ ହବାକୁ ଦାନା ବାନ୍ଧୁଥିଲା। ୨୦୧୮ରେ କୌଣସି ଏକ ପତ୍ରିକା ଗପଟିଏ ପାଇଁ ବାରମ୍ବାର ତାଗିଦ୍ କରିବାରୁ ତାହା ସ୍ୱତଃ ଲେଖି ହୋଇଯାଇଥିଲା। ମୁଁ ଫେରିଯାଇଥିଲି ସେହି ସମୟ, ସେହି ପରିବେଶକୁ। ଅନେକ କଥା ଭିତରୁ ସେହି ଗଛଟି ହିଁ ମୋତେ ବେଶୀ ଆକ୍ରାନ୍ତ କରିଥିଲା, କାହିଁକି ତା' ମୁଁ ଆଜି ସୁଦ୍ଧା ଭାବି ପାରିନି।

## ସୃଜନ-ସ୍ମୃତି



ଲକ୍ଷ୍ମୀ ଚାନ୍ଦ୍

# ସଜନା ଗଛ

ଘର ଦେଖିବାକୁ ଗଲାବେଳେ ଘର ମାଲିକଙ୍କ ଅଦ୍ଭୁତ ପ୍ରସ୍ତାବ ଶୁଣି ମୁଁ ଚମକି ପଡ଼ିଲି। କେତେ ମାଲିକ କେତେ ପ୍ରସ୍ତାବ ରଖନ୍ତି, ଅଥଚ ୟେ କି ପ୍ରସ୍ତାବ? ଆଶୁକୁ ମନା କରିଦେଲି, ନା ବାବା ନା- ମୁଁ ଏତେ କଥା ପାରିବିନି। ତୁମେ ଅନ୍ୟ ଘର ଦେଖ। ଆଶୁ ବାରମ୍ବାର ମୋତେ ବୁଝାଇବାକୁ ଲାଗିଲେ। ଦେଖ ବହୁ କଷ୍ଟରେ ଏ ଘରଟି ଯୋଗାଡ଼ କରିଛି। ଏ ଏରିଆରେ ଆଉ ଏପରି ଘର ମିଳିବା ସମ୍ଭବ ନୁହେଁ, ଏଇଠୁ ଅଫିସ୍‌ଟା ବି ପାଖ। ତା'ଛଡ଼ା ଘର ମାଲିକ ଓ ତାଙ୍କ ପରିବାର ଅତ୍ୟନ୍ତ ଭଦ୍ର ବୋଲି ଏଠି ସମସ୍ତେ କହୁଛନ୍ତି।

- ତା' ବୋଲି ଏମିତି ପ୍ରସ୍ତାବ!

- ଆରେ ତାଙ୍କ ବ୍ୟକ୍ତିଗତ ବ୍ୟାପାର ପାଇଁ ପ୍ରସ୍ତାବଟି। ମାନିନେଲେ କ୍ଷତି କ'ଣ?

- ତୁମେ ସିନା ଦିନସାରା ଅଫିସ୍ କାମରେ ବ୍ୟସ୍ତ ରହିବ, କିନ୍ତୁ ପ୍ରସ୍ତାବଟା ସହ ସଦାବେଳେ ମୋତେ ସମଝୋତା କରିବାକୁ ପଡ଼ିବ ସେକଥା କାହିଁକି ବୁଝୁନ?

- ପ୍ରତ୍ୟେକ ଘରେ କିଛି ନା କିଛି ଅସୁବିଧା ଥାଏ, ଆମେ ଭଡ଼ାଟିଆ। ଆମକୁ ଆଡ୍‌ଜଷ୍ଟ କରିବାକୁ ପଡ଼ିବ।

- କିନ୍ତୁ ଏମିତି ଏକ ଅଦ୍ଭୁତ ପ୍ରସ୍ତାବରେ?

- କିଛିଦିନ ରହି ଦେଖ... ବେଶୀ ଅସୁବିଧା ହେଲେ ଅନ୍ୟ ଘର ଦେଖିବା।

ଇଚ୍ଛା ନଥିଲା, ରାଜି ହେଲି। କିନ୍ତୁ ପ୍ରଥମରୁ ମନଟା ଖଟା ହେଇଗଲା। ମୋର ଆଉ ନୂଆ ଘରକୁ ଆସିବାର ଖୁସି ରହିଲାନି। ଅନ୍ୟମନସ୍କ ଭାବେ ଜିନିଷପତ୍ର ସଜାଡୁଥାଏ। ବହୁତ ଜିନିଷ ବିଛାଡ଼ି ହେଇ ପଡ଼ିଥାଏ, ମୋତେ ଲାଗୁଥାଏ ଆଶୁ ଖୁବ୍ ଶୀଘ୍ର ଆଉ ଗୋଟେ ଘର ଦେଖିବେ ଓ ଆମେ ଏ ଘର ଛାଡ଼ିଦବୁ। ଆଶୁ ଦିନେ ଅଫିସ୍‌ରୁ ଫେରି ପଚାରିଲେ- ଆଚ୍ଛା ଉପରକୁ ଯାଇଥିଲ? ମାଡାମ୍‌ଙ୍କୁ ଭେଟିଲଣି?

- ହଁ ଯାଇଥିଲି, ଭେଟି ଆସିଛି। ତାଙ୍କରି ଘରେ ରହିବା ଯେତେବେଳେ ତାଙ୍କୁ ନ ଭେଟିବି କେମିତି?

- କ'ଣ କହୁଥିଲେ? କେମିତି ଅଛନ୍ତି ସେ?

- ବେଡ୍‌ରେ ପଡ଼ିଛନ୍ତି ତ ଆଉ କେମିତି ରହିବେ? ମୋତେ ଦେଖି ଭାରି ଖୁସି ହେଲେ। ପାଖରୁ ଛାଡ଼ିଲେନି। ମୁଁ କିନ୍ତୁ ଛାଟିପିଟି ହେଇ ତାଙ୍କ ପାଖରୁ ପଳେଇ ଆସିଲି। ତାଙ୍କ ଆଖିରେ ଆଖି ମିଶେଇବାକୁ ମୋର ସାହସ ନ ଥିଲା।

- କେମିତି ଲାଗିଲେ ସେ ତୁମକୁ?

- ଅତ୍ୟନ୍ତ ଭଦ୍ର ମହିଳା। ଖୁବ୍ ସ୍ନେହୀ। ଦେଖିବାକୁ ବି ସୁନ୍ଦର। ଭଗବାନ କାହିଁକି ଯେ ତାଙ୍କୁ ଏମିତି ରୋଗଟିଏ ଦେଲେ?

- ହଁ, ବହୁତ କଷ୍ଟ ପାଉଛନ୍ତି। ତାଙ୍କୁ ଦେଖି ମୋ' ଆଖିରେ ଲୁହ ଆସିଗଲା। କହିଲେ ଯୋଉ ବୟସରେ ଛୁଆଙ୍କୁ ଛ' ତୁଣ ନ' ଭଜା କରି ଖୁଆଇବା କଥା ସେଇ ବୟସରେ ପିଲାଙ୍କ ହାତରୁ ବସି ଖାଉଛି।

- ଯା' ହଉ ତୁମକୁ ସାଙ୍ଗ ଜଣେ ମିଳିଗଲେ, ଆଉ ବୋର୍ ଲାଗିବନି। ତାଙ୍କ ପାଖରେ ଟିକେ ଯାଇ ବସୁଥିବ।

ଏତିକି କହି ଆଶୁ ମୋ' ମୁହଁକୁ ଚାହିଁ ଚୁପ୍ ହେଇଗଲେ। କିଛି ଗୋଟେ ଗୁରୁତର ଅପରାଧ କଲାପରି ମୁହଁ ବୁଲେଇ ନେଇ ଅନ୍ୟଆଡ଼େ ଚାଲିଗଲେ। ମୋର ବିଖୁସି ହେଇଆସୁଥିବା ମନଟା ଉଦାସ ହେଇଗଲା। ମୁଁ କାମ ଖୋଜିହେଲି। କାମ ଭିତରେ ଘର ମାଲିକଙ୍କ ସ୍ତ୍ରୀଙ୍କ କଥାଗୁଡ଼ିକ ମନେପଡ଼ିଯାଉଥାଏ। ସତ କହିବାକୁ ଗଲେ ସେ ଏଡ଼େ ଶାନ୍ତ, ସରଳ ଏବଂ ଭଦ୍ର ଯେ ତାଙ୍କୁ ସବୁକଥା ବୁଝେଇ ଦିଆଯାଇପାରେ, ତାଙ୍କ ଅଲକ୍ଷ୍ୟରେ ଯାହା କ୍ଷୟକ୍ଷତି ହେଇଯାଇଛି ତାହା କଦାପି ପୂରଣ ହେଇ ନ ପାରେ ବୋଲି ତାଙ୍କୁ ଜଣେଇ ଦିଆଯାଇପାରେ। ତେବେ ବି ଆମେ ଭଡ଼ା ରହିଲାବେଳେ ଘର ମାଲିକ କାହିଁକି ଯେ ଏଭଳି ଅଦ୍ଭୁତ ପ୍ରସ୍ତାବଟିଏ ରଖିଥିଲେ ବୁଝିପାରୁ ନ ଥିଲି।

ଘର ମାଲିକଙ୍କ ଦୁଇ ପୁଅ। ଦୁହେଁ ପଢ଼ାପଢ଼ି ସାରି ଚାକିରି ପାଇଁ ଚେଷ୍ଟା କରୁଥା'ନ୍ତି। ଦୁଇଜଣ ଭଲ ପଢୁଥିବାରୁ ଓଡ଼ିଶା ବାହାରେ ତାଙ୍କୁ ବହୁତ ଜାଗାରୁ ଅଫର ଆସୁଥାଏ, କିନ୍ତୁ ଶଯ୍ୟାଶାୟୀ ମା'ଙ୍କୁ ଛାଡ଼ି ଦୂରକୁ ଯିବାକୁ ଦୁହେଁ ମଙ୍ଗୁ ନ ଥା'ନ୍ତି। ବାପା ତାଙ୍କର ଚାକିରିକୁ ଚାଲିଗଲା ପରେ ମା'ଙ୍କ ଦେଖାଶୁଣା ସେମାନେ କରୁଥା'ନ୍ତି। ଘର କାମ ସହ ମା'ଙ୍କ ଦେଖାଶୁଣା ଏତେ ସୁନ୍ଦର ଭାବେ କରୁଥାନ୍ତି, ତାଙ୍କ ଘରକୁ ଗଲେ ଲାଗୁ ନ ଥାଏ ସେଇଟା ଗୋଟେ ମହିଳାବିହୀନ ଘର।

ପିଲା ଦୁହେଁ ତଳକୁ ଆସି ମୋତେ ବାରମ୍ବାର ପଚାରୁଥାନ୍ତି ଆଣ୍ଟି କ'ଣ ଦର୍କାର ହେଲେ ଆମକୁ କହିବେ। ମା' କହିଛନ୍ତି ଅଙ୍କଲ ଗଲା ପରେ ଆଣ୍ଟି ଏକୁଟିଆ ହେଇଯାଉଥିବେ, ଯାଇ ପଚାରୁଥାଅ ତାଙ୍କର କାଳେ କ'ଣ ଦର୍କାର ଥିବ? ନିଜେ ଉଠିପାରୁ ନ ଥିଲେ ସୁଦ୍ଧା ମୋ' ପାଇଁ ଏତେ ବ୍ୟସ୍ତ ହେଇପଡୁଥିବା ଭଦ୍ରମହିଳାଙ୍କ ପାଖରେ ମୋ' ମୁଣ୍ଡ ନଇଁ ଯାଉଥାଏ।

ଦୁଇ ଦିନ ପରେ ପିଲାମାନେ ଆସି ମୋତେ ଉପରକୁ ଡାକିନେଇଗଲେ। ରହିଲାଦିନୁ ସେଇ ଯାହା ଥରେ ମାତ୍ର ତାଙ୍କ ଘରକୁ ଯାଇଥିଲି। ଆଉ ନ ଯିବାର କାରଣ ଥିଲା ଘର ସଜଡ଼ା ବାହାନା। ଏବେ ସବୁ କାମ ସରିଯାଇଥିଲା। ବାହାନା ଦେଖାଇବା ପାଇଁ କାରଣ ଖୋଜି ହତାଶ ହେଲି। ତେଣୁ ଗଲି। ମୋତେ ଦେଖୁଦେଖୁ ଭଦ୍ରମହିଳା ପଚାରିଲେ କିଛି ଅସୁବିଧା ହଉନି ତ ଆମଘରେ? ଅସୁବିଧା ହେଲେ କହିବେ, ପିଲାମାନେ ଘରେ ଅଛନ୍ତି। ଆମ ପଡ଼ୋଶୀମାନେ ଭାରି ଭଲ। ମୁଁ ସିନା ଯାଇପାରୁନି, ଆପଣ ଯାଇ ତାଙ୍କ ସହ ମିଶିବେ।

ମୁଁ ତାଙ୍କ ସହ କଥା ହେଲାବେଳେ ପିଲା ଦୁହେଁ ବଜାର ଚାଲିଗଲେ। ସେଇ ସମୟଟା ମୋତେ ବହୁତ ଅସହାୟ ଲାଗିଲା। ତାଙ୍କ ସହ କ'ଣ କଥା ହେବି ଜାଣିପାରିଲିନି। ସେ କିନ୍ତୁ ବେଶ୍ ସହଜ ଜଣାପଡୁଥା'ନ୍ତି ଓ ହସିହସି କଥାହେଉଥା'ନ୍ତି। କିଛି ସମୟ ପରେ ତାଙ୍କ ଆଖିଗୁଡ଼ିକ କରୁଣ ଏବଂ ଲୁହ ଛଳଛଳ ହେଇଗଲା। ବର୍ଷିବା ଆଗରୁ ମେଘ ଯେମିତି ପାଣିପାଣି। ସେ ବହୁତ ଉଦାସ ଦେଖାଗଲେ। କେମିତି ଗୋଟେ ମୋହାଚ୍ଛନ୍ନ ପରି କହିଉଠିଲେ ସଜନା ଗଛଟା...

ମୁଁ ତାଙ୍କର ଏଇ କଥାଟିକୁ ମନେମନେ ଭୟ କରୁଥିଲି। ମନେପଡ଼ିଗଲା ଭଡ଼ା ରହିବା ସମୟରେ ଘର ମାଲିକଙ୍କ ସେହି ଅଦ୍ଭୁତ ପ୍ରସ୍ତାବଟା। ଛେପଢୋକି ଆଖି ତଳକୁ କରି ଅନିଚ୍ଛାସତ୍ତ୍ୱେ କହିପକେଇଲି- ହଁ ହଁ ଆପଣଙ୍କ ସଜନାଗଛଟି ବହୁତ ଭଲ ହେଇଛି, ଆମେ ଦି'ଥର ତା'ଦେହରୁ ଶାଗ ଆଣି ଖାଇଲୁଣି। ଭାରି ସୁଆଦିଆ। ଫୁଲ କଷି ଧରିଲାଣି।

ମୋ' କଥା ଶୁଣି ସେ କିଛି ସମୟ ମୋତେ ଆଶ୍ଚର୍ଯ୍ୟରେ ଚାହିଁ ରହିଲେ। ତା'ପରେ ଅତ୍ୟନ୍ତ ସ୍ନେହବୋଳା ସ୍ୱରରେ କହିଲେ ଘର ତିଆରି ହେଲାଦିନ ମୁଁ ତାକୁ ଲଗେଇଥିଲି। ଘର ତିଆରି ସରିଲାବେଳକୁ ଗଛଟି ବେଶ୍ ବଡ଼ ହେଇଯାଇଥିଲା। ଗଛଟିକୁ ମୁଁ ଏତେ ଭଲ ପାଉଥିଲି ସତେକି ସେ ମୋର ଆଉ ଗୋଟେ ପୁଅ। ସେତେବେଳେ ଆମେ ତଳେ ରହୁଥିଲୁ। ଯୋଉଦିନ ଗଛଟିକୁ ମୁଁ ଯାଇ ଟିକେ ଆଉଁଶାଆଉଁଶି ନ କରେ, ମୋତେ ଲାଗେ ସେ ଝାଉଁଳି ଯାଇଛି। ମୁହଁ ଶୁଖେଇ ଛିଡ଼ା ହେଇଛି।

ତା'ପରେ ମୋର ଆଣ୍ଠୁଗଣ୍ଠି ବାତ, ପାଦଟିଏ ଚାଲିବା କଷ୍ଟ ହେଲା। ସେତେବେଳକୁ ଉପର ଘର ତିଆରି ସରିଥିଲା। ତଳ ଘର ଭଡ଼ା ଦେଇ ଆମେ ଉପରକୁ ଚାଲିଆସିଲୁ। ମୋ' ସ୍ୱାମୀଙ୍କୁ ଯେତେ କହିଲି ସଜନା ଗଛଟିକୁ ଛାଡ଼ି ମୁଁ ଉପରକୁ ଯିବିନି, ସେ ଶୁଣିଲେନି। କାରଣ ଡାକ୍ତର ମନାକରିବା ସତ୍ତ୍ୱେ ମୁଁ ପ୍ରତିଦିନ ଘୁଷୁରି ଘୁଷୁରି ସଜନା ଗଛ ପାଖକୁ ଚାଲିଯାଉଥିଲି ଓ ରୋଗକୁ ବେଶିବେଶି ନିମନ୍ତ୍ରଣ କରୁଥିଲି। ଆମେ ଉପରକୁ ଚାଲିଆସିଲା ପରେ ମୋତେ ଜମା ଶାନ୍ତି ଲାଗିଲାନି। ମନ ଖାଲି ସଜନାଗଛ ପାଖରେ। ବହୁ କଷ୍ଟରେ ବାଲ୍‌କୋନୀକୁ ଯାଇ ତାକୁ ଟିକେ ଦେଖିଦେଲେ ମୋତେ ସରଗ ଚାନ୍ଦ ମିଳିଯାଏ। ଦିନେ ରାତିରେ ଖୁବ୍ ଜୋର୍ ଝଡ଼ବର୍ଷା ହେଲା। ମଡ଼ମାଡ଼ ଶବ୍ଦ ଶୁଣି ମୁଁ ଚିତ୍କାର କରିଉଠିଲି- ମୋ' ସଜନାଗଛ ଉପୁଡ଼ି ଗଲା ଶୀଘ୍ର ଯାଇ ଦେଖ... ସ୍ୱାମୀ ଓ ପିଲାମାନେ ବାହାରକୁ ଦୌଡ଼ିଗଲେ। ଫେରି ଆସି ହସହସ ମୁହଁରେ କହିଲେ ଯେ ପଡ଼ିଶା ଘର ନଡ଼ିଆ ଗଛ ଉପୁଡ଼ି ପଡ଼ିଛି, ମାତ୍ର ଆମ ସଜନାଗଛର କିଛି ହେଇନି। ସେ ସେମିତି ଛିଡ଼ାହେଇଛି। ମୋତେ ଖୁସି ତ ଲାଗିଲା, କିନ୍ତୁ ଅନୁଭବ କଲି ଖଟରୁ ଆଉ ଉଠିପାରୁନି। ପରଦିନ ଡାକ୍ତର ଆସିଲାବେଳକୁ ମୁଁ ଯେମିତି ପଙ୍ଗୁ ପାଲଟି ଯାଇଥିଲି। ସେଇ ଦିନଠୁ ଖଟରେ ପଡ଼ିରହିଛି।

- ଆପଣ କାହିଁକି ବ୍ୟସ୍ତ ହଉଛନ୍ତି, ସବୁ ଠିକ୍ ହେଇଯିବ।

- କ'ଣ ଆଉ ଠିକ୍ ହବ, ମୁଁ ତ ସାରାଜୀବନ ଏମିତି ପଡ଼ିରହିବି।

- ସେମିତି କୁହନ୍ତୁନି, କେତେ ଅବା ବୟସ ଆପଣଙ୍କର!

- ବୟସରେ କ'ଣ ଅଛି? ଏବେଠୁ ତ ଶଯ୍ୟାଶାୟୀ। ଜୀବନରେ ଆଉ ସୁଖ କ'ଣ, ସ୍ୱପ୍ନ କ'ଣ! ସଜନାଗଛଟିକୁ ମୁଁ ଏତେ ଭଲପାଉଥିଲି ଆପଣ କଳ୍ପନା କରିପାରିବେନି। ଗଛ-ମଣିଷ ଭିତରେ ଗୋଟେ ସୂକ୍ଷ୍ମ ସମ୍ପର୍କ ଥାଏ, ଯାହା ମୁଁ ଅନୁଭବ କରିଥିଲି।

- ହଁ ଗଛଟି ବି ସେମିତି ହେଇଛି। ଦେଖିଲେ ଲାଗୁଛି ସେ ଯେମିତି ମଣିଷର ମନକଥା ବୁଝିପାରୁଛି। ମୋତେ ତ ଲାଗୁଛି ସେ ଆପଣଙ୍କୁ ଝୁରିହଉଛି।

ମୋ' କଥା ଶୁଣି ସେ ମୋତେ ଗଭୀର ଭାବେ ଚାହିଁଲେ ଓ ଏକ ରହସ୍ୟମୟ ହସ ହସିଲେ, ଯାହାର ଅର୍ଥ ମୁଁ ବୁଝିପାରିଲିନି। ତାଙ୍କ ଆଖିରେ ଆଖି ମିଶେଇବା ପାଇଁ ମୋର ସାହସ ହେଲାନି।

କିଛି ସମୟ ପରେ ତାଙ୍କ ହାତ ଧୀରେ ମୋ' ହାତ ଉପରେ ରଖି ସ୍ନେହୀଳ ଅଥଚ କ୍ଷୀଣ ସ୍ୱରରେ କହିଲେ, ମୁଁ ଜାଣିଛି ସେମାନେ ଆପଣଙ୍କୁ ଏମିତି କୁହାଇଛନ୍ତି।

- ଅର୍ଥାତ୍?

- ଯୋଉ ଝଡ଼ବାତ୍ୟାରେ ନଡ଼ିଆ ଗଛ ଉପୁଡ଼ି ଯାଇପାରେ, ସେଥିରେ ସଜନାଗଛର କେତେ ଶକ୍ତି?

- ତା'ହେଲେ ଆପଣ ସବୁ ଜାଣିଛନ୍ତି?

- ହଁ ସେଇ ରାତିରେ ହିଁ ସଜନାଗଛଟା ଉପୁଡ଼ି ପଡ଼ିଥିଲା। ଆପଣଙ୍କୁ କହିଲିନା ସଜନାଗଛ ସହ ମୋର ଗୋଟେ ସୂକ୍ଷ୍ମ ସମ୍ପର୍କ ଗଢ଼ି ହେଇଯାଇଥିଲା। ଯୋଉ ମୁହୂର୍ତ୍ତରେ ସେ ଗଛ ଭାଙ୍ଗିଲା ସେଇ ମୁହୂର୍ତ୍ତରେ ମୁଁ ଚଳତ୍‌ଶକ୍ତିହୀନ ହେଇଗଲି। ଗୋଟେ ମାଆର ଯବାନ ପୁଅ ମରିଗଲେ ସେ ଯେମିତି ସ୍ଥାଣୁ ପାଲଟିଯାଏ, ମୋର ସେଇ ଅବସ୍ଥା। ମୋ' ସ୍ୱାମୀ ଓ ପୁଅମାନେ ଭାବିଲେ ସଜନାଗଛ ଭାଙ୍ଗିଯାଇଥିବା କଥା ଶୁଣି ମୁଁ ଗଭୀର ଆଘାତ ପାଇବି ଓ ମାନସିକ ଭାରସାମ୍ୟ ହରେଇ ବସିବି। ସେଥିପାଇଁ ମୋତେ ସଜନାଗଛର କିଛି ହେଇନି ବୋଲି ମିଛ କହିଥିଲେ।

- ଆପଣ ଯଦି ସବୁକଥା ଜାଣିଛନ୍ତି, ତାଙ୍କୁ କହିଦେଉନାହାନ୍ତି କାହିଁକି?

- କହିଦେଲେ ତାଙ୍କ ମୁହଁର ସେ ଖୁସି ଟିକକ କୋଉଠୁ ପାଇବି! ମୋର ଖୁସି ହେବାରେ ତାଙ୍କର ଯେଉଁ ଆହ୍ଲାଦ, ଏବେ ସେତିକି ହିଁ ତ ମୋର ବଞ୍ଚିବାର ଆଶ୍ରା।

ମୋ: ୮୮୯୫୨୯୪୧୪୧



## ପୁସ୍ତକ ପରିଚୟ

### ସେଇ ଲୋକଟା...

**କବି:** ଅବନୀ ପ୍ରଧାନ
**ପ୍ରକାଶକ:** ବିଜୟିନୀ ପବ୍ଲିକେଶନ୍ସ, ଶଙ୍କରପୁର, କଟକ-୧୨
**ପ୍ରଥମ ପ୍ରକାଶ:** ୨୦୨୦, **ମୂଲ୍ୟ:** ଟ. ୧୦୦/-

ମୋଟ ୭୩ଟି କବିତାର ସମାହାର ଆଲୋଚ୍ୟ ଏଇ କାବ୍ୟଗ୍ରନ୍ଥ 'ସେଇ ଲୋକଟା...'। ପ୍ରଥମ କବିତା ବହିର ଶିରୋନାମ। ଏହା ସମୟକୁ ନେଇ। ସମୟ ଅଧରା, ମହାମାୟାରେ ଆଚ୍ଛନ୍ନ। ପାଖେପାଖେ ଥାଏ, ଅଥଚ ଦେଖିହୁଏନି। କବି ସମୟର ମାୟାବୀ ରୂପକୁ ଆଙ୍କି ବସିଛନ୍ତି ଏହିପରି: "ସମୟ ତ ଠିକ୍ ଲୁଚି କରିଥାଏ ଶ୍ମଶାନ ଜୁଇରେ/ ରାବ ଦିଏ କୁଆଁକୁଆଁ କରି ଷଠୀ ଦୁଛେଇରେ/ ଏନ୍ତୁଡ଼ି ନିଆଁରେ।/ ଏଇ ଦୁଇ ମୁହୂର୍ତ୍ତ ମଝିରେ ଯେଉଁ କାଳଖଣ୍ଡଟି ଏକଡ଼ ସେକଡ଼ ହେଉଥାଏ,/ ହୁଏତ ହୋଇପାରେ ତାହା ସମୟ!" ('ସେଇ ଲୋକଟା...', ପୃ: ୧୧)। ବହିର ଅନେକ କବିତା କବିଙ୍କର ସ୍ୱସମୟର ବ୍ୟଥାତୁର ସ୍ପନ୍ଦନ।



ଯେଉଁଠି ନିରୀହ, ବେସାହାରା ମଣିଷ ଉପରେ ଶାସନର ଅଦଉତି, ସେଠି ସେ ଅଗ୍ନିଶର୍ମା ଓ ମୁଖର। 'କବିମାନେ ନୁହେଁ କେବଳ!' କବିତାରେ କବି କହନ୍ତି: "ସେଥର... କଳିଙ୍ଗ ନଗରରେ କଟାଗଲା/ କାହା ହାତ, ଗୋଡ଼/ ପାପୁଲି/ ସ୍ତନ, ଜଙ୍ଘ!/ ଉଠାଗଲା ବସ୍ତିବାସିନ୍ଦାଙ୍କ ଘରଦ୍ୱାର/ କୁହାଗଲା ଏଠି ଗଢ଼ିଉଠିବ ସହର/ ଶିଳ୍ପାଞ୍ଚଳ, କଳକାରଖାନା, ଏଠୁ ଶୀଘ୍ର ହଟ!/ x x/ ସରକାର ତ ମୁଦ୍‌ଗର!/ ତାଙ୍କର ସହର ନଗର ଦର୍କାର/ ସ୍ମାର୍ଟ ସହର।" (ପୃ: ୩୧)। ଏହିପରି ଗ୍ରନ୍ଥର ପ୍ରାୟ କବିତା କାଳର କଳୁଷରେ ଜର୍ଜର। ପ୍ରତାରକ, ଭାଷଣଖୋର୍ ରାଜନେତାଙ୍କ ପ୍ରତି ଅବନୀଙ୍କ ତର୍ଜନୀ ନିର୍ଦ୍ଦେଶ ତାଙ୍କର ବହୁ କବିତାକୁ ପ୍ରତିବାଦୀ କରି ଗଢ଼ିତୋଳେ। 'ସାଧାରଣ ମଣିଷ' ଅର୍ଥରେ ତାଙ୍କର ବକ୍ର-ବ୍ୟଞ୍ଜନା 'ସେଇ ଲୋକଟା'। 'କରୋନା କାଳ'ରେ ପ୍ରକାଶିତ ଏ ବହିଟି ପାଠିକାପାଠକଙ୍କ ପାଇଁ ଅର୍ଥପୂର୍ଣ୍ଣ ସମୟ ବିତାଇବାର ଏକ ସମ୍ବଳ ଅବଶ୍ୟ ହେବ।

### ରାମକଥା

**ଲେଖକ:** ଦେବେନ୍ଦ୍ର ନାଥ ଦାଶ
**ପ୍ରକାଶକ:** ଶ୍ୱେତ ସଂକେତ ସାରସ୍ୱତ ମଞ୍ଚ, ଭୁବନେଶ୍ୱର-୨
**ପ୍ରଥମ ପ୍ରକାଶ:** ୨୦୨୦, **ମୂଲ୍ୟ:** ଟ.୨୫୦/-



'ରାମକଥା' ସଂକ୍ଷିପ୍ତ ଗଦ୍ୟରେ ପରିଲିଖିତ ଏପରି ଏକ 'ରାମାୟଣ', ଯହିଁରେ ରାମାୟଣାନୁରାଗୀ ଅତି ସାଧାରଣ ପାଠକଟିଏ ବି ନିଜକୁ ନିମଗ୍ନ ରଖିପାରିବ। ଏଥିରେ ଦଶରଥଙ୍କ ବିବାହଠାରୁ ଶ୍ରୀରାମଙ୍କ ବୈକୁଣ୍ଠ ପ୍ରତ୍ୟାବର୍ତ୍ତନ ଯାଏ ସମଗ୍ର ରାମକଥା ସାବଲୀଳ ଗଦ୍ୟରେ ବର୍ଣ୍ଣିତ ହୋଇଛି। 'ପ୍ରାକ୍-କଥନ'ରେ ଲେଖକ କହିଛନ୍ତି: "ଚବିଶ ହଜାର ଶ୍ଳୋକ ବିଶିଷ୍ଟ ରାମାୟଣରେ ଶ୍ରୀରାମଙ୍କ ଅବତରଣଠାରୁ ବୈକୁଣ୍ଠ ପ୍ରତ୍ୟାବର୍ତ୍ତନର କଥାବସ୍ତୁ ବର୍ଣ୍ଣିତ, x x ଯାହା ପାଠକଙ୍କୁ ଆନନ୍ଦିତ କରିବ ବୋଲି ଆଶା କରୁଛି। x x ଏହି କଥା ମାଧ୍ୟମରେ ପ୍ରାତଃସ୍ମରଣୀୟ ମୁନିଋଷିଙ୍କ ଜୀବନ କଥା ଉପରେ ବିଶେଷ ଧ୍ୟାନ ଦିଆଯାଇଛି। ଏହା ପାଠକମାନଙ୍କୁ ବିଶେଷତଃ ଯୁବପିଢ଼ିକୁ ପ୍ରଭାବିତ କରିବ ବୋଲି ଆଶା କରୁଛି।" ବହିଟିକୁ ମନୋଜ୍ଞ କରିବା ପାଇଁ ମଝିରେ ମଝିରେ ଆଖ୍ୟାନଭିତ୍ତିକ କେତେକ ଚିତ୍ର ପ୍ରଦତ୍ତ ହୋଇଛି। ଡା. କୃଷ୍ଣ କେଶବ ଷଡ଼ଙ୍ଗୀ ଓ ଡ. ପ୍ରଫୁଲ୍ଲ କୁମାର ରଥ ବହିଟି ବିଷୟରେ ସୁଚିନ୍ତିତ ଅଭିମତ ଦେଇଛନ୍ତି। ଡା. ଷଡ଼ଙ୍ଗୀ ଗ୍ରନ୍ଥକୁ 'ରାମକଥାର ସରଳ-ତରଳ-ମନୋଜ୍ଞ ସଂକଳନ' ବୋଲି ଅଭିହିତ କରିଥିବା ବେଳେ ଡ. ରଥ ଏହାକୁ 'ଭଗବାନ ରାମଚନ୍ଦ୍ରଙ୍କ ଶାଶ୍ୱତ ମର୍ଯ୍ୟାଦା ସମ୍ପର୍କରେ ଜାଣିବାର ଅମୋଘ ସୁଯୋଗ' ବୋଲି ମତ ରଖିଛନ୍ତି। ରାମାୟଣାଭିଜ୍ଞ ଓ ରାମାୟଣାନଭିଜ୍ଞ- ଉଭୟ ବର୍ଗର ପାଠିକାପାଠକଙ୍କ ପାଇଁ ବହିଟି ଏକ ଆନନ୍ଦଦାୟକ ପାଠ୍ୟ ଭାବେ ଯେ ବିବେଚିତ ହେବ, ଏଥିରେ ସନ୍ଦେହ ନାହିଁ।

## କବିତା

### ଠିକଣା

ଅକ୍ଷୟ ପାତ୍ର

ଠାବ କରିବାରେ ନିୟତ ବ୍ୟସ୍ତ
ମୁଁ ମୋର ଠିକଣା।

ଜଣା ବି ନ ଥାଏ
କୋଉ ଠଣାରେ ସାଇତା ଥାଏ
ଅର୍ଦ୍ଧଲିଖିତ ସେ ଚିଠି, ଯିଏ
ଭୋଗୁଥାଏ ନିର୍ବାସନ
ଜଣା ନ ଥିବାରୁ ମୋ' ଠିକଣା।

ମୁଁ ଠିକଣା ଅଜଣା
ଏକ ଅଭିଯାନର ଉଦ୍ବେଳିତ
ମଦ୍‌ହୋସ୍ ଡେଣା,
ପ୍ରସ୍ତ ପ୍ରସ୍ତ ଶୂନ୍ୟତାର
ଅଭେଦ୍ୟ ପୂର୍ଣ୍ଣତାରେ ସ୍ଫୀତ ଗଗନର
ଅପରିମେୟ ନୀଳିମା
ବିମୂଢ଼ ଥାଏ, ନିରେଖି ମୋ'
ଦିଗ୍‌ଭ୍ରଷ୍ଟ ସପନଙ୍କ ଥିତି-ଆନମନା!

ଠିକଣା ଅଜଣା ଏକ ଧୂସର ଅଭିସାରର
ଭୂମିଲଗ୍ନ ଅସ୍ତିତ୍ୱ ମୁଁ, ନିତି ବାଟବଣା
ସୁବିପୁଳା ପୃଥ୍ୱୀର କ୍ଷୟିଷ୍ଣୁ ସବୁଜିମା
ହତଭମ୍ବ ଥାଏ, ନିରେଖି ମୋ'
ସ୍ଖଳିତ ପାଦର ଗତି-ନିଉଛଣା।

ହଁ, ଅର୍ଦ୍ଧଲିଖିତ ସେ ଚିଠିର
ହୁଏତ ମୁଁ ଅଜଣା ଠିକଣା
ଯାହା କୋଉ ଉଦାସୀ ଠଣାର ମଳିନତାରେ
ଊର୍ଦ୍ଧ୍ୱଶ୍ୱାସ ଥାଇ, କେବେଠୁଁ ଭୋଗୁଥାଏ
ଅପାଂକ୍ତେୟ ପ୍ରାପକର ଆତ୍ମ-ପ୍ରତାରଣା!

ମୋ: ୮୮୯୫୮୮୪୯୬୦

### ସ୍ୱର୍ଶ

ଅୟସ୍କାନ୍ତ

ରକ୍ତର ରକ୍ତରେ
ରାନ୍ଧିଲି ରାତି
ହେଲାନି ସକାଳ!
ରକ୍ତର ଲୁହରେ ଚିତ୍ରିଲି ଚନ୍ଦନ
ହେଲାନି ସିନ୍ଦୂର
କଣା କଲି ହାଡ଼ରେ ହେଲାନି ବଂଶୀ
ଛଳେଇ ଯା' କହୁଚ ତୁମେ
ପୌର୍ଣ୍ଣମାସୀର ଜହ୍ନ ତୁମେ
ଇତିହାସ ପୂର୍ଣ୍ଣକର!!!

ମୋ: ୮୭୬୩୧୯୩୧୧୬

### ଚିତ୍ର

ଶୈଳବାଳା ମହାପାତ୍ର

ବିଷାଦ ଆସେ ଇ ଆସେ
ଫଗୁଣର ଫୁଲ ଅବା
ଶ୍ରାବଣର ସଞ୍ଜେ
ସ୍ୱପ୍ନର ଶ୍ୟାମଳ ଗୀତ ଅବା
ଅପସ୍ୱପ୍ନ ବହଳ ଅନ୍ଧାରେ।
ବିଷାଦ ଆସେ ଋତୁ ବା ରତି
ପ୍ରୀତି ବା ସ୍ମୃତିରେ।

ତମେ ଥିଲେ ବା ନ ଥିଲେ
ବିଷାଦ ଆସେ ଗୋ ମିତ
ନିୟତ ନିର୍ବାକ୍ ଛନ୍ଦରେ !!

ବିଷାଦ ପ୍ରଥମ ଋତୁ
ସାବୁଜିକ ସମଗ୍ର ସକାଳ
ବିଷାଦ ଇ ବିଚିତ୍ର ସଙ୍ଗୀତ
ଗାଉଥାଏ କେଉଁ ବଂଶୀଆଳ !!

ମୋ: ୭୦୦୮୫୮୬୫୦୧

## କାଳକାଳକୁ



"ଲେଖୁଥିବାରୁ ତୁମ ପରିଚୟ ଲେଖକ।
ତୁମର ଏଇ ଲେଖିବା ଏକ ଯୋଗ।"
- ଆର୍.କେ. ନାରାୟଣ

**ଆର୍.କେ. ନାରାୟଣ**ଙ୍କ ଜନ୍ମ ୧୦ ଅକ୍ଟୋବର ୧୯୦୬ରେ, ତାମିଲନାଡୁର ଚେନ୍ନାଇରେ ଓ ପରଲୋକ ୧୩ ମେ ୨୦୦୧ରେ। ପୂରା ନାମ ରସିପୁରମ୍ କ୍ରିଷ୍ଣସ୍ୱାମୀ ଆୟାର ନାରାୟଣ ସ୍ୱାମୀ। ଦକ୍ଷିଣ ଭାରତୀୟ ସହର ମାଲଗୁଡ଼ିକୁ ନେଇ ରଚିତ ଉପନ୍ୟାସଗୁଡ଼ିକ ପାଇଁ ସେ ପ୍ରସିଦ୍ଧ। ମୁଲକରାଜ ଆନନ୍ଦ ଓ ରାଜା ରାଓଙ୍କ ସମକାଳୀନ ଏଇ ଲେଖକଙ୍କର ପ୍ରମୁଖ କୃତି: 'ସ୍ୱାମୀ ଆଣ୍ଡ୍ ଫ୍ରେଣ୍ଡ୍ସ' (୧୯୩୫, ପ୍ରଥମ ରଚନା), 'ଦ ବେଚ୍‌ଲର୍ ଅଫ୍ ଆର୍ଟସ' (୧୯୩୭), 'ଦ ଡାର୍କ ରୁମ୍' (୧୯୩୮), 'ଦ ଇଂଲିଶ୍ ଟିଚର'(୧୯୪୫), 'ଦ ମ୍ୟାନ୍ ଇଟର୍ ଅଫ୍ ମାଲଗୁଡ଼ି' (୧୯୬୧) ଓ 'ଟକେଟିଭ୍ ମ୍ୟାନ୍' (୧୯୮୬)। ୫ଟି ଗଳ୍ପଗ୍ରନ୍ଥ ସାଙ୍ଗକୁ ଆତ୍ମଜୀବନୀ 'ମାଇ ଡେଜ୍' ପ୍ରକାଶିତ।

# ଭୟ କଲେ ଅଧିକ ଆକ୍ରମଣାତ୍ମକ

## ମାନସିକ ରୋଗୀ ନେଇପାରିବେ ଟିକା

ଭୁବନେଶ୍ୱର, ୧୨।୫(ବ୍ୟୁରୋ)

ଭୟ କଲେ ଶରୀରରେ ରୋଗ ପ୍ରତିରୋଧକ ଶକ୍ତି ହ୍ରାସ ପାଇଥାଏ। ଆଉ ରୋଗ ପ୍ରତିରୋଧକ ଶକ୍ତି ହ୍ରାସ ପାଇଲେ କରୋନା ଅଧିକ ଆକ୍ରମଣାତ୍ମକ ହୋଇଥାଏ। ତେଣୁ ଭୟ ନ କରି ଡାକ୍ତରଙ୍କ ପରାମର୍ଶକ୍ରମେ ଔଷଧ ଖାଇବା ପାଇଁ କଟକ ଉତ୍କର୍ଷ ମାନସିକ ସ୍ୱାସ୍ଥ୍ୟ ପ୍ରତିଷ୍ଠାନର ମାନସିକ ରୋଗ ବିଶେଷଜ୍ଞ ପ୍ରଫେସର ଡା. ଶାରଦା ପ୍ରସନ୍ନ ସ୍ୱାଇଁ ପରାମର୍ଶ ଦେଇଛନ୍ତି।

ବୁଧବାର ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଆୟୋଜିତ ପରାମର୍ଶଭିତ୍ତିକ କାର୍ଯ୍ୟକ୍ରମରେ ଯୋଗଦେଇ ପ୍ରଫେସର ସ୍ୱାଇଁ କୋଭିଡ୍ ଓ ପରବର୍ତ୍ତୀ ସମୟରେ ରୋଗୀ, ବୟସ୍କ ନାଗରିକ, ଶିଶୁ ଏବଂ ଗୁରୁତର ରୋଗରେ ଆକ୍ରାନ୍ତ ବ୍ୟକ୍ତିଙ୍କ ମାନସିକ ସ୍ୱାସ୍ଥ୍ୟ ନେଇ ବିଭିନ୍ନ ପରାମର୍ଶ ଦେଇଥିଲେ। ସେ କହିଥିଲେ, କରୋନା ରୋଗୀ ଭୟ ନ କରି ଡାକ୍ତରୀ ଔଷଧ ସେବନ କରିବା ସହିତ ନିଜକୁ ବିଭିନ୍ନ କାର୍ଯ୍ୟରେ ନିୟୋଜିତ କରନ୍ତୁ। ଏଥିସହ ଯୋଗ, ପ୍ରାଣାୟମ କରନ୍ତୁ। ଉଦ୍‌ବେଗ, ନିଦ୍ରାହୀନତା, ମାନସିକ ଦୁର୍ବଳତା, ଭୟ, ଅବସାଦ ଓ ମାନସିକ ଚାପ ଭୋଗୁଥିବା ଲୋକମାନେ ସେମାନଙ୍କ ମାନସିକ ସ୍ୱାସ୍ଥ୍ୟ ଠିକ୍ ରଖିବା ପାଇଁ ଦୈନନ୍ଦିନ କିଛି ନା କିଛି କାର୍ଯ୍ୟ କରିବା, ଚାଲିବା, ବ୍ୟାୟାମ ଆଦି ନିୟମିତ କରିବା ଉଚିତ। ମାନସିକ ରୋଗୀ କରୋନା ଆକ୍ରାନ୍ତ ହେଲେ ଉଭୟ କରୋନା ଓ ମାନସିକ ରୋଗ ପାଇଁ ଔଷଧ ଖାଇପାରିବେ। ସବୁ ଜିଲାରେ ମାନସିକ ସ୍ୱାସ୍ଥ୍ୟ ସମ୍ପର୍କିତ ଭ୍ରାମ୍ୟମାଣ ଯାନ ଯୋଗାଯାଇଛି। ସାକ୍ଷାତ ଓ ଭିଡିଓ କଲ୍‌ରେ ବିଶେଷଜ୍ଞମାନେ ପରାମର୍ଶ ଦେଉଛନ୍ତି। ଏହି ଯାନ ଦ୍ୱାରା ମାନସିକ ରୋଗୀଙ୍କ ନିକଟରେ ଔଷଧ ପହଞ୍ଚାଇବାର ବ୍ୟବସ୍ଥା ରହିଛି। ତେଣୁ ମାନସିକ ରୋଗୀ କରୋନାରେ ଆକ୍ରାନ୍ତ ହେଲେ ହୋମ୍ କ୍ୱାରାଣ୍ଟାଇନ୍‌ରେ ରହି ଚିକିତ୍ସିତ ହୋଇପାରିବେ। ସେଥିପାଇଁ ଚିନ୍ତା କରିବାର ଆବଶ୍ୟକ ନାହିଁ। ସେହିପରି ମାନସିକ ରୋଗୀ ମଧ୍ୟ ଟିକା ନେଇପାରିବେ ବୋଲି ଡା. ସ୍ୱାଇଁ କହିଛନ୍ତି। କାର୍ଯ୍ୟକ୍ରମରେ ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ପ୍ରତିଷ୍ଠାନର ଡା. ଅମରେନ୍ଦ୍ର ନାଥ ମହାନ୍ତି ମଧ୍ୟ ଉପସ୍ଥିତ ରହି ବିଭିନ୍ନ ପରାମର୍ଶ ଦେବା ସହିତ ଜନସାଧାରଣଙ୍କୁ କୋଭିଡ୍ ନିୟମର କଡ଼ାକଡ଼ି ଅନୁପାଳନ ପାଇଁ ଅନୁରୋଧ କରିଛନ୍ତି।



## ସଂକ୍ଷେପରେ

### ବିଶ୍ୱ ନର୍ସିଂ ଦିବସ ଶୁଭେଚ୍ଛା ଜଣାଇଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୧୨।୫(ବ୍ୟୁରୋ): ବିଶ୍ୱ ନର୍ସିଂ ଦିବସ ଉପଲକ୍ଷେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ରାଜ୍ୟର ବିଭିନ୍ନ ଡାକ୍ତରଖାନାରେ କାର୍ଯ୍ୟରତ ନର୍ସମାନଙ୍କ ସହ ଫୋନ୍ ଯୋଗେ କଥା ହୋଇ ସେମାନଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ନିଜର ବ୍ୟକ୍ତିଗତ ସୁଖ ସ୍ୱାଚ୍ଛନ୍ଦ୍ୟକୁ ପଛରେ ପକାଇ ସେମାନେ ଯେପରି ରୋଗୀଙ୍କୁ ନିଷ୍ଠାର ସହ ସେବା ଯୋଗାଇ ଚାଲିଛନ୍ତି ମୁଖ୍ୟମନ୍ତ୍ରୀ ଏହାର ଉଚ୍ଚପ୍ରଶଂସା କରିଛନ୍ତି।

### ମେଡିକାଲ ଅମ୍ଳଜାନ ଉତ୍ପାଦନକାରୀ ଶିଳ୍ପସଂସ୍ଥାକୁ ପ୍ରୋତ୍ସାହନ ଲାଗି ଶିଳ୍ପନୀତିରେ ସଂଶୋଧନ

ଭୁବନେଶ୍ୱର, ୧୨।୫(ବ୍ୟୁରୋ): ଦେଶରେ କୋଭିଡ୍-୧୯ ମହାମାରୀର ଦ୍ୱିତୀୟ ଲହରର ସଂକ୍ରମଣ ଏବଂ କୋଭିଡ୍ ଆକ୍ରାନ୍ତଙ୍କ ମଧ୍ୟରେ ଅମ୍ଳଜାନ ଅଭାବଜନିତ ରୋଗୀଙ୍କ ସଂଖ୍ୟାରେ ବୃଦ୍ଧି ଉଦ୍‌ବେଗଜନକ ହୋଇଥିବା ପରିପ୍ରେକ୍ଷୀରେ ରାଜ୍ୟରେ ଅମ୍ଳଜାନ ଉତ୍ପାଦନକାରୀ ଶିଳ୍ପ ସଂସ୍ଥାଗୁଡ଼ିକୁ ପ୍ରୋତ୍ସାହିତ କରିବାକୁ ରାଜ୍ୟ ସରକାର ପଦକ୍ଷେପ ଗ୍ରହଣ କରିଛନ୍ତି। ଏଥିରେ ଶିଳ୍ପନୀତି-୨୦୧୫ରେ ଆବଶ୍ୟକ ସଂଶୋଧନ କରି ଅନୁପଯୋଗୀ ତାଲିକାରେ ଥିବା ଏହି ଶିଳ୍ପ ସଂସ୍ଥାଗୁଡ଼ିକୁ ସେହି ତାଲିକାରୁ ବାଦ୍ ଦେଇ ସେଗୁଡ଼ିକୁ ସରକାରୀ ପ୍ରୋତ୍ସାହନ ଯୋଗ୍ୟ ତାଲିକାରେ ଅନ୍ତର୍ଭୁକ୍ତ କରାଯାଇଛି। ଫଳରେ ମେଡିକାଲ ଅମ୍ଳଜାନ ଉତ୍ପାଦନକାରୀ ଶିଳ୍ପସଂସ୍ଥା, ରିଫିଲିଂ ୟୁନିଟ୍ ଏବଂ ଟ୍ୟାଙ୍କର ପ୍ରଭୃତି ପ୍ରାଥମିକତା ତାଲିକାରେ ସ୍ଥାନିତ ହୋଇଛନ୍ତି। ସରକାରଙ୍କ ଏହି ପଦକ୍ଷେପ ଶିଳ୍ପସଂସ୍ଥାଗୁଡ଼ିକୁ ଏ କ୍ଷେତ୍ରରେ ଅଧିକ ଉତ୍ସାହିତ କରିବ। ପ୍ରାଥମିକତା ବର୍ଗର ଶିଳ୍ପସଂସ୍ଥାଗୁଡ଼ିକ ପାଇଁ ରହିଥିବା ସମସ୍ତ ସୁଯୋଗ ଯଥା ରିହାତି ଦରରେ ଜମି, ଷ୍ଟାମ୍ପ ଶୁଳ୍କ ଛାଡ଼, ବିଦ୍ୟୁତ୍ ଦେୟ ଛାଡ଼, ରାଜ୍ୟ ଦ୍ରବ୍ୟ ଓ ସେବା କର (ଏସ୍‌ଜିଏସ୍‌ଟି) ଭରଣା ଆଦି ସୁବିଧା ପାଇପାରିବେ।

### ୩ ପୋଷ୍ୟ ବିଦ୍ୟାଳୟର ସମୀକ୍ଷା କଲେ କ୍ରୀଡ଼ା ମନ୍ତ୍ରୀ

ଭୁବନେଶ୍ୱର, ୧୨।୫(ବ୍ୟୁରୋ): ସୂଚନା ପ୍ରଯୁକ୍ତି, କ୍ରୀଡ଼ା ଓ ଯୁବସେବା ମନ୍ତ୍ରୀ ତୁଷାରକାନ୍ତି ବେହେରାଙ୍କ ଅଧ୍ୟକ୍ଷତାରେ ୩ଟି ପୋଷ୍ୟ ବିଦ୍ୟାଳୟର ସର୍ବାଙ୍ଗୀନ ଉନ୍ନତି ବିଷୟରେ ଏକ ବୈଠକ ଭିଡିଓ କନ୍‌ଫରେନ୍ସ ଜରିଆରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ମନ୍ତ୍ରୀ ବେହେରା ବିଦ୍ୟାଳୟଗୁଡ଼ିକର ଆବଶ୍ୟକ ଶ୍ରେଣୀଗୃହ, ବିଶୁଦ୍ଧ ପିଇବା ପାଣି, ଶୌଚାଳୟ, ଭିତ୍ତିଭୂମିର ବିକାଶ, ବିଦ୍ୟାଳୟ ସୌନ୍ଦର୍ଯ୍ୟକରଣ, ଛାତ୍ରୀଛାତ୍ରଙ୍କ ପାଇଁ ଉନ୍ନତମାନର ପାଠାଗାର, ବିଜ୍ଞାନ ପରୀକ୍ଷାଗାର, କମ୍ପ୍ୟୁଟର ଲାବ୍, ସ୍ମାର୍ଟ କ୍ଲାସ୍‌ରୁମ୍, ଖେଳ ପଡ଼ିଆର ଉନ୍ନତୀକରଣ ଏବଂ ପିଲାଙ୍କ ମଧ୍ୟରେ ବୌଦ୍ଧିକ ବିକାଶ ନେଇ ବିଦ୍ୟାଳୟର ପ୍ରଧାନ ଶିକ୍ଷକ, ସ୍କୁଲ ପରିଚାଳନା କମିଟି ସଦସ୍ୟ, ପୁରାତନ ଛାତ୍ର ସଂଘର ସଦସ୍ୟଗଣ, ବିଆର୍‌ସିସି ଏବଂ ସିଆର୍‌ସିଙ୍କ ସହ ଆଲୋଚନା କରିଛନ୍ତି। ଏଠାରେ ସୂଚନାଯୋଗ୍ୟ, ମୁଖ୍ୟମନ୍ତ୍ରୀଙ୍କ ଆହ୍ୱାନକ୍ରମେ ମନ୍ତ୍ରୀ ବେହେରା ପୁରୀ କାକଟପୁରସ୍ଥିତ ସରକାରୀ ନୋଡାଲ ଉଚ୍ଚ ବିଦ୍ୟାଳୟ, ଅସ୍ତରଙ୍ଗସ୍ଥିତ ବାଲିଡ଼ିଆ ପ୍ରାଥମିକ ବିଦ୍ୟାଳୟ ଏବଂ ବାଲେଶ୍ୱରର ଖଇରା ସରକାରୀ ଉଚ୍ଚ ବିଦ୍ୟାଳୟକୁ ପୋଷ୍ୟ ବିଦ୍ୟାଳୟ ଭାବେ ଗ୍ରହଣ କରିଛନ୍ତି।

## ୧୦ ଜିଲାପାଳଙ୍କ ସହ କଥା ହେଲେ ଡବ୍ଲ୍ୟୁଓସିଡି ଅଧ୍ୟକ୍ଷ

ଭୁବନେଶ୍ୱର,୧୨।୫(ବ୍ୟୁରୋ)

କୋଭିଡ୍ ମହାମାରୀର ବ୍ୟାପକତା ସମୟରେ ଏହାକୁ ପ୍ରତିରୋଧ କରିବା ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ଅନେକ ପଦକ୍ଷେପ ନିଆଯାଇଛି। ଏଥିପାଇଁ ପଶ୍ଚିମ ଓଡ଼ିଶା ବିକାଶ ପରିଷଦ(ଡବ୍ଲ୍ୟୁଓସିଡି) ପଶ୍ଚିମ ଓଡ଼ିଶାର ଜନସାଧାରଣଙ୍କ ଆସ୍ଥାର ପ୍ରତୀକ ଭାବେ ପରିଚିତି ଅର୍ଜନ କରିଛି। କୋଭିଡ୍ ପରିସ୍ଥିତିର ମୁକାବିଲା ପାଇଁ ବିଭିନ୍ନ ପଦକ୍ଷେପ ଗ୍ରହଣ କରାଯାଇଥିବା ଡବ୍ଲ୍ୟୁଓସିଡି ଅଧ୍ୟକ୍ଷ ଅସିତ ତ୍ରିପାଠୀ କହିଛନ୍ତି।

ଭର୍ଚ୍ଚୁଆଲରେ ୧୦ ଜିଲାର ଜିଲାପାଳଙ୍କ ସହ ତ୍ରିପାଠୀ ଆଲୋଚନା କରିଛନ୍ତି। ସେମାନଙ୍କଠାରୁ ମତାମତ ନେଇଛନ୍ତି ଏବଂ ବିଭିନ୍ନ ସମୟରେ ଗସ୍ତକରି ସମ୍ପୃକ୍ତ ଅଞ୍ଚଳର ମାନ୍ୟଗଣ୍ୟ ବ୍ୟକ୍ତିଙ୍କ ସହ ଆଲୋଚନା କରିଛନ୍ତି। କୋଭିଡ୍ ବିରୋଧରେ ଆମ ସଂଗ୍ରାମକୁ ଆହୁରି ଫଳପ୍ରଦ ଏବଂ ଜନାଭିମୁଖୀ କରିବା ପାଇଁ ପଶ୍ଚିମ ଓଡ଼ିଶା ବିକାଶ ପରିଷଦ ତରଫରୁ ଉଦ୍ୟମ ଅବ୍ୟାହତ ରହିଛି ବୋଲି ସେ କହିଛନ୍ତି। ବୃହତ୍ତର ଜିଲାଗୁଡ଼ିକ ପାଇଁ ପ୍ରାୟ ୩ କୋଟି ଟଙ୍କା ପ୍ରଦାନ କରାଯିବ। ଏହା ସରକାରୀ ବ୍ୟବସ୍ଥା ଅନୁଯାୟୀ କୋଭିଡ୍ ପରିଚାଳନା ପାଇଁ ଦୀର୍ଘସ୍ଥାୟୀ ଭିତ୍ତିଭୂମି ନିର୍ମାଣ କରିବାରେ ବିନିଯୋଗ କରାଯିବ। ଦେବଗଡ଼, ସୁବର୍ଣ୍ଣପୁର, ନୂଆପଡ଼ା ଆଦି ଜିଲା ପାଇଁ ୧ କୋଟି ଟଙ୍କା ପର୍ଯ୍ୟନ୍ତ ଅନୁଦାନର ବ୍ୟବସ୍ଥା କରାଯିବ। ପଶ୍ଚିମ ଓଡ଼ିଶାରେ କୋଭିଡ୍ ଏବଂ ପରବର୍ତ୍ତୀ ସବୁ ସମୟରେ ବିକାଶ ପରିଷଦ ସ୍ୱାସ୍ଥ୍ୟ ବ୍ୟବସ୍ଥାର ଉନ୍ନତୀକରଣ ଏବଂ ଅଞ୍ଚଳର ବିକାଶ କ୍ଷେତ୍ରରେ କାର୍ଯ୍ୟ କରିବା ପାଇଁ ସମର୍ପିତ। ପଶ୍ଚିମ ଓଡ଼ିଶା ବିକାଶ ପରିଷଦ ମଧ୍ୟ ଜିଲାପାଳଙ୍କ ସହ ଆଲୋଚନା କରି ବିଭିନ୍ନ କୋଭିଡ୍ ହସ୍ପିଟାଲରେ ଅକ୍ସିମିଟର, ଅଟୋଆନାଲାଇଜର, ଜେନେରେଟର, ବିଭିନ୍ନ ଆସବାବପତ୍ର, ସ୍ୱାସ୍ଥ୍ୟସେବା କର୍ମଚାରୀଙ୍କ ଦକ୍ଷତା ବୃଦ୍ଧି ପାଇଁ ବିଭିନ୍ନ କାର୍ଯ୍ୟକ୍ରମ, ଆଇସିୟୁଗୁଡ଼ିକର ସମ୍ପ୍ରସାରଣ, ଅମ୍ଳଜାନ ସୁବିଧା, ଆମ୍ବୁଲାନ୍ସ ସେବା ଆଦିରେ ରହିଥିବା ଅଭାବଗୁଡ଼ିକ ତୁରନ୍ତ ପୂରଣ କରିବା ପାଇଁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବ। ଜିଲାପାଳ ତାଙ୍କ ଜିଲାର ପରିସ୍ଥିତିକୁ ଦୃଷ୍ଟିରେ ରଖି ପଶ୍ଚିମ ଓଡ଼ିଶା ବିକାଶ ପରିଷଦ ଦ୍ୱାରା ପ୍ରଦାନ କରାଯାଇଥିବା ଅନୁଦାନର ବିନିଯୋଗ କରିବେ ବୋଲି ସେ କହିଛନ୍ତି।

## ବିଜୁ ଛାତ୍ର ଜନତା ଦଳ ପକ୍ଷରୁ ରାଜ୍ୟବ୍ୟାପୀ ରକ୍ତଦାନ ଶିବିର



ଶିବିରରେ ରକ୍ତଦାନ କରାଯାଉଛି।

ଭୁବନେଶ୍ୱର,୧୨।୫(ବ୍ୟୁରୋ)

ବିଜୁ ଛାତ୍ର ଜନତା ଦଳ ପକ୍ଷରୁ କରୋନା ମହାମାରୀ ସମୟରେ ଭୟଙ୍କର ରକ୍ତ ସଙ୍କଟ ଦୂର କରିବାକୁ ରାଜ୍ୟବ୍ୟାପୀ ଜୀବନ ବିନ୍ଦୁ ଏବଂ ରକ୍ତଦାନ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ବୁଧବାର ବିଜୁ ଛାତ୍ର ଜନତା ଦଳର ରାଜ୍ୟ ସମ୍ପାଦକ ଶଶିକାନ୍ତ ମିଶ୍ରଙ୍କ ନେତୃତ୍ୱରେ ଢେଙ୍କାନାଳ ବ୍ଲଡ୍ ବ୍ୟାଙ୍କଠାରେ ରକ୍ତଦାନ ଶିବିର ଆୟୋଜନ କରାଯାଇଛି। ସେଠାରେ ୩୩ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଛି। ଆଗାମୀ ଦିନରେ ରକ୍ତଦାନ ଶିବିରକୁ ଆହୁରି ବ୍ୟାପକ କରାଯିବା ସହ କରୋନା ସମୟରେ ରକ୍ତ ଅଭାବ ଯେପରି ନ ଦେଖାଯିବ ସେଥିପାଇଁ ବିଜୁ ଛାତ୍ର ଜନତା ଦଳର ପ୍ରତ୍ୟେକ କର୍ମକର୍ତ୍ତା ପ୍ରତିଶ୍ରୁତିବଦ୍ଧ ବୋଲି ବିଜୁ ଛାତ୍ର ଜନତା ଦଳର ସଭାପତି ଦେବୀ ରଞ୍ଜନ ତ୍ରିପାଠୀ କହିଛନ୍ତି। ଏହି କାର୍ଯ୍ୟକ୍ରମରେ ଢେଙ୍କାନାଳ ବିଧାୟକ ସୁଧୀର ସାମଲ, ବିଜୁ ଛାତ୍ର ଜନତା ଦଳର ରାଜ୍ୟ ଉପସଭାପତି ପ୍ରଦୋଷ ପରିଡ଼ା, ରାଜ୍ୟ ସମ୍ପାଦକ ରଞ୍ଜିତ ଦାସ ଉପସ୍ଥିତ ରହି ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ।

## କୋଭିଡ୍ କ୍ରାଇସିସ୍ ମ୍ୟାନେଜ୍‌ମେଣ୍ଟ କମିଟି ଗଠନ ଲାଗି ଅନୁରୋଧ

### ମୁଖ୍ୟମନ୍ତ୍ରୀଙ୍କ ସହ ଧର୍ମେନ୍ଦ୍ରଙ୍କ ଆଲୋଚନା

ଭୁବନେଶ୍ୱର, ୧୨।୫(ବ୍ୟୁରୋ)

ରାଜ୍ୟର ଗାଁ ଏବଂ ୱାର୍ଡସ୍ତରରେ କୋଭିଡ୍-୧୯ ମୁକାବିଲା ପାଇଁ ସମସ୍ତ ରାଜନୈତିକ ଦଳର ନେତାଙ୍କୁ ନେଇ 'କୋଭିଡ୍ କ୍ରାଇସିସ୍ ମ୍ୟାନେଜମେଣ୍ଟ କମିଟି' ଗଠନ ହେଉ ବୋଲି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ବୁଧବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଅନୁରୋଧ କରିଛନ୍ତି। ଓଡ଼ିଶାରେ କୋଭିଡ୍-୧୯ର ଉଚିତ୍ ମୁକାବିଲା ଲାଗି କେନ୍ଦ୍ର ସରକାରଙ୍କ ଦ୍ୱାରା ନିଆଯାଉଥିବା ବିଭିନ୍ନ ପଦକ୍ଷେପ ବିଷୟରେ ବୁଧବାର ଓଡ଼ିଶାର ମୁଖ୍ୟମନ୍ତ୍ରୀଙ୍କ ସହ ଆଲୋଚନା କରିବା ପରେ ଧର୍ମେନ୍ଦ୍ର ଟୁଇଟ୍‌କରି ଏହି ସୂଚନା ଦେଇଛନ୍ତି।

କେନ୍ଦ୍ରମନ୍ତ୍ରୀ ଟୁଇଟ୍‌କରି କହିଛନ୍ତି, ଆସନ୍ତା ୧୫ଦିନ ସମସ୍ତଙ୍କ ପାଇଁ ଚ୍ୟାଲେଞ୍ଜିଂ ରହିବ। ତେଣୁ ତୃଣମୂଳସ୍ତରରେ କୋଭିଡ୍-୧୯ର ମୁକାବିଲାରେ ସମାଜର ପ୍ରତିଷ୍ଠିତ ବ୍ୟକ୍ତି, ସ୍ୱେଚ୍ଛାସେବୀ ତଥା ସମସ୍ତ ରାଜନୈତିକ ଦଳର ନେତାଙ୍କୁ ସାମିଲ କରିବାକୁ ମୁଖ୍ୟମନ୍ତ୍ରୀଙ୍କୁ ଅନୁରୋଧ କରିଛନ୍ତି। ଓଡ଼ିଶାରେ କିପରି ଭାକ୍ସିନ୍ ଉପଲବ୍ଧି ହୋଇପାରିବ ସେନେଇ ମୁଖ୍ୟମନ୍ତ୍ରୀ ତାଙ୍କୁ ଅବଗତ କରାଇଛନ୍ତି। ଆବଶ୍ୟକ ଅନୁସାରେ ରାଜ୍ୟକୁ କିପରି ଭାକ୍ସିନ୍, ରେମ୍‌ଡେସିଭିର, ରାପିଡ୍ ଆଣ୍ଟିଜେନ୍ ଟେଷ୍ଟ କିଟ୍ ଅଧିକରୁ ଅଧିକ ଯୋଗାଯାଇପାରିବ ସେନେଇ କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ହର୍ଷ ବର୍ଦ୍ଧନ ଏବଂ ମନସୁଖ ମାଣ୍ଡବୀୟଙ୍କ ସହ କଥା ହୋଇଥିବା ଧର୍ମେନ୍ଦ୍ର ଜଣାଇଛନ୍ତି। ବର୍ତ୍ତମାନ କୋଭିଡ୍ ମହାମାରୀ ସମୟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ରାଜ୍ୟ ସରକାରଙ୍କୁ ଯଥାସମ୍ଭବ ସହଯୋଗ କରିବା ପାଇଁ କେନ୍ଦ୍ର ସରକାର ପଦକ୍ଷେପ ନେଉଛନ୍ତି। ମିଳିତ ସହଯୋଗ ଏବଂ ସମନ୍ୱୟ ଦ୍ୱାରା କରୋନା ଲଢ଼େଇରେ ବିଜୟୀ ହୋଇପାରିବା ବୋଲି ଧର୍ମେନ୍ଦ୍ର ଟୁଇଟ୍ କରି ସୂଚନା ଦେଇଛନ୍ତି। କିଛିଦିନ ତଳେ ଓଡ଼ିଶାରେ ପରିଚାଳିତ କେନ୍ଦ୍ରୀୟ ରାଷ୍ଟ୍ରାୟତ୍ତ ଉଦ୍ୟୋଗ(ପିଏସ୍‌ୟୁ)ଗୁଡ଼ିକର ମୁଖ୍ୟ, ରାଜ୍ୟ ସରକାରଙ୍କ ଅଧିକାରୀ, ସ୍ୱାସ୍ଥ୍ୟ ସଙ୍ଗଠନ, ବ୍ୟାଙ୍କିଙ୍ଗ୍ ଏବଂ ରେଳ କ୍ଷେତ୍ରର ପ୍ରମୁଖ ଅଧିକାରୀଙ୍କ ସହ କଥା ହୋଇ ରାଜ୍ୟରେ ଟେଷ୍ଟିଂ, ଭେଣ୍ଟିଲେଟର, ଟିକାକରଣ ଓ ଅକ୍ସିଜେନ ବ୍ୟବସ୍ଥା ବଢାଇବା ସହ ସ୍ୱାସ୍ଥ୍ୟ ଭିତ୍ତିଭୂମି ଉପରେ ଗୁରୁତ୍ୱ ଦେବାକୁ କେନ୍ଦ୍ରମନ୍ତ୍ରୀ କହିଥିଲେ।


# PANCHAYAT SAMITI OFFICE, ANANDAPUR

E-Mail id- ori-anandpur@nic.in, Phone -9437448632

## TENDER CALL NOTICE

No.i-40:-

No.861/Dt.07.05.2021

Sealed tenders (Percentage Rate) in conformity with the DTCN are invited from the **"D" / "C"/"B"/"A"** Class contractors registered with the State Govt. for execution of works under Panchayat Samiti, Anandapur as detailed in the table below. The tender document **(DTCN & BOQ)** can be obtained from district **NIC Website (www.kendujhar.nic.in)** from **Dt- 13.05.2021 to 27.05.2021** till 1.00P.M. The tender document **(DTCN & BOQ)** duly signed by the Contractors should be accompanied with the self attested photo copy of valid GST Clearance certificate, PAN card, Registration Certificate. The tender document (DTCN & BOQ) should accompanied with requisite tender paper cost in shape of Demand Draft drawn in favour of BDO, Anandapur payable at "Anandapur" from any Nationalized Bank. The tenders will be received up to **Dt.27.05.2021** till 1.00 p.m. and addressed to O/o Block Development Officer, Anandapur, Keonjhar, 758021 through Registered/Speed Post. The tender is scheduled to be opened on **Dt.28.05.2021** at 9.00a.m. at Block Conference Hall, O/o the Block Development Officer, Anandapur, Keonjhar, in presence of the tenderers or their authorized representatives. All bidders shall have to submit an affidavit in support of authenticity of documents/ credentials. The detail terms and conditions can be seen at NIC Website (www.kendujhar.nic.in). The name of the work should be written on the top of the envelope. The undersigned reserves the right to cancel the tender without assigning any reason thereof.

As per Codal Provision for more than **Rs.50.00 Lakhs** tenders double cover system i.e. COVER-I (Technical Bid) COVER-II (Financial Bid) to be fill up separately indicating therein as " COVER-I and II " respectively and finally put together in one Cover.

**"Bidder security declaration "should be furnished clearly as per latest circular No.5984/W/Dt.27.04.2021 of Works Deptt. Govt. of Odisha so as to avail exemption of EMD.**

| Sl. No. | Name of the work | Amount put to tender | EMD @ 1% in Rs. | Cost of tender paper (In Rs.) | Period of completion & class of contractor |
|---|---|---|---|---|---|
| 1 | 2 | 3 | 4 | 5 | 6 |
| 1 | Construction of Addl. Class Room, Toilet, Boundary Wall at Purunaghati UGMES under Kathakata GP | 13,57,861/- | EMD exempted vide L.No.5984/Dt.27.04.21 of works Deptt. | 6000.00 | Six months / D & C Class Contractor |
| 2 | Construction of Addl. Class Room( 4 Nos), Toilet,l at Panasadiha UGMES under Panasadiha G.P. | 30,19,152/- | EMD exempted vide L.No.5984/Dt.27.04.21 of works Deptt. | 6000.00 | Six months / C & B Class Contractor |
| 3 | Construction of Addl. Class Room,Science Lab, Boundary Wall at Kundulai High School, Belabahali under Belabahali G.P. | 31,53,677/- | EMD exempted vide L.No.5984/Dt.27.04.21 of works Deptt. | 6000.00 | Six months / C & B Class Contractor |
| 4 | Construction of Addl. Class Room, Science Lab,Toilet, Boundary Wall at Jhadeswar High School under Anandapur Municipality | 55,19,819/- | EMD exempted vide L.No.5984/Dt.27.04.21 of works Deptt. | 10000.00 | Six months / B & A Class Contractor |
| 5 | Construction of Boundary Wall at Brajabandhu Bidyapitha High School under Anandapur Municipality | 9,72,281/- | EMD exempted vide L.No.5984/Dt.27.04.21 of works Deptt. | 4000.00 | Six months / D & C Class Contractor |
| 6 | Construction of Science Lab at L.D. Bidyapitha, Kodapada under Kodapada G.P. | 13,27,473/- | EMD exempted vide L.No.5984/Dt.27.04.21 of works Deptt. | 6000.00 | Six months / D & C Class Contractor |
| 7 | Construction of Toilet, Boundary Wall at Janardanpur UGMES,Khaparakhai under Anandapur Municipality | 8.88.011/- | EMD exempted vide L.No.5984/Dt.27.04.21 of works Deptt. | 4000.00 | Six months / D & C Class Contractor |
| 8 | Construction of Toilet, Boundary Wall at Balunkeswar UGMES, Fakirpur under Anandapur Municipality | 8,88,011/- | EMD exempted vide L.No.5984/Dt.27.04.21 of works Deptt. | 4000.00 | Six months / D & C Class Contractor |
| 9 | Construction of Addl.Class Room, Science Lab, Toilet at Fakirpur High School, Fakirpur | 45,30,478/- | EMD exempted vide L.No.5984/Dt.27.04.21 of works Deptt. | 6000.00 | Six months / B & A Class Contractor |
| 10 | Construction of Boundary Wall & Toilet at Bankhidi UGMES under Baunsagarh GP | 8,80,029/- | EMD exempted vide L.No.5984/Dt.27.04.21 of works Deptt. | 4000.00 | Six months / D & C Class Contractor |
| 11 | Construction of Addl. Class Room, Toilet, Boundary Wall at Sadangi UGUPS under Baunsagarh GP | 17,99,340/- | EMD exempted vide L.No.5984/Dt.27.04.21 of works Deptt. | 6000.00 | Six months / D & C Class Contractor |
| 12 | Construction of Addl. Class Room, Boundary Wall at Patalasuni MES under Baunsagarh GP | 10,92,078/- | EMD exempted vide L.No.5984/Dt.27.04.21 of works Deptt. | 6000.00 | Six months / D & C Class Contractor |
| 13 | Construction of Addl. Class Room, Toilet, Science Lab at Dhakotha High School under Dhakotha G.P. | 35,26,888/- | EMD exempted vide L.No.5984/Dt.27.04.21 of works Deptt. | 6000.00 | Six months / C & B Class Contractor |
| 14 | Construction of Addl. Class Room, Toilet, Boundary Wall at Badaekatali UGUPS under Dhakotha GP | 20,67,336/- | EMD exempted vide L.No.5984/Dt.27.04.21 of works Deptt. | 6000.00 | Six months / C & B Class Contractor |
| 15 | Construction of Addl. Class Room, Toilet, Boundary Wall at Banika UPS under Bailo GP | 33,79,857/- | EMD exempted vide L.No.5984/Dt.27.04.21 of works Deptt. | 6000.00 | Six months / C & B Class Contractor |
| 16 | Construction of Toilet, Boundary Wall at Sailong Nodal UPS under Anandapur Municipality | 8,88,153/- | EMD exempted vide L.No.5984/Dt.27.04.21 of works Deptt. | 4000.00 | Six months / D & C Class Contractor |
| 17 | Construction of Addl. Class Room, Toilet, Boundary Wall at Beusahi UGMES under Panchupali G.P. | 20,62,810/- | EMD exempted vide L.No.5984/Dt.27.04.21 of works Deptt. | 6000.00 | Six months / C & B Class Contractor |
| 18 | Construction of Addl. Class Room, Boundary Wall at Tavakud UGMES under Budhikud GP | 13,57,224/- | EMD exempted vide L.No.5984/Dt.27.04.21 of works Deptt. | 6000.00 | Six months / D & C Class Contractor |
| 19 | Construction of Addl. Class Room, Toilet, Boundary Wall at Kolimati MES under Kolimati GP | 17,98,810/- | EMD exempted vide L.No.5984/Dt.27.04.21 of works Deptt. | 6000.00 | Six months / D & C Class Contractor |
| 20 | Construction of Toilet, Science Lab at Govt. Girls High School, Anandapur under Anandapur Municipality | 15,19,704/- | EMD exempted vide L.No.5984/Dt.27.04.21 of works Deptt. | 6000.00 | Six months / D & C Class Contractor |
| 21 | Construction of Boundary Wall at BN Sanskrit Tol under Bailo G.P. | 9,72,281/- | EMD exempted vide L.No.5984/Dt.27.04.21 of works Deptt. | 4000.00 | Six months / D & C Class Contractor |
| 22 | Construction of Boundary Wall at Amaranga UGUPS under Dhakotha G.P | 11,53,202/- | EMD exempted vide L.No.5984/Dt.27.04.21 of works Deptt. | 6000.00 | Six months / D & C Class Contractor |
| 23 | Construction of Boundary Wall at Bhatisira UGMES under Bailo G.P. | 11,51,281/- | EMD exempted vide L.No.5984/Dt.27.04.21 of works Deptt. | 6000.00 | Six months / D & C Class Contractor |
| 24 | Construction of Toilet, Science Lab at OAV Salapada under Anandapur Municipality. | 15,19,704/- | EMD exempted vide L.No.5984/Dt.27.04.21 of works Deptt. | 6000.00 | Six months / D & C Class Contractor |
| 25 | Construction of Addl. Class Room, Science Lab at S.N. High School, Padmapur under Anandapur Municipality | 33,33,454/- | EMD exempted vide L.No.5984/Dt.27.04.21 of works Deptt. | 6000.00 | Six months / C & B Class Contractor |
| 26 | Construction of Addl. Class Room, Science Lab at Salabani G.P. Girls High School under Salabani GP | 33,33,454/- | EMD exempted vide L.No.5984/Dt.27.04.21 of works Deptt. | 6000.00 | Six months / C & B Class Contractor |
| 27 | Construction of Addl. Class Room,Toilet, Science Lab, Boundary Wall at S.N. High School, Taratara under Taratara G.P. | 44,95,167/- | EMD exempted vide L.No.5984/Dt.27.04.21 of works Deptt. | 6000.00 | Six months / C & B Class Contractor |
| 28 | Construction of Addl. Class Room, Science Lab, Boundary Wall at Panchupali High School under Panchupali G.P. | 53,05,326/- | EMD exempted vide L.No.5984/Dt.27.04.21 of works Deptt. | 10000.00 | Six months / B & A Class Contractor |
| 29 | Construction of Addl. Class Room, Science Lab, Boundary Wall at Salabani High School under Salabani GP | 43,01,735/- | EMD exempted vide L.No.5984/Dt.27.04.21 of works Deptt. | 6000.00 | Six months / B &A Class Contractor |
| 30 | Construction of Boundary Wall, Toilet at Bandhasimulia UPS under Kolimati GP | 8,80,031/- | EMD exempted vide L.No.5984/Dt.27.04.21 of works Deptt. | 4000.00 | Six months / D & C Class Contractor |
| 31 | Construction of Addl. Class Room, Science Lab at Kantipal High School under Kantipal GP | 33,34,656/- | EMD exempted vide L.No.5984/Dt.27.04.21 of works Deptt. | 6000.00 | Six months / C & B Class Contractor |
| 32 | Construction of Addl. Class Room, Boundary Wall, Toilet at Kathakata UGMES under Kathakata GP | 41,75,905/- | EMD exempted vide L.No.5984/Dt.27.04.21 of works Deptt. | 6000.00 | Six months / B & A Class Contractor |
| 33 | Construction of Addl. Class Room, Toilet at Gayalmunda NUPS under Gayalmunda GP | 30,14,093/- | EMD exempted vide L.No.5984/Dt.27.04.21 of works Deptt. | 6000.00 | Six months / C & B Class Contractor |
| 34 | Construction of Addl. Class Room, Toilet, Boundary Wall at Dhabani UGUPS under Gayalmunda GP | 36,93,467/- | EMD exempted vide L.No.5984/Dt.27.04.21 of works Deptt. | 6000.00 | Six months / C & B Class Contractor |
| 35 | Construction of AWC Building at Bailo Harijan Sahi Mini under Bailo G.P. | 11,94,325/- | EMD exempted vide L.No.5984/Dt.27.04.21 of works Deptt. | 6000.00 | Six months / D & C Class Contractor |
| 36 | Construction of AWC Building at Ghodamara Sahi Mini under Baunsagarh GP. | 11,94,325/- | EMD exempted vide L.No.5984/Dt.27.04.21 of works Deptt. | 6000.00 | Six months / D & C Class Contractor |
| 37 | Construction of AWC Building at Balijodi Mini under Baunsagarh GP. | 11,94,325/- | EMD exempted vide L.No.5984/Dt.27.04.21 of works Deptt. | 6000.00 | Six months / D & C Class Contractor |
| 38 | Construction of AWC Building at Khadibil Uppar Sahi Mini under Bailo GP. | 11,94,325/- | EMD exempted vide L.No.5984/Dt.27.04.21 of works Deptt. | 6000.00 | Six months / D & C Class Contractor |
| 39 | Construction of AWC Building at Nayagarh Dehury Sahi Mini under Jalasuan GP | 11,94,325/- | EMD exempted vide L.No.5984/Dt.27.04.21 of works Deptt. | 6000.00 | Six months / D & C Class Contractor |
| 40 | Construction of AWC Building at Taratara Mini under Taratara GP. | 11,94,325/- | EMD exempted vide L.No.5984/Dt.27.04.21 of works Deptt. | 6000.00 | Six months / D & C Class Contractor |
| 41 | Construction of AWC Building at J. Kolha Sahi Mini under Kathakata GP | 11,94,325/- | EMD exempted vide L.No.5984/Dt.27.04.21 of works Deptt. | 6000.00 | Six months / D & C Class Contractor |
| 42 | Construction of AWC Building at Asanabani Mini under Panasadiha GP. | 12,58,895/- | EMD exempted vide L.No.5984/Dt.27.04.21 of works Deptt. | 6000.00 | Six months / D & C Class Contractor |
| 43 | Construction of AWC Building at Pusukura under Panchupalli GP. | 11,94,325/- | EMD exempted vide L.No.5984/Dt.27.04.21 of works Deptt. | 6000.00 | Six months / D & C Class Contractor |
| 44 | Construction of AWC Building at Badaekatali-II under Dhakotha GP. | 11,94,325/- | EMD exempted vide L.No.5984/Dt.27.04.21 of works Deptt. | 6000.00 | Six months / D & C Class Contractor |
| 45 | Construction of New Mini Stadium at Taratara under Taratara GP | 17,49,517/- | EMD exempted vide L.No.5984/Dt.27.04.21 of works Deptt. | 6000.00 | Six months / D & C Class Contractor |
| 46 | Construction of AWC Building at Badaekatali-I under Dhakotha GP | 11,91,329/- | EMD exempted vide L.No.5984/Dt.27.04.21 of works Deptt. | 6000.00 | Six months / D & C Class Contractor |
| 47 | Construction of AWC Building at Jamabahali Mini under Dhakotha GP | 11,91,329/- | EMD exempted vide L.No.5984/Dt.27.04.21 of works Deptt. | 6000.00 | Six months / D & C Class Contractor |
| 48 | Construction of AWC Building at Bandha under Dhakotha GP | 11,91,329/- | EMD exempted vide L.No.5984/Dt.27.04.21 of works Deptt. | 6000.00 | Six months / D & C Class Contractor |

OIPR-19096/11/0003/2122

**Block Development Officer, Anandapur**

**ଇଏସ୍ଆଇ ଯୋଗଦାନ ଫାଇଲିଂ ଅବଧି ମାସେ ବୃଦ୍ଧି**

କରୋନା ଯୋଗୁ ଲୋକମାନେ ବର୍ତ୍ତମାନ ସମସ୍ୟାରେ ରହିଥିବାରୁ ଏହାକୁ ଧ୍ୟାନରେ ରଖି ଏମ୍ପ୍ଲଇଜ୍ ଷ୍ଟେଟ ଇନ୍ସ୍ୟୁରାନ୍ସ କର୍ପୋରେଶନ(ଇଏସ୍ଆଇସି) ପକ୍ଷରୁ ଇଏସ୍ଆଇ ଯୋଗଦାନ ସଂକ୍ରାନ୍ତ ଫାଇଲିଂକୁ ଚଳିତବର୍ଷ ଜୁନ୍ ୧୫ ଯାଏ ବୃଦ୍ଧି କରାଯାଇଛି। ଏପ୍ରିଲ ମାସର ଯୋଗଦାନ ମେ ୧୫ ଯାଏ ଦେବାକୁ ନିୟମ ରହିଥିଲା। ହେଲେ ବର୍ତ୍ତମାନ ଅବଧି ବୃଦ୍ଧି ହୋଇଥିବାରୁ ବିଜ୍‌ନେସ ସଂସ୍ଥା ଏବଂ ଲୋକଙ୍କୁ ଆଶ୍ୱସ୍ତି ମିଳିଛି।

# ତେଲ ଚାହିଦା ୯.୪% ଖସିଲା

**କରୋନା ପ୍ରଭାବ**



ନୂଆଦିଲ୍ଲୀ,୧୨।୫

କୋଭିଡ୍‌ର ଦ୍ୱିତୀୟ ଲହର ପାଇଁ ଦେଶର ବିଭିନ୍ନ ପ୍ରାନ୍ତରେ ଲକ୍‌ଡାଉନ ଏବଂ ଶଟ୍‌ଡାଉନ କରାଯାଇଛି। ଆର୍ଥିକ କାର୍ଯ୍ୟକଳାପ ଏବଂ ଯାନବାହନ ଚଳାଚଳ ଉପରେ ବର୍ତ୍ତମାନ କଟକଣା ଲାଗିଛି। ଫଳରେ ପେଟ୍ରୋଲ ଏବଂ ଡିଜେଲ ବିକ୍ରି ଉପରେ ଏହାର ପ୍ରଭାବ ପଡିଛି। ଏପ୍ରିଲରେ ଦେଶର ତୈଳ ଚାହିଦା ୯.୪% ଖସିଥିବା ଜଣାପଡିଛି।

ବୁଧବାର ପ୍ରକାଶିତ ଅଫିସିଆଲ ଡାଟା ମୁତାବକ, ଏପ୍ରିଲରେ ପେଟ୍ରୋଲ ଏବଂ ଡିଜେଲ ବ୍ୟବହାର ୯.୩୮% ନିମ୍ନରେ ରହି ୧୭.୦୧ ନିୟୁତ ଟନ ରହିଛି। ଏହା ମାର୍ଚ୍ଚରେ ୧୮.୭୭ ନିୟୁତ ଟନ ରହିଥିଲା। ୨୦୦୬ ପରଠାରୁ ଏହା ସବୁଠୁ ସର୍ବନିମ୍ନ ସ୍ତର ବୋଲି କୁହାଯାଉଛି। କାର ଏବଂ ମୋଟର ସାଇକେଲରେ ବ୍ୟବହାର ହେଉଥିବା ପେଟ୍ରୋଲ ବିକ୍ରି ହ୍ରାସ ହୋଇ ୨.୩୮ ନିୟୁତ ଟନ ରହିଛି। ଏହା ଅଗଷ୍ଟ ପରଠାରୁ ସର୍ବନିମ୍ନ ସ୍ତର। ମାର୍ଚ୍ଚ ୨୦୨୧ ତୁଳନାରେ ଏପ୍ରିଲରେ ପେଟ୍ରୋଲ ବିକ୍ରି ୧୩% ନିମ୍ନରେ ରହିଛି। ସେହିଭଳି ଗତ ବର୍ଷ ଏପ୍ରିଲ ତୁଳନାରେ ବିକ୍ରି ୩% କମିଛି।

ଦେଶ ମଧ୍ୟରେ ଡିଜେଲ ଚାହିଦା ଏପ୍ରିଲରେ ହ୍ରାସ ହୋଇ ୬.୬୭ ନିୟୁତ ଟନ ରହିଛି। ପୂର୍ବ ମାସ ତୁଳନାରେ ଏହା ୬.୫% ନିମ୍ନରେ ଥିବା ବେଳେ ଗତ ବର୍ଷ ଏପ୍ରିଲ ତୁଳନାରେ ୯% କମ୍। କୋଭିଡ୍ ଯୋଗୁ ବିମାନ ଚଳାଚଳ ଉପରେ କଟକଣା ଲାଗିଥିବାରୁ ବିମାନ ଇନ୍ଧନ ବିକ୍ରି ୧୪% ହ୍ରାସ ହୋଇ ୪.୦୯ ଲକ୍ଷ ଟନ୍ ରହିଛି। ଚଳିତ ବର୍ଷ ମାର୍ଚ୍ଚ ତୁଳନାରେ ଏଥିରେ ୧୪% ହ୍ରାସ ହୋଇଛି। ଗତ ବର୍ଷ ଏପ୍ରିଲ ତୁଳନାରେ ଏହା ୩୬.୭% ନିମ୍ନରେ ରହିଛି। ସେହିଭଳି ଏଲ୍‌ପିଜି ବିକ୍ରି ୬.୪% କମିବା ଯୋଗୁ ୨.୧ ନିୟୁତ ଟନ ରହିଛି। ଗତ ବର୍ଷ ଏପ୍ରିଲ ତୁଳନାରେ ଚଳିତ ବର୍ଷ ଏପ୍ରିଲରେ ଏଲ୍‌ପିଜି ବିକ୍ରି ୧୧% ବଢିବା ଯୋଗୁ ୧.୯ ନିୟୁତ ଟନ୍ ରହିଛି। ଏହାବାଦ ରାସ୍ତା ନିର୍ମାଣରେ ବ୍ୟବହାର ହେଉଥିବା ବିଟୁମିନ ବିକ୍ରି କମିବା ଯୋଗୁ ଏହା ୬.୮୫ ଲକ୍ଷ ଟନ୍ ରହିଥିବା ପେଟ୍ରୋଲିୟମ ପ୍ଲାନିଂ ଆଣ୍ଡ ଆନାଲିସିସ୍ ସେଲ୍ ପକ୍ଷରୁ ସୂଚନା ରହିଛି।

## ଖୁଚୁରା ମୁଦ୍ରାସ୍ଫୀତି ୪.୨୯%

ନୂଆଦିଲ୍ଲୀ,୧୨।୫

ଚଳିତ ବର୍ଷ ଏପ୍ରିଲ ମାସରେ ଖୁଚୁରା ମୁଦ୍ରାସ୍ଫୀତି ୪.୨୯% ସ୍ତରରେ ରହିଛି। ଏହା ମାର୍ଚ୍ଚ ମାସରେ ୫.୫୨% ସ୍ତରରେ ରହିଥିଲା। ଖାଦ୍ୟ ସାମଗ୍ରୀ ଦର ଉଚ୍ଚରେ ରହିବା ଯୋଗୁ ଏଭଳି ସ୍ଥିତି ଉପୁଜିଥିଲା ବୋଲି ସରକାରୀ ଡାଟାରୁ ସାମ୍ନାକୁ ଆସିଛି। ମୁଦ୍ରା ନୀତି ସମୀକ୍ଷା ବେଳେ ରିଜର୍ଭ ବ୍ୟାଙ୍କ ବିଶେଷ କରି ଖାଉଟି ମୂଲ୍ୟ ସୂଚୀ ଭିତ୍ତିକ ମୁଦ୍ରାସ୍ଫୀତିକୁ ବିଚାରକୁ ନେଇଥାଏ। ପରିସଂଖ୍ୟାନ ଏବଂ କାର୍ଯ୍ୟକ୍ରମ ରୂପାୟନ ମନ୍ତ୍ରଣାଳୟ ଡାଟା ମୁତାବକ, ଏପ୍ରିଲ ମାସରେ ଖାଦ୍ୟ ସାମଗ୍ରୀ ବର୍ଗରେ ମୁଦ୍ରାସ୍ଫୀତି ୨.୦୨% ସ୍ତରରେ ରହିଛି। ମାର୍ଚ୍ଚ ମାସରେ ଏହା ୪.୮୭% ସ୍ତରରେ ରହିଥିଲା। ଏହି ପରିପ୍ରେକ୍ଷୀରେ ଇକ୍ରାର ମୁଖ୍ୟ ଅର୍ଥନୀତିଜ୍ଞ ଆଦିତି ନାୟାର କହିଛନ୍ତି, ଏପ୍ରିଲରେ ଖାଉଟି ମୁଦ୍ରାସ୍ଫୀତି ୩ ମାସର ସର୍ବନିମ୍ନ ସ୍ତରରେ ରହିଛି। ମାତ୍ର ଏହା ଆଶାଠାରୁ ଅଧିକ। ଆଞ୍ଚଳିକ ସ୍ତରରେ କଟକଣା ଯୋଗୁ ଦରଦାମ ଉପରେ ଏହାର ପ୍ରଭାବ ରହିଛି ବୋଲି ସେ ମତ ପ୍ରକାଶ କରିଛନ୍ତି।

## ଜିଡିପି ୭.୫% ରହିବ: ଜାତିସଂଘ




ନୂଆଦିଲ୍ଲୀ,୧୨।୫

କ୍ୟାଲେଣ୍ଡର ବର୍ଷ ୨୦୨୧ରେ ଭାରତର ମୋଟ ଘରୋଇ ଉତ୍ପାଦ(ଜିଡିପି) ୭.୫% ରହିବା ନେଇ ଜାତିସଂଘ ପକ୍ଷରୁ ବୁଧବାର ଆକଳନ କରାଯାଇଛି। ଜାନୁୟାରୀରେ କରାଯାଇଥିବା ଆକଳନ ତୁଳନାରେ ଏହା ବର୍ତ୍ତମାନ ୦.୨% ବୃଦ୍ଧି କରିଥିବା ଜଣାପଡ଼ିଛି। କୋଭିଡ୍-୧୯ ମାମଲା ବଢୁଥିବା ବେଳେ ବିଭିନ୍ନ ଦେଶରେ ଟିକାକରଣ ଠିକ୍ ଭାବେ ହେଉ ନ ଥିବାରୁ ଏହା ଆର୍ଥିକ ଅଭିବୃଦ୍ଧି କ୍ଷେତ୍ରରେ ପ୍ରତିବନ୍ଧକ ସାଜୁଛି ବୋଲି ଏହି ଏଜେନ୍ସି ଏହାର ୱାର୍ଲଡ ଇକୋନୋମିକ ସିଚୁଏଶନ ଆଣ୍ଡ ପ୍ରସ୍‌ପେକ୍ଟ ରିପୋର୍ଟରେ ପ୍ରକାଶ କରିଛି। ୨୦୨୨ରେ ଭାରତ ୧୦.୧% ହାରରେ ଅଭିବୃଦ୍ଧି ହାସଲ କରିବ ବୋଲି ଜାତିସଂଘ ଆଶାବାଦୀ ରହିଛି। ଦ୍ୱିତୀୟ ଲହରର ପ୍ରଭାବ ଭାରତର ପବ୍ଲିକ ହେଲ୍‌ଥ ସିଷ୍ଟମକୁ ଝଟକା ଦେଇଥିବା ରିପୋର୍ଟରେ ପ୍ରକାଶ ପାଇଛି। ୨୦୨୧ରେ ବିଶ୍ୱ ଅର୍ଥ ବ୍ୟବସ୍ଥା ୫.୪% ଅଭିବୃଦ୍ଧି ହାସଲ କରିପାରେ। ୨୦୨୦ରେ ଏହା ୩.୬% ହ୍ରାସ ହୋଇଥିଲା।

**ଆକଳନ କମାଇଲା ମୁଡିସ୍**

ଚଳିତ ଆର୍ଥିକ ବର୍ଷରେ ଭାରତର ଅଭିବୃଦ୍ଧି ଆକଳନକୁ ମୁଡିସ୍ ଇନ୍‌ଭେଷ୍ଟର୍ସ ସର୍ଭିସ ୯.୩%କୁ କମାଇଛି। କରୋନାର ଦ୍ୱିତୀୟ ଲହର ଦେଶର ଅର୍ଥ ବ୍ୟବସ୍ଥାକୁ ପ୍ରଭାବିତ କରିଛି। ଏହା ଦୀର୍ଘମିଆଦୀ ଭିତ୍ତିରେ ସୁଧାର ପ୍ରକ୍ରିୟା ଉପରେ ପ୍ରଭାବ ପକାଇଥିବା ଏହା ପ୍ରକାଶ କରିଛି। ଏହା ଭାରତର ରେଟିଂକୁ ବିଏଏ୩ ରଖିଥିବା ବେଳେ ଆଉଟଲୁକ୍‌କୁ ନେଗେଟିଭ ରଖିଥିବା ଜଣାପଡିଛି।

# ଜରୁରିକାଳୀନ ପାଣ୍ଠି ଗଠନ ଗୁରୁତ୍ୱପୂର୍ଣ୍ଣ

**ଅର୍ଥର ଅର୍ଥ**




Rupkumar Pradhan
CERTIFIED FINANCIAL PLANNER[CM], CHARTERED WEALTH MANAGER
"Director, SmartMantra Financial Services Pvt. Ltd."


**'ଧରିତ୍ରୀ' ପକ୍ଷରୁ 'ଅର୍ଥର ଅର୍ଥ' ଶୀର୍ଷକ ଫାଇନାନ୍‌ସିଆଲ କାଉନ୍‌ସେଲିଂ ପ୍ରଶ୍ନୋତ୍ତର ସ୍ତମ୍ଭ ଗୁରୁବାର ପ୍ରକାଶ ପାଉଛି। ତେଣୁ ଆମର ପ୍ରିୟ ପାଠକବନ୍ଧୁ ଆପଣ କ୍ୟାପିଟାଲ ମାର୍କେଟ, ଶେୟାର ବଜାର, ବ୍ୟାଙ୍କିଙ୍ଗ୍, ମ୍ୟୁଚୁଆଲ ଫଣ୍ଡ ତଥା ବ୍ୟକ୍ତିଗତ ଫାଇନାନ୍ସ ଉପରେ ପ୍ରଶ୍ନ ଆମକୁ ଚିଠି ମାଧ୍ୟମରେ ପଚାରି ପାରିବେ।**

**■ଜରୁରିକାଳୀନ ପାଣ୍ଠିର କେତେ ଆବଶ୍ୟକତା ଅଛି ଓ ଏହାର ପ୍ରାଧାନ୍ୟ କ'ଣ ଅଛି?**

**– ପୁଷ୍ପଲତା ମିଶ୍ର, ବଲାଙ୍ଗୀର**

◆କୋଭିଡ୍-୧୯ ଦେଶର ଅର୍ଥନୈତିକ ଅଭିବୃଦ୍ଧି ଉପରେ ପ୍ରଭାବ ପକାଇଛି। ଏହା ଆପଣଙ୍କ ଆର୍ଥିକ ପରିସ୍ଥିତି ଉପରେ ମଧ୍ୟ ପ୍ରଭାବ ପକାଇଥିବ। ଆପଣ ଯେକୌଣସି ଆର୍ଥିକ ଲକ୍ଷ୍ୟ ସବୁ ପାଇଁ ସଞ୍ଚୟ କରିବା ପୂର୍ବରୁ ଜରୁରିକାଳୀନ ପାଣ୍ଠିର ଗୁରୁତ୍ୱପୂର୍ଣ୍ଣ ଭୂମିକା ବିଷୟରେ ବୁଝିବା ନିହାତି ଜରୁରୀ। ସବୁ ଆର୍ଥିକ ଲକ୍ଷ୍ୟ ହାସଲ କରିବା ପାଇଁ ସଞ୍ଚୟର ଆବଶ୍ୟକତା ଓ ନିୟମିତ ସଞ୍ଚୟ କରିବା ହିଁ ବୁଦ୍ଧିମାନର କାମ। କିନ୍ତୁ ଏସବୁ ଆର୍ଥିକ ଲକ୍ଷ୍ୟଠାରୁ ଏକ ଜରୁରିକାଳୀନ ପାଣ୍ଠି ଗଠନ କରିବା ନିହାତି ଏକ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ।

ବର୍ତ୍ତମାନ ଏହି କୋଭିଡ୍-୧୯ ପ୍ରଭାବ ଯୋଗୁ ସମୟ ଭଲ ନାହିଁ। ସମସ୍ତେ ଚାପରେ ରହିଛନ୍ତି। କିନ୍ତୁ ଆପଣ ଏହି ଆର୍ଥିକ ପରିସ୍ଥିତିକୁ ସହଜ କରିପାରିବେ। ଯଦି ଆପଣ ଏକ 'ବ୍ୟାପକ ଆର୍ଥିକ ଯୋଜନା' ଅନୁଯାୟୀ ଅଗ୍ରସର ହେଉଛନ୍ତି ତେବେ ଏହା ବହୁତ ଭଲ ପଦକ୍ଷେପ। ଯଦି କିଛି ବି ଆର୍ଥିକ ଯୋଜନା ପ୍ରସ୍ତୁତ କରିନାହାନ୍ତି ତେବେ ଆପଣଙ୍କ ନିକଟରେ ଥିବା ସମସ୍ତ ଆର୍ଥିକ ଯନ୍ତ୍ରପାତି ମଧ୍ୟରେ ସବୁଠାରୁ ମୁଖ୍ୟ ଓ ଏକକ ମୂଲ୍ୟବାନ ସମ୍ପତ୍ତି ହେଉଛି ଜରୁରିକାଳୀନ ପାଣ୍ଠି। ଯଦି ଆପଣ ଭାବୁଛନ୍ତି ଯେ ଆପଣଙ୍କ ଚାକିରି, ସ୍ୱାସ୍ଥ୍ୟଗତ କିମ୍ବା ଆପଣଙ୍କ ନିବେଶ ଏବେ ବହୁତ ରିସ୍କ ଦେଇ ଗତି କରୁଛି ତେବେ ଏ କ୍ଷେତ୍ରରେ ଆପଣଙ୍କ ଜରୁରିକାଳୀନ ପାଣ୍ଠି ହିଁ ଆପଣଙ୍କୁ ଋଣ ଓ ଅନ୍ୟ କିଛି ଆର୍ଥିକ କ୍ଷତି ବିପକ୍ଷରେ ଏକ ପ୍ରଥମ ରେଖାର ପ୍ରତିରକ୍ଷା କବଚ ହିସାବରେ ସାହାଯ୍ୟ କରିବ।

ଯଦି ଆପଣଙ୍କ କିଛି ବି ଜରୁରିକାଳୀନ ପାଣ୍ଠି ନାହିଁ ତେବେ ଆଜି ହିଁ ଏହାକୁ ଅଗ୍ରାଧିକାର ଦେବାର ସମୟ ଆସିଯାଇଛି। ଏକ ସାଧାରଣ ଭାବରେ ଆପଣଙ୍କ ଘରର ଦୈନନ୍ଦିନ ଜୀବନଶୈଳୀ ଖର୍ଚ୍ଚ ଓ ଅନ୍ୟାନ୍ୟ ଖର୍ଚ୍ଚ ସବୁର ୩–୬ ଗୁଣ ବ୍ୟାଙ୍କ ସଞ୍ଚୟ ଜମାଖାତା କିମ୍ବା ଲିକ୍ୱିଡ ଫଣ୍ଡରେ ରଖିବା ନିହାତି ଜରୁରୀ। ଏହା ଆକସ୍ମିକ ଖର୍ଚ୍ଚରେ ଆବଶ୍ୟକତା ସମୟରେ କାମରେ ଆସିବ। କେତେଜଣ ବ୍ୟକ୍ତି ନିଜ ପାଖରେ ଅଧିକ ପାଣ୍ଠି ଥିଲେ ସୁଖ ଅନୁଭବ କରନ୍ତି। ସବୁଠାରୁ ମୁଖ୍ୟ ଦିଗ ହେଉଛି ଖରାପ ପରିସ୍ଥିତିରେ ଯଥା ଚାକିରି ଚାଲିଯିବା ଭଳି ଅନ୍ୟ ପରିସ୍ଥିତିରେ ଏହାର ବହୁତ ଉପକାର ମିଳିଥାଏ।

ଯଦି ଜରୁରିକାଳୀନ ପାଣ୍ଠି ଗଠନ କରିନାହାନ୍ତି ତେବେ ପ୍ରତ୍ୟେକ ମାସରେ କିଛି କିଛି ସଞ୍ଚୟ କରନ୍ତୁ, ଦେଖିବେ ୬ ମାସ କିମ୍ବା ୧ ବର୍ଷ ସମୟ ଭିତରେ ଆପଣଙ୍କ ପାଖରେ କିଛି ଜରୁରିକାଳୀନ ପାଣ୍ଠି ତିଆରି କରିପାରିବେ।

**ଜରୁରିକାଳୀନ ପାଣ୍ଠି ଗଠନ ପଦକ୍ଷେପ**

- ଏକ ମାସିକ ଲକ୍ଷ୍ୟ ପ୍ରସ୍ତୁତ କରନ୍ତୁ ଯାହାକି ଆପଣଙ୍କ ଆର୍ଥିକ ପରିସ୍ଥିତିକୁ ନେଇ ସ୍ଥିର କରିବେ। ମାସିକ ସଞ୍ଚୟ ଅଭ୍ୟାସ କରି ଜରୁରିକାଳୀନ ପାଣ୍ଠି ପାଇଁ ସଞ୍ଚୟ କରନ୍ତୁ।
- ଏକ ଅଲଗା ଜରୁରିକାଳୀନ ପାଣ୍ଠି ଆକାଉଣ୍ଟରେ ସଞ୍ଚୟ କରନ୍ତୁ।
- ପ୍ରଥମତଃ ଆପଣ ଭବିଷ୍ୟତ ଜରୁରିକାଳୀନ ଖର୍ଚ୍ଚ ପାଇଁ ସଞ୍ଚୟ ଆରମ୍ଭ କରନ୍ତୁ। ଯେପରି ଆପଣ ଅନ୍ୟ ଆର୍ଥିକ ଲକ୍ଷ୍ୟ ସବୁ ପାଇଁ ମାସିକ ସଞ୍ଚୟ କରୁଛନ୍ତି, ସେହିପରି ଜରୁରୀ ପାଣ୍ଠି ଗଠନ ପାଇଁ ମାସିକ ସଞ୍ଚୟ କରନ୍ତୁ।
- ଯଦି ସମ୍ଭବ ହେବ ତେବେ ଆପଣଙ୍କର କିଛି ଖର୍ଚ୍ଚ କାଟ କରନ୍ତୁ। ଏସବୁ ପଦକ୍ଷେପ ନେଇ ଆପଣ ଅତି ସହଜରେ ୬ ମାସ କିମ୍ବା ୧ ବର୍ଷ ମଧ୍ୟରେ ଏକ ଜରୁରିକାଳୀନ ପାଣ୍ଠି ଗଠନ କରିପାରିବେ। ଘର ଖର୍ଚ୍ଚର ୬ ମାସ କିମ୍ବା ୧ ବର୍ଷ ପାଇଁ ପାଣ୍ଠି ଗଠନ କରନ୍ତୁ।

**■ବ୍ୟାଙ୍କ ସ୍ଥାୟୀ ଜମାଠାରୁ ଅନ୍ୟ କିଛି ସ୍କିମ୍ ଭଲ ଅଛି କି?**

**– ମାଧବ ଚନ୍ଦ୍ର ବେହେରା, ପାରାଦୀପ**

◆ବ୍ୟାଙ୍କ ସ୍ଥାୟୀ ଜମା ସୁଧହାର କିମ୍ବା ସଞ୍ଚୟ ଜମାଖାତାର ସୁଧହାର କମି କମି ଯାଉଛି। ସବୁଠାରୁ ମୁଖ୍ୟ ଦିଗ ହେଉଛି ବ୍ୟାଙ୍କ ସ୍ଥାୟୀ ଜମାରେ ଆପଣଙ୍କର ମୂଳଧନ ସୁରକ୍ଷିତ। ଅଧିକ ସୁଧହାର ପାଇବା ପାଇଁ ଆପଣଙ୍କୁ କିଛି ରିସ୍କ ନେବାକୁ ପଡ଼ିବ। ଯଦି ରିସ୍କ ନେବାକୁ ଚାହୁଁନାହାନ୍ତି ତେବେ ଆପଣ ବ୍ୟାଙ୍କ ସ୍ଥାୟୀଜମାରେ ନିବେଶ କରିପାରିବେ। ଯଦି ରିସ୍କ ନେଇ ଅଧିକ ସୁଧହାର ପାଇବା ପାଇଁ ଚାହୁଁଛନ୍ତି ତେବେ ଆର୍ଥିକ ବଜାରରେ ଅନେକ ସ୍କିମ୍ ଅଛି। ମ୍ୟୁଚୁଆଲ ଫଣ୍ଡ ଇକ୍ୱିଟି ସ୍କିମ୍, ମ୍ୟୁଚୁଆଲ ଫଣ୍ଡ ଡେବ୍ଟ ସ୍କିମ୍, କେନ୍ଦ୍ର ସରକାରଙ୍କ ଟ୍ୟାକ୍ସ-ଫ୍ରି ବଣ୍ଡ, ଫ୍ଲୋଟିଂ ରେଟ୍ ବଣ୍ଡ ଇତ୍ୟାଦି। ଆମର ପରାମର୍ଶ ଆପଣ ନିବେଶ ସମ୍ପର୍କିତ ସମସ୍ତ ରିସ୍କ ଓ ତଥ୍ୟ ଭଲ ଭାବରେ ବୁଝି ନିବେଶ କରନ୍ତୁ।

**ଆମ ଠିକଣା**
**ବିଜ୍‌ନେସ ଧରିତ୍ରୀ**
**ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର – ୧୦**




ଧ-୨୦୬୯୯


## ୪୭୧ ପଏଣ୍ଟ ଖସିଲା ସେନ୍‌ସେକ୍ସ



ନୂଆଦିଲ୍ଲୀ,୧୨।୫

ଲଗାତାର ଦ୍ୱିତୀୟ ଦିନ ଧରି ଭାରତୀୟ ପୁଞ୍ଜି ବଜାର ପ୍ରଭାବିତ ହୋଇ ରହିଛି। ବୁଧବାର ବମ୍ବେ ଷ୍ଟକ ଏକ୍ସଚେଞ୍ଜ(ବିଏସ୍ଇ)ର ସେନ୍‌ସେକ୍ସ ୪୭୧ ପଏଣ୍ଟ ଖସିଛି। ବିଶ୍ୱ ସ୍ତରରେ ଶେୟାର ବଜାର ପ୍ରଭାବିତ ହେବା ଯୋଗୁ ଆଇସିଆଇସିଆଇ ବ୍ୟାଙ୍କ, ହିନ୍ଦୁସ୍ତାନ ୟୁନିଲିଭର ଏବଂ ରିଲାଏନ୍ସ ଇଣ୍ଡଷ୍ଟ୍ରିଜ ଭଳି କମ୍ପାନୀଗୁଡିକର ଶେୟାର ଖସିଛି। ୩୦ ଶେୟାର ବିଶିଷ୍ଟ ବିଏସ୍ଇ ସେନ୍‌ସେକ୍ସ ୪୭୧.୦୧ ପଏଣ୍ଟ (୦.୯୬%) ନିମ୍ନରେ ରହିବା ଯୋଗୁ ୪୮,୬୯୦.୮୦ ପଏଣ୍ଟ ସ୍ତରରେ ବନ୍ଦ ହୋଇଛି। ସେହିଭଳି ନ୍ୟାଶନାଲ ଷ୍ଟକ ଏକ୍ସଚେଞ୍ଜ(ଏନ୍‌ଏସ୍ଇ) ନିଫ୍ଟି ୧୫୪.୨୫ ପଏଣ୍ଟ (୧.୦୪%) ଖସିବା ଯୋଗୁ ୧୪,୬୯୬.୫୦ ପଏଣ୍ଟରେ ବନ୍ଦ ହୋଇଛି। ସେନ୍‌ସେକ୍ସରେ ଇଣ୍ଡସଇଣ୍ଡ ବ୍ୟାଙ୍କର ଶେୟାର କାରବାର ସବୁଠାରୁ ପ୍ରଭାବିତ ରହିଛି। ଏହାବାଦ ହିନ୍ଦୁସ୍ତାନ ୟୁନିଲିଭର, ଓଏନଜିସି, ଆଇସିଆଇସିଆଇ ବ୍ୟାଙ୍କ, ଆକ୍ସିସ ବ୍ୟାଙ୍କ, କୋଟାକ ବ୍ୟାଙ୍କ, ମହିନ୍ଦ୍ରା ଆଣ୍ଡ ମହିନ୍ଦ୍ରା ଏବଂ ଟେକ୍ ମହିନ୍ଦ୍ରା ଭଳି କମ୍ପାନୀର ଶେୟାର କାରବାର ପ୍ରଭାବିତ ରହିଛି।

**ଫୁର୍‌ସତ୍**

# ମସ୍‌ଜିଦ ନ ଥିବା ଦେଶ

**ପୃଥିବୀରେ ଏଭଳି ଦୁଇଟି ଦେଶ ରହିଛି, ଯେଉଁଠି ମସ୍‌ଜିଦ ନାହିଁ। ୟୁରୋପରେ ଅବସ୍ଥିତ ଏହି ଦୁଇ ଦେଶ ହେଲା ସ୍ଲୋଭାକିଆ ଏବଂ ଇଷ୍ଟୋନିଆ। ଉଭୟ ରାଷ୍ଟ୍ରରେ ମୁସ୍‌ଲିମ୍ ସମ୍ପ୍ରଦାୟର ଲୋକେ ରହୁଛନ୍ତି। ସେମାନେ ମସ୍‌ଜିଦ ନିର୍ମାଣ ଲାଗି ଦାବି କରି ଆସୁଥିଲେ ମଧ୍ୟ କଡ଼ା ନିୟମ ଲାଗି ଏହା ସମ୍ଭବପର ହୋଇପାରିନାହିଁ।**




**ନୂଆଦିଲ୍ଲୀ:** ସାରା ପୃଥିବୀରେ ଏଭଳି ମାତ୍ର ୨ଟି ଦେଶ ରହିଛି, ଯେଉଁଠି ଅଦ୍ୟାବଧି ମସ୍‌ଜିଦ ନିର୍ମାଣ ଲାଗି ଅନୁମତି ମିଳିନାହିଁ। ଏହି ଦୁଇ ଦେଶରେ ବାସ କରୁଥିବା ମୁସ୍‌ଲିମ୍ ସଂଖ୍ୟା ସ୍ୱଳ୍ପ। ତେଣୁ ସମ୍ପୃକ୍ତ ସଂଖ୍ୟାଲଘୁ ସମ୍ପ୍ରଦାୟର ଲୋକେ କଲ୍‌ଚର ସେଣ୍ଟରରେ ନମାଜ ପାଠ କରିଥାଆନ୍ତି। ୨୦୧୧ ଜନଗଣନା ଅନୁଯାୟୀ, ଇଷ୍ଟୋନିଆରେ ମାତ୍ର ୧୫୦୮ ମୁସ୍‌ଲିମ୍ ସମ୍ପ୍ରଦାୟର ଲୋକ ବସବାସ କରୁଥିଲେ, ମୋଟ ଜନସଂଖ୍ୟାର ମାତ୍ର ୦.୧୪%। ୨୦୨୧ ସୁଦ୍ଧା ଏଥିରେ ନିଶ୍ଚିତ ଭାବେ ଅଭିବୃଦ୍ଧି ହୋଇଛି। ତଥାପି ତୁଳନାତ୍ମକ ଦୃଷ୍ଟିରୁ ଏହା ଏବେ ବି ସ୍ୱଳ୍ପ। ଇଷ୍ଟୋନିଆରେ ଥିବା ଇସ୍‌ଲାମିକ୍ କଲ୍‌ଚରାଲ ସେଣ୍ଟରରେ ସାମୂହିକ ନମାଜ ପାଠ ଲାଗି ବ୍ୟବସ୍ଥା କରାଯାଇଛି। ସ୍ୱତନ୍ତ୍ର ଦିବସରେ ସର୍ବସାଧାରଣ ସ୍ଥାନରେ ସମ୍ପ୍ରଦାୟର ଲୋକେ ଏକାଠି ହୋଇଥାଆନ୍ତି। ସୂଚନାଯୋଗ୍ୟ, ୧୯୪୦ ବେଳକୁ ଇଷ୍ଟୋନିଆର ବିଲୟ ସୋଭିଏତ୍ ରୁଷ୍ ସହିତ ହୋଇଥିଲା। ସୋଭିଏତ୍ ସଂଘର ବିଭାଜନ ପରେ ୧୯୯୧ରେ ଏହା ନିଜକୁ ପୃଥକ୍ ଘୋଷଣା କରିଥିଲା। ଏହା ଏବେ ୟୁରୋପୀୟ ୟୁନିୟନର ସଦସ୍ୟ ଭାବେ ପରିଗଣିତ। ସଂଖ୍ୟାଲଘୁ ହୋଇଥିଲେ ମଧ୍ୟ ଏକଦା ରୁଷିଆ ସେନାର ଆଗଧାଡ଼ିର ଯୋଦ୍ଧା ଥିଲେ ଇଷ୍ଟୋନିଆର ମୁସଲମାନ ସମ୍ପ୍ରଦାୟର ଯୁବକ। ତେବେ ରାଜନୈତିକ ପଟ ପରିବର୍ତ୍ତନ ପରେ ଏହି ଦେଶ ଏବେ ୟୁରୋପୀୟ ସଂଘ ଅଧୀନକୁ ଚାଲିଆସିଛି।

ଚେକୋସ୍ଲୋଭାକିଆରୁ ବିଭାଜନ ହୋଇ ଗଠିତ ହୋଇଥିଲା ସ୍ଲୋଭାକିଆ। ୨୦୧୦ ଜନଗଣନା ଅନୁଯାୟୀ, ଏଠାକାର ମୁସଲମାନ ସମ୍ପ୍ରଦାୟର ଜନସଂଖ୍ୟା ଥିଲା ପାଖାପାଖି ୫୦୦୦, ଯାହା ଦେଶର ମୋଟ ଜନସଂଖ୍ୟାର ମାତ୍ର ୦.୧%। ସପ୍ତଦଶ ଶତାବ୍ଦୀ ବେଳକୁ ଚେକୋସ୍ଲୋଭାକିଆକୁ ପ୍ରବେଶ କରିଥିଲେ ମୁସଲମାନ ଅନୁପ୍ରବେଶକାରୀ। ସେମାନେ ମୁଖ୍ୟତଃ ତୁର୍କ ଏବଂ ଉଇଗର ଥିଲେ। ସେମାନେ ସ୍ଲୋଭାକିଆ (ତତ୍କାଳୀନ ୟୁଗୋସ୍ଲୋଭିଆ)ର ମଧ୍ୟ ଏବଂ ଦକ୍ଷିଣ ପ୍ରାନ୍ତକୁ ସ୍ଥାୟୀ ଠିକଣା ଭାବେ ବାଛି ନେଇଥିଲେ। ୟୁରୋପୀୟ ୟୁନିୟନ ସହିତ ସାମିଲ ହୋଇଥିବା ଶେଷ ଦେଶ ଥିଲା ସ୍ଲୋଭାକିଆ। ଯଦିଓ ଏହା ୟୁରୋପୀୟ ସଂଘ ଅଧୀନରେ ରହିଛି, ତଥାପି ଏଠାକାର ନୀତି ନିୟମ ସ୍ୱତନ୍ତ୍ର। ୨୦୦୦ରେ ଦେଶର ରାଜଧାନୀରେ ଏକ ଇସ୍‌ଲାମିକ୍ ସେଣ୍ଟର ନିର୍ମାଣ ଲାଗି ଦାବି ଜୋର୍ ଧରିଥିଲା। ହେଲେ ଏହି ଦାବିକୁ ସ୍ଥାନୀୟ ମେୟର ଖାରଜ କରିଦେଇଥିଲେ। ୨୦୧୫ରେ ଶରଣାର୍ଥୀଙ୍କୁ ଥଇଥାନ କରିବା ବିଶ୍ୱର ବଡ଼ ପ୍ରସଙ୍ଗ ପାଲଟିଥିଲା। ଏହି ସମୟରେ ସ୍ଲୋଭାକିଆ ୨୦୦ ଖ୍ରୀଷ୍ଟିଆନଙ୍କୁ ଶରଣ ଦେଇଥିଲା। ହେଲେ ମୁସଲମାନ ଶରଣାର୍ଥୀ ପ୍ରସଙ୍ଗରେ କଠୋର ନୀତି ଅବଲମ୍ବନ କରିଥିଲା। ମୁସଲମାନ ଶରଣାର୍ଥୀ ଏବଂ ସେମାନଙ୍କ ଲାଗି ସୃଷ୍ଟି ହେଉଥିବା ସମସ୍ୟାଠାରୁ ଦୂରେଇ ରହିବା ଲାଗି ଏଭଳି ନିଷ୍ପତ୍ତି ନିଆଯାଇଥିବା ସେହି ସମୟରେ ସ୍ପଷ୍ଟୀକରଣ ଦିଆଯାଇଥିଲା। ଏହା ପରେ ୨୦୧୬ ନଭେମ୍ବର ୩୦ରେ ଏକ ନୂଆ ଆଇନ ଅଣାଯାଇଥିଲା। ଏଥିରେ ଇସ୍‌ଲାମ୍‌କୁ ସରକାରୀ ଭାବେ ଧର୍ମର ମାନ୍ୟତା ଦେବା ଉପରେ ରୋକ ଲଗାଯାଇଥିଲା। ଏହି କାରଣରୁ ଅଦ୍ୟାବଧି ଦେଶରେ ଗୋଟିଏ ହେଲେ ମସ୍‌ଜିଦ ନିର୍ମାଣ ହୋଇପାରିନାହିଁ। କେବଳ ଏତିକି ନୁହେଁ, ନମାଜ ପାଠ ଲାଗି ହୋଇଥିବା ଇସ୍‌ଲାମିକ ସେଣ୍ଟର ଅପେକ୍ଷାକୃତ ଛୋଟ। ଏଠାରେ ଥରକେ ସର୍ବାଧିକ ୧୦୦ ଜଣ ନମାଜ ପାଠ କରିପାରିବେ। ସେହିପରି ଅନ୍ୟ ମସ୍‌ଜିଦ ଭଳି ଏହି ସ୍ଥାନରେ ସାଜସଜ୍ଜା ଲାଗି ଅନୁମତି ଦିଆଯାଏ ନାହିଁ। ବାରମ୍ବାର ଦାବି ସତ୍ତ୍ୱେ ଦୀର୍ଘଦିନ ପରେ ବି ଏହି ନିୟମରେ କୌଣସି ପରିବର୍ତ୍ତନ ହୋଇନାହିଁ।

**ପରିଚୟପତ୍ର ବାଧ୍ୟତାମୂଳକ, ହୋହଲ୍ଲା ମନା**

ସ୍ଲୋଭାକିଆରେ ପରିଚୟପତ୍ର ସାଙ୍ଗରେ ରଖିବା ନିତାନ୍ତ ଜରୁରୀ। ଏଥିରେ ଖିଲାପ ହେଲେ ଜଣେ ବ୍ୟକ୍ତିଙ୍କ ଅଡୁଆ ବଢ଼ିପାରେ। ସମ୍ପୃକ୍ତ ବ୍ୟକ୍ତିଙ୍କୁ ଜେଲଦଣ୍ଡ ସହିତ ଜରିମାନା ମଧ୍ୟ ହୋଇପାରେ। ତେଣୁ ପ୍ରବାସୀ ନାଗରିକ ଦଣ୍ଡରୁ ବର୍ତ୍ତିବା ଲାଗି ସର୍ବଦା ପାସ୍‌ପୋର୍ଟ ପାଖରେ ରଖିଥାଆନ୍ତି। ସ୍ଲୋଭାକିଆରେ ଶବ୍ଦ ପ୍ରଦୂଷଣ ରୋକିବା ଲାଗି କଠୋର ନିୟମ ପ୍ରଣୟନ କରାଯାଇଛି। ପୂର୍ବାହ୍ନ ୧୦ଟାରୁ ସନ୍ଧ୍ୟା ୬ଟା ଯାଏ ଜନଗହଳି, ଜନସମାବେଶ ଉପରେ କଟକଣା ଜାରି କରାଯାଇଛି। ହୋହଲ୍ଲା, ଅଯଥା ପାଟିତୁଣ୍ଡ କରି ଶାନ୍ତିଭଙ୍ଗ କଲେ ପୋଲିସ ଆସି ଉଠାଇନେବ। ଶୃଙ୍ଖଳା ଭଙ୍ଗ ଅଭିଯୋଗରେ ମୋଟା ଅଙ୍କର ଜରିମାନା ବି ଦେବାକୁ ପଡ଼ିପାରେ।

# ଛୋଟ ଡ୍ରେସ୍ ପିନ୍ଧିବାରୁ ପାର୍କ ମନା

**ୱାଶିଂଟନ:** ଆମେରିକାର କଲରାଡୋ ସହରରେ ରହୁଥିବା ଜଣେ ମହିଳା ଛୋଟ ଡ୍ରେସ୍ ପିନ୍ଧି ପାର୍କ ଯାଇଥିବାରୁ ତାଙ୍କୁ ହଟହଟା ହେବାକୁ ପଡ଼ିଛି। ବେଲି ବ୍ରିଡଲଭ ନାମ୍ନୀ ଏହି ମହିଳା ଥିମ ପାର୍କରେ ବସିଥିଲେ। ଯେଉଁଠି କିଛି ସିକ୍ୟୁରିଟି ଗାର୍ଡ ତାଙ୍କ ଡ୍ରେସ୍‌କୁ ଛୋଟ କହିବା ସହ ନୂଆ ପୋଷାକ କିଣିବା ପାଇଁ ପରାମର୍ଶ ଦେଇଥିଲେ। ସେ ସୋସିଆଲ ମିଡିଆରେ ଏକ ପୋଷ୍ଟ ଶେୟାର କରିଛନ୍ତି, ଯାହା ଏବେ ଖୁବ ଭାଇରାଲ ହେଉଛି। ସେ ଲେଖିଛନ୍ତି, କିଛିଦିନ ପୂର୍ବରୁ ସେ ଓକେଲେହୋମା ସିଟି ଯାଇଥିଲେ। ସେଠାରେ ଥିବା ଏକ ପାର୍କକୁ ଯିବାକୁ ସେ ମନସ୍ଥ କରିଥିଲେ। କିନ୍ତୁ ତାହା ସବୁଠୁ ଖରାପ ଅନୁଭୂତି ଥିଲା ବୋଲି ମହିଳା ଜଣକ କହିଛନ୍ତି। ଓକେଲେହାମା ସହରର ଫ୍ରଣ୍ଟିୟର ଥିମ ପାର୍କରେ ସେ ସନ୍ଧ୍ୟା ପ୍ରାୟ ୫ଟାରେ ପହଞ୍ଚିଥିଲେ। ସେ ଟିକେଟ ଏବଂ ପାର୍କିଂ ବାବଦକୁ ଅଧିକ ଅର୍ଥ ମଧ୍ୟ ଦେଇଥିଲେ। ହେଲେ ସେଠାରେ ତାଙ୍କ ସହ ଦୁର୍ବ୍ୟବହାର କରାଯାଇଥିଲା ବୋଲି ସେ ପୋଷ୍ଟରେ ଲେଖିଛନ୍ତି। ଜଣେ ସିକ୍ୟୁରିଟିଗାର୍ଡ ତାଙ୍କ ନିକଟକୁ ଯାଇ କହିଲେ, ତୁମ ଡ୍ରେସ ବହୁତ ଛୋଟ। କିନ୍ତୁ ସେ ସିକ୍ୟୁରିଟି ଗାର୍ଡଙ୍କ କଥାକୁ ଧ୍ୟାନ ନ ଦେଇ ସ୍ୱାମୀଙ୍କ ନିକଟକୁ ଚାଲିଯାଇଥିଲେ। ଏହା ପରେ ଜଣେ ଲେଡି ଅଫିସର ବଡ଼ ପାଟିରେ ଡାକ ପକାଇଲେ। ପରେ ପାର୍କର ମ୍ୟାନେଜର ପହଞ୍ଚି ତାଙ୍କୁ ଏପରି ପୋଷାକ ବଦଳାଇବା ସହ ନୂଆ ଡ୍ରେସ ପିନ୍ଧିବାକୁ କହିଥିଲେ। ମହିଳା ଜଣକ ମନା କରିବାରୁ ତାଙ୍କୁ ପାର୍କରୁ ତୁରନ୍ତ ବାହାରି ଯିବାକୁ କହିଥିଲେ। ଖାଲି ଏତିକି ନୁହେଁ, ପାର୍କର ନିୟମ ଭାଙ୍ଗିବା ଅଭିଯୋଗରେ ମହିଳାଙ୍କୁ ୫ ବର୍ଷ ପର୍ଯ୍ୟନ୍ତ ପାର୍କ ନ ଯିବା ପାଇଁ କର୍ତ୍ତୃପକ୍ଷ ନିର୍ଦ୍ଦେଶ ଦେଇଛନ୍ତି। ଏଥିପାଇଁ ସେ କୋର୍ଟଙ୍କ ଦ୍ୱାରସ୍ଥ ହେବେ ବୋଲି ମହିଳା ଜଣକ କହିଛନ୍ତି। ପାର୍କ କର୍ତ୍ତୃପକ୍ଷ ତାଙ୍କୁ ସମସ୍ତ ଅର୍ଥ ଫେରାଇବା ପାଇଁ ସେ ଦାବି କରିଛନ୍ତି।


BIKASHA FINANCE
BIKASHA FINANCE
ସମସ୍ତ ପ୍ରକାର LOAN ଯୋଗାଇ ଦେଉଛି। ମାର୍କଶିଟ, ପର୍ସନାଲ, ସମ୍ପତ୍ତି, ଗୃହ, ବ୍ୟବସାୟ, କୃଷି, ଶିକ୍ଷା, କୁକୁଡ଼ା ଓ ଗୋପାଳନ ଇତ୍ୟାଦି
ସମସ୍ତ ପ୍ରକାର LOAN ଘରେ ବସି ପାଆନ୍ତୁ।
ସୁଧ = 2%
Mob.: 8280503279
7656825022
Retamunda, Bhatigaon, Baragarh


# ୧୦ କୋଟି ବି କମାଇପାରିବନି 'ରାଧେ'



**ମୁମ୍ବାଇ:** ବଲିଉଡ୍ ଷ୍ଟାର୍ ସଲମାନ ଖାନଙ୍କ ଫିଲ୍ମ 'ରାଧେ: ୟୋର ମୋଷ୍ଟ ୱାଣ୍ଟେଡ ଭାଇ' ଇଦ୍ ଅବସରରେ ମେ ୧୩ରେ ଓଟିଟି ପ୍ଲାଟଫର୍ମରେ ରିଲିଜ ହେବ। ଏବେ ଦେଶରେ ମହାମାରୀ ସ୍ଥିତି ଯୋଗୁ ଥଏଟର ବନ୍ଦ ଥିବାରୁ ବକ୍ସ ଅଫିସ୍‌ରେ ଏହି ଫିଲ୍ମ ୧୦-୧୫ କୋଟି ବି କମାଇ ନ ପାରେ ବୋଲି ନିଜେ ସଲମାନ କହିଛନ୍ତି। ପ୍ରଶଂସକଙ୍କୁ କଥା ଦେଇଥିବାରୁ କ୍ଷତି ହେଲେ ମଧ୍ୟ ଫିଲ୍ମ ରିଲିଜ ହେଉଛି ବୋଲି ସେ କହିଛନ୍ତି। ଚଳଚ୍ଚିତ୍ର ସର୍ବନିମ୍ନ ରେକର୍ଡ କରି ବକ୍ସ ଅଫିସ୍‌ରେ ଖାତା ଖୋଲି ନ ପାରିଲେ ମଧ୍ୟ ସେ ଖୁସି। ଫିଲ୍ମଟି ଜି ୫ ପ୍ଲାଟଫର୍ମ ଓ ଅଗ୍ରଣୀ ଡିଟିଏଚ୍ ଅପରେଟର୍ସଙ୍କ ନିକଟରେ ଉପଲବ୍ଧ ହେବ। ଜି ୫'ର ସହଯୋଗ ବିନା ଇଦ୍ କମିଟମେଣ୍ଟ ରଖି ପାରି ନ ଥାନ୍ତି ବୋଲି ସଲମାନ କହିଛନ୍ତି। ମହାମାରୀ ଯୋଗୁ ଲୋକେ ଏବେ ଅର୍ଥ ସଙ୍କଟର ସମ୍ମୁଖୀନ ହେଉଛନ୍ତି। ଏଭଳି ପରିସ୍ଥିତିରେ ଟିକେଟ ଉପରେ ଅଧିକ ଟଙ୍କା ଖର୍ଚ୍ଚ କରିବା ପରିବର୍ତ୍ତେ ଶସ୍ତାରେ ଘରେ ବସି ଫିଲ୍ମର ମଜା ନେଇପାରିବେ ବୋଲି ସେ କହିଛନ୍ତି।


**ମନେ ପଡ଼ନ୍ତି**

**ଶ୍ରଦ୍ଧାଞ୍ଜଳି**



✓ ତୁଷାରକାନ୍ତି ରାୟ
ଆବିର୍ଭାବ: ୧୦।୧୦।୧୯୪୮
ତିରୋଧାନ: ୦୧।୦୫।୨୦୨୧
ତୁମର ଅକାଳ ବିୟୋଗରେ ଆମେମାନେ ତୁମର ଅନୁପସ୍ଥିତିକୁ ପ୍ରତି ମୁହୂର୍ତ୍ତରେ ଅନୁଭବ କରୁଅଛୁ। ତୁମର ଅନାବିଳ ସ୍ନେହ, ଶ୍ରଦ୍ଧା, ପରୋପକାରିତା ତଥା ଉତ୍ସର୍ଗୀକୃତ ମନୋଭାବ ଆମ୍ଭମାନଙ୍କର ପାଥେୟ ହେଉ। ତୁମ ପବିତ୍ର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା ଜଣାଉଛୁ।
ଶୋକସନ୍ତପ୍ତ ବନ୍ଧୁଗଣ:
ଟିଟୋ, ମୁନାଇ, ଜିତୁ, ଦୀପ, ସ୍ୱାତି, ତ୍ରିଶା, ନେହା
ଧ-୨୦୭୦୧

**ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



✓ ଶ୍ରୀ ବିଶ୍ୱଜିତ୍ ପାଢ଼ୀ
ଆବିର୍ଭାବ - ୦୬.୦୯.୧୯୭୫
ତିରୋଧାନ - ୧୪.୦୫.୨୦୦୨
ତୁମେ ଯିବାର ଚାହୁଁ ଚାହୁଁ ୧୯ ବର୍ଷ ବିତିଗଲା, ବିତିଗଲେ ମଧ୍ୟ ତମେ ଆମ ସମସ୍ତଙ୍କ ହୃଦୟରେ ଅଲିଭାସ୍ମୃତି ହୋଇ ରହିଯାଇଛ। ଆଜିର ଏହି ଶ୍ରାଦ୍ଧ ଦିବସରେ ତମର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଆମେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଅଛୁ।
ଶୋକସନ୍ତପ୍ତ
ପତ୍ନୀ- ସୁନନ୍ଦା, ପୁତ୍ର- ରାଜନ୍, ରୋଷନ୍ ଓ ପରିବାରବର୍ଗ।
ଧ-୭୧୧୦୨

**ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



✓ ପିତବାସ ରାଉତରାୟ
ପ୍ଲଟ୍‌ନଂ-୨୫୦, ଏୟାରପୋର୍ଟ ଓରିୟା ଭିମପୁର ମଉଜା, ଭୁବନେଶ୍ୱର-୨୦
ଆବିର୍ଭାବ – ୧୭.୦୯.୧୯୫୧
ତିରୋଧାନ – ୦୩.୦୫.୨୦୨୧
ତୁମର ସ୍ନେହ, ଶ୍ରଦ୍ଧା, କର୍ତ୍ତବ୍ୟନିଷ୍ଠା ଓ ସମୟାନୁବର୍ତ୍ତୀତା ଏବଂ ଶୃଙ୍ଖଳିତ ଆଚରଣ ଆମ ଜୀବନର ଚଲାପଥରେ ପାଥେୟ ହୋଇ ରହିବ। ତୁମର ଅମର ଆତ୍ମାର ସଦ୍‌ଗତି ପାଇଁ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ଚରଣ କମଳରେ ଶୋକଭରା ହୃଦୟରେ ବିନମ୍ର ପ୍ରାର୍ଥନା କରିବା ସଙ୍ଗେ ସଙ୍ଗେ ଅଜସ୍ର ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛୁ।
-: ଶୋକସନ୍ତପ୍ତ :-
ସ୍ତ୍ରୀ, ପୁତ୍ର, ପୁତ୍ରବଧୂ, ଝିଅ, ଜ୍ୱାଇଁ, ନାତି ଓ ନାତୁଣୀ ଏବଂ ସମସ୍ତ ବନ୍ଧୁ ବାନ୍ଧବ ପରିବାର ବର୍ଗ ଓ ଆତ୍ମୀୟ ସ୍ୱଜନ।
ଧ-୫୯୯୯୧

# ସଞ୍ଜୟଙ୍କ ସଜବାଜ


ସଞ୍ଜୟ ଦତ୍ତ

ସଞ୍ଜୟ ଦତ୍ତ ଓରଫ ସଞ୍ଜୁ ବାବା ଏବେ ପୂରା ଦମ୍‌ରେ ପ୍ରସ୍ତୁତିରେ ଲାଗିପଡିଛନ୍ତି। କାରଣ ବ୍ୟାକ୍ ଟୁ ବ୍ୟାକ୍ ୩-୪ଟି ସିନେମାର ଶୁଟିଂ ଆରମ୍ଭ ହେବ। ଏବେ ତ ସେ ଅଭିନୟ କରିଥିବା 'କେଜିଏଫ-୨' (ୟଶ) ଏବଂ 'ସମସେରା' (ରଣବୀର କପୁର) ରିଲିଜ ଅପେକ୍ଷାରେ ରହିଛି। ସେ ସାଇନ୍ କରିଥିବା 'ପୃଥ୍ୱୀରାଜ'ର ଶୁଟିଂ ଖୁବ୍ ଶୀଘ୍ର ଆରମ୍ଭ ହେବାର ଯୋଜନା ରହିଛି। ଏଥିରେ ସଞ୍ଜୟ ଏକ ଭିନ୍ନ ଭୂମିକାରେ ଅଭିନୟ କରିବେ ଏବଂ ଏହାର କେତେକାଂଶରେ ସାମଞ୍ଜସ୍ୟ ତାଙ୍କର ବ୍ୟକ୍ତିଗତ ଜୀବନ ସହ ରହିଛି। ତା'ସହ ଆସନ୍ତା ମାସରେ ନୂଆ ସିନେମା 'ତୁଲସୀ ଦାସ ଜୁନିୟର'ର ଶୁଟିଂ ଆରମ୍ଭ ହେବାକୁ ଯାଉଛି। ଏ ନେଇ ସଞ୍ଜୟ କହନ୍ତି, 'ସବୁଠାରୁ ଖାସ୍ କଥା ହେଲା, ଇତିମଧ୍ୟରେ ବଲିଉଡ୍‌ରେ ମୋର ୪୦ ବର୍ଷ ହୋଇଗଲା। ୧୯୮୧ ମେ' ୮ରେ ମୋ ଅଭିନୀତ ପ୍ରଥମ ସିନେମା 'ରକି' ମୁକ୍ତିଲାଭ କରିଥିଲା। ଏହି ସମୟ ଭିତରେ ଦର୍ଶକ ମୋତେ ଯେଉଁ ଭଲପାଇବା ଦେଇଛନ୍ତି ତାହାକୁ ମୁଁ କଦାପି ଭୁଲି ପାରିବି ନାହିଁ।'


ପୃଥ୍ୱୀରାଜ

# ଅପେକ୍ଷାର ଫଳ...

ସତରେ, ଅପେକ୍ଷାର ଫଳ ମିଠା। ହେଲେ ସେ ପର୍ଯ୍ୟନ୍ତ ଧୈର୍ଯ୍ୟର ସହ ଅପେକ୍ଷା କରିବା ବଡ଼ କଥା। ପ୍ରଥମ ସିନେମା 'ଜୋର୍ କା ଝଟକା' ପରେ ଅଭିନେତା ପୃଥ୍ୱୀରାଜ ଆଚାର୍ଯ୍ୟ ନିଜର ଦ୍ୱିତୀୟ ସିନେମା 'ଇନ୍ଦ୍ରଜାଲ' କେବେ ରିଲିଜ ହେବ ସେ ନେଇ ଦିନ ଗଣୁଥିଲେ। ନିକଟରେ ତାହା ପୂରଣ ହୋଇଛି। ରମେଶ ବାରିକଙ୍କ ପ୍ରଯୋଜିତ ଏବଂ ପିନୁ ନାୟକଙ୍କ ନିର୍ଦ୍ଦେଶିତ ଏହି ଫିଲ୍ମଟିର ସାଟେଲାଇଟ୍ ରିଲିଜ ନିକଟରେ ହୋଇଛି। ଅନ୍ୟପକ୍ଷରେ ଏଥିରେ ନିଜ ଭୂମିକାର ସଫଳତା ପୃଥ୍ୱୀରାଜଙ୍କୁ ଆହୁରି ଉତ୍ସାହିତ କରିଛି ବୋଲି ସେ କହନ୍ତି। ପିଲାଟି ଦିନରୁ ତାଙ୍କୁ ଅଭିନୟ ନିଶା ଘାରିଥିଲା। ଶିଶୁ କଳାକାର ଭାବରେ ଅଭିନୟ କରିବା ପରେ ତାଙ୍କର ଏହି ଆଶା ନିଶାରେ ପରିଣତ ହୋଇଥିଲା। ଆଉ ଏବେ ସେ ନିଜକୁ ଜଣେ ଆଗଧାଡ଼ିର ଥିଏଟର ଅଭିନେତା ଭାବରେ ପରିଚିତ କରାଇପାରିଛନ୍ତି। ଜଗତ୍‌ସିଂହପୁର ଜିଲା କୁଜଙ୍ଗ ଅନ୍ତର୍ଗତ ବଳରାମପୁର ଗ୍ରାମରେ ଜନ୍ମିତ ଏହି ଅଭିନେତା ନିଜ ସ୍ୱପ୍ନକୁ ସାକାର କରିବା ପାଇଁ ଯୋଗ ଦିଅନ୍ତି ନିକଟରେ ପରଲୋକଗତ ଅଜିତ ଦାସଙ୍କ ନାଟ୍ୟାନୁଷ୍ଠାନ 'ଅଜିତ'ରେ। ତାଙ୍କ ଅଭିନୀତ ଥିଏଟର ନାଟକ ମଧ୍ୟରେ ରହିଛି, ମାଣିକ ଯୋଡ଼ି, ବୁଢ଼ା ଶଙ୍ଖାରୀ, ପ୍ରତିଭା, ଜୟଦେବ ଗୀତଗୋବିନ୍ଦ, ରେବତୀ, ନାକଟା ଚିତ୍ରକର ପରି ଏକ ସଂସ୍କୃତ ନାଟକ ସହ ୫୦ରୁ ଅଧିକ ନାଟକ। ବିଶେଷଭାବରେ ସେ ଖଳ ଚରିତ୍ରରେ ଅବତୀର୍ଣ୍ଣ ହୋଇ ସାଉଁଟିଛନ୍ତି ଅନେକ ସଫଳତା। ''କେବଳ ଖଳ ଭୂମିକାରେ ମୁଁ ନିଜକୁ ବାନ୍ଧି ରଖିବାକୁ ଚାହେଁନା। ଯେ କୌଣସି ରୋଲ୍‌କୁ ନେଇ ଆଣି ଥୋଇବାରେ ମୋ ନିଜ ଉପରେ ଶତପ୍ରତିଶତ ଭରସା ରହିଛି। ହେଲେ ଏକ ବଡ଼ ବ୍ରେକ୍ ମିଳିଲେ ତାହା ମୋ କ୍ୟାରିୟର ପାଇଁ ଶୁଭପ୍ରଦ ସାବ୍ୟସ୍ତ ହେବ। ମୋ କ୍ୟାରିୟରକୁ ଆଗେଇନେବା ପଛରେ ମୋ ମା' ବାପା ଏବଂ ସର୍ବୋପରି ଅଜିତ ସାର୍‌ଙ୍କ ଭୂମିକାକୁ ମୁଁ କଦାପି ଭୁଲିପାରିବି ନାହିଁ ବୋଲି କହନ୍ତି ପୃଥ୍ୱୀରାଜ।''

# କଥା ଅଟକିଛି କିସ୍ ପାଇଁ

ନବାଗତା ଅନନ୍ୟା ପାଣ୍ଡେ ଏବେ ଦୋଛକିରେ ପଡ଼ିଛନ୍ତି। କାରଣ ଯେଉଁ ଅଫରଟି ତାଙ୍କୁ ମିଳିଛି ତାକୁ ହାତଛଡ଼ା କରିପାରୁନାହାନ୍ତି, ହେଲେ ସେଥିରେ ଏକ କେଁ ରହିଯାଇଛି। କାରଣ ଏହି ଫିଲ୍ମରେ କେତୋଟି ଗରମାଗରମ କିସ୍ ଶଟ୍ ରହିଛି, ଯାହାକୁ ନେଇ ଅଡୁଆରେ ପଡ଼ିଛନ୍ତି ଏହି ଅଭିନେତ୍ରୀ। ଏ ସମ୍ପର୍କରେ ଅନନ୍ୟା କହନ୍ତି, 'ଏବେ ମୋତେ ଯେଉଁ ଅଫରଟି ମିଳିଛି ତାହାର କାହାଣୀ ମୋତେ ପ୍ରଭାବିତ କରିଛି। ହେଲେ ସେଥିରେ କେତୋଟି କିସ୍ ଶଟ୍ ପାଇଁ ମୁଁ ଅଡୁଆରେ ପଡ଼ିଯାଇଛି। ଏପରି ସିକୁଏନ୍ସକୁ ଚେଞ୍ଜ କରିବାକୁ ମୁଁ ମଧ୍ୟ ପ୍ରପୋଜାଲ୍ ଦେଇଛି। ଆଶା ରଖିଛି ପ୍ରଯୋଜକ ଏ ନେଇ ସ୍ପେଶାଲ ଦୃଷ୍ଟି ଦେବେ। ଏ ନେଇ ଫାଇନାଲ ହେବାକୁ ଆଉ ସପ୍ତାହେ ହୁଏତ ଲାଗିଯାଇପାରେ।' ଦେଖାଯାଉ କେଉଁ ପାଣି କୁଆଡ଼େ ଯାଉଛି।


ଅନନ୍ୟା ପାଣ୍ଡେ

# ଦିନ ଗଣୁଛନ୍ତି ଦେବାଶିଷ

ଆମ ରାଜ୍ୟର ଅନ୍ୟତମ ନାମୀ ସ୍ୱାଧୀନତା ସଂଗ୍ରାମୀ ଶହୀଦ ରଘୁ ସର୍ଦ୍ଦାରଙ୍କ ଜୀବନର ବୀରତ୍ୱ ଗାଥାକୁ ନେଇ ପ୍ରସ୍ତୁତ ହୋଇଛି ଏକ ଓଡ଼ିଆ ସିନେମା। ଏହାର ଟାଇଟଲ ରହିଛି 'ଶହୀଦ ରଘୁ ସର୍ଦ୍ଦାର'। ଏଭଳି କଥାବସ୍ତୁକୁ ଚିତ୍ରର ରୂପ ଦେଇଛନ୍ତି ନବାଗତ ପ୍ରଯୋଜକ ଡା. ବିଶ୍ୱନାଥ ପଟ୍ଟନାୟକ। ଏପରି ଐତିହାସିକ କାହାଣୀକୁ ଆଧାର କରି ସଂଳାପ ରଚନା କରିଛନ୍ତି ଆଗଧାଡ଼ିର ସଂଳାପକାର ଡ. ରଜନୀ ରଞ୍ଜନ। ରାଜୀବ ମହାନ୍ତିଙ୍କ ନିର୍ଦ୍ଦେଶିତ ଏହି ଫିଲ୍ମର ଟାଇଟଲ ଭୂମିକାରେ ଅଭିନୟ କରିଛନ୍ତି ଦେବାଶିଷ ପାତ୍ର। ଅବଶ୍ୟ ଏହାପୂର୍ବରୁ ସେ ବେଶ୍ କେତୋଟି ସିନେମାରେ ଅଭିନୟ କରି ନିଜ ଆକ୍ଟିଂ ଦକ୍ଷତାର ପରିଚୟ ଦେଇସାରିଛନ୍ତି। ହେଲେ ଏହି ସିନେମାର ସଫଳତାକୁ ନେଇ ବେଶ୍ ଆଶାବାଦୀ ଅଛନ୍ତି ସେ। ଏ ନେଇ ଦେବାଶିଷ କହନ୍ତି, 'ସତ କଥା କହିବାକୁ ଗଲେ ଏପରି ଏକ ଭୂମିକାରେ ଅଭିନୟ କରିବା ଭାଗ୍ୟରେ ଥିଲେ ମିଳେ। ଏହି ଭୂମିକାଟି ମୋ ଅଭିନୟ ଜୀବନରେ ଏକ ସ୍ମରଣୀୟ ହୋଇ ରହିବ। ମୋତେ ଦିଆଯାଇଥିବା ଦାୟିତ୍ୱ ମୁଁ ତୁଲାଇଛି, ବାକି ସବୁ ଦର୍ଶକଙ୍କ ଉପରେ ନିର୍ଭର କରେ।' ଏହି ଫିଲ୍ମର ନାୟିକା ସାଜିଛନ୍ତି କାବ୍ୟା।


ଦେବାଶିଷ-କାବ୍ୟା

# ପ୍ରତିଦିନ ସୁଇମିଂ ପ୍ରାକ୍ଟିସ କରିଥାଏ

ଯେହେତୁ ଅଭିନୟକୁ କ୍ୟାରିୟର ଭାବରେ ବାଛି ନେଇଛନ୍ତି, ତେଣୁ ଏ ନେଇ ତାଙ୍କୁ ବ୍ୟସ୍ତ ରହିବାକୁ ପଡ଼ିଥାଏ। ହେଲେ ପ୍ରାୟ ପ୍ରତିଦିନ ଗୋଟିଏ କାମ କରିବାକୁ ଆଦୌ ଭୁଲି ନ ଥାନ୍ତି କୀର୍ତ୍ତି ସୁରେଶ। ତାହା କ'ଣ ଜାଣନ୍ତି ? ସୁଇମିଙ୍ଗ ବା ସନ୍ତରଣ। ହେଲେ ଏପରି ନିଶା ତାଙ୍କୁ ଏବେ ଘାରିନି। ସ୍କୁଲରେ ପଢ଼ିବା ସମୟରୁ ସେ ଏହା ସହ ଜଡ଼ିତ ଥିଲେ। କେବଳ ସେତିକି ନୁହେଁ, ସନ୍ତରଣ ପ୍ରତିଯୋଗିତାରେ ଅଂଶଗ୍ରହଣ କରି ପୁରସ୍କୃତ ମଧ୍ୟ ହୋଇଛନ୍ତି। ପ୍ରଯୋଜକ ସୁରେଶ କୁମାରଙ୍କ ଏହି କନ୍ୟା ମାଲୟାଲମ ଫିଲ୍ମ 'ପାଇଲଟ୍'ରେ ଶିଶୁ କଳାକାର ଭାବରେ ଅଭିନୟ କରିଥିଲେ। ଏକ କଳାକାର ପରିବାରରେ ତାଙ୍କର ଜନ୍ମ। କୀର୍ତ୍ତିଙ୍କ ମା' ମେନକା ଛଅ ବର୍ଷ ଧରି ନାୟିକା ଭୂମିକାରେ ଅଭିନୟ କରିଥିଲେ, ଯିଏକି ମୋଟ ୧୧୬ଟି ସିନେମାରେ ଆକ୍ଟିଂ କରିଛନ୍ତି। ବଡ଼ ପରଦାରେ ନିଜର କ୍ୟାରିୟର ଆରମ୍ଭ କରିବା ପୂର୍ବରୁ କେତୋଟି ମାଲୟାଲମ ଧାରାବାହିକରେ ଶିଶୁ କଳାକାର ଭାବରେ ଅଭିନୟ କରିଥିଲେ। ତାଙ୍କର ମନ ପସନ୍ଦର ଅଭିନେତା ହେଉଛନ୍ତି ବିଜୟ। କୀର୍ତ୍ତି ଆଦୌ ଆମିଷ ଖାଦ୍ୟ ଖାଆନ୍ତି ନାହିଁ। ସବୁବେଳେ ମଧ୍ୟାହ୍ନ ଭୋଜନରେ ରୋଟି, ତରକାରି ଏବଂ ତଟକା ଫଳମୂଳରେ ପ୍ରସ୍ତୁତ ସାଲାଡ୍ ଖାଇଥାଆନ୍ତି। ନାୟିକା ଭାବରେ କୀର୍ତ୍ତିଙ୍କୁ ବ୍ରେକ୍ ଦେଇଥିଲେ ନାମୀ ନିର୍ଦ୍ଦେଶକ ପ୍ରିୟଦର୍ଶନ। ପୁଣି ଡେବ୍ୟୁ ଫିଲ୍ମ 'ଗୀତାଞ୍ଜଳି' (ମାଲୟାଲମ)ରେ ତାଙ୍କୁ ମିଳିଥିଲା ଡବଲ ରୋଲ୍। ଏଥିରେ ନାୟକ ଭୂମିକାରେ ନିଶାନ ଏବଂ ମାଲୟାଲମ ସୁପରଷ୍ଟାର ମୋହନଲାଲ୍ ଅଭିନୟ କରିଥିଲେ। ଖାସ୍ କଥା ହେଲା, ଏହି ଫିଲ୍ମଟିକୁ ପ୍ରଯୋଜନା କରିଥିଲେ କୀର୍ତ୍ତିଙ୍କ ବାପା ସୁରେଶ।


କୀର୍ତ୍ତି ସୁରେଶ

ଦକ୍ଷିଣ ଭାରତୀୟ ସିନେମାରେ ସେ ଜଣେ ପରିଚିତ ନାୟିକା। କେବଳ ନିଜର ଅଭିନୟ ନୁହେଁ, ନିଜର ଦୈନନ୍ଦିନ ଜୀବନଶୈଳୀ ପାଇଁ ସେ ବେଶ୍ ଚର୍ଚ୍ଚିତ। ଏହି ଅଭିନେତ୍ରୀ ଜଣକ ହେଲେ କୀର୍ତ୍ତି ସୁରେଶ...

### କୀର୍ତ୍ତିଙ୍କ ଅଭିନୀତ ପ୍ରମୁଖ ଚଳଚ୍ଚିତ୍ର

'ଗୀତାଞ୍ଜଳି' (ମାଲୟାଲମ) 'ରିଂ ମାଷ୍ଟର' (ମାଲୟାଲମ), 'ଇଧୁ ଇନ୍ନା ମାୟାମ' (ତାମିଲ), 'ନିନୁ ଶୈଳଜା' (ତେଲୁଗୁ), 'ରଜନୀ ମୁରଗାନ୍' (ତାମିଲ), 'ଥୋଡାରି', 'ରିମୋ', 'ଭୈରବା' (ତାମିଲ), 'ନିନୁ ଲୋକାଲ୍', 'ଆଜ୍ଞାଥାଭାସି'(ତେଲୁଗୁ), 'ସରକାର' (ତାମିଲ)।

# ଜୋତାପ୍ରିୟ ପରିଣିତି

ପରିଣିତି ଚୋପ୍ରାଙ୍କର ଏକ ଅଜବ ନିଶା ରହିଛି। ବଜାରକୁ କୌଣସି ନୂଆ ବ୍ରାଣ୍ଡର ଜୋତା ଆସିଲେ ତାହାକୁ ସେ ନ କିଣିବା ପର୍ଯ୍ୟନ୍ତ ଥୟ ଧରି ବସନ୍ତି ନାହିଁ। ଯଦି କେବେ ଶପିଂ ପାଇଁ ଗଲେ ତେବେ ପ୍ରଥମ ତାଙ୍କର ନଜର ଲାଖିଯାଏ ନୂଆ ଜୋତା ଉପରେ। ତେଣୁ ସେ ଅଧିକାଂଶ ସମୟ କେବଳ ଜୋତା ଶୋ' ରୁମ୍‌ରେ ଚକ୍କର କାଟିଥାଆନ୍ତି। ଥରେ ଏକ ଜୋତାର ବିଜ୍ଞାପନ ପାଇଁ ଶୁଟିଂ କରୁଥାଆନ୍ତି ସେ। ଏହି ସମୟରେ ସେ ନୂଆ ଜୋତାଗୁଡ଼ିକୁ ତନ୍ନ ତନ୍ନ କରି ଦେଖୁଥାଆନ୍ତି। ପୁଣି ଯାହା ପସନ୍ଦ ହେଉଥାଏ ତାହାକୁ ବାଛି ଅଲଗା ରଖୁଥାଆନ୍ତି। ସେହିଦିନ ସେଠାରୁ ପରିଣିତି ୧୦ହଜ ଦାମୀ ନୂଆ ଜୋତା କିଣିଥିଲେ। ଇଏ ତ ଗଲା ତାଙ୍କର ଜୋତା ନିଶା କଥା। ଆକ୍ଟିଂ ଦୁନିଆରେ ଏଣ୍ଟ୍ରି କରିବା ପଛରେ ଏକ ମଜାଦାର କଥା ଲୁଚି ରହିଛି। ହିନ୍ଦୀ ସିନେମାରେ ଅଭିନୟ କରିବା ପୂର୍ବରୁ ବଲିଉଡ୍ ବିଷୟରେ ତାଙ୍କର ମାନସିକତା ସକାରାତ୍ମକ ନ ଥିଲା। ହେଲେ ପ୍ରିୟଙ୍କା ଚୋପ୍ରାଙ୍କ ସହ ଥରେ ଏ ନେଇ ଆଲୋଚନା କରିବା ପରେ ସେ ମାଇଣ୍ଡ ମେକଅପ କଲେ ଯେ ଦିନେ ନା ଦିନେ ସେ ବଲିଉଡ୍‌ରେ ଏଣ୍ଟ୍ରି କରିବେ। ଆଉ ୨୦୧୧ରେ 'ଲେଡିଜ୍ ଭର୍ସେସ ରିକି ବହଲ୍'ରେ ତାଙ୍କୁ ପ୍ରଥମେ ସୁଯୋଗ ମିଳିଥିଲା। ପ୍ରଥମ ଫିଲ୍ମରେ ତାଙ୍କର ଅଭିନୟ ଏତେ ନିଖୁଣ ଥିଲା ଯେ ସେ ଏଥିପାଇଁ ଶ୍ରେଷ୍ଠ ନବାଗତା ନାୟିକା ଭାବରେ ଫିଲ୍ମଫେୟାର ପୁରସ୍କାର ପାଇଥିଲେ।


ପରିଣିତି ଚୋପ୍ରା

# ଧରିତ୍ରୀ
DHARITRI

www.orissakhabar.com/ www.dharitri.com ପୃଷ୍ଠା ୧୨ Press Regd. No. R.N. ORIORI/2005/14844 Postal Regd. No. BN/42/21-23. ବ୍ରହ୍ମପୁର, ଗୁରୁବାର, ମେ ୧୩/୨୦୨୧ Berhampur, Thursday, May 13/ 2021


## ‘ସର୍ବସମ୍ମତ ନିଷ୍ପତ୍ତି ନେଲେ ଇଂଲଣ୍ଡ ଖେଳାଳି ଆଇପିଏଲ୍‌ରେ ଖେଳିପାରିବେ’

**ଲଣ୍ଡନ, ୧୨।୫(ପି.ଟି.)**

ଦେଶର ଶୀର୍ଷସ୍ଥାନୀୟ ଖେଳାଳିମାନେ ସ୍ଥଗିତ ରହିଥିବା ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍)ରେ ଖେଳିବା ପାଇଁ ସର୍ବସମ୍ମତ ନିଷ୍ପତ୍ତି ନେଲେ ଇଂଲଣ୍ଡର କ୍ରିକେଟ ବୋର୍ଡ ନରମ ମନୋଭାବ ପୋଷଣ କରିବ ବୋଲି ପୂର୍ବତନ ଅଧିନାୟକ କେଭିନ ପିଟରସନ ଅନୁଭବ କରୁଛନ୍ତି। ଆସନ୍ତା ସେପ୍ଟେମ୍ବରରେ ଯଦି ଆଇପିଏଲର ଅବଶିଷ୍ଟାଂଶ ହୁଏ ତେବେ କେନ୍ଦ୍ରୀୟ ଚୁକ୍ତିରେ ସାମିଲଥିବା ଇଂଲଣ୍ଡ ଖେଳାଳିମାନେ ଉପଲବ୍ଧ ହୋଇପାରିବେ ନାହିଁ। ସେମାନେ ଅନ୍ତର୍ଜାତୀୟ ସ୍ତରରେ ଖେଳିବା ପାଇଁ ପ୍ରତିଶ୍ରୁତିବଦ୍ଧ ଏବଂ ତାହାକୁ ସେମାନେ ସମ୍ମାନ ଜଣାଇବା ଉଚିତ ବୋଲି ଇଂଲଣ୍ଡ ଆଣ୍ଡ ୱେଲ୍ସ କ୍ରିକେଟ ବୋର୍ଡ (ଇସିବି) ନିର୍ଦ୍ଦେଶକ (କ୍ରିକେଟ) ଆଶ୍‌ଲେ ଜାଇଲ୍ସ ସୂଚନା ଦେଇଥିଲେ। ଆଇପିଏଲର ଅଧା ଫ୍ରାଞ୍ଚାଇଜ୍‌ରେ ଶୀର୍ଷସ୍ଥାନୀୟ ଇଂଲଣ୍ଡ କ୍ରିକେଟର ଅଛନ୍ତି। ଜାତୀୟ


କେଭିନ ପିଟରସନ

ଦଳର ଅଧିନାୟକ ଇଅନ ମୋର୍ଗାନ କୋଲକାତା ନାଇଟ ରାଇଡର୍ସରେ ଥିବାବେଳେ ଜୋଫ୍ରା ଆର୍ଚର, ଜୋସ ବଟଲର, ବେନ୍ ଷ୍ଟୋକ୍ସ ରାଜସ୍ଥାନ ରୟାଲ୍ସ ପାଇଁ ଖେଳୁଛନ୍ତି। ସେହିପରି ଜନି ବେୟାରଷ୍ଟୋ ସନ୍‌ରାଇଜର୍ସ ହାଇଦ୍ରାବାଦରୁ ପ୍ରତିନିଧିତ୍ୱ କରୁଛନ୍ତି। ଆଇପିଏଲ ଯଦି ପରିବର୍ତ୍ତିତ କାର୍ଯ୍ୟସୂଚୀ ଅନୁସାରେ ହୁଏ ତେବେ ଇସିବି ଏହାର ଶ୍ରେଷ୍ଠ ଖେଳାଳିମାନଙ୍କୁ ନେଇ ସୃଷ୍ଟି ହେବାକୁଥିବା ସମସ୍ୟାକୁ କିପରି ହ୍ୟାଣ୍ଡେଲ କରୁଛି ତାହା ଦେଖିବାକୁ ଉତ୍ସାହ ରହିବ ବୋଲି ପିଟରସନ ଟୁଇଟ କରିଛନ୍ତି। ବାୟୋ-ବବ୍‌ଲ ଭିତରେ ଏକାଧିକ ଖେଳାଳି କରୋନା ସଂକ୍ରମିତ ହେବାରୁ ଆଇପିଏଲ୍‌କୁ ଅଧାରୁ ମେ’ ୪ରେ ସ୍ଥଗିତ ରଖାଯାଇଛି।

ନିଜେ ଖେଳିବା ସମୟରେ ଏକମାତ୍ର ଇଂଲଣ୍ଡ ଖେଳାଳିଭାବେ ପିଟରସନ ଆଇପିଏଲ ସପକ୍ଷରେ ମତ ରଖୁଥିଲେ। ମାତ୍ର ସ୍ଥିତିରେ ଏବେ ପରିବର୍ତ୍ତନ ଆସିଛି।


ASBM UNIVERSITY
ADMISSION - 2021
MBA | HR | Marketing | Finance | Operations | LSCM | Business Analytics
MBA & BBA - Rural Management
BBA (Hons.) | BBA - E-Commerce
MBA - Semester Abroad with University of Nottingham Malaysia
Executive MBA | Ph.D. in Management
LAST DATE : 31st May, 2021
For details and applying online : www.asbm.ac.in
ASBM SCHOOL OF BUSINESS


Founder & President
Prof. (Dr.) Biswajeet Pattanayak
Former Distinguished Professor, IIM-Indore & Lucknow
500 SCHOLARSHIPS UP TO RS. 1 CRORE
Online Scholarship Test 5th June, 2021
Shiksha Vihar, Post : ASBM University, Bhola (Chandaka), Bhubaneswar - 754012
Mobile : 9040884628 | 7749939643 | E-mail : admission@asbm.ac.in


## ସାଇନା, ଶ୍ରୀକାନ୍ତଙ୍କ ଅଲିମ୍ପିକ୍ସ ଆଶା ଶେଷ

**ନୂଆଦିଲ୍ଲୀ, ୧୨।୫(ପି.ଟି.)**

ଭାରତୀୟ ତାରକା ବ୍ୟାଡ୍‌ମିଣ୍ଟନ ଖେଳାଳି କିଦାମ୍ବୀ ଶ୍ରୀକାନ୍ତ ଓ ମହିଳା ଖେଳାଳି ସାଇନା ନେହ୍ୱାଲଙ୍କ ଟୋକିଓ ଅଲିମ୍ପିକ୍ସ ଖେଳିବା ଆଶା ଶେଷ ହୋଇଛି। ସିଙ୍ଗାପୁର ଓପନ୍ ଟୁର୍ନାମେଣ୍ଟକୁ ବ୍ୟାଡ୍‌ମିଣ୍ଟନ ୱାର୍ଲ୍ଡ ଫେଡେରେଶନ (ବିଡବ୍ଲ୍ୟୁଏଫ୍) ବାତିଲ କରିବା ପରେ ଏହି ଦୁଇ ଖେଳାଳିଙ୍କ ଅଲିମ୍ପିକ୍ ଯୋଗ୍ୟତା ହାସଲ ଆଶା ଧୂଳିସାତ ହୋଇଛି। ଏହି ଟୁର୍ନାମେଣ୍ଟ ଅଲିମ୍ପିକ୍ସର ୧ରୁ ୬ ତାରିଖ ମଧ୍ୟରେ ଆୟୋଜନ ହେବାର କାର୍ଯ୍ୟକ୍ରମ ରହିଥିଲା। ଏହା ବିଡବ୍ଲ୍ୟୁଏଫ୍ ୱାର୍ଲ୍ଡ ଟୁର୍‌ର ଏକ ସୁପର ୫୦୦ ଇଭେଣ୍ଟ ବିବେଚିତ ହେଉଥିଲା। ଟୋକିଓ ଅଲିମ୍ପିକ୍ସ ପାଇଁ ଯୋଗ୍ୟତା ହାସଲ କରିବାକୁ ଏହି ଟୁର୍ନାମେଣ୍ଟ ଶେଷ ସୁଯୋଗ ସୃଷ୍ଟି କରିଥିଲା। ଖେଳାଳି, ଅଫିସିଆଲ, ଆୟୋଜକ ଓ ସ୍ଥାନୀୟ ଲୋକଙ୍କ ସ୍ୱାସ୍ଥ୍ୟ ଏବଂ ନିରାପତ୍ତାକୁ ଦୃଷ୍ଟିରେ ରଖି ଏହି ଟୁର୍ନାମେଣ୍ଟକୁ ବାତିଲ କରିବାକୁ ହେଲା ବୋଲି ବିଡବ୍ଲ୍ୟୁଏଫ୍


କିଦାମ୍ବୀ ଶ୍ରୀକାନ୍ତ ଓ ସାଇନା ନେହ୍ୱାଲ।

କ୍ୱାଲିଫାଇଂ ଇଭେଣ୍ଟ ବିବେଚିତ ହେଉଥିଲା। କୋଭିଡ୍-୧୯ କାରଣରୁ ଜାରି କରାଯାଇଥିବା ଭ୍ରମଣଜନିତ କଟକଣା ପାଇଁ ଏହି କ୍ୱାଲିଫାଇଂ ଟୁର୍ନାମେଣ୍ଟକୁ ବାତିଲ କରାଯାଇଛି ବୋଲି ଆୟୋଜକମାନେ ସୂଚନା ଦେଇଛନ୍ତି।

ସିଙ୍ଗାପୁର ବ୍ୟାଡ୍‌ମିଣ୍ଟନ ଆସୋସିଏଶନ (ଏସ୍‌ବିଏ) ଓ ବିଡବ୍ଲ୍ୟୁଏଫ୍ ମିଳିତ ଭାବେ ଏହି ଟୁର୍ନାମେଣ୍ଟ ବାତିଲ କରିବାକୁ ନିଷ୍ପତ୍ତି ନେଇଛନ୍ତି। ସିଙ୍ଗାପୁର ଓପନ ଜୁନ୍ ତରଫରୁ କୁହାଯାଇଛି। ଟୁର୍ନାମେଣ୍ଟର ସଫଳ ଆୟୋଜନ ପାଇଁ ବିଡବ୍ଲ୍ୟୁଏଫ୍ ଓ ଆୟୋଜକ ସବୁମତେ ପ୍ରୟାସ କରିଥିଲେ। ତେବେ ସାରା ବିଶ୍ୱରେ କୋଭିଡ୍-୧୯ ମାମଲା ଦ୍ରୁତଗତିରେ ବୃଦ୍ଧି ପାଉଥିବାରୁ ଭ୍ରମଣଜନିତ କଟକଣା ଜାରି କରାଯାଇଛି। ପ୍ରଥମେ ମାଲେସିଆ ଓପନ (ମେ’ ୨୫ରୁ ୩୦) ଓ ପରେ ସିଙ୍ଗାପୁର ଓପନ ବାତିଲ ହେବା ପରେ ସାଇନା ଓ ଶ୍ରୀକାନ୍ତଙ୍କ କ୍ୱାଲିଫାଇଂ ଆଶା ଏକପ୍ରକାର ଶେଷ ହୋଇଛି।

## ଅଲିମ୍ପିକ୍ସ ଆୟୋଜନ ବିରୋଧରେ ଜାପାନରେ ଜନ ଅସନ୍ତୋଷ

**ଟୋକିଓ, ୧୨।୫(ଏପି)**

ଟୋକିଓ ଅଲିମ୍ପିକ୍ସ ଆୟୋଜନ ନେଇ ଜାପାନରେ ବିରୋଧ ପ୍ରଦର୍ଶନ କରିବା ସହ ଲୋକେ ଅସନ୍ତୋଷ ଜାହିର କରିଛନ୍ତି। ଅଲିମ୍ପିକ୍ସକୁ ବାତିଲ କରିବା ନେଇ ଦାବି ଜୋର ଧରିଛି। ବିନା ଟୀକା କରଣରେ ସରକାରଙ୍କ ଅଲିମ୍ପିକ୍ସ ଆୟୋଜନ କରିବାର ଯିଦ ଏବେ ଦେଶକୁ ବିପର୍ଯ୍ୟୟ ଆଡକୁ ନେଇଛି ବୋଲି କୁହାଯାଉଛି। ୩ ଲକ୍ଷରୁ ଊର୍ଦ୍ଧ୍ୱ ନାଗରିକ ଏକ ପିଟିଶନରେ ସ୍ୱାକ୍ଷର କରି ଅଲିମ୍ପିକ୍ସକୁ ବାତିଲ କରିବାକୁ ନିବେଦନ କରିଛନ୍ତି। ଏପରିକି ଏକ ତାରକା ସନ୍ତରଣକାରୀଙ୍କୁ ଅଲିମ୍ପିକ୍ସରୁ ଓହରିଯିବାକୁ ଚାପ ପକାଯିବାର ଅଭିଯୋଗ ହୋଇଛି।

ଜାପାନ ପ୍ରଧାନମନ୍ତ୍ରୀ ୟୋଶିହାଇଡ ସୁଗା ଅଲିମ୍ପିକ ସମ୍ପୂର୍ଣ୍ଣ ସୁରକ୍ଷିତ ପରିବେଶରେ ଆୟୋଜନ ହେବ ଓ ଏହି ମେଗା ଇଭେଣ୍ଟ ସଫଳ ହେବ ବୋଲି ବାରମ୍ବାର କହିବା ସହ ଦାବି କରିଆସୁଛନ୍ତି। ଫଳରେ ଜାପାନରେ ଅସନ୍ତୋଷ ଜାହିର କରାଯାଇଛି। ହସ୍ପିଟାଲରେ ବେଡ୍‌ର ଅଭାବ ରହିଛି ଓ ଲୋକ ହନ୍ତସନ୍ତ ହେଉଥିବା ବେଳେ ଜରୁରୀ କାଳୀନ ସ୍ଥିତିକୁ ଆହୁରି ବୃଦ୍ଧି କରାଯାଇଛି। ଏପରିସ୍ଥଳେ ପ୍ରଧାନମନ୍ତ୍ରୀଙ୍କ ଏଭଳି ଦାବି ଦୁର୍ଭାଗ୍ୟଜନକ ବୋଲି କୁହାଯାଇଛି। ଜାପାନରେ ଏବେ ମାତ୍ର ୧



ଅଲିମ୍ପିକ୍ସ ଆୟୋଜନ ବିରୋଧ କରି ଲୋକମାନେ ପ୍ଲାକାର୍ଡ ପ୍ରଦର୍ଶନ କରୁଛନ୍ତି।

ପ୍ରତିଶତ ଲୋକଙ୍କର ଟୀକାକରଣ ହୋଇଛି। ଲକ୍ଷ ଲକ୍ଷ ଟୀକା ବ୍ୟବହାର ନ ହୋଇ ଫ୍ରିଜରରେ ରହିଛି। ଆଉ ଦୁଇମାସ ପରେ ଅଲିମ୍ପିକ୍ସ ଆରମ୍ଭ ହେବ। ଏଭଳି ସ୍ଥିତିରେ ପ୍ରଧାନମନ୍ତ୍ରୀ ଲୋକଙ୍କ ଉପରେ ଅଧିକରୁ ଅଧିକ ଜରୁରୀକାଳୀନ କଟକଣା ଜାରିକରୁଛନ୍ତି ଓ ଲୋକଙ୍କୁ ସହଯୋଗ କରିବାକୁ ନିବେଦନ କରୁଛନ୍ତି। ଫଳରେ ଲୋକଙ୍କ ମଧ୍ୟରେ ନୈରାଶ୍ୟଜନକ ସ୍ଥିତି ସୃଷ୍ଟି ହୋଇଛି। ଗତ ମାସରେ ସୁଗା ଓସାକା ସହରରେ ତୃତୀୟ ଷ୍ଟେଟ୍ ଇମର୍ଜେନ୍ସି ଜାରି କରିଥିଲେ। ଟୀକା ଓ ଔଷଧ ଉପଲବ୍ଧ ହେଉନାହିଁ। ଯଦି ସ୍ଥିତିରେ ସୁଧାର ନ ଆସେ ତା’ହେଲେ ଆମେ ରାଜନୀତି ଦ୍ୱାରା ହିଁ ମୃତ୍ୟୁବରଣ କରିବୁ ବୋଲି ଏକ ଖବରକାଗଜର ଫୁଲ ପେଜ୍ ବିଜ୍ଞାପନରେ ଉଲ୍ଲେଖ କରାଯାଇଛି। ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟର ଏକ ଫଟୋଚିତ୍ରରେ ଜାପାନୀ ପିଲାମାନେ ଖଣ୍ଡା ଆକାରର ଏକ କାଠିରେ ଯୁଦ୍ଧ କରିବାର ଅଭ୍ୟାସ କରୁଥିବା ଏହି ବିଜ୍ଞାପନରେ ଦର୍ଶାଯାଇଛି। ଟୋକିଓସ୍ଥିତ ଏକ ପ୍ରକାଶନ ସଂସ୍ଥା ତାକାରରାଜିମାଶା ଏହି ବିଜ୍ଞାପନ ପ୍ରକାଶ କରିଛି। ରାଜନୈତିକ ଓ ସାମାଜିକ ବ୍ୟବସ୍ଥା ନେଇ ଏହି ସଂସ୍ଥା ରୋକ୍‌ଠୋକ ବାର୍ତ୍ତା ଉପସ୍ଥାପନ କରିଥାଏ ଓ ଏ ନେଇ ଏହା ବେଶ୍ ଜଣଶୁଣା। କରୋନାକୁ ନିୟନ୍ତ୍ରଣ କରିବାରେ ସରକାର ଏକ ପ୍ରକାର ବିଫଳ ହୋଇଛନ୍ତି ବୋଲି ଏହି ସଂସ୍ଥା କହିଛି। ଲୋକେ ଏବେ ମେଡିକାଲ ଓ ଆର୍ଥିକ ସମସ୍ୟା ଦେଇ ଗତି କରୁଛନ୍ତି। ଦ୍ୱିତୀୟ ବିଶ୍ୱଯୁଦ୍ଧର ପରବର୍ତ୍ତୀ ଅବସ୍ଥା ଭଳି ଦେଶରେ ସ୍ଥିତି ସୃଷ୍ଟି ହୋଇଛି ଏହି ପ୍ରକାଶନ ସଂସ୍ଥା କହିଛି।

## ପେରେରା ଶ୍ରୀଲଙ୍କା ଦିନିକିଆ ଅଧିନାୟକ

**କଲମ୍ବୋ, ୧୨।୫(ପି.ଟି.)**

ଉଇକେଟ କିପର ବ୍ୟାଟ୍ସମ୍ୟାନ କୁଶାଲ ପେରେରା ଶ୍ରୀଲଙ୍କା ଏକଦିବସୀୟ କ୍ରିକେଟ ଦଳର ଅଧିନାୟକ ନିଯୁକ୍ତ ହୋଇଛନ୍ତି। ଦିମୁଥ କରୁଣାରତ୍ନେଙ୍କ ସ୍ଥାନରେ ପେରେରାଙ୍କୁ ଏହି ଗୁରୁଦାୟିତ୍ୱ ମିଳିଛି। ଚଳିତ ମାସରେ ହେବାକୁଥିବା ବାଂଲାଦେଶ ବିପକ୍ଷ ସିରିଜ ପାଇଁ କୁଶାଲ ମେଣ୍ଡିସଙ୍କୁ ପେରେରାଙ୍କ ଡେପୁଟି ଅର୍ଥାତ୍ ଉପ-ଅଧିନାୟକ ମନୋନୀତ କରାଯାଇଛି। ଶ୍ରୀଲଙ୍କା ପକ୍ଷରୁ ପେରେରା ୧୦୧ ଦିନିକିଆ, ୨୨ ଟେଷ୍ଟ ଓ ୪୭ ଦିନିକିଆ ଖେଳିଛନ୍ତି। ବିଦାୟୀ ଅଧିନାୟକ କରୁଣାରତ୍ନେଙ୍କ ସମେତ ସିନିୟର ଅଲ୍‌ରାଉଣ୍ଡର ଆଞ୍ଜେଲୋ ମାଥ୍ୟୁସ, ଟପ୍ ଅର୍ଡର ବ୍ୟାଟ୍ସମ୍ୟାନ ଲାହିରୁ ଥିରିମାନେ ଏବଂ ଉଇକେଟ କିପର ଦୀନେଶ ଚଣ୍ଡିମଲଙ୍କୁ ଦଳରୁ ବାଦ୍ ଦିଆଯାଇଛି। କେତେକ ନୂଆ ମୁହଁଙ୍କୁ ଦଳରେ ସାମିଲ କରାଯାଇଛି। ଦ୍ରୁତ ବୋଲର ଚାମିକା କରୁଣାରତ୍ନେ ଓ ବ୍ୟାଟ୍ସମ୍ୟାନ ଶିରନ ଫର୍ନାଣ୍ଡୋ ପ୍ରଥମଥର ପାଇଁ ଦଳରେ ସ୍ଥାନ ପାଇଥିବାବେଳେ କେତେକ ଟି୨୦ ମ୍ୟାଚ ଖେଳିଥିବା ସ୍ପିନ୍‌ଷ୍ଟର ବିନୁରା ଫର୍ନାଣ୍ଡୋଙ୍କୁ ମଧ୍ୟ ନିଆଯାଇଛି। ଶ୍ରୀଲଙ୍କା ଦଳ ଚଳିତ ମାସ ୧୬ ତାରିଖରେ ବାଂଲାଦେଶ ଗସ୍ତ କରି ୩ ମ୍ୟାଚ ବିଶିଷ୍ଟ ଦିନିକିଆ ସିରିଜ ଖେଳିବ। ଢାକାରେ ମ୍ୟାଚଗୁଡ଼ିକ ମେ’ ୨୩, ୨୫ ଓ ୨୮ ତାରିଖରେ ଖେଳାଯିବ।

## ଦ୍ରୁତ ଗାଡ଼ି ଚଳାଇ ସିମେନ୍ୟା ଗିରଫ

**କେପ୍ ଟାଉନ, ୧୨।୫(ଏପି)**

ଅଲିମ୍ପିକ ଚାମ୍ପିୟନ କାଷ୍ଟର ସିମେନ୍ୟା ଦ୍ରୁତ ଗତିରେ ଗାଡି ଚଳାଇ ଦକ୍ଷିଣ ଆଫ୍ରିକାରେ ଗିରଫ ହୋଇଛନ୍ତି। ଗିରଫ ହେବା ପରେ ତାଙ୍କୁ ବେଲ୍ ମିଳିଛି। ତେବେ ତାଙ୍କୁ ୫୦ ଘଣ୍ଟାର କମ୍ୟୁନିଟି ସର୍ଭିସ ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଅଗଷ୍ଟ ଏ ନେଇ ଦ୍ୱିତୀୟ ଶୁଣାଣି ହେବ ଓ ସେ ଏହି ନିର୍ଦ୍ଦେଶ ପାଳନ କରିଛନ୍ତି କି ନା ସେ ନେଇ ରିପୋର୍ଟ କରାଯିବ। ୩୦ ବର୍ଷୀୟା ସିମେନ୍ୟା




୮୦୦ମିଟରରୁ ଊର୍ଦ୍ଧ୍ୱ ରେସ୍‌ରେ ଦୁଇଥର ଅଲିମ୍ପିକ୍ ଓ ୩ଥର ବିଶ୍ୱ ଚାମ୍ପିୟନ ହେବାର ଗୌରବ ଅର୍ଜନ କରିଛନ୍ତି। ସେ ମଧ୍ୟ ବିଭିନ୍ନ କାରଣରୁ କ୍ୟାରିୟରରେ ଏକାଧିକ ବାର ବିବାଦରେ ଛନ୍ଦି ହୋଇପଡିଥିଲେ।

## ଅବସର ନେବେ ୱାଟଲିଂ

**ୱେଲିଂଟନ, ୧୨।୫ (ଏପି)**

ନ୍ୟୁଜିଲାଣ୍ଡ ଉଇକେଟକିପର ବ୍ୟାଟ୍ସମ୍ୟାନ ବିଜେ ୱାଟଲିଂ ଅବସର ନେବେ ବୋଲି ଘୋଷଣା କରିଛନ୍ତି। ଆସନ୍ତା ମାସରେ ଇଂଲଣ୍ଡର ସାଉଥାମ୍ପଟନଠାରେ ଆୟୋଜନ ହେବାକୁ ଥିବା ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ୍ ଫାଇନାଲ ପରେ ସେ ସବୁପ୍ରକାର କ୍ରିକେଟରୁ ଅବସର ଘୋଷଣା କରିବେ ବୋଲି କହିଛନ୍ତି।

ଆଗାମୀ ସେସନ ପାଇଁ ନ୍ୟୁଜିଲାଣ୍ଡ କ୍ରିକେଟ ୨୦ ଜଣିଆ ଚୁକ୍ତିବଦ୍ଧ ଖେଳାଳିଙ୍କ ତାଲିକା ପ୍ରକାଶ କରିବା ପରେ ଦକ୍ଷିଣ ଆଫ୍ରିକା ଜନ୍ମିତ ୱାଟଲିଂ ଏହି ଗୁରୁତ୍ୱପୂର୍ଣ୍ଣ କଥା ଘୋଷଣା କରିଛନ୍ତି। ଟେଷ୍ଟ ଫର୍ମାଟ୍‌ରେ ନ୍ୟୁଜିଲାଣ୍ଡ ଭଲ ଉନ୍ନତି କରିଛି ଓ ଏଥିରେ ୱାଟଲିଂଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ରହିଆସିଛି। ୨୦୦୯ରେ ସେ ଓପନିଂ ବ୍ୟାଟ୍ସମ୍ୟାନ ଓ ଜଣେ ପାର୍ଟଟାଇମ୍ ଉଇକେଟକିପର ଭାବେ କ୍ୟାରିୟର ଆରମ୍ଭ କରିଥିଲେ। ତେବେ ୨୦୧୩ରେ ବ୍ରେଣ୍ଡନ ମ୍ୟାକଲମ ଅବସର ନେବା ପରେ ସେ ଟେଷ୍ଟରେ ମୁଖ୍ୟ ଉଇକେଟକିପର ଭାବେ ଦାୟିତ୍ୱ ନିର୍ବାହ କରିଥିଲେ। ସେବେଠାରୁ ସେ ନ୍ୟୁଜିଲାଣ୍ଡ ଦଳର ନିୟମିତ ସଦସ୍ୟ ରହିଆସିଥିଲେ। ୭୩ଟି ଟେଷ୍ଟ ଖେଳି ସେ ୩୮.୧୧ ରନ ହାରରେ ୩,୭୭୩ ରନ ସଂଗ୍ରହ କରିଥିଲେ ଓ ୮ଟି ଶତକ ସହ ୧୯ଟି ଅର୍ଦ୍ଧଶତକ ଅର୍ଜନ କରିଥିଲେ। ନ୍ୟୁଜିଲାଣ୍ଡର ୨୫୭ଟି ଉଇକେଟକିପିଂ ଡିସ୍‌ମିସାଲ ରେକର୍ଡରେ ତାଙ୍କର ଭୂମିକା ରହିଥିଲା।


No. 1 BRAND INDIA 2016
पेट सफा तो हर रोग दफा...
Divisa www.divisastore.com


ଖାଇବେ
ପେଟ ସଫା
ଯଦି
ଯାଦୌ ଜୋର୍ ଦେବାକୁ ପଡ଼ିବ ନାହିଁ



super effective
ଯଦି ଆପଣ ମଧ୍ୟ
କୋଷ୍ଠକାଠିନ୍ୟ • ଗ୍ୟାସ୍ • ଏସିଡିଟି
ଭଳି ସମସ୍ୟାରେ ଜର୍ଜରିତ,
ତେବେ ଆଜି ହିଁ ନିଅନ୍ତୁ,
ଆୟୁର୍ବେଦିକ ପେଟ ସଫା
ଗ୍ରାନ୍ୟୁଲ୍‌ସ କିମ୍ବା ଟାବ୍‌ଲେଟ୍ । ଏହା
ପ୍ରଥମ ଦିନରୁ ହିଁ ପ୍ରଭାବ ଦେଖାଏ।
Dr. Juneja's
ପେଟ ସଫା
Natural Laxative Granules & Tablets


## କାଜାଖସ୍ଥାନ ଡେଭିସ କପ୍ ଟେନିସ ଖେଳାଳି ବାସନ୍ଦ

**ଲଣ୍ଡନ, ୧୨।୫(ଏପି)**

ଦୁର୍ନୀତି କାରଣରୁ କାଜାଖସ୍ତାନର ଜଣେ ଡେଭିସ କପ୍ ଖେଳାଳିଙ୍କୁ ୧୦ ବର୍ଷ ବାସନ୍ଦ କରାଯାଇଛି। ରୋମାନ ଖାସାନୋଭ ନାମକ ଏହି ଟେନିସ ଖେଳାଳି ତାଙ୍କ ବିରୋଧରେ ଆସିଥିବା ବିଭିନ୍ନ ଦୁର୍ନୀତି ଅଭିଯୋଗକୁ ସ୍ୱୀକାର କରିଛନ୍ତି। ଏନେଇ ଅନ୍ତର୍ଜାତୀୟ ଟେନିସ ଇଣ୍ଟିଗ୍ରିଟି ଏଜେନ୍ସି ସୂଚନା ଦେଇଛି। ୨୦୦୪ରୁ ୨୦୧୮ ମଧ୍ୟରେ ସେ ଦୁର୍ନୀତି କରିଥିବା ଏଜେନ୍ସି ତରଫରୁ କୁହାଯାଇଛି। ତାଙ୍କ ଉପରେ ୧ ଲକ୍ଷ ଆମେରିକୀୟ ଡଲାର ଜରିମାନା ମଧ୍ୟ ଧାର୍ଯ୍ୟ କରାଯାଇଛି।

ଫିକ୍ସିଂର ନିୟମ ଉଲ୍ଲଂଘନ ନେଇ ତାଙ୍କ ବିରୋଧରେ ଅଭିଯୋଗ ଆସିଥିଲା। ଏକ ଇଭେଣ୍ଟର ବିଭିନ୍ନ ଦିଗ ନେଇ ସେ ଫିକ୍ସିଂ କରିବାକୁ ମଧ୍ୟ ପ୍ରୟାସ କରିଥିଲେ। ଏପରିକି ସେ ଅର୍ଥ ତଥା ଲାଞ୍ଚ ଗ୍ରହଣ କରିଛନ୍ତି ବୋଲି ଅଭିଯୋଗ କରାଯାଇଥିଲା। ତେବେ ସେ କେଉଁ ଇଭେଣ୍ଟ ପ୍ରଭାବିତ କରିବାକୁ ପ୍ରୟାସ କରିଥିଲେ ସେ ନେଇ କିଛି କୁହାଯାଇନାହିଁ।

## ଟିଟି ଖେଳାଳିଙ୍କ ପରଲୋକ

**ଚେନ୍ନାଇ, ୧୨।୫(ପି.ଟି.)**

ସମ୍ମାନଜନକ ଅର୍ଜୁନ ପୁରସ୍କାର ଜିତିଥିବା ଭାରତୀୟ ଟେବୁଲ ଟେନିସ ଖେଳାଳି ଭି. ଚନ୍ଦ୍ରଶେଖର ୬୪ ବର୍ଷ ବୟସରେ ପରଲୋକ ଗମନ କରିଛନ୍ତି। କୋଭିଡ୍-୧୯ ସଂକ୍ରମଣ କାରଣରୁ ଏକ ସ୍ଥାନୀୟ ପ୍ରାଇଭେଟ ହସ୍ପିଟାଲରେ ତାଙ୍କର ଦେହାନ୍ତ ହୋଇଛି ବୋଲି ତାଙ୍କ ପରିବାର ତରଫରୁ କୁହାଯାଇଛି।

ମୃତ୍ୟୁ ବେଳକୁ ତାଙ୍କ ପାଖରେ ପୁଅ ଓ ସ୍ତ୍ରୀ ରହିଥିଲେ। ଚନ୍ଦ୍ରା ଭାବେ ଲୋକପ୍ରିୟ ଥିବା ଏହି ପୂର୍ବତନ ଖେଳାଳି ୩ଥର ଜାତୀୟ ଚାମ୍ପିୟନ ହେବାର ଗୌରବ ଅର୍ଜନ କରିଛନ୍ତି। ସେ ଚେନ୍ନାଇସ୍ଥିତ ତାମିଲନାଡୁ ଟେବୁଲ ଟେନିସ ଆସୋସିଏଶନର ଅଧ୍ୟକ୍ଷ ଓ ଏସ୍‌ଡିଏଟି- ମେଡିମିକ୍ସ ଟିଟି ଏକାଡେମୀର ନିର୍ଦ୍ଦେଶକ ଏବଂ ହେଡ୍ କୋଚ୍ ରହିଥିଲେ।


ଭି. ଚନ୍ଦ୍ରଶେଖର

ଚେନ୍ନାଇ ଜନ୍ମିତ ଚନ୍ଦ୍ରଶେଖର ୧୯୮୨ ରାଜ୍ୟଗୋଷ୍ଠୀ କ୍ରୀଡ଼ା ସେମିଫାଇନାଲରେ ପ୍ରବେଶ କରିଥିଲେ। ଇଞ୍ଜୁରି କାରଣରୁ ସେ ୧୯୮୩ରେ ଅବସର ନେଇଥିଲେ। ତେବେ କୋଚ୍ ଭାବେ ସେ ବେଶ୍ ସଫଳ ରହିଥିଲେ। ତାଙ୍କ ଦେହାନ୍ତରେ ଟିଟି ଖେଳାଳି ଶରଥ କମଲ, ଜି. ସାଥିୟାଁ, ଏସ. ରମଣ ଓ ଏମ୍.ଏସ୍. ମିଥିଲି ଶୋକ ପ୍ରକାଶ କରିଛନ୍ତି।


## ମହାମାରୀ ବିରୋଧୀ ଯୁଦ୍ଧର ଅସ୍ତ୍ରରେ ପରିଣତ ହୋଇଛି ଜୋଲି ତୁଳସୀ-51 ଡ୍ରପ୍‌ସ

ନୂଆଦିଲ୍ଲୀ, ଦେଶରେ ବ୍ୟାପିଥିବା ମହାମାରୀ ପ୍ରଚଣ୍ଡ ରୂପ ଧାରଣ କରିନେଇଛି । କାଲି ପର୍ଯ୍ୟନ୍ତ ଯାହା କେବଳ ଖବରରେ ଶୁଣାଯାଉଥିଲା ତାହା ଏବେ ଆମ ଆଖପାଖରେ ଘଟିବାରେ ଲାଗିଛି । ଏପରି କ୍ଷେତ୍ରରେ ନିଜର ପରିବାରର ସୁରକ୍ଷାକୁ ସୁନିଶ୍ଚିତ କରିବା ଅତ୍ୟନ୍ତ କଷ୍ଟକର ହେବାରେ ଲାଗିଛି । କିନ୍ତୁ ଏମିତି କିଛି ନାହିଁ, ଏଥିରୁ ରକ୍ଷା ପାଇହେବ । ମାସ୍କ ଓ ଦୂରତା ସହିତ ନିଜର ତଥା ନିଜ ପରିବାରର ଇମ୍ୟୁନିଟିକୁ ମଜଭୁତ କରି । ଇମ୍ୟୁନିଟି ବୃଦ୍ଧି ପାଇଁ ଏମିତି ତ ଲୋକମାନେ ଅନେକ ଉପାୟ ଆପଣାଇବାରେ ଲାଗିଛନ୍ତି, କିନ୍ତୁ ବୁଦ୍ଧିମତ୍ତାର ପରିଚୟ ହେଉଛି ନୂଆ ନୂଆ ପରୀକ୍ଷା ନିରୀକ୍ଷା ନ କରି କେବଳ ପ୍ରମାଣିତ ଓ ବିଶ୍ୱସନୀୟ ଉପାୟ ହିଁ ଆପଣାନ୍ତୁ, ଯେପରିକି ଜୋଲି ତୁଳସୀ-51 ଡ୍ରପ୍‌ସ, ଯାହା ବର୍ଷ ବର୍ଷର ପୁରୁଣା, ଲାବ୍ ପ୍ରମାଣିତ (clinically proven) ଏବଂ ବିଶ୍ୱସନୀୟ ଇମ୍ୟୁନିଟି ବୁଷ୍ଟର ଅଟେ । ଗ୍ରୀଷ୍ମ ହେଉ କି ଶୀତ, ଏହାକୁ ପ୍ରତ୍ୟେକ ଋତୁରେ ବ୍ୟବହାର କରାଯାଇପାରିବ । ଦେଶର ଖ୍ୟାତନାମା ଆୟୁର୍ବେଦିକ ଔଷଧ ନିର୍ମାତା କମ୍ପାନୀ ଜୋଲି ଫାର୍ମା (India) ଦ୍ୱାରା ନିର୍ମିତ ଉତ୍କୃଷ୍ଟ ପ୍ରଡକ୍ଟ ଜୋଲି ତୁଳସୀ-51 ଡ୍ରପ୍‌ସ, ମାତ୍ର ଅଳ୍ପ କିଛି ବର୍ଷ ମଧ୍ୟରେ ଅଭୂତପୂର୍ବ ଲୋକପ୍ରିୟତା ହାସଲ କରିଛି, ଏହି ଔଷଧ ଆମର ଇମ୍ୟୁନ୍ ସିଷ୍ଟମ୍ (ରୋଗ ସହ ଲଢ଼ିବାର ଶକ୍ତି)କୁ ମଜଭୁତ କରିବାରେ ଅତ୍ୟନ୍ତ ଲାଭକାରୀ ଅଟେ । ଜୋଲି ତୁଳସୀ-51 ଡ୍ରପ୍‌ସ ଉପରେ କରାଯାଇଥିବା ଗବେଷଣା ଦ୍ୱାରା ଏହି ଦାବି ସତ ମଧ୍ୟ ପ୍ରମାଣିତ ହୋଇଛି । ଗବେଷଣାରୁ ଜଣାପଡ଼ିଛି ଯେ, ଜୋଲି ତୁଳସୀ-51 ଡ୍ରପ୍‌ସରେ ଇମ୍ୟୁନ୍ ସିଷ୍ଟମ୍‌କୁ ମଜଭୁତ କରିବାର ଅସାଧାରଣ ଗୁଣ ଅଛି । କମ୍ପାନୀର ଅନ୍ୟ ଆୟୁର୍ବେଦିକ ପ୍ରଡକ୍ଟଗୁଡ଼ିକ ଭଳି ଏହା ମଧ୍ୟ ଏକ ଶସ୍ତା ଔଷଧ ଅଟେ । ଏହାକୁ ଯେକୌଣସି ବୟସର ପିଲା, ମହିଳା ଓ ପୁରୁଷ ସେବନ କରିପାରିବେ । ଏହା ପୂରା ପରିବାର ପାଇଁ ବିପଜ୍ଜନକ ରୋଗରୁ ରକ୍ଷା ପାଇବାର ଏକ ସୁରକ୍ଷା କବଚ ଭଳି ।

ଜୋଲି ତୁଳସୀ-51 ଡ୍ରପ୍ସ କିପରି କାମ କରିଥାଏ: ଇମ୍ୟୁନ୍ ସିଷ୍ଟମ୍ ଦୁର୍ବଳ ହେବା କାରଣରୁ କ୍ଷତିକାରକ ବ୍ୟାକ୍ଟେରିଆ ଓ ଭାଇରସ୍ ଆମ ଶରୀରକୁ କ୍ଷତି ପହଞ୍ଚାଇଥାନ୍ତି । ତୁଳସୀ ଏକ ପ୍ରାକୃତିକ ଇମ୍ୟୁନିଟି ବର୍ଦ୍ଧକ ଅଟେ, ଯାହାକୁ ହଜାର ହଜାର ବର୍ଷ ଧରି ଆମର ପୂର୍ବଜମାନେ ବ୍ୟବହାର କରିଆସୁଛନ୍ତି । ଜୋଲି ତୁଳସୀ-51 ଡ୍ରପ୍‌ସ ଏକ ପ୍ରାକୃତିକ ଓ ଲାବ୍ ପ୍ରମାଣିତ ଔଷଧି ଅଟେ, ଯାହା 5 ପ୍ରକାର ତୁଳସୀ ଅର୍କରେ ବିଶେଷ ବିଧି ଦ୍ୱାରା ପ୍ରସ୍ତୁତ ହୋଇଥିବା ମିଶ୍ରଣରୁ ତିଆରି ହୋଇଥାଏ । ଏହାକୁ ନିୟମିତ ସେବନ କରିବା ଦ୍ୱାରା ଶରୀର ରୋଗ ପ୍ରତିରୋଧକ କ୍ଷମତା ବା ଇମ୍ୟୁନ୍ ସିଷ୍ଟମ୍ ଅତ୍ୟନ୍ତ ମଜଭୁତ ହୋଇଯାଇଥାଏ । ଯାହାଫଳରେ କୌଣସି ପ୍ରକାର ଭାଇରସ୍, ବ୍ୟାକ୍ଟେରିଆ, ଫ୍ଲୁ ଇତ୍ୟାଦି ଶରୀର ଉପରେ ସହଜରେ ଆକ୍ରମଣ କରିପାରନ୍ତି ନାହିଁ । କେବଳ ଏତିକି ନୁହେଁ, ଏହା ଶରୀର ମଧ୍ୟରୁ ସବୁ ପ୍ରକାର (toxins), ବିଷାକ୍ତ ପଦାର୍ଥ, ଏସିଡ୍‌କୁ ମଧ୍ୟ ବାହାର କରିଦେଇଥାଏ ଏବଂ ଶରୀରକୁ ଭିତରୁ ସଫା (detox) କରିଥାଏ । ଏହାକୁ ଦୈନିକ ସେବନ କରିବା ଦ୍ୱାରା ରୋଗ ଉତ୍ପତ୍ତି ପ୍ରତିରୋଧ ହେବା ସହିତ ଏହା ସୁସ୍ଥତା ଓ ସ୍ଫୂର୍ତ୍ତି ବୃଦ୍ଧି କରିଥାଏ ।

ଜୋଲି ତୁଳସୀ-51 ଡ୍ରପ୍‌ସର ଲୋକପ୍ରିୟତାର ଫାଇଦା ଉଠାଇବା ପାଇଁ ବଜାରରେ ଅନେକ ପ୍ରଡକ୍ଟ ଏକା ସଦୃଶ ନାମରେ ବିକ୍ରି ହେବାରେ ଲାଗିଛି । କିନ୍ତୁ ପ୍ରଶ୍ନ ଯେବେ ଆପଣଙ୍କ ପରିବାର ସ୍ୱାସ୍ଥ୍ୟର ହୋଇଥାଏ, ତେବେ ଦେଶର ସବୁଠାରୁ ଭରସାଯୋଗ୍ୟ, ବିଶ୍ୱସନୀୟ ଏବଂ ଲାବ୍ ପ୍ରମାଣିତ ଅସଲି ଔଷଧି ଜୋଲି ତୁଳସୀ-51 ଡ୍ରପ୍‌ସ ହିଁ ବାଛନ୍ତୁ, ଯାହା ବର୍ଷ ବର୍ଷର ପୁରୁଣା ଅଟେ । ଜୋଲି ତୁଳସୀ-51 ଡ୍ରପ୍‌ସ ବ୍ୟତୀତ କମ୍ପାନୀର ଅନ୍ୟ ପ୍ରଡକ୍ଟସ୍ ଯେମିତିକି ଜୋଲି ଫ୍ୟାଟ୍-ଗୋ କ୍ୟାପ୍‌ସୁଲ, ପାଉଡର ଓ ଅଏଲ୍ ଏକ ଆୟୁର୍ବେଦିକ ଫ୍ୟାଟ୍ ବର୍ନର୍ ଅଟେ, ଯାହା ଓଜନକୁ କଣ୍ଟ୍ରୋଲ କରିବାରେ ଲାଭକାରୀ ଅଟେ ଏବଂ ଆୟୁର୍ବେଦିକ ହୋଇଥିବା କାରଣରୁ ଏହାର କୌଣସି ପ୍ରକାରର କିଛି ସାଇଡ୍ ଇଫେକ୍ଟ ନାହିଁ । ଏହାଛଡ଼ା, ଅର୍ଶ ପାଇଁ ଜୋଲି ବାସିର କ୍ୟାପ୍‌ସୁଲ୍ ଏବଂ ଜେଲ୍ ଅଛି, ଯାହା ପୁରୁଣାରୁ ପୁରୁଣା ଅର୍ଶରୁ ତୁରନ୍ତ ଉପଶମ ଦେବାରେ ସାହାଯ୍ୟ କରିଥାଏ । ସମସ୍ତ ଔଷଧ ସମ୍ପର୍କରେ ସୂଚନା ପାଇଁ ଆପଣ କମ୍ପାନୀର Helpline Number 0161-520-1588ରେ ଯୋଗାଯୋଗ କରିପାରନ୍ତି ।




ଜୋଲି ତୁଳସୀ-51 ଡ୍ରପ୍‌ସ ଉପରେ କରାଯାଇଥିବା ଗବେଷଣାରୁ ଜଣାପଡ଼ିଛି ଯେ ଏଥିରେ ଇମ୍ୟୁନ୍ ସିଷ୍ଟମ୍‌କୁ ମଜଭୁତ କରିବାର ଅସାଧାରଣ ଗୁଣ ଅଛି ।

www.jollypharmaindia.com



3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Published at 11/2, Industrial Estate, Berhampur,Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ